JULY 21, 2026
TUESDAY, BHUBANESWAR

ଜୁଲାଇ ୨୧, ୨୦୨୬
ମଙ୍ଗଳବାର, ଭୁବନେଶ୍ୱର

# ଅକ୍ଷର
AKHYARA ODISHA | ଓଡ଼ିଶା

ବିଜ୍ଞାପନ ଓ ପ୍ରସାର ପାଇଁ ଯୋଗାଯୋଗ କରନ୍ତୁ
9937085463
akhyara.advertisement@gmail.com

epaper.akhyaraodisha.in
www.akhyaraodisha.in
DIGITAL MEDIA PARTNER
AKHYARA LIVE
akhyaraodisha@gmail.com

VOLUME 1 ● ISSUE- 316 ବର୍ଷ- ୧ ● ସଂଖ୍ୟା- ୩୧୬ | RNI REGD NO. ORIORI/25/A2226 ● DAILY EDITION | ପୃଷ୍ଠା-୧୨ ● ମୂଲ୍ୟ- ୭/- PAGES - 12 ● PRICE- 7/-

**ମୌସୁମୀ ଅଧିବେଶନ ୨୦୨୬**

# ଦେଶର ବିକାଶ ଓ ସଂସ୍କାର ଉପରେ ପ୍ରଧାନମନ୍ତ୍ରୀଙ୍କ ଗୁରୁତ୍ୱ



ନୂଆଦିଲ୍ଲୀ, ୨୦/୦୭ : ସଂସଦର ମୌସୁମୀ ଅଧିବେଶନ ୨୦୨୬ ଆରମ୍ଭ ହେବା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସଂସଦ ପରିସରରେ ଗଣମାଧ୍ୟମକୁ ସମ୍ବୋଧିତ କରିଛନ୍ତି। ଏହି ଅଧିବେଶନରେ ଗଠନମୂଳକ ବିତର୍କ ଓ ଅର୍ଥପୂର୍ଣ୍ଣ ଆଲୋଚନା କରି ଦେଶର ବିକାଶ ଯାତ୍ରାକୁ ସୁଦୃଢ କରିବାକୁ ସେ ସମସ୍ତ ସାଂସଦଙ୍କୁ ଆହ୍ୱାନ ଦେଇଛନ୍ତି। ପ୍ରକୃତିର ମୌସୁମୀ ବାୟୁ ଓ ସଂସଦର ମୌସୁମୀ ଅଧିବେଶନ ଉଭୟ ସକ୍ରିୟ ରହିଲେ ଦେଶର କଲ୍ୟାଣ ହେବ ବୋଲି ପ୍ରଧାନମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି।

ପଶ୍ଚିମ ଏସିଆର ଯୁଦ୍ଧ ପରିସ୍ଥିତି ଭାରତ ଭଳି ଏକ ଦେଶ ପାଇଁ ଏକ ବଡ଼ ଆହ୍ୱାନ ସୃଷ୍ଟି କରିଥିଲା, ଯିଏ କି ନିଜର ଉର୍ଜ୍ଜା ଆବଶ୍ୟକତା ପୂରଣ କରିବା ପାଇଁ ଆମଦାନୀ ଉପରେ ନିର୍ଭର କରେ । ତଥାପି, ଏସବୁ ଆହ୍ୱାନ ସତ୍ତ୍ୱେ ଭାରତ ବିଶ୍ୱର ଦ୍ରୁତତମ ପ୍ରମୁଖ ଅର୍ଥନୀତି ଭାବରେ ଅଗ୍ରଗତି ଜାରି ରଖିଛି। ଏହା ଭାରତର ସାମର୍ଥ୍ୟ ଏବଂ ଦୃଢ଼ ସଙ୍କଳ୍ପକୁ ପ୍ରତିଫଳିତ କରୁଛି, ସଂସଦର ସ୍ୱାଭାବିକ କାର୍ଯ୍ୟକାରିତା, ଅର୍ଥପୂର୍ଣ୍ଣ ଆଲୋଚନା ଏବଂ ଦେଶକୁ ଆଗକୁ ନେବା ପାଇଁ ଏକ ସାମୂହିକ ସଙ୍କଳ୍ପ ହେଉଛି ସମୟର ଆହ୍ୱାନ। ଏହା ଭାରତର ଯୁବପିଢ଼ିଙ୍କ ଆକାଂକ୍ଷା ମଧ୍ୟ, ଯେଉଁମାନେ ଉଚ୍ଚ ଆଶା ଓ ସ୍ୱପ୍ନରେ ପରିପୂର୍ଣ୍ଣ ଏବଂ ଚାହାଁନ୍ତି ଯେ ଦେଶ ଏହିଭଳି ଭାବେ ପ୍ରଗତି ପଥରେ ଆଗେଇ ଚାଲୁ, ଗତ ବର୍ଷର ଅଧିବେଶନ ପୂର୍ବରୁ କିଭଳି ଜଣେ ଭାରତୀୟ ନାଗରିକ ଅନ୍ତର୍ଜାତୀୟ ମହାକାଶ ଷ୍ଟେସନରେ ପହଞ୍ଚିଥିଲେ, ତାହା ସେ ମନେ ପକାଇବା ସହ ନିକଟରେ ଦେଶର ଏକ ଘରୋଇ ମହାକାଶ ଷ୍ଟାର୍ଟଅପ୍ 'ସ୍କାଏରୁଟ୍' ଦ୍ୱାରା ହାସଲ କରାଯାଇଥିବା ଐତିହାସିକ ମାଇଲଖୁଣ୍ଟକୁ ପ୍ରଶଂସା କରିଥିଲେ। ମାତ୍ର ୨୮ ବର୍ଷର ହାରାହାରି ବୟସ ବିଶିଷ୍ଟ ଏକ ଯୁବ ଟିମ୍ ସଫଳତାର ସହ ଦେଶକୁ ଘରୋଇ

- ❖ ମହାକାଶ କ୍ଷେତ୍ରରେ ଭାରତର ସଫଳତା
- ❖ ଭିତ୍ତିଭୂମି ଓ ଶକ୍ତି କ୍ଷେତ୍ରରେ ଦୃଢ ସଂକଳ୍ପ
- ❖ ଆହ୍ୱାନ ସତ୍ତ୍ୱେ ଭାରତ ବିଶ୍ୱର ଦ୍ରୁତତମ ଅର୍ଥନୀତି: ମୋଦୀ

ମହାକାଶ ଅନୁସନ୍ଧାନର ଏକ ନୂତନ ଯୁଗକୁ ଆଗେଇ ନେଇଥିବାର ଅବିଶ୍ୱସନୀୟ ସତ୍ୟକୁ ପ୍ରଶଂସା କରି ସେ କହିଥିଲେ ଯେ ଏହିସବୁ ସଫଳତା ଦେଶର ଆତ୍ମବିଶ୍ୱାସକୁ ବହୁଗୁଣିତ କରିଥାଏ। ଶ୍ରୀ ମୋଦୀ ଉଲ୍ଲେଖ କରିଥିଲେ, ''ଆମର ଯୁବପିଢ଼ିଙ୍କ ଦ୍ୱାରା ପରିଚାଳିତ ଏହି ଷ୍ଟାର୍ଟଅପ୍ ଗୁଡ଼ିକ ମହାକାଶରେ ଭାରତର ପତାକାକୁ ଦୃଢ଼ ଭାବରେ ସ୍ଥାପିତ କରିଛନ୍ତି, ଯାହା ଦ୍ୱାରା ବିଶ୍ୱରେ ଆମ ଦେଶର ପରିଚୟ ଓ ପ୍ରତିଷ୍ଠା ସୁଦୃଢ ହୋଇଛି''। ଶ୍ରୀ ମୋଦୀ ନିକଟରେ ହାସଲ ହୋଇଥିବା ଏହି ପ୍ରଯୁକ୍ତିଗତ ସଫଳତାଗୁଡ଼ିକୁ ଦେଶର ଅପାର ସାମର୍ଥ୍ୟର ପ୍ରତୀକ ବୋଲି ବର୍ଣ୍ଣନା କରି କହିଥିଲେ ଯେ, ବର୍ତ୍ତମାନ ପିଢ଼ିର କ୍ଷମତା ଓ ସମ୍ଭାବନା ସମ୍ପୂର୍ଣ୍ଣ ଅସୀମ। ସେ ଏହି ଐତିହାସିକ ସଫଳତାଗୁଡ଼ିକୁ ସମଗ୍ର ଦେଶ ପାଇଁ ଆଗକୁ ବଢ଼ିବାର ସର୍ବୋଚ୍ଚ ପ୍ରେରଣାର ଉତ୍ସ ବୋଲି କହିଥିଲେ। ଶ୍ରୀ ମୋଦୀ କହିଥିଲେ, ''ଏହା ଏକ ଶକ୍ତିଶାଳୀ ବାର୍ତ୍ତା ଦେଉଛି ଯେ, ଆମ ଯୁବପିଢ଼ିର କ୍ଷମତା ଓ ସେମାନଙ୍କର ଆକାଂକ୍ଷା ମହାକାଶ ପରି ଅସୀମ''ସେ ଏହି ଅଭୁତପୂର୍ବ ଉଦ୍ୟୋଗୀ ସଫଳତାଗୁଡ଼ିକ ଲାଗି ସରକାରଙ୍କ ଦ୍ରୁତ ତଥା ପରିବର୍ତ୍ତନକାରୀ ନୀତିଗତ ସଂସ୍କାରକୁ ଶ୍ରେୟ ଦେଇଥିଲେ। ସେ କହିଥିଲେ ଯେ ଏହି ପ୍ରଗତିଶୀଳ ପରିବେଶ ଯୁବ ନବସୃଜନକାରୀମାନଙ୍କୁ ବଡ଼ ଧରଣର ସାହସିକ ପଦକ୍ଷେପ ନେବା କିମ୍ବା ଆହ୍ୱାନର ସାମ୍ନା କରିବାକୁ ଏବଂ ଯୁଗାନ୍ତକାରୀ ବିଜୟ ହାସଲ କରିବାକୁ ସିଧାସଳଖ ସମର୍ଥ କରୁଛି। ଶ୍ରୀ ମୋଦୀ କହିଥିଲେ, 'ଦେଶ ଆଜି ଯେଉଁ ସଂସ୍କାର ଏକ୍ସପ୍ରେସ୍ ଆରମ୍ଭ କରିଛି, ତାହାରି ପରିଣାମ ସ୍ୱରୂପ ☞ପୃଷ୍ଠା-୨

# ଅଭିମାନୀନି ମହାଲକ୍ଷ୍ମୀ ଭାଙ୍ଗିଲେ ନନ୍ଦିଘୋଷ ରଥ



ପୁରୀ, ୨୦।୭(ଅକ୍ଷର ଓଡ଼ିଶା): ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କ ଅନନ୍ୟ ମାନବୀୟ ଲୀଳାର ପରମ୍ପରା ସ୍ୱରୂପ ପବିତ୍ର ହେରାପଞ୍ଚମୀ ନୀତି ସମ୍ପନ୍ନ ହୋଇଯାଇଛି। ଭାଇଭାଉଣୀଙ୍କୁ ସାଙ୍ଗରେ ଧରି ମହାପ୍ରଭୁ ଶ୍ରୀଜଗନ୍ନାଥ ଆଡ଼ପ ମଣ୍ଡପରେ ଅବସ୍ଥାନ କରିଥିବା ବେଳେ, ତାଙ୍କୁ ଶ୍ରୀମନ୍ଦିର ଫେରାଇ ଆଣିବାକୁ ଯାଇ ନିରାଶ ଓ କ୍ରୋଧ ଜର୍ଜରିତ ହୋଇ ମହାଲକ୍ଷ୍ମୀ ମହାପ୍ରଭୁଙ୍କ ନନ୍ଦିଘୋଷ ରଥର କିଛି ଅଂଶ ଭାଙ୍ଗିଛନ୍ତି। ଏହି ଅଲୌକିକ ଦୃଶ୍ୟ ଦେଖିବା ପାଇଁ ଶରଧାବାଲିରେ ଭକ୍ତଙ୍କ ପ୍ରବଳ ଭିଡ଼ ଜମିଥିଲା। ଆଡ଼ପ ମଣ୍ଡପରେ ରାତି ୧୨ ଟା ୨୫ରେ ହୋଇଥିଲା ପହୁଡ଼ ଆଳତି। ରାତି ସାଢ଼େ ୧୨ ଟାରେ ଦଇତମହାପାତ୍ର ସେବକମାନେ ପ୍ରବେଶ କରି ବନକ ଲାଗି ଶେଷ କରି ଭୋର ୬ ଟା୨୫ରେ ବାହାରିଥିଲେ। ଫଳରେ ଗତକାଲି ରାତ୍ର ପହୁଡ଼ ହୋଇପାରିନଥିଲା।ସକାଳ ୭ଟା୧୫ରେ ସିଂହାସନ ପୋଛା ☞ପୃଷ୍ଠା-୨

**ଜିଲ୍ଲାପାଳମାନଙ୍କ ସହ ମୁଖ୍ୟ ଶାସନ ସଚିବଙ୍କ ମାରାଥନ୍ ସମୀକ୍ଷା**

# ସମୟସୀମା ଭିତରେ ପ୍ରକଳ୍ପ ସାରିବାକୁ ନିର୍ଦ୍ଦେଶ



ଭୁବନେଶ୍ୱର, ୨୦/୦୭ : ରାଜ୍ୟରେ ପ୍ରଧାନମନ୍ତ୍ରୀ ଆବାସ, ଶିଳ୍ପାୟନ, କୃଷି, ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ପଞ୍ଚାୟତିରାଜ ଭଳି ପ୍ରମୁଖ ଯୋଜନାଗୁଡ଼ିକର ଅଗ୍ରଗତି ସମୀକ୍ଷା ପାଇଁ ଶନିବାର ଦିନ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ସମସ୍ତ ଜିଲ୍ଲାର ଜିଲ୍ଲାପାଳମାନେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଯୋଗ ଦେଇଥିଲେ। ବୈଠକରେ ଉନ୍ନୟନ କମିଶନର ଦେଓରଞ୍ଜନ କୁମାର ସିଂଙ୍କ ସମେତ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ସଚିବମାନେ ଉପସ୍ଥିତ ଥିଲେ ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଗୃହ ବିଭାଗ ହେମନ୍ତ ଶର୍ମା ଯୋଗଦେଇ ନିଶାଦ୍ରବ୍ୟର ଅପବ୍ୟବହାର ଓ ଚୋରାଚାଲାଣ ରୋକିବା ଦିଗରେ ଜିଲ୍ଲାସ୍ତରରେ ସମନ୍ୱିତ କାର୍ଯ୍ୟାନୁଷ୍ଠାନକୁ ଅଧିକ ସୁଦୃଢ଼ କରିବାକୁ ଗୁରୁତ୍ୱ ଦେଇଥିଲେ । ଜିଲ୍ଲା ନାର୍କୋ ସମନ୍ୱୟ (ଏନ୍‌ସିଓଆର୍‌ଡି) କମିଟିର ନିୟମିତ ତ୍ରୈମାସିକ ବୈଠକ ଆୟୋଜନ ଓ ଏହାର ଫଳପ୍ରଦ ସମୀକ୍ଷା ଉପରେ ଜିଲ୍ଲାପାଳ ଓ ଏସପିମାନେ ସୁନିଶ୍ଚିତ କରିବାକୁ ଗୁରୁତ୍ୱାରୋପ କରାଯାଇଥିଲା । ସେହିପରି 'ନିଶା ମୁକ୍ତ ଭାରତ ଅଭିଯାନ' ଲକ୍ଷ୍ୟ ହାସଲ ନିମନ୍ତେ ୨୦୨୬-୨୦୨୯ ଅବଧି ପାଇଁ ପ୍ରତ୍ୟେକ ଜିଲ୍ଲାରେ ସ୍ୱତନ୍ତ୍ର କାର୍ଯ୍ୟଯୋଜନା ପ୍ରସ୍ତୁତ କରି ନିଶାଦ୍ରବ୍ୟ ଚାହିଦା ହ୍ରାସ, ଚୋରାଚାଲାଣ ନିୟନ୍ତ୍ରଣ, ଆଇନର କଡ଼ା କାର୍ଯ୍ୟକାରିତା, ଜନସଚେତନତା, ଚିକିତ୍ସା ଓ ପୁନର୍ବାସ କାର୍ଯ୍ୟକ୍ରମକୁ ସମନ୍ୱିତ ଭାବେ କାର୍ଯ୍ୟକାରୀ କରିବା ସହ ☞ପୃଷ୍ଠା-୨

- ▲ ଆବାସ, ଶିଳ୍ପାୟନ ଠାରୁ କୃଷି ଓ ଶିକ୍ଷା, ବିକାଶ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ
- ▲ ନିଶାମୁକ୍ତ ଭାରତ ଅଭିଯାନ ଉପରେ ଜୋର୍
- ▲ ଆଇନ୍‌ର କଡ଼ା କାର୍ଯ୍ୟକାରିତା ପାଇଁ ଗୁରୁତ୍ୱ
- ▲ ପଞ୍ଚାୟତିରାଜ କାର୍ଯ୍ୟକ୍ରମ ଅଗ୍ରଗତି ସମୀକ୍ଷା

# ମାଲକାନଗିରିରୁ ଖୁବଶୀଘ୍ର ନିୟମିତ ବିମାନ ସେବା

ମାଲକାନଗିରି, ୨୦/୦୭ : ଦୀର୍ଘ ଦିନର ଅପେକ୍ଷା ପରେ ମାଲକାନଗିରିବାସୀଙ୍କ ଆକାଶରେ ଉଡ଼ିବାର ସ୍ୱପ୍ନ ସାକାର ହେବାକୁ ଯାଉଛି। ଆସନ୍ତା ୨୨ ତାରିଖରେ ମାଲକାନଗିରି ଏୟାରପୋର୍ଟରେ ବିମାନର ଟ୍ରାଏଲ ରନ୍ କରାଯିବ। ଏଥିପାଇଁ ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ ବିଭାଗ ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଟ୍ରାଏଲ ରନ୍ ପୂର୍ବରୁ ଭୁବନେଶ୍ୱରରୁ ଆସିଥିବା ସୁରକ୍ଷା ବିଭାଗର ସହକାରୀ ନିର୍ଦ୍ଦେଶକ ମନୋଜ ଦାସ ଏବଂ ଏରୋ ସେଫଗାର୍ଡର ସହକାରୀ ନିର୍ଦ୍ଦେଶକ ନୀରଜ ନାୟକ ମାଲକାନଗିରି ଏୟାରପୋର୍ଟର ତଦାରଖ କରିଛନ୍ତି। ସେମାନେ ରନୱେ, ସୁରକ୍ଷା ବ୍ୟବସ୍ଥା ଓ ଏୟାରପୋର୍ଟର ଭିତ୍ତିଭୂମି ସମୀକ୍ଷା କରିଥିଲେ। ପରେ ଜିଲ୍ଲାପାଳ, ଏସ୍ପି, ଅଗ୍ନିଶମ ବିଭାଗ, ସିଡିଏମ୍‌ଓ, ପୂର୍ତ୍ତ ☞ପୃଷ୍ଠା-୨

**୨୨ରେ ଏୟାରପୋର୍ଟରେ ଟ୍ରାଏଲ ରନ୍**

**ପ୍ରଶାସନିକ ନାମର**

# ଇଂରାଜୀ ବନାନ ସଂଶୋଧନ

ଭୁବନେଶ୍ୱର, ୨୦/୦୭ :ରାଜ୍ୟର ଜିଲ୍ଲା, ଉପଖଣ୍ଡ, ତହସିଲ, ବ୍ଲକ୍ ଏବଂ ସହରାଞ୍ଚଳଗୁଡ଼ିକର ଓଡ଼ିଆ ଉଚ୍ଚାରଣ ସହ ସାମଞ୍ଜସ୍ୟ ରଖୁଥିବା ସଂଶୋଧିତ ଇଂରାଜୀ ବନାନକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ନିର୍ଦ୍ଦେଶ ଦେଇଛି। ଏହି ସଂଶୋଧିତ ବନାନକୁ ସମସ୍ତ ସରକାରୀ କାର୍ଯ୍ୟରେ ଅନିବାର୍ଯ୍ୟ ଭାବେ ବ୍ୟବହାର କରିବାକୁ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖିଛନ୍ତି।, ରାଜ୍ୟ ସରକାର ୨୨ ଜୁନ୍ ୨୦୨୬ ତାରିଖରେ ଓଡ଼ିଆ ଉଚ୍ଚାରଣ ସହ ସାମଞ୍ଜସ୍ୟ ରଖି ଜିଲ୍ଲା, ଉପଖଣ୍ଡ, ତହସିଲ, ବ୍ଲକ୍ ଏବଂ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାଗୁଡ଼ିକର ଇଂରାଜୀ ବନାନ ସଂଶୋଧନ କରି ବିଜ୍ଞପ୍ତି ପ୍ରକାଶ କରିଥିଲେ । ଏହି ସଂଶୋଧନ କେବଳ ଇଂରାଜୀ ବନାନ ସମ୍ବନ୍ଧୀୟ ଏବଂ ପ୍ରଶାସନିକ ଏକକଗୁଡ଼ିକର ନାମରେ କୌଣସି ପରିବର୍ତ୍ତନ କରାଯାଇନାହିଁ।ଏହି ପରିପ୍ରେକ୍ଷୀରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ଼. ଅରବିନ୍ଦ କୁମାର ପାଢ଼ୀ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ, ରାଜ୍ୟ ସରକାରଙ୍କ ବିଜ୍ଞପ୍ତିରେ ଉଲ୍ଲିଖିତ ସଂଶୋଧିତ ଇଂରାଜୀ ବନାନକୁ ସମସ୍ତ ସରକାରୀ ଦସ୍ତାବିଜ, ପତ୍ରାଚାର, ଅଧିସୂଚନା, ଅଭିଲେଖ, ୱେବସାଇଟ୍, ପୋର୍ଟାଲ୍, ବିଜ୍ଞାପନ ତଥା ନାମଫଳକ ଓ ଅନ୍ୟାନ୍ୟ ସରକାରୀ ବ୍ୟବହାରରେ ଅନିବାର୍ଯ୍ୟ ଭାବେ ପ୍ରୟୋଗ କରାଯିବ। ଏଥିସହ ଜିଲ୍ଲାସ୍ତରର ☞ପୃଷ୍ଠା-୨

- ❖ ସରକାରୀ ବ୍ୟବହାର ଲାଗି ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ
- ❖ ବେସରକାରୀ ସଂସ୍ଥା ପାଇଁ ୬ ମାସ ସମୟ ଦେଲେ ରାଜସ୍ୱ ସଚିବ
- ❖ ସରକାରୀ ଚିଠି ଓ ୱେବସାଇଟ୍‌ରେ ଲାଗିବ ନୂଆ ଇଂରାଜୀ ବନାନ
- ❖ ୧୫ ଦିନରେ ରିପୋର୍ଟ ତଲବ

**ଚାଷୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ଉଚ୍ଚସ୍ତରୀୟ ବୈଠକ**

# ବିଦ୍ୟୁତ ଅପେକ୍ଷା ଚାଷ ଓ ପାନୀୟ ଜଳକୁ ପ୍ରାଥମିକତା



ଭୁବନେଶ୍ୱର, ୨୦ /୦୭ : ରାଜ୍ୟରେ କମ୍ ବର୍ଷା ଯୋଗୁଁ ସୃଷ୍ଟି ହୋଇଥିବା ସ୍ଥିତିର ମୁକାବିଲା ଲାଗି ଉପ-ମୁଖ୍ୟମନ୍ତ୍ରୀ ତଥା କୃଷି ଓ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବାଲିମେଳା ଓ ମାଛକୁଣ୍ଡ ଭଳି ବଡ଼ ଜଳାଶୟଗୁଡ଼ିକର କ୍ୟାଚମେଣ୍ଟ ଅଞ୍ଚଳରେ ଜଳସ୍ତର ହ୍ରାସ ପାଇଥିବାରୁ ସରକାର ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ତେବେ ଏଥିପାଇଁ ଜନସାଧାରଣ ବ୍ୟସ୍ତ ନହେବାକୁ ଉପ-ମୁଖ୍ୟମନ୍ତ୍ରୀ ଆଶ୍ୱାସନା ଦେଇଛନ୍ତି।

ଉପ-ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଜଳାଶୟଗୁଡ଼ିକରେ ଥିବା ପାଣିକୁ ପ୍ରଥମେ ପାନୀୟ ଜଳ ଏବଂ ଚାଷ କାର୍ଯ୍ୟ ପାଇଁ ସଂରକ୍ଷିତ ରଖାଯିବ। ଏହା ପରେ ଯାଇ ବିଦ୍ୟୁତ ଉତ୍ପାଦନ ପାଇଁ ପାଣି ଦିଆଯିବ। ଗତବର୍ଷ ତୁଳନାରେ ଏଥର ଜଳସ୍ତର କମ୍ ଥିବାରୁ କୃଷି ଓ ଜଳସମ୍ପଦ ବିଭାଗ ଏହା ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି, ଯେପରି ଖରିଫ ଚାଷରେ କୌଣସି ଅସୁବିଧା ନହୁଏ। ଏଥିପାଇଁ କେନ୍ଦ୍ର କୃଷି ମନ୍ତ୍ରଣାଳୟ ସହ ମଧ୍ୟ ଆଲୋଚନା କରାଯାଇଛି।ଶ୍ରୀ ସିଂହଦେଓ ସ୍ପଷ୍ଟ କରିଛନ୍ତି ଯେ, ଚାଷୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ବାଲିମେଳାରେ ବିଦ୍ୟୁତ ଉତ୍ପାଦନକୁ କିଛି ଦିନ ପାଇଁ ବନ୍ଦ ରଖାଯାଇଛି। କମ୍ ବର୍ଷା ସତ୍ତ୍ୱେ ବିକଳ୍ପ ବ୍ୟବସ୍ଥା ଯୋଗୁଁ ରାଜ୍ୟରେ ବିଦ୍ୟୁତ ଯୋଗାଣ ସ୍ୱାଭାବିକ ରହିଛି। ତେଣୁ ବିଦ୍ୟୁତ ବା ପାଣି ଅଭାବ ନେଇ ଚିନ୍ତା କରିବାର କୌଣସି କାରଣ ନାହିଁ।ଏହି ସମସ୍ୟାର ସମାଧାନ ପାଇଁ ସରକାର ଏକ ବ୍ୟାପକ ଆପଦକାଳୀନ ଯୋଜନା ପ୍ରସ୍ତୁତ କରିଛନ୍ତି। ଫସଲକୁ ବଞ୍ଚାଇବା ପାଇଁ କୃଷି, ଶକ୍ତି ଓ ଜଳସମ୍ପଦ ବିଭାଗ ମିଳିତ ଭାବେ କାମ କରୁଛନ୍ତି। ଜଳ-ବିଦ୍ୟୁତ ଉତ୍ପାଦନ କମିଥିବାରୁ ଶକ୍ତି ବିଭାଗ ଗ୍ରିଡକୋ ଏବଂ ଓଏଚପିସି ଜରିଆରେ ବାହାର ଗ୍ରିଡ୍‌ରୁ ବିଦ୍ୟୁତ ଆଣିବାକୁ ବ୍ୟବସ୍ଥା କରିଛନ୍ତି, ☞ପୃଷ୍ଠା-୨

- ▲ ବାଲିମେଳାରେ ବିଦ୍ୟୁତ ଉତ୍ପାଦନ ବନ୍ଦ
- ▲ ସ୍ୱାଭାବିକ ରହିବ ବିଦ୍ୟୁତ ଯୋଗାଣ

**ସମ୍ବେଦନା ଓ ସମୀକ୍ଷାର ମହାର୍ଘ ସମନ୍ୱୟ**

# ଗଁଦିଆ ଗସ୍ତରେ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର



ଗଁଦିଆ, ୨୦/୭ (ବେତୁଜୀ ପ୍ରସାଦ): ରାଜନୀତି କେବଳ କ୍ଷମତା କିମ୍ବା ପ୍ରଶାସନିକ ନିର୍ଦ୍ଦେଶନାମା ଭିତରେ ସୀମିତ ନୁହେଁ, ବରଂ ଏହା ମାନବୀୟ ସମ୍ବେଦନା ଏବଂ ଜନସେବାର ଏକ ଅନନ୍ୟ ମାଧ୍ୟମ। ଏହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଅଞ୍ଚଳରେ। ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଗଁଦିଆ ଗସ୍ତରେ ଆସି ଗୋଟିଏ ପଟେ ଜଣେ ଦୁଃଖୀ ପରିବାରର ଲୁହ ପୋଛି ମାନବିକତାର ପରିଚୟ ଦେଇଥିବା ବେଳେ, ଅନ୍ୟପଟେ ସରକାରୀ ବ୍ୟବସ୍ଥାକୁ ଅଧିକ ସକ୍ରିୟ ଓ ଜନମୁଖୀ କରିବା ପାଇଁ ପ୍ରଶାସନିକ ଅଧିକାରୀମାନଙ୍କ କ୍ଲାସ ନେଇଛନ୍ତି। ସମ୍ବେଦନା ଏବଂ ସମୀକ୍ଷାର ଏହି ସମନ୍ୱୟ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

ମନ୍ତ୍ରୀ ଶ୍ରୀ ପାତ୍ରଙ୍କ ଗସ୍ତ ଏକ ଅତ୍ୟନ୍ତ ଦୁଃଖଦ ତଥା ଆବେଗପୂର୍ଣ୍ଣ ବାତାବରଣରୁ ଆରମ୍ଭ ହୋଇଥିଲା। ସେ ନିଜର ଦୀର୍ଘ ଦିନର ଘନିଷ୍ଠ ସହଯୋଗୀ ଜନ୍ମେଜୟ ଜେନା (ଜଗା ଭାଇ)ଙ୍କ ରତନପୁରସ୍ଥିତ ବାସଭବନରେ ପହଞ୍ଚିଥିଲେ। ନିକଟରେ ଏକ ସ୍ଥାନୀୟ ପୋଖରୀରେ ବୁଡ଼ି ଜଗା ଭାଇଙ୍କ ଏକମାତ୍ର ଆଦରର ପୁତ୍ର ଭବାନୀ ଶଙ୍କରଙ୍କର ଅକାଳ ବିୟୋଗ ଘଟିଥିଲା। ଏହି ହୃଦୟବିଦାରକ ଘଟଣା ସମଗ୍ର ରତନପୁର ଏବଂ ଆଖପାଖ ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳାଇ ଦେଇଛି। 'ଜଣେ ପିତା ପାଇଁ ପୁତ୍ର ଶୋକଠାରୁ ବଳି ବଡ଼ ଦୁଃଖ ଜୀବନରେ କିଛି ନାହିଁ। ଭବାନୀ ଶଙ୍କରଙ୍କ ଭଳି ଜଣେ ପ୍ରତିଭାବାନ ଯୁବକଙ୍କ ଅକାଳ ବିୟୋଗ କେବଳ ତାଙ୍କ ପରିବାର ପାଇଁ ନୁହେଁ, ବରଂ ଆମ ସମସ୍ତଙ୍କ ପାଇଁ ଏକ ଅପୂରଣୀୟ କ୍ଷତି।' ବ୍ୟକ୍ତିଗତ ଦୁଃଖକୁ ପଛରେ ପକାଇ ମନ୍ତ୍ରୀ ଶ୍ରୀ ପାତ୍ର ତୁରନ୍ତ ରାଜ୍ୟର ବିକାଶ ଏବଂ ସରକାରୀ ଦାୟିତ୍ୱ ପାଳନ ଦିଗରେ ମନୋନିବେଶ କରିଥିଲେ। ରତନପୁରରୁ ବାହାରି ସେ ସିଧାସଳଖ ଗଁଦିଆ ବ୍ଲକ କାର୍ଯ୍ୟାଳୟ ପରିସରସ୍ଥିତ ସମ୍ମିଳନୀ କକ୍ଷରେ ପହଞ୍ଚିଥିଲେ, ଯେଉଁଠାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକର ଆୟୋଜନ କରାଯାଇଥିଲା। ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଗଁଦିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପବିତ୍ର କୁମାର ବେହେରା ଏବଂ ବ୍ଲକ ଅଧ୍ୟକ୍ଷା ରିନା ରାଣୀ ଖଟୁଆଙ୍କ ସମେତ ସ୍ଥାନୀୟ ପଞ୍ଚାୟତ ସମିତିର ଅଧିକାରୀ, ବିଭିନ୍ନ ଲାଇନ ବିଭାଗର ଯନ୍ତ୍ରୀ ଓ ଜନପ୍ରତିନିଧିମାନେ ଉପସ୍ଥିତ ଥିଲେ। ମନ୍ତ୍ରୀ ବ୍ଲକରେ ଚାଲିଥିବା ସମସ୍ତ ସରକାରୀ ଯୋଜନାର ଅଗ୍ରଗତି ନେଇ ☞ପୃଷ୍ଠା-୨

- ◆ ଗଁଦିଆ ବ୍ଲକରେ ପ୍ରଶାସନିକ ମାନସମନ୍ଥନ
- ◆ ଶେଷ ଧାଡ଼ିର ଲୋକଙ୍କ ପାଖରେ ଯୋଜନା ପହଞ୍ଚାଇବାକୁ କଡ଼ା ନିର୍ଦ୍ଦେଶ
- ◆ ମୋହନ ସରକାରଙ୍କ ଲକ୍ଷ୍ୟ ସ୍ୱଚ୍ଛ, ଦୁର୍ନୀତିମୁକ୍ତ ଓ ଜନମୁଖୀ ଶାସନ
- ◆ ବିକଶିତ ଓଡ଼ିଶା ଗଠନରେ ଗ୍ରାମାଞ୍ଚଳର ଭୂମିକା ଗୁରୁତ୍ୱପୂର୍ଣ୍ଣ

# ଭାଙ୍ଗିପଡ଼ିଥିବା ସହଯୋଗୀଙ୍କ ପରିବାରକୁ ସାନ୍ତ୍ୱନା ଦେଲେ ମନ୍ତ୍ରୀ



ମନ୍ତ୍ରୀ ଶ୍ରୀ ପାତ୍ର ମୃତକଙ୍କ ବାସଭବନରେ ପହଞ୍ଚିବା ପରେ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସାନ୍ତ୍ୱନା ଦେଇଥିଲେ। ପୁତ୍ର ଶୋକରେ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିବା ଜଗା ଭାଇଙ୍କୁ କୋଳେଇ ନେଇ ମନ୍ତ୍ରୀ ନିଜର ଆଖିର ଲୁହକୁ ରୋକିପାରି ନଥିଲେ। ସେଠାରେ ଉପସ୍ଥିତ ଥିବା ଅନ୍ୟାନ୍ୟ ସମର୍ଥକ ଏବଂ ଗ୍ରାମବାସୀଙ୍କ ମନ ମଧ୍ୟ ଏହି ଦୃଶ୍ୟ ଦେଖି ସ୍ତବ୍ଧ ହୋଇଯାଇଥିଲା। ମନ୍ତ୍ରୀ କେବଳ ଜଣେ ଜନପ୍ରତିନିଧି ଭାବରେ ନୁହେଁ, ବରଂ ପରିବାରର ଜଣେ ବଡ଼ ଭାଇ ସଦୃଶ ଠିଆ ହୋଇ ଧୈର୍ଯ୍ୟ ଧରିବାକୁ ସାହସ ଦେଇଥିଲେ। ଦିବଙ୍ଗତ ଆତ୍ମାର ସଦ୍‌ଗତି କାମନା କରିବା ସହିତ ଏହି ଅସହ୍ୟ ଦୁଃଖ ସହିବାକୁ ପ୍ରଭୁ ଶ୍ରୀ ଚନ୍ଦ୍ରଶେଖର ପରିବାରକୁ ଶକ୍ତି ପ୍ରଦାନ କରନ୍ତୁ ବୋଲି ସେଠାରେ ସମୂହ ପ୍ରାର୍ଥନା କରାଯାଇଥିଲା।



**ଅକ୍ଷର ବ୍ୟଙ୍ଗ ବିଚାର**

**ଡ.ଗିରୀଶ ରଂଜନ**

ପାଠ୍ୟ ପୁସ୍ତକରେ ତ୍ରୁଟି ବାହାରିଲା
ଦିନ ରାତି ଚାଲେ ତଦନ୍ତ
ସରକାର ଆମ ଖୋଜି ଚାଲିଛନ୍ତି
ତ୍ରୁଟି ହୋଇଗଲା କେମନ୍ତ
ବହି ହୋଇଥିଲେ ଜୀବନ୍ତ
ନିଜେ ତାହାର ସେ ଉତ୍ତର ଦିଅନ୍ତା
ଛାଡ଼ିକି ତଦନ୍ତ ଫଦନ୍ତ



ମଙ୍ଗଳବାର ୨୧।୦୭।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

## ଦେଶର ବିକାଶ ଓ ସଂସ୍କାର...

ଆମ ଯୁବପିଢ଼ି ଏଭଳି ସାହସିକ ପଦକ୍ଷେପ ନେଇ ସଫଳତା ହାସଲ କରିପାରୁଛନ୍ତି''। ଦେଶରେ ଉଦ୍‌ଘାଟନ ହୋଇଥିବା ବୃହତ ଭିତ୍ତିଭୂମି ଓ ପ୍ରଯୁକ୍ତିଗତ ପ୍ରକଳ୍ପଗୁଡ଼ିକ ବିଷୟରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ, ନିକଟରେ ରାଜସ୍ଥାନରେ ଏକ ପ୍ରମୁଖ ତୈଳ ବିଶୋଧନାଗାର ଦେଶବାସୀଙ୍କୁ ଉତ୍ସର୍ଗ କରାଯାଇଛି, ଦେଶର ତୃତୀୟ ସେମିକଣ୍ଡକ୍ଟର କାରଖାନାର ଶୁଭାରମ୍ଭ କରାଯାଇଛି ଏବଂ ବିଶ୍ୱର ସବୁଠୁ ଲମ୍ବା ଓ ସବୁଠୁ ଶକ୍ତିଶାଳୀ ଗ୍ରୀନ୍ ହାଇଡ୍ରୋଜେନ୍ ଟ୍ରେନ୍‌ର ମଧ୍ୟ ଶୁଭାରମ୍ଭ କରାଯାଇଛି। ସେ ଏହି ଅତ୍ୟନ୍ତ ସମୃଦ୍ଧ ଜାତୀୟ ସମ୍ପତ୍ତିଗୁଡ଼ିକର ଶ୍ରେୟ ସମ୍ପୂର୍ଣ୍ଣ ଭାବେ ଦେଶର ପ୍ରତିଭାବାନ ବୈଜ୍ଞାନିକ, ଇଞ୍ଜିନିୟର ଏବଂ ଶ୍ରମିକମାନଙ୍କ ମିଳିତ ନିଷ୍ଠା ଓ ଅକ୍ଳାନ୍ତ ପରିଶ୍ରମକୁ ଦେଇଥିଲେ। ଶ୍ରୀ ମୋଦୀ ଉଲ୍ଲେଖ କରିଥିଲେ, ''ଏହା ଆମର ସେହି ନବସୃଜନକାରୀ, ଉଦ୍ୟୋଗୀ ଏବଂ ଶ୍ରମିକମାନଙ୍କର ଉଦ୍ୟମର ପ୍ରତ୍ୟକ୍ଷ ପରିଣାମ, ଯେଉଁମାନେ ଏକ ସୁନିଶ୍ଚିତ ଓ ମିଳିତ ସଂକଳ୍ପ ନେଇ ଦେଶ ପାଇଁ ବଞ୍ଚୁଛନ୍ତି ଏବଂ କାର୍ଯ୍ୟ କରୁଛନ୍ତି''। ପଶ୍ଚିମ ଏସିଆରେ ଚାଲିଥିବା ସଂଘର୍ଷ ଯୋଗୁଁ ସାରା ବିଶ୍ୱରେ ଦେଖାଦେଇଥିବା ଗମ୍ଭୀର ଚିନ୍ତାକୁ ସ୍ୱୀକାର କରି ପ୍ରଧାନମନ୍ତ୍ରୀ ଆଲୋକପାତ କରିଥିଲେ ଯେ କିଭଳି ପେଟ୍ରୋଲ, ଡିଜେଲ, ଏଲପିଜି, ସାର ଏବଂ ରସାୟନର ଯୋଗାଣ ଶୃଙ୍ଖଳାରେ ପ୍ରତିବନ୍ଧକ ଉର୍ଜ୍ଜା ଉପରେ ନିର୍ଭରଶୀଳ ଏହି ଦେଶ ପାଇଁ ଏକ ଗଭୀର ସଙ୍କଟ ସୃଷ୍ଟି କରିଛି। ଏହିଭଳି ଗୁରୁତର ଅନ୍ତର୍ଜାତୀୟ ପ୍ରତିବନ୍ଧକ ସତ୍ତ୍ୱେ, ସେ ଦେଶର ଚମତ୍କାର ୭.୭ ପ୍ରତିଶତ ଅଭିବୃଦ୍ଧି ହାରକୁ ଉଲ୍ଲେଖ କରିଥିଲେ, ଯାହା ଭାରତର ସହନଶୀଳ କ୍ଷମତା ଏବଂ ସାମର୍ଥ୍ୟର ଏକ ଜ୍ୱଳନ୍ତ ପ୍ରମାଣ। ଏହା ପରେ ସଂସଦୀୟ ପ୍ରସଙ୍ଗ ଆଡ଼କୁ ଢଳି ସେ ଦେଶର ଏହି ଦ୍ରୁତ ପ୍ରଗତିର ସଦୁପଯୋଗ କରିବା ପାଇଁ ସମସ୍ତ ଅଭିଜ୍ଞ ସାଂସଦମାନଙ୍କୁ ଆହ୍ୱାନ କରିଥିଲେ। ସେ ଏକ ଗଭୀର ଗଠନମୂଳକ ତଥା ତଥ୍ୟଭିତ୍ତିକ ଆଲୋଚନା ପାଇଁ ନିବେଦନ କରିଥିଲେ, ଯେଉଁଠାରେ ଦେଶପ୍ରେମକୁ ପ୍ରାଥମିକତା ଦିଆଯିବ ଏବଂ ପ୍ରତ୍ୟେକ ବ୍ୟକ୍ତିଙ୍କ ସ୍ୱର ଓ ଚିନ୍ତାଧାରାକୁ ସମ୍ମାନ ମିଳିବ। ସକାଳେ ବାଚସ୍ପତିଙ୍କ ଦ୍ୱାରା ସୋସିଆଲ ମିଡିଆରେ ସାଂସଦମାନଙ୍କୁ ଜଣାଯାଇଥିବା ସ୍ୱାଗତ ବାର୍ତ୍ତାକୁ ଦୋହରାଇ ପ୍ରଧାନମନ୍ତ୍ରୀ ନିଜର ବକ୍ତବ୍ୟ ଶେଷ କରିଥିଲେ ଏବଂ କୌଣସି ପ୍ରକାର ହଟ୍ଟଗୋଳ ବା ବ୍ୟାହତ ବିନା ଅର୍ଥପୂର୍ଣ୍ଣ ଆଲୋଚନା ପାଇଁ ସେ ନିବେଦନ କରିଥିଲେ।

## ଅଭିମାନୀନି ମହାଲକ୍ଷ୍ମୀ ଭାଙ୍ଗିଲେ...

ଯାଇଥିଲା। ମହାସ୍ନାନ ପୂଜା ଓ ମଇଲମ୍ ପରେ ସକାଳ ୮ ଟା ୧୫ରେ ହୋଇଥିଲା ମଙ୍ଗଳ ଆଳତି।ମହାପ୍ରଭୁଙ୍କ ଅନ୍ୟ ପାରମ୍ପାରିକ ନୀତି ପରେ ଦିନ ୧୧ଟା୫୦ ସୁଦ୍ଧା ଶେଷ ହୋଇଥିଲା ଗୋପାଳବଲ୍ଲଭ। ମଧ୍ୟାହ୍ନ ୧୨ଟା୪୦ରେ ସକାଳ ଧୂପ, ଦିନ ୩ ଟା ୧୫ରେ ଭୋଗ ମଣ୍ଡପ,ସନ୍ଧ୍ୟା ୭ଟା ୪୦ରେ ମଧ୍ୟାହ୍ନ ଧୂପ ଓ ପରେ ୮ ଟା ୧୦ରେ ଶେଷ ହୋଇଥିଲା ଦ୍ୱିତୀୟ ଭୋଗ ମଣ୍ଡପ।

ଏହା ପରେ ମହାଲକ୍ଷ୍ମୀ ଶ୍ରୀମନ୍ଦିରରୁ ଏକ ସୁସଜ୍ଜିତ ବିମାନରେ ଶ୍ରୀଗୁଣ୍ଡିଚା ମନ୍ଦିର ଅଭିମୁଖେ ଯାତ୍ରା କରିଥିଲେ। ପତିମହାପାତ୍ରଙ୍କ ବନ୍ଦାପନା ପରେ ଆଡ଼ପମଣ୍ଡପ ଅଭିମୁଖେ ଯାଇଥିଲେ। ମହାଲକ୍ଷ୍ମୀଙ୍କ ଆଗମନ ସୂଚନା ପାଇ ମହାପ୍ରଭୁ ଆଡ଼ପ ମଣ୍ଡପରେ ଅପେକ୍ଷା କରିଥିଲେ। ବଡଭାଇ ଓ ଭଉଣୀ ସହିତ ଆଡ଼ପ ମଣ୍ଡପରେ ବିଜେ କରିଥିବା ମହାପ୍ରଭୁଙ୍କୁ ଶ୍ରୀମନ୍ଦିର ଫେରିଯିବାକୁ ମହାଲକ୍ଷ୍ମୀ ନିବେଦନ କରିଥିଲେ। ତେବେ ମାଉସୀମା'ଙ୍କ ଘରେ ୯ ଦିନ ରହି ପୋଡ ପିଠା ଖାଇବା ପରେ ଶ୍ରୀମନ୍ଦିର ଫେରିବେ ବୋଲି ମହାପ୍ରଭୁ ଶ୍ରୀଜଗନ୍ନାଥ ମହାଲକ୍ଷ୍ମୀଙ୍କୁ କହିଥିଲେ। ମହାପ୍ରଭୁଙ୍କ ଏପରି ଉତ୍ତରରେ ରାଗିଯାଇ ମହାଲକ୍ଷ୍ମୀ ସେଠାରୁ ଫେରିଆସିଥିଲେ। ଫେରିବା ବାଟରେ ମହାଲକ୍ଷ୍ମୀ ମହାପ୍ରଭୁ ଘୋଷଯାତ୍ରାରେ ଯାଇଥିବା ନନ୍ଦିଘୋଷ ରଥର କିଛି ଅଂଶ ଭାଙ୍ଗିଥିଲେ। ମହାପ୍ରଭୁଙ୍କ ଏହି ମାନବୀୟ ଲୀଳା ଦେଖିବା ପାଇଁ ଶରଧାବାଲିରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲେ। ମହାଲକ୍ଷ୍ମୀ ନନ୍ଦିଘୋଷ ରଥ ଭାଙ୍ଗିବା ପରେ ହେରାଗୋହରୀ ସାହିଦେଇ ଶ୍ରୀ ମନ୍ଦିରକୁ ଫେରିଯାଇଥିଲେ। ଗତକାଲି ଆଡପ ମଣ୍ଡପରେ ବିଜେ କରିବା ପରେ ଜନ୍ମବେଦୀରେ ସମ୍ପନ୍ନ ହୋଇଛି ମହାପ୍ରଭୁଙ୍କ ନୀତିକାନ୍ତି। ଗତକାଲି ପରି ଆଡ଼ପ ଦର୍ଶନ ପାଇଁ ଆଜି ମଧ୍ୟ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ପ୍ରଶାସନ ପକ୍ଷରୁ ନିର୍ମାଣ କରାଯାଇଥିବା ବ୍ୟାରିକେଡ଼ ଦେଇ ଶ୍ରଦ୍ଧାଳୁମାନେ ଗୁଣ୍ଡିଚା ମନ୍ଦିରର ସିଂହ ଦ୍ୱାର ଦେଇ ପ୍ରବେଶ କରି ଆଡ଼ପ ଦର୍ଶନ ପରେ ନାକଚଣା ଦ୍ୱାର ବାଟେ ପ୍ରସ୍ଥାନ କରିଥିଲେ।

## ମାଲକାନଗିରିରୁ ଖୁବଶୀଘ୍ର ନିୟମିତ...

ବିଭାଗର ଅଧିକାରୀ ଓ ଅନ୍ୟାନ୍ୟ ସମ୍ପୃକ୍ତ ବିଭାଗ ସହ ଏକ ସମୀକ୍ଷା ବୈଠକ ହୋଇଥିଲା। ବୈଠକରେ ଟ୍ରାଏଲ ରନ୍‌ର ସଫଳତା, ସୁରକ୍ଷା ବ୍ୟବସ୍ଥା ଏବଂ ପାରିପାର୍ଶ୍ୱିକ ପରିସ୍ଥିତି ନେଇ ବିସ୍ତୃତ ଆଲୋଚନା ହୋଇଛି। ଆସନ୍ତାକାଲି ମଧ୍ୟ ଏୟାରପୋର୍ଟର ଚୂଡ଼ାନ୍ତ ଯାଞ୍ଚ କରାଯିବ। ସମସ୍ତ ସୁରକ୍ଷା ବ୍ୟବସ୍ଥା ପରୀକ୍ଷା କରିବା ସହ ରିହର୍ସଲ ମଧ୍ୟ କରାଯିବ। ସେହିପରି ମାଲକାନଗିରି ଏୟାରପୋର୍ଟର କନ୍‌ସଲଟାଣ୍ଟ ଅଶୋକ ରାଉତ ମଧ୍ୟ ୨୧ ତାରିଖରେ ପହଞ୍ଚି ସମସ୍ତ ପ୍ରସ୍ତୁତିର ସମୀକ୍ଷା କରିବେ।ମାଲକାନଗିରିର ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନଙ୍କ ସୂଚନା ଅନୁଯାୟୀ, ୨୨ ତାରିଖର ଟ୍ରାଏଲ ରନ୍ ପାଇଁ ସମସ୍ତ ପ୍ରସ୍ତୁତି ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଟ୍ରାଏଲ ରନ୍ ସଫଳ ହେଲେ ଖୁବଶୀଘ୍ର ମାଲକାନଗିରିରୁ ନିୟମିତ ବିମାନ ସେବା ଆରମ୍ଭ ହେବ, ଯାହା ଏହି ପଛୁଆ ଜିଲ୍ଲାର ଯୋଗାଯୋଗ ଓ ବିକାଶରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବ।

## ପ୍ରଶାସନିକ ନାମର ଇଂରାଜୀ...

ସମସ୍ତ ସରକାରୀ କାର୍ଯ୍ୟାଳୟ, ସ୍ଥାନୀୟ ସଂସ୍ଥା ଓ ସମ୍ପୃକ୍ତ ଅନୁଷ୍ଠାନଗୁଡ଼ିକୁ ଏହି ସଂଶୋଧିତ ବନାନର ସମ୍ପୂର୍ଣ୍ଣ ବ୍ୟବହାର ସୁନିଶ୍ଚିତ କରିବାକୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ କୁହାଯାଇଛି। ଏଥିସହିତ ଏ ସମ୍ପର୍କରେ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ବଳିତ କାର୍ଯ୍ୟାନୁଷ୍ଠାନ ରିପୋର୍ଟ୍ ଉପରୋକ୍ତ ଚିଠି ପାଇବାର ପନ୍ଦର ଦିନ ମଧ୍ୟରେ ବିଭାଗକୁ ପ୍ରେରଣ କରିବାକୁ କୁହାଯାଇଛି। ସେହିପରି ସମ୍ପୃକ୍ତ ପ୍ରଶାସନିକ ଏକକ ଗୁଡିକରେ ବ୍ୟବସାୟିକ ଓ ବେସରକାରୀ ସଂସ୍ଥାମାନଙ୍କୁ ସଂଶୋଧିତ ଇଂରାଜୀ ବନାନ୍ ଅନୁଯାୟୀ ନିଜର ନାମଫଳକ ପରିବର୍ତ୍ତନ କରିବାକୁ ଛଅ ମାସର ସମୟପ୍ରଦାନ କରାଯାଇଛି। ରାଜସ୍ୱ ସଚିବ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି ଯେ, ସଂଶୋଧିତ ଇଂରାଜୀ ବନାନର ସମ୍ପୂର୍ଣ୍ଣ ବ୍ୟବହାର ଦ୍ୱାରା ରାଜ୍ୟର ଭାଷାଗତ ଓ ସାଂସ୍କୃତିକ ପରିଚୟର ସୁରକ୍ଷା ସହିତ ସମସ୍ତ ସରକାରୀ ଅଭିଲେଖ ଓ ପ୍ରଶାସନିକ କାର୍ଯ୍ୟରେ ସମାନତା ଓ ସଠିକତା ବଜାୟ ରହିବ।

## ବିଦ୍ୟୁତ ଅପେକ୍ଷା ଚାଷ...

ଯାହାଦ୍ୱାରା ଲୋକମାନେ ନିରବଚ୍ଛିନ୍ନ ବିଦ୍ୟୁତ ପାଇପାରିବେ। ସେହିପରି ମାଛକୁଣ୍ଡ ପ୍ରକଳ୍ପର ବୈଷୟିକ ସମସ୍ୟା ଦୂର କରିବା ପାଇଁ ଓଡ଼ିଶା ସରକାର ଆନ୍ଧ୍ରପ୍ରଦେଶ ସରକାରଙ୍କ ସହ ଆଲୋଚନା ଚଳାଇଛନ୍ତି, ଯେପରି ଏହି ପ୍ରକଳ୍ପରୁ ଶୀଘ୍ର ପୁଣିଥରେ ସମ୍ପୂର୍ଣ୍ଣ ବିଦ୍ୟୁତ ଉତ୍ପାଦନ ଆରମ୍ଭ ହୋଇପାରିବ। ରାଜ୍ୟ ସରକାର ସ୍ଥିତି ଉପରେ ସମ୍ପୂର୍ଣ୍ଣ ନଜର ରଖିଛନ୍ତି ଏବଂ ଜଳ ଓ ଶକ୍ତିର ସଠିକ୍ ପରିଚାଳନା ପାଇଁ ପ୍ରତିବଦ୍ଧ ଅଛନ୍ତି।

## ଗଁଦିଆ ଗସ୍ତରେ ଖାଦ୍ୟ...

ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥିଲେ। ବୈଠକରେ ମନ୍ତ୍ରୀ ଗଁଦିଆ ବ୍ଲକର ବିକାଶ ପାଇଁ ଏକ ଚତୁର୍ମୁଖୀ ରଣନୀତି ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ସ୍ପଷ୍ଟ କରିଥିଲେ ଯେ ବିକଶିତ ଓଡ଼ିଶା ଏବଂ ବିକଶିତ ଢେଙ୍କାନାଳର ସ୍ୱପ୍ନ ସେତେବେଳେ ସାକାର ହେବ, ଯେତେବେଳେ ପ୍ରତ୍ୟେକ ଗାଁର ମୌଳିକ ସମସ୍ୟାର ସମାଧାନ ହୋଇପାରିବ। ଗ୍ରାମାଞ୍ଚଳରେ ପାନୀୟ ଜଳର ସମସ୍ୟାକୁ ନେଇ ମନ୍ତ୍ରୀ ଉଦ୍‌ବେଗ ପ୍ରକାଶ କରିଥିଲେ। ସେ ବିଭାଗୀୟ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ, କୌଣସି ବି ପଞ୍ଚାୟତରେ ଯେପରି ଜଳ ସଂକଟ ନଦେଖାଯାଏ, ସେଥିପାଇଁ ପଦକ୍ଷେପ ନିଆଯାଉ। ଚାଲୁ ରହିଥିବା ପାଇପ୍ ଜଳ ଯୋଗାଣ ପ୍ରକଳ୍ପଗୁଡ଼ିକୁ ଯଥାଶୀଘ୍ର ସମ୍ପୂର୍ଣ୍ଣ କରି ଘରକୁ ଘର ବିଶୁଦ୍ଧ ପାନୀୟ ଜଳ ପହଞ୍ଚାଇବାକୁ ସେ କହିଛନ୍ତି। ଗ୍ରାମାଞ୍ଚଳର ଅର୍ଥନୀତି ସଡ଼କ ସଂଯୋଗୀକରଣ ଉପରେ ନିର୍ଭର କରେ। ବ୍ଲକର ବିଭିନ୍ନ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାଗୁଡ଼ିକର ସ୍ଥିତି ସୁଧାରିବା ସହ ଗମନାଗମନ ବ୍ୟବସ୍ଥାକୁ ସୁଗମ କରିବା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। କାର୍ଯ୍ୟର ମାନ ଯେପରି ଅତି ଉଚ୍ଚକୋଟୀର ହେବ, ସେଥିପାଇଁ ମନ୍ତ୍ରୀ ଚେତାବନୀ ଦେଇଛନ୍ତି। ଚାଷୀମାନଙ୍କର ସମସ୍ୟାକୁ ଦୂର କରିବା ପାଇଁ ମନ୍ତ୍ରୀ କୃଷି ଅଧିକାରୀମାନଙ୍କୁ ସକ୍ରିୟ ହେବାକୁ କହିଛନ୍ତି। ସଠିକ୍ ସମୟରେ ଚାଷୀଙ୍କୁ ବିହନ, ସାର ଯୋଗାଇବା ଏବଂ ଜଳସେଚନର ସୁବିଧା କରିବା ସରକାରଙ୍କ ପ୍ରାଥମିକତା ବୋଲି ସେ ପ୍ରକାଶ କରିଛନ୍ତି। ବିଦ୍ୟାଳୟଗୁଡ଼ିକର ଶିକ୍ଷାଦାନର ମାନ ଏବଂ ଭିତ୍ତିଭୂମି ଉପରେ ଆଲୋଚନା କରାଯାଇଥିଲା। ଗରିବ ଛାତ୍ରଛାତ୍ରୀମାନେ ଯେପରି ଗୁଣାତ୍ମକ ଶିକ୍ଷାରୁ ବଞ୍ଚିତ ନହୁଅନ୍ତି, ସେଥିପାଇଁ ନିୟମିତ ପରିଦର୍ଶନ କରିବାକୁ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଛି। ବୈଠକ କାଳରେ ମନ୍ତ୍ରୀ ଶ୍ରୀ ପାତ୍ର ସ୍ଥାନୀୟ ଜନସାଧାରଣଙ୍କଠାରୁ ବିଭିନ୍ନ ସମସ୍ୟା ଓ ଅଭିଯୋଗ ସମ୍ପର୍କିତ ପତ୍ର ଗ୍ରହଣ କରିଥିଲେ। ଲୋକମାନେ ବ୍ୟକ୍ତିଗତ ତଥା ଗୋଷ୍ଠୀଗତ ସମସ୍ୟା ନେଇ ମନ୍ତ୍ରୀଙ୍କ ଦ୍ୱାରସ୍ଥ ହୋଇଥିଲେ। ମନ୍ତ୍ରୀ ପ୍ରତ୍ୟେକ ଅଭିଯୋଗକୁ ଗମ୍ଭୀରତାର ସହ ଶୁଣିବା ସହିତ ସେଗୁଡ଼ିକର ତୁରନ୍ତ ଏବଂ ଫଳପ୍ରଦ ସମାଧାନ ପାଇଁ ଉପସ୍ଥିତ ସମ୍ପୃକ୍ତ ଅଧିକାରୀମାନଙ୍କୁ ସେହି ସ୍ଥାନରେ ହିଁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ଗୁଡ଼ିକୁ କେବଳ ଫାଇଲ୍ ଭିତରେ ଚାପି ନରଖି ଲୋକଙ୍କୁ କିପରି ସିଧାସଳଖ ନ୍ୟାୟ ମିଳିପାରିବ, ସେଥିପାଇଁ ଏକ ସମୟସୀମା ଧାର୍ଯ୍ୟ କରାଯାଇଛି। ପ୍ରଶାସନିକ ଅଧିକାରୀମାନଙ୍କୁ ସମ୍ବୋଧିତ କରି ମନ୍ତ୍ରୀ ଶ୍ରୀ ପାତ୍ର ଓଡ଼ିଶାର ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ସରକାରଙ୍କ ଆଭିମୁଖ୍ୟକୁ ସ୍ପଷ୍ଟ କରିଥିଲେ। ସେ କହିଥିଲେ ଯେ, ଆମ ସରକାର ଏକ ସ୍ୱଚ୍ଛ, ଦୁର୍ନୀତିମୁକ୍ତ ଏବଂ ସମ୍ପୂର୍ଣ୍ଣ ଜନମୁଖୀ ପ୍ରଶାସନ ଦେବାକୁ ପ୍ରତିବଦ୍ଧ। ସରକାରୀ ବାବୁମାନେ ନିଜକୁ ଜନସେବକ ଭାବି କାର୍ଯ୍ୟ କରିବା ଉଚିତ। ସରକାରଙ୍କର ପ୍ରତ୍ୟେକ ଜନକଲ୍ୟାଣମୂଳକ ଯୋଜନା, ବିଶେଷ କରି ଖାଦ୍ୟ ସୁରକ୍ଷା ଏବଂ ସାମାଜିକ ଭତ୍ତା ଭଳି ଗୁରୁତ୍ୱପୂର୍ଣ୍ଣ ଯୋଜନା ଯେପରି ସମାଜର ସବୁଠାରୁ ଶେଷ ଧାଡ଼ିରେ ଥିବା ଗରିବ, ଅସହାୟ ଲୋକଟି ପାଖରେ ବିନା କୌଣସି ବାଧାରେ ସିଧାସଳଖ ପହଞ୍ଚିପାରିବ, ସେଥିପାଇଁ ଆନ୍ତରିକତାର ସହ କାର୍ଯ୍ୟ କରିବାକୁ ସେ ଅଧିକାରୀମାନଙ୍କୁ କଡ଼ା ପରାମର୍ଶ ଦେଇଛନ୍ତି। କାର୍ଯ୍ୟରେ କୌଣସି ପ୍ରକାରର ଶିଥିଳତା କିମ୍ବା ଅନିୟମିତତାକୁ ବରଦାସ୍ତ କରାଯିବ ନାହିଁ ବୋଲି ସେ ସ୍ପଷ୍ଟ ଚେତାବନୀ ଦେଇଛନ୍ତି। ମନ୍ତ୍ରୀଙ୍କର ଏହି ଗସ୍ତ ଗଁଦିଆ ବ୍ଲକବାସୀଙ୍କ ମଧ୍ୟରେ ଏକ ନୂତନ ଆଶା ସଞ୍ଚାର କରିଛି। ପ୍ରଶାସନ ଅଧିକ ସକ୍ରିୟ ହେଲେ ଆଗାମୀ ଦିନରେ ଅଞ୍ଚଳର ବିକାଶ କାର୍ଯ୍ୟ ତ୍ୱରାନ୍ୱିତ ହେବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ସମୟସୀମା ଭିତରେ ପ୍ରକଳ୍ପ...

ପ୍ରତ୍ୟେକ ବୈଠକରେ ପୂର୍ବ ନିଷ୍ପତ୍ତିର ଅଗ୍ରଗତି ସମୀକ୍ଷା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ପ୍ରଧାମନ୍ତ୍ରୀ ଆବାସ ଯୋଜନା-ସହରାଂଚଳ-୨.୦ ଆଫର୍ଡେବଲ ହାଉସିଂ, ଆଫୋର୍ଡେବଲ ରେଣ୍ଟାଲ ହାଉସିଂ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ସମୀକ୍ଷା କରି ଏଥିନେଇ ଆବଶ୍ୟକ ଜମି ଚିହ୍ନଟ, ଜମି ସମ୍ବନ୍ଧୀୟ ସମସ୍ୟାର ଶୀଘ୍ର ସମାଧାନ, ପ୍ରକଳ୍ପ ପ୍ରସ୍ତାବ ପ୍ରସ୍ତୁତି ଓ ଯୋଜନାଗୁଡ଼ିକୁ ସମୟବଦ୍ଧ ଭାବେ କାର୍ଯ୍ୟକାରୀ କରିବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଗୃହ ଓ ନଗର ଉନ୍ନୟନ ବିଭାଗ ଶ୍ରୀମତୀ ଉଷା ପାଢୀ ଏ ସଂପର୍କରେ ଜିଲ୍ଲାପାଳମାନଙ୍କ ସହିତ ସବିସ୍ତୃତ ଆଲୋଚନା କରିଥିଲେ। ଆହୁରି ମଧ୍ୟ ଅମୃତ ୨.୦ ଜଳଯୋଗାଣ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ସମ୍ପର୍କରେ ସମୀକ୍ଷା କରାଯାଇ ଆବଶ୍ୟକ ପରାମର୍ଶ ଦିଆଯାଇଛି। ଶିଳ୍ପ ପ୍ରତିଷ୍ଠା ଓ ଶିଳ୍ପାଞ୍ଚଳର ଦ୍ରୁତ ବିକାଶ ପାଇଁ ଲ୍ୟାଣ୍ଡ ବ୍ୟାଙ୍କ ସୃଷ୍ଟି, ସେଥିରୁ ବିଭିନ୍ନ ପ୍ରକଳ୍ପ ପାଇଁ ଜମି ଅନୁମୋଦନ ସଂପର୍କରେ ଇଡକୋ ପକ୍ଷରୁ ଆଲୋଚନା କରାଯାଇଥିଲା। ଜମି ଅଧିଗ୍ରହଣ ଓ ଲିଜ୍ ପ୍ରସ୍ତାବର ଶୀଘ୍ର ଅନୁମୋଦନ, ସ୍ଥାନୀୟ ସମସ୍ୟାର ସମାଧାନ, ଗ୍ରାମସଭା ଆୟୋଜନରେ ସହଯୋଗ ଏବଂ କ୍ଷତିପୂରକ ବନୀକରଣ ପାଇଁ ଆବଶ୍ୟକ ଜମି ଚିହ୍ନଟ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ରାଜ୍ୟସ୍ତରୀୟ ବୈଠକ ଭଳି ଜିଲ୍ଲାସ୍ତରରେ ସିଙ୍ଗଲ ୱିଣ୍ଡୋ ଅଥରିଟି କମିଟି ବୈଠକ ନିୟମିତ ଭାବେ କରି ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରିତା ନେଇ ନିଷ୍ପତ୍ତି ନେବାକୁ ମୁଖ୍ୟ ଶାସନ ସଚିବ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦେଇଛନ୍ତି। ଶକ୍ତି ବିଭାଗର ସମୀକ୍ଷା ବେଳେ ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ମୁଫ୍ତ ବିଜୁଳି ଯୋଜନା ଅଧୀନରେ 'ମଡେଲ ସୋଲାର ଭିଲେଜ୍ କାର୍ଯ୍ୟକ୍ରମର ଅଗ୍ରଗତି ସମୀକ୍ଷା କରାଯାଇଥିଲା। ଯୋଗ୍ୟ ଗ୍ରାମ ଚୟନ, ଜିଲ୍ଲାସ୍ତରୀୟ କମିଟି ମାଧ୍ୟମରେ କାର୍ଯ୍ୟାନ୍ୱୟନ ତ୍ୱରାନ୍ୱିତ କରିବା ଏବଂ ଅଧିକରୁ ଅଧିକ ଘରୋଇ ସୌର ଶକ୍ତି ବ୍ୟବହାରକୁ ପ୍ରୋତ୍ସାହନ ଦେଇ ଗ୍ରାମଗୁଡ଼ିକୁ ଶକ୍ତି କ୍ଷେତ୍ରରେ ସ୍ୱାବଲମ୍ବୀ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଂପର୍କିତ ସମୀକ୍ଷାରେ 'ଆମ ହସ୍ପିଟାଲ' ଯୋଜନାରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ଓ ସେବା ପ୍ରଦାନ ବ୍ୟବସ୍ଥାର ସୁଦୃଢ଼ୀକରଣ, ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନ-୨.୦ କୁ ତ୍ୱରାନ୍ୱିତ କରି ଅଧିକରୁ ଅଧିକ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ଚିକିତ୍ସା, ପୁଷ୍ଟି ସହାୟତା ଓ ଜନସାଧାରଣଙ୍କ ସକ୍ରିୟ ଅଂଶଗ୍ରହଣକୁ ସୁନିଶ୍ଚିତ କରିବାକୁ ପରାମର୍ଶ ଦିଆଯାଇଥିଲା। ଏଥି ସହିତ ବର୍ଷା ଋତୁରେ ଜଳବାହିତ ଓ ବିଭିନ୍ନ ବାହକ ଜନିତ ରୋଗର ପ୍ରତିରୋଧ ପାଇଁ ସତର୍କତା ଓ ନିରୀକ୍ଷଣ, ପର୍ଯ୍ୟାପ୍ତ ଔଷଧ ଓ ଚିକିତ୍ସା ସାମଗ୍ରୀର ଉପଲବ୍ଧତା, ଜନସଚେତନତା ଏବଂ ଜିଲ୍ଲାସ୍ତରରେ ନିୟମିତ ସମୀକ୍ଷା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଛି। ସ୍ୱାସ୍ଥ୍ୟ ବିଭାଗ କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ୍ ଉପସ୍ଥିତ ରହି ଆଲୋଚନା କରିଥିଲେ।

# ୨ ସହଯୋଗୀ ସହ ମିଶି ପ୍ରେମିକାକୁ ମାରି ଫିଙ୍ଗିଦେଲା ପ୍ରେମିକ



କୁଚିଣ୍ଡା, ୨୦।୭ (ଚତୁର୍ଭୁଜ ଜୟପୁରିଆ) ପ୍ରେମ ହେଉଛି ପବିତ୍ର ଆଉ ଏ ପ୍ରେମକୁ କଳୁଷିତ କଲା ଜଣେ ପ୍ରେମିକ ଆଉ ସମ୍ପର୍କର ଏକ ଦୁଃଖଦ ପରିଣତି ସାମ୍ନାକୁ ଆସିଛି। ବିବାହ ପାଇଁ ବାରମ୍ବାର ଚାପ ପକାଉଥିବା ପ୍ରେମିକାକୁ ପ୍ରେମିକ ଯୋଜନାବଦ୍ଧ ଭାବେ ହତ୍ୟା କରି ମୃତଦେହକୁ ଜଙ୍ଗଲରେ ଫିଙ୍ଗି ଦେଇଥିଲା ପୁଲିସ ୩ ଜଣଙ୍କୁ ଗିରଫ କରିଛି। ଘଟଣାଟି ଘଟିଛି ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକରେ ବର୍ତ୍ତମାନ ଏହି ଘଟଣାଟି ସାରା ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ମୃତ ଯୁବତୀ ହେଲେ ମହୁଲପାଲି ଥାନା କୁସୁମି ଫାଣ୍ଡି ଅଧୀନର ମହୁଲମୁଣ୍ଡାର ସରିତା ସା (୨୪)। ସେ କୁଚିଣ୍ଡାର ଘୋଷା ରୋଡ୍‌ସ୍ଥିତ ସାହେଲୀ ବ୍ୟୁଟି ପାର୍ଲରରେ କାମ ଥିଲେ। ତାଙ୍କ ବାପା ମନୋଜ ସାଙ୍କ ଅଭିଯୋଗ ଆଧାରରେ କୁଚିଣ୍ଡା ଥାନାରେ ମାମଲା ରୁଜୁ ହୋଇଛି। ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ, କୁଚିଣ୍ଡା ଥାନା ଅଧୀନ ତେଲି କୁଣ୍ଡାପୋଷି ଗ୍ରାମର ଦିବ୍ୟଲୋଚନ ପୃସେଠ ଓରଫ ଅନିଲ ପୃସେଠ (୨୭)ଙ୍କ ସହ ସରିତାଙ୍କ ପ୍ରାୟ ଦୁଇ ବର୍ଷ ଧରି ପ୍ରେମ ସମ୍ପର୍କ ରହିଥିଲା ଓ ବିବାହର ପ୍ରତିଶ୍ରୁତି ଦେଇ ଦିବ୍ୟଲୋଚନ ବାରମ୍ବାର ସମ୍ପର୍କ ରଖୁଥିଲେ ପରବର୍ତ୍ତୀ ସମୟରେ ସେ ଯୁବକ ବିଭିନ୍ନ ଆଳ ଦେଖାଇ ବିବାହକୁ ଏଡ଼ାଇ ଚାଲିଥିଲା। ଗତ ୧୬ ତାରିଖ ସନ୍ଧ୍ୟା ପ୍ରାୟ ୮ ଟା ସମୟରେ କୁଚିଣ୍ଡା ରଥଯାତ୍ରା ଦେଖିବାକୁ ଯାଇଥିଲେ ସରିତା ସେଠାରୁ ଯୁବତୀଙ୍କୁ ଉଠେଇ ନେଇଥିଲା ସୈତାନ ପ୍ରେମିକ ଦିବ୍ୟଲୋଚନ ଓ ତାଙ୍କ ଦୁଇ ସହଯୋଗୀ ଅଶୋକ କିଶାନ ଓ ସୁଭିତ ମାକରଙ୍କ ସହ ଏକ ବୋଲେରୋରେ ଘୋଷା ରୋଡ଼ରୁ ସରିତାଙ୍କୁ ନେଇ ଜମନକିରା ଅଭିମୁଖେ ଯାଇଥିଲେ ରାସ୍ତାରେ ବିବାହକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏହି ସମୟରେ ଦିବ୍ୟଲୋଚନ ସରିତା ପିନ୍ଧିଥିବା ଓଢଣୀ ସାହାଯ୍ୟରେ ତାଙ୍କ ଗଳା ଚିପି ହତ୍ୟା କରିଥିବା ପୁଲିସ କହିଛି। ପରେ ବଡ଼ରମା ଘାଟି ନିକଟରେ ଗାଡ଼ି ଅଟକାଇ ମୃତଦେହକୁ ରାସ୍ତା କଡ଼ରେ ଥିବା ଜଙ୍ଗଲ ଭିତରକୁ ଫିଙ୍ଗି ଦେଇଥିଲେ। ଘଟଣାସ୍ଥଳରୁ କିଛି ଦୂରରେ ହତ୍ୟାରେ ବ୍ୟବହୃତ ଓଢଣୀ କୁ ମଧ୍ୟ ଫିଙ୍ଗି ଦେଇଥିବା ଜଣାପଡ଼ିଛି। ଘଟଣାର ତଦନ୍ତ କରି ପୁଲିସ ଦିବ୍ୟଲୋଚନ ପୃସେଠ, ଅଶୋକ କିଶାନ (୩୦) ଓ ସୁଭିତ ମାକର (୨୦)କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କ ନିକଟରୁ ଘଟଣାରେ ବ୍ୟବହୃତ ଓଢଣୀ, ବୋଲେରୋ, ଏକ ମୋବାଇଲ ଫୋନ୍ ଓ ଅନ୍ୟାନ୍ୟ ନମୁନା ଜବତ କରାଯାଇଛି। କୁଚିଣ୍ଡା ଉପଖଣ୍ଡ ଚିକିତ୍ସାଳୟରେ ମୃତଦେହର ବ୍ୟବଚ୍ଛେଦ କରାଯାଇଥିବା ବେଳେ ଫରେନସିକ୍ ଟିମ୍ ମଧ୍ୟ ଘଟଣାସ୍ଥଳରୁ ନମୁନା ସଂଗ୍ରହ କରିଛି। ବ୍ୟବଚ୍ଛେଦ ଓ ଫରେନସିକ୍ ରିପୋର୍ଟକୁ ପୁଲିସ ଅପେକ୍ଷା କରିଥିବା ବେଳେ ତଦନ୍ତ ଜାରି ରହିଛି।

# ଆଡପମଣ୍ଡପରେ ଦର୍ଶନ କଲେ ଦିବ୍ୟାଙ୍ଗ ଶ୍ରଦ୍ଧାଳୁ



ପୁରୀ, ୨୦।୭(ଅକ୍ଷର ଓଡ଼ିଶା):ମହାପ୍ରଭୁଙ୍କୁ ଆଡ଼ପ ମଣ୍ଡପରେ ଦର୍ଶନକଲେ କୋଟି ଜନ୍ମର ପୂର୍ଣ୍ୟ ମିଳେ ବୋଲି ଲୋକାଚାର ରହିଛି। ସେଥିପାଇଁ ସମସ୍ତେ ରଥ ଯାତ୍ରା ସମୟରେ ଶ୍ରୀ ଗୁଣ୍ଡିଚା ମନ୍ଦିର ମହାପ୍ରଭୁଙ୍କୁ ଦେଖିବାକୁ ଆକୁଳ ହୁଅନ୍ତି। ଚଳିତ ବର୍ଷ ପ୍ରବଳ ଭିଡ ସତ୍ତ୍ୱେ ଭିନ୍ନକ୍ଷମ ଓ ବରିଷ୍ଠ ନାଗରିକ ମାନଙ୍କ ଆଡ଼ପ ଦର୍ଶନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡ଼ା ନିଜେ ତଦାରଖ କରି ପବିତ୍ର ହେରାପଞ୍ଚମୀରେ ସତୁରୀରୁ ଉର୍ଦ୍ଧ ଭିନ୍ନକ୍ଷମ ଓ ଚଳନ ଶକ୍ତିହୀନ ବରିଷ୍ଠ ନାଗରିକଙ୍କୁ ଆଡ଼ପ ମଣ୍ଡପ ରେ ମହାପ୍ରଭୁଙ୍କ ଦିବ୍ୟ ଦର୍ଶନ କରିବାର ବ୍ୟବସ୍ଥା କରିଥିଲେ। ସେହିପରି ବରିଷ୍ଠ ନାଗରିକ ଓ ଭିନ୍ନକ୍ଷମମାନଙ୍କୁ ଗୁଣ୍ଡିଚା ମନ୍ଦିର ଠୁ ବୁକିଙ୍ଗ ପଏଣ୍ଟ ବଡ ଶଙ୍ଖ ପର୍ଯ୍ୟନ୍ତ ଯିବା ଆସିବାରେ ଅସୁବିଧା ହେଉଥିବା ଜାଣି ସେଥିପାଇଁ ତୁରନ୍ତ ଗାଡ଼ି ବ୍ୟବସ୍ଥା କରିବାକୁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶଦେଇଛନ୍ତି।ଜିଲ୍ଲା ଭିନ୍ନକ୍ଷମ ସଶକ୍ତି କରଣ ଓ ସାମାଜିକ ସୁରକ୍ଷା ବିଭାଗ ତରଫରୁ ଏକ ସହାୟତା କେନ୍ଦ୍ର ଶ୍ରୀଗୁଣ୍ଡିଚା ମନ୍ଦିରଠାରେ ଖୋଲା ଯାଇଛି।ଭିନ୍ନକ୍ଷମ ଦର୍ଶନ ବ୍ୟବସ୍ଥା ପାଇଁ ଦ ବେଲ୍ ଅନୁଷ୍ଠାନ ପକ୍ଷରୁ ୩୦ ଜଣ ସ୍ୱେଚ୍ଛାସେବୀ ନିୟୋଜିତ ହୋଇଛନ୍ତି।ମନ୍ଦିର ନୀତି ଓ ଭିଡକୁ ଲକ୍ଷ ରଖି ଏଭଳିବ୍ୟବସ୍ଥା କରାଯାଉଛି।ସେହିପରି ଭିଡ଼ ଦୃଷ୍ଟିରୁ ଅତିଶୟ ବୟସ୍କ ବା ଗୁରୁତର ଭିନ୍ନକ୍ଷମମାନଙ୍କୁ ଦର୍ଶନ ପାଇଁ ନ ଆସିବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

# ଖଡ଼ିଆଳ କଂଗ୍ରେସ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ




ନୂଆପଡ଼ା, ୨୦/୦୭( ଅକ୍ଷର ଓଡିଶା )ନୂଆପଡ଼ା ଜିଲ୍ଲା ଖଡ଼ିଆଳ କଂଗ୍ରେସ କମିଟି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା। ଏହି ସମ୍ମିଳନୀରେ ଖଡ଼ିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ଅଧକ୍ଷ ଉଜ୍ଜଳ ଗୁପ୍ତାଙ୍କ ନିକଟରେ ବିଜେପିରେ ଯୋଗଦାନ ପ୍ରସଙ୍ଗକୁ ନେଇ କଂଗ୍ରେସ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା।କଂଗ୍ରେସ ନେତାମାନେ ଅଭିଯୋଗ କରିଥିଲେ ଯେ, ଖଡ଼ିଆଳ ନଗରପାଳ ଆବାସ ଯୋଜନାରେ ହୋଇଥିବା କଥିତ ଦୁର୍ନୀତିକୁ ଘଷ୍ଟଘୋଡ଼ାଇବା ଉଦ୍ଦେଶ୍ୟରେ ଦଳ ପରିବର୍ତ୍ତନ କରି ବିଜେପିରେ ସାମିଲ ହୋଇଛନ୍ତି। ଉଜ୍ଜଳ ଗୁପ୍ତାଙ୍କ ବିଜେପିରେ ଯୋଗଦାନ ପରେ ଖଡ଼ିଆଳ ରାଜନୀତିରେ ଚର୍ଚ୍ଚା ଜୋର ଧରିଥିବା ବେଳେ, ଖଡ଼ିଆଳ ବିଧାୟକ ପୂର୍ବରୁ ସେ କଂଗ୍ରେସ ସଦସ୍ୟ ବୋଲି କହିଥିଲେ।ତେବେ ସାମ୍ବାଦିକ ସମ୍ମିଳନୀରେ ଖଡ଼ିଆଳ ବିଧାନସଭା ମଣ୍ଡଳୀ ପକ୍ଷରୁ କମଳ ଚରଣ ତାଣ୍ଡି କହିଥିଲେ ଯେ, ଉଜ୍ଜଳ ଗୁପ୍ତା କଂଗ୍ରେସର ସଦସ୍ୟ ନୁହଁନ୍ତି ଏବଂ ତାଙ୍କ ବିଜେପିରେ ଯୋଗଦାନ ସହ କଂଗ୍ରେସର କୌଣସି ସମ୍ପର୍କ ନାହିଁ।କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ, ଖଡ଼ିଆଳ ଅଞ୍ଚଳକୁ ୩,୩୮୩ଟି ଆବାସ ଘର ମଞ୍ଜୁର ହୋଇଥିବା ବେଳେ ଏହାର ବଣ୍ଟନ ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତି ହୋଇଥିବା ଅଭିଯୋଗ ରହିଛି। ଏହାର ନିରପେକ୍ଷ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି।

# ଓଡ଼ିଶା ସାହିତ୍ୟ ଏକାଡେମୀର ସର୍ବ୍ବକ୍ଷେତ୍ର ଦିବସରେ ସମ୍ମାନୀତ ହେବେ ଅର୍ପିତା ନାୟକ



ପାରଳାଖେମୁଣ୍ଡି,୨୦.୦୭ (ତାରିଣୀ ପ୍ରସାଦ ପଣ୍ଡା): ଓଡ଼ିଶା ସାହିତ୍ୟ ଏକାଡେମୀର ରାଜ୍ୟସ୍ତରୀୟ ସର୍ବ୍ବକ୍ଷେତ୍ର ଦିବସରେ ଗଜପତିର ଛାତ୍ରୀ ଅର୍ପିତା ନାୟକ ସମ୍ମାନୀତ ହେବେ ବୋଲି ସୂଚନା ମିଳିଛି। ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଆସନ୍ତା ଜୁଲାଇ ୨୫ ତାରିଖରେ ସର୍ବ୍ବକ୍ଷେତ୍ର ଦିବସ ଭୁବନେଶ୍ୱରରେ ପାଳନ କରାଯିବ। ଏହି ଅବସରରେ ରାଜ୍ୟର ସମସ୍ତ ଜିଲ୍ଲାରେ ବକ୍ତୃତା, କବିତା ଆବୃତ୍ତି, ପ୍ରବନ୍ଧ ରଚନା ଓ ସାଧାରଣ ଜ୍ଞାନ ଭଳି ବିଭିନ୍ନ ସାହିତ୍ୟଭିତ୍ତିକ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଗଜପତି ଜିଲ୍ଲାରେ ଆୟୋଜିତ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ କୃତକାର୍ଯ୍ୟ ଛାତ୍ରଛାତ୍ରୀମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଜିଲ୍ଲାକୁ ପ୍ରତିନିଧିତ୍ୱ କରିଥିଲେ। ସେମାନଙ୍କ ମଧ୍ୟରୁ ବରିଷ୍ଠ ବର୍ଗ ପ୍ରବନ୍ଧ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ଗଜପତି ଜିଲ୍ଲାକୁ ଗୌରବାନ୍ୱିତ କରିଛନ୍ତି ସୁଶ୍ରୀ ଅର୍ପିତା ନାୟକ, ଦଶମ ଶ୍ରେଣୀର ଛାତ୍ରୀ, ମହେନ୍ଦ୍ରତନାୟା ଆଶ୍ରମ ବିଦ୍ୟାଳୟ, ରାୟଗଡ଼ା ବ୍ଲକ୍। ଏହି ସଫଳତା ପାଇଁ ଆସନ୍ତା ଜୁଲାଇ ୨୫ ତାରିଖରେ ଭୁବନେଶ୍ୱରସ୍ଥିତ ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ସର୍ବ୍ବକ୍ଷେତ୍ର ଦିବସ କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ପକ୍ଷରୁ ତାଙ୍କୁ ସମ୍ମାନିତ କରାଯିବ।

# ୨୦୦୮-୨୦୧୮ ନିଯୁକ୍ତ ଅନୁଦାନପ୍ରାପ୍ତ କଲେଜ ଅଧ୍ୟାପକ କର୍ମଚାରୀଙ୍କୁ ଅନୁଦାନ ଦାବି

## OSNLEAର ଚେତାବନୀ: ଦାବି ପୂରଣ ନହେଲେ ରାଜ୍ୟବ୍ୟାପୀ ଆନ୍ଦୋଳନ ତୀବ୍ର ହେବ



କେନ୍ଦ୍ରାପଡ଼ା ୨୦/୭/(ଅଲେଖ ନାୟକ ) ରାଜ୍ୟରେ ୨୦୦୮ରୁ ୨୦୧୮ ମଧ୍ୟରେ ବେସରକାରୀ ଅନୁଦାନପ୍ରାପ୍ତ କଲେଜରେ ନିଯୁକ୍ତ ହୋଇଥିବା ଅଧ୍ୟାପକ ଓ କର୍ମଚାରୀଙ୍କୁ ତୁରନ୍ତ ଅନୁଦାନ ପ୍ରଦାନ କରିବା ଦାବି ଜୋରଦାର ହୋଇଛି। ଏହି ଦାବିକୁ ନେଇ ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ (OSNLEA) ରାଜ୍ୟ ସରକାରଙ୍କୁ ଶୀଘ୍ର ସକାରାତ୍ମକ ପଦକ୍ଷେପ ନେବାକୁ ଅନୁରୋଧ କରିଛି। ସଂଘ ପକ୍ଷରୁ ପ୍ରକାଶିତ ବିବୃତ୍ତିରେ କୁହାଯାଇଛି ଯେ, ୨୦୦୮ରୁ ୨୦୧୮ ମଧ୍ୟରେ ନିଯୁକ୍ତ ହୋଇଥିବା ଅଧ୍ୟାପକ ଓ କର୍ମଚାରୀମାନେ ଦୀର୍ଘ ବର୍ଷ ଧରି ସରକାରୀ ଅନୁଦାନରୁ ବଞ୍ଚିତ ହୋଇ ଆସୁଛନ୍ତି। ସରକାର ଅନ୍ୟାନ୍ୟ ବର୍ଗର କର୍ମଚାରୀଙ୍କ ପାଇଁ ବିଭିନ୍ନ ସୁବିଧା ଘୋଷଣା କରୁଥିବା ବେଳେ, ଏହି ବର୍ଗର ଶିକ୍ଷକ ଓ କର୍ମଚାରୀଙ୍କ ପ୍ରତି ଅବହେଳା ପ୍ରଦର୍ଶନ କରାଯାଉଥିବାରୁ ହଜାର ହଜାର ପରିବାର ଆର୍ଥିକ ଓ ସାମାଜିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। OSNLEAର କହିବା ଅନୁସାରେ, ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ଶିକ୍ଷକଙ୍କ ମନୋବଳ ବୃଦ୍ଧି ପାଇଁ ୨୦୦୮୨୦୧୮ ମଧ୍ୟରେ ନିଯୁକ୍ତ ସମସ୍ତ ଅଧ୍ୟାପକ ଓ କର୍ମଚାରୀଙ୍କୁ ଅତିଶୀଘ୍ର ଅନୁଦାନ ପ୍ରଦାନ କରାଯିବା ଆବଶ୍ୟକ। ଦାବି ପୂରଣ ନହେଲେ ଆଗାମୀ ଦିନରେ ରାଜ୍ୟବ୍ୟାପୀ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ସଂଘ ପକ୍ଷରୁ ସତର୍କ କରାଯାଇଛି। ଏହି ଦାବିକୁ ନେଇ ସଂଘର ବିଭିନ୍ନ ପଦାଧିକାରୀ ଓ ସଦସ୍ୟମାନେ ଏକମତ ପ୍ରକାଶ କରିଛନ୍ତି। ସେମାନଙ୍କ ମଧ୍ୟରେ ବାପୁଜୀ ମହାପାତ୍ର, ପ୍ରଶାନ୍ତ ବେହେରା, ନଳିନୀକାନ୍ତ ମହାନ୍ତି, ଅଭିନାଶ ପାତ୍ର, ଦମୟନ୍ତୀ ପରିଡ଼ା, ରତ୍ନାକର ସେଠୀ, ପ୍ରତାପ କୁମାର ପ୍ରଧାନ, ସତ୍ୟରଞ୍ଜନ ନାୟକ, ପ୍ରଭାକର ମଲ୍ଲିକ, ମୃତ୍ୟୁଞ୍ଜୟ ମହାନ୍ତି, ଗୌତମ ଚରଣ ଜେନା, ମୋନାଲିଶା ସାହୁ ଏବଂ ଜ୍ୟୋତିର୍ମୟୀ ନାଥଶର୍ମା ପ୍ରମୁଖ ଉପସ୍ଥିତ ରହି ସରକାରଙ୍କୁ ତୁରନ୍ତ ଅନୁଦାନ ପ୍ରଦାନ ପାଇଁ ଦୃଢ଼ ଦାବି ଜଣାଇଛନ୍ତି।

## ନୂଆପଡ଼ା ଅବକାରୀ ବିଭାଗର ଚଢ଼ାଉ

# ୧୬ କିଲୋଗ୍ରାମ ଗଞ୍ଜେଇ ଜବତ, ଦୁଇ ଅଭିଯୁକ୍ତ ଗିରଫ

ନୂଆପଡ଼ା, ୨୦/୦୭ ( ଅକ୍ଷର ଓଡିଶା )ନୂଆପଡ଼ା ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ଆଜି ଚଢ଼ାଉ କରାଯାଇ ଏନ୍‌ଡିପିଏସ୍ (NDPS) ଆଇନ ଅନ୍ତର୍ଗତ ଦୁଇଟି ପୃଥକ ମାମଲା ରୁଜୁ କରାଯିବା ସହ ମୋଟ ୧୬ କିଲୋଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଏହି ଘଟଣାରେ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।ପ୍ରଥମ ଘଟଣାରେ ଖଡ଼ିଆର ରୋଡ଼ ସ୍ଥିତ ସ୍ୱସ୍ତିକ ଲଜ୍ ସମ୍ମୁଖରେ ଚଢ଼ାଉ କରାଯାଇ ଜଣେ ବ୍ୟକ୍ତିଙ୍କ ନିକଟରୁ ୧୦ କିଲୋଗ୍ରାମ ଗଞ୍ଜେଇ ଜବତ କରାଯାଇଥିଲା। ଏହି ମାମଲାରେ କନ୍ଧମାଳ ଜିଲ୍ଲାର ପୂର୍ଣ୍ଣଚନ୍ଦ୍ର କଁହର (୨୯)ଙ୍କୁ ଗିରଫ କରାଯାଇଛି। ନୂଆପଡ଼ା ଅବକାରୀ ରେଞ୍ଜର ଇନ୍ସପେକ୍ଟର ହୀରାବତୀ ଠାଟି ପି.ଆର୍. ନଂ୯୨/୨୬-୨୭ ଅନୁଯାୟୀ ଏନ୍‌ଡିପିଏସ୍ ଆଇନ, ୧୯୮୫ର ଧାରା ୨୦(ବି)(ସସ)(ବି) ଅନୁସାରେ ମାମଲା ରୁଜୁ କରିଥିଲେ।ଦ୍ୱିତୀୟ ଘଟଣାରେ ଖଡ଼ିଆର ରୋଡ଼ ରେଳ ଷ୍ଟେସନ ରାସ୍ତା ନିକଟରେ ଚଢ଼ାଉ କରାଯାଇ ଜଣେ ବ୍ୟକ୍ତିଙ୍କ ନିକଟରୁ ୬ କିଲୋଗ୍ରାମ ଗଞ୍ଜେଇ ଜବତ କରାଯାଇଥିଲା। ଏହି ଘଟଣାରେ କନ୍ଧମାଳ ଜିଲ୍ଲାର ସୁଫଳ କଁହର (୨୬)ଙ୍କୁ ଗିରଫ କରାଯାଇଛି। ନୂଆପଡ଼ା ଅବକାରୀ ଥାନାର ଭାରପ୍ରାପ୍ତ ଅଧିକାରୀ ସିଦ୍ଧାନ୍ତ ପାତ୍ର ପି.ଆର୍. ନଂ୧୧୩/୨୬-୨୭ ଅନୁଯାୟୀ ଏନ୍‌ଡିପିଏସ୍ ଆଇନ, ୧୯୮୫ର ଧାରା ୨୦(ବି)(ସସ)(ବି) ଅନୁସାରେ ମାମଲା ରୁଜୁ କରିଥିଲେ। ଉଭୟ ଅଭିଯୁକ୍ତଙ୍କୁ ନ୍ୟାୟାଳୟରେ ହାଜର କରାଯାଇଥିବାବେଳେ ଜିଲ୍ଲା ଓ ଦୌରା ଜଜ୍‌ଙ୍କ ଆଦେଶକ୍ରମେ ସେମାନଙ୍କୁ ନ୍ୟାୟିକ ହାଜତକୁ ପଠାଯାଇଛି।

## AFFIDAVIT

By virtue of An Affidavit sworn Before Executive Magistrate-Cum Tahasildar Patrapura, Ganjam, Dt-04-07-2026, Affidavit No-81AA 414299, I JAKAM BENU, W/O-Yendrapati Praveen, D/O-Jakam Syamanath, At- Khandadeuli , Po- Khambarigam, Ps-Jarada, Dist-Ganjam, Odisha Pin-761006, curently residing At-Bhyripuram, Po-Dolagobindapuram, Ps-Kanchili, Dist-Srikakulam, Andhraprades, Pin-532291, Declare that I wholly renounce and abandon the former Name JAKAM BENU (Old Name ) ,in the place of new Name JAKKAM VENU (new name ) , Henceforth, He shall be known as JAKKAM VENU for all purposes JAKAM BENU and JAKKAM VENU is one and same person.

—AO-A-26/152—




**ଚୌଧୁରୀ ରମାକାନ୍ତ ଦାସ**
ମୁଖ୍ୟ ସମ୍ପାଦକ, ଅକ୍ଷର ଓଡ଼ିଶା
ଅବସରପ୍ରାପ୍ତ ଯୁଗ୍ମ ସଚିବ
ରାଜ୍ୟସଭା, ସଂସଦ ଭବନ
ନୂଆଦିଲ୍ଲୀ - ୧୧୦୦୦୧


## ମୁଖ୍ୟ ସମ୍ପାଦକଙ୍କ କଲମରୁ

# ବିଶ୍ୱରେ ଇନ୍ଧନ ମୂଲ୍ୟ ଆକାଶ ଛୁଆଁ

ପଶ୍ଚିମ ଏସିଆରେ ସଂଘର୍ଷ ସ୍ଥିତି କାରଣରୁ ବିଶ୍ୱରେ ଇନ୍ଧନ ମୂଲ୍ୟ ଆକାଶ ଛୁଆଁ ହୋଇଛି । ଅଶୋଧିତ ତୈଳ ମୂଲ୍ୟ ବ୍ୟାରେଲ୍ ପିଛା ୧୨୦ ଡଲାରରେ ପହଞ୍ଚିଛି । ତେବେ ହୋର୍ମୁଜ୍ ପ୍ରଣାଳୀ ବିଶ୍ୱ ପାଇଁ ଚିନ୍ତାର କାରଣ ହୋଇଛି । ଯୁଦ୍ଧ କାରଣରୁ ଇନ୍ଧନ ପରିବହନ ଲାଗି ଉଦ୍ଦିଷ୍ଟ ଏହି ଗୁରୁତ୍ୱପୂର୍ଣ୍ଣ ମାର୍ଗ ଦେଇ ବିଶ୍ୱର ମାତ୍ର ଏକ ପଞ୍ଚମାଂଶ ଅଶୋଧିତ ତୈଳ ଆସିପାରୁଛି । ହୋର୍ମୁଜ୍ ପ୍ରଣାଳୀ ଭାରତର ଇନ୍ଧନ ଆମଦାନୀ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଥିଲେ ବି ବର୍ତ୍ତମାନ ଦେଶରେ ସ୍ଥିତି ନିୟନ୍ତ୍ରଣାଧୀନ ରହିଛି । ଗତ ୧୧ ବର୍ଷ ମଧ୍ୟରେ ଭାରତ ସକ୍ରିୟ ଭାବେ ନିଜର ଇନ୍ଧନ ଆମଦାନୀ ଉତ୍ସକୁ ବିବିଧ କରିବା ସହିତ ଘରୋଇ ଅକ୍ଷୟ ଶକ୍ତି କ୍ଷମତାକୁ ବ୍ୟାପକ ପ୍ରୋତ୍ସାହନ ଦେବା ଫଳରେ ସାମ୍ପ୍ରତିକ ସଂକଟ ମୁକାବିଲାରେ ସକ୍ଷମ ହୋଇପାରିଛି ।

ଏକ ଦଶନ୍ଧି ପୂର୍ବରୁ ଏପରି ସଂକଟ ଉପୁଜିଥିଲେ ସ୍ଥିତି ଭିନ୍ନ ହୋଇଥା'ନ୍ତା । କାରଣ ସେତେବେଳେ ଏହି ସଂକଟଗ୍ରସ୍ତ ମାର୍ଗକୁ ବାଦ୍ ଦେଲେ ଇନ୍ଧନ ଆମଦାନୀର ଅନ୍ୟ କୌଣସି ମାର୍ଗ ପ୍ରାୟ ନଥିଲା । ସୁତରାଂ, ଭାରତରେ ପେଟ୍ରୋଲ୍ ଓ ଡିଜେଲ୍ ଦର ଆକାଶଛୁଆଁ ବୃଦ୍ଧି ପାଇଥା'ନ୍ତା । ହେଲେ ବର୍ତ୍ତମାନ ଅନ୍ୟ ଦେଶ ତୁଳନାରେ ଭାରତ ଭଲ ସ୍ଥିତିରେ ରହିଛି । ଜାପାନ ଏବେ ଉଚ୍ଚ ଋଣ କାରଣରୁ ଚାପଗ୍ରସ୍ତ ରହିଛି । ଗ୍ୟାସ ଉପରେ ଅତ୍ୟଧିକ ନିର୍ଭରଶୀଳ ବ୍ରିଟେନରେ ଦରଦାମ ବୃଦ୍ଧି ପାଇଛି । ଇଜିପ୍ଟ ଓ ତୁର୍କୀ ମଧ୍ୟ ଦରବୃଦ୍ଧି ସମସ୍ୟାରେ ପଡ଼ିଛନ୍ତି । ସିଙ୍ଗାପୁରରେ ବିଦ୍ୟୁତ ଓ ପେଟ୍ରୋଲ ମୂଲ୍ୟ ବୃଦ୍ଧି ଘଟିଛି । ଦକ୍ଷିଣ କୋରିଆ ତିନି ଦଶନ୍ଧି ମଧ୍ୟରେ ପ୍ରଥମ ଥର ପାଇଁ ଆର୍ଥିକ ସ୍ଥିରତା ବଜାୟ ରଖିବା ଲାଗି ଇନ୍ଧନ ମୂଲ୍ୟ ସୀମା ନିର୍ଦ୍ଧାରଣ କରିଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସରକାର ଗତ ଏକ ଦଶନ୍ଧି ମଧ୍ୟରେ ଇନ୍ଧନ ଉତ୍ସକୁ ବିବିଧ କରିବା ସହିତ ଘରୋଇ କ୍ଷମତାକୁ ବଢ଼ାଇବା ଲାଗି ନିରନ୍ତର ପ୍ରୟାସ କରି ଆସୁଛନ୍ତି । ବହୁପକ୍ଷୀୟ କୂଟନୀତି ମାଧ୍ୟମରେ ଭାରତ ନିଜର ଅଶୋଧିତ ତୈଳ ଆମଦାନୀ ଉତ୍ସର ନେଟୱାର୍କକୁ ୨୭ଟି ଦେଶରୁ ବ ?ାଇ ୪୦ରେ ପହଞ୍ଚାଇଛି । ଫଳରେ ଗୋଟିଏ କ୍ଷେତ୍ର ଉପରେ ନିର୍ଭରଶୀଳତା ହ୍ରାସ ପାଇଛି । ଏହାଦ୍ୱାରା ଭାରତ ଭଲ ସ୍ଥିତିରେ ରହିଛି । ଏହାବ୍ୟତୀତ ଭାରତ ନିଜର ଘରୋଇ ଶକ୍ତି କ୍ଷମତାକୁ ମଧ୍ୟ ବ ?ାଇଛି । ଗତ ୧୧ ବର୍ଷ ମଧ୍ୟରେ ଦେଶର ମୋଟ୍ ବିଦ୍ୟୁତ କ୍ଷମତା ଦୁଇଗୁଣରୁ ଅଧିକ ବୃଦ୍ଧି ପାଇ ୫୨୦ ଗିଗାୱାଟରେ ପହଞ୍ଚିଛି । ଅଣଜୀବାଶ୍ମ ଉତ୍ସରୁ ବିଦ୍ୟୁତ ଉତ୍ପାଦନ ମଧ୍ୟ ବ ?ିଛି । ପିଏମ୍ ସୂର୍ଯ୍ୟ ଘର ମୁଫତ୍ ବିଜଳି ଯୋଜନାରେ ଏକ କୋଟି ପରିବାରକୁ ଛାତ ଉପରେ ସୌର ଶକ୍ତି ପ୍ୟାନେଲ୍ ସ୍ଥାପନ ପାଇଁ ସହାୟତା ଯୋଗାଇ ଦିଆଯାଉଛି । ଏହା ଲୋକଙ୍କ ବିଦ୍ୟୁତ ବିଲ୍ ସଞ୍ଚୟ କରିବା ସହିତ ଆର୍ଥିକ ଏବଂ ପରିବେଶଗତ ଲାଭ ମଧ୍ୟ ପହଞ୍ଚାଉଛି ।

# ପିତା ଅନୁଭୂତିରୁ ହିଁ ମିଳେ ଜୀବନର ଶ୍ରେଷ୍ଠ ଶିକ୍ଷା

ଜର୍ମାନ ଦାର୍ଶନିକ ଫ୍ରେଡ୍ରିକ୍ ନିତଶେ କହିଥିଲେ, 'ଯାହା ମୋତେ ମାରିପାରେ ନାହିଁ, ତାହା ମୋତେ ଅଧିକ ଶକ୍ତିଶାଳୀ କରିଥାଏ ।' ଏହି ଗୋଟିଏ ଧାଡ଼ିର ବାକ୍ୟ ଭିତରେ ଜୀବନର ସମଗ୍ର ସତ୍ୟ ଲୁଚି ରହିଛି । ଜୀବନ କେବେ ବି ଏକ ଗୋଲାପ ଶେଯ ନୁହେଁ । ଏହା ସଫଳତା ଓ ବିଫଳତା, ଆନନ୍ଦ ଓ ନିରାଶାର ଏକ ମିଶ୍ରିତ ଯାତ୍ରା । ସୁଖର ମୁହୂର୍ତ୍ତଗୁଡ଼ିକ ଆମକୁ ସୁରକ୍ଷିତ ଅନୁଭବ କରାଇଥାଏ ସତ, କିନ୍ତୁ ଦୁଃଖ ଓ କଠିନ ପରିସ୍ଥିତି ହିଁ ଆମକୁ ନିଜ ବିଷୟରେ ଏବଂ ସମଗ୍ର ବିଶ୍ୱ ବିଷୟରେ ସବୁଠାରୁ ଅର୍ଥପୂର୍ଣ୍ଣ ଶିକ୍ଷା ଦେଇଥାଏ । ଆମେ ସଫଳତା ବେଳେ ଗର୍ବିତ ହେଉ, କିନ୍ତୁ ବିଫଳତା ବେଳେ ହିଁ ଆମେ ଧୈର୍ଯ୍ୟ, ନମ୍ରତା ଏବଂ ପ୍ରଜ୍ଞା ଶିଖିଥାଉ । ପ୍ରତିକୂଳ ପରିସ୍ଥିତି ବାସ୍ତବରେ ସେହି ଶିକ୍ଷକ, ଯିଏ ଆମ ଚରିତ୍ରକୁ ଗଢ଼ିଥାଏ ଏବଂ ଜଣେ ବ୍ୟକ୍ତି ଭାବରେ ଆମର ବିକାଶ କରେ ।

ବିଶ୍ୱର ପ୍ରାୟ ସମସ୍ତ ଦର୍ଶନଶାସ୍ତ୍ରରେ ଯନ୍ତ୍ରଣାକୁ ମାନବୀୟ ଅଭିବୃଦ୍ଧିର ଏକ ଅପରିହାର୍ଯ୍ୟ ଅଂଶ ଭାବରେ ଗ୍ରହଣ କରାଯାଇଛି । ଭାରତୀୟ ଦର୍ଶନରେ 'ତପସ୍ୟା'ର ଅବଧାରଣା ଏହାର ଏକ ଜ୍ୱଳନ୍ତ ଉଦାହରଣ । କଠିନ ପରିଶ୍ରମ ଓ ଯନ୍ତ୍ରଣାକୁ ସହି ସ୍ପିରିଚୁଆଲ୍ ବା ଆଧ୍ୟାତ୍ମିକ ଜ୍ଞାନ ଆହରଣ କରିବା ହିଁ ତପସ୍ୟା । ଶ୍ରୀମଦ୍ ଭଗବଦ୍ ଗୀତାରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଶିକ୍ଷା ଦେଇଛନ୍ତି ଯେ ସଂଘର୍ଷ ଏବଂ ଆତ୍ମ-ନିୟନ୍ତ୍ରଣ ଆତ୍ମାକୁ ପବିତ୍ର କରେ ଏବଂ ଜ୍ଞାନର ପଥ ପ୍ରଶସ୍ତ କରେ । ସେହିପରି ବୌଦ୍ଧ ଧର୍ମରେ 'ଦୁଃଖ'କୁ ଜୀବନର ପ୍ରଥମ ସତ୍ୟ ଭାବେ ସ୍ୱୀକାର କରାଯାଇଛି । ବୁଦ୍ଧଙ୍କ ଅନୁଯାୟୀ, ଦୁଃଖକୁ ବୁଝିବା ଏବଂ ତାକୁ ଅତିକ୍ରମ କରିବା ଦ୍ୱାରା ହିଁ ନିର୍ବାଣ ବା ମୋକ୍ଷ ପ୍ରାପ୍ତି ହୁଏ । ପାଶ୍ଚାତ୍ୟର ଷ୍ଟୋଇକ୍ ଦାର୍ଶନିକମାନେ ମଧ୍ୟ ବିଶ୍ୱାସ କରୁଥିଲେ ଯେ କଠିନ ପରିସ୍ଥିତି କୌଣସି ଦଣ୍ଡ ନୁହେଁ, ବରଂ ଏହା ସାହସ ଓ ସନ୍ତୋଷ ବୃଦ୍ଧି କରିବାର ଏକ ସୁଯୋଗ । ଏହି ସମସ୍ତ ଚିନ୍ତାଧାରାର ମୂଳକଥା ହେଲା, ଯନ୍ତ୍ରଣା ଆମ ଚେତନାକୁ ଉନ୍ନତ କରିଥାଏ । ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ ଦେଖିଲେ, ମଣିଷ ତାର ଆବେଗପୂର୍ଣ୍ଣ ଅନୁଭୂତିରୁ ସବୁଠାରୁ ଗଭୀର ଶିକ୍ଷା ଲାଭ କରେ । ପିତା ବା କଷ୍ଟଦାୟକ ଅନୁଭୂତିଗୁଡ଼ିକ ଆମର ପୂର୍ବ ଧାରଣାଗୁଡ଼ିକୁ ଭାଙ୍ଗି ଦିଏ ଏବଂ ଆମକୁ ଆତ୍ମସମୀକ୍ଷା କରିବାକୁ ବାଧ୍ୟ କରେ । ଯେତେବେଳେ ଆମେ ବିଫଳ ହେଉ, ଆମେ ନିଜର ନିଷ୍ପତ୍ତି ଓ ଦକ୍ଷତା ଉପରେ ପ୍ରଶ୍ନ କରୁ, ଯାହା ଆମକୁ ସଂଶୋଧନ ହେବାର ସୁଯୋଗ ଦିଏ । ଆଧୁନିକ ମନୋବିଜ୍ଞାନରେ ଏହାକୁ 'ପୋଷ୍ଟ-ଟ୍ରମାଟିକ୍ ଗ୍ରୋଥ୍' ବୋଲି କୁହାଯାଏ । ଗବେଷଣା ଅନୁଯାୟୀ, ଯେଉଁମାନେ ନିଜ ଜୀବନରେ ବଡ଼ ଆଘାତ, ରୋଗ କିମ୍ବା କ୍ଷତି ସହିଥାନ୍ତି, ସେମାନେ ପରବର୍ତ୍ତୀ ସମୟରେ ଅଧିକ ସହନଶୀଳ, କୃତଜ୍ଞ ଏବଂ କରୁଣାବାନ୍ ହୋଇଥାନ୍ତି । ଯନ୍ତ୍ରଣାଦାୟକ ସ୍ମୃତି ମସ୍ତିଷ୍କରେ ଏକ ଗଭୀର ଚିହ୍ନ ଛାଡ଼ିଯାଏ, ଯାହା ଶିକ୍ଷାକୁ ଅଭୁଲା କରିଦିଏ । ଜଣେ ଜ୍ଞାନୀ ବ୍ୟକ୍ତି ତାର ବନ୍ଧୁଙ୍କ ଅପେକ୍ଷା ତାର ଶତ୍ରୁ କିମ୍ବା ତାର ଖରାପ ସମୟରୁ ଅଧିକ ଶିକ୍ଷା ଗ୍ରହଣ କରେ ।

ଇତିହାସ ଏବଂ ସାଧାରଣ ଜୀବନ ଏଭଳି ଉଦାହରଣରେ ପରିପୂର୍ଣ୍ଣ । ଆବ୍ରାହମ୍ ଲିଙ୍କନ୍ ବ୍ୟବସାୟ, ପ୍ରେମ ଏବଂ ରାଜନୀତିରେ ବାରମ୍ବାର ବିଫଳ ହୋଇଥିଲେ । କିନ୍ତୁ ପ୍ରତିଟି ବିଫଳତା ତାଙ୍କୁ ଜଣେ ଦୃଢ଼ ନେତୃତ୍ୱ ନେବାର ଶକ୍ତି ପ୍ରଦାନ କରିଥିଲା । ଷ୍ଟିଭ୍ ଜବ୍ସ ନିଜ ଦ୍ୱାରା ପ୍ରତିଷ୍ଠିତ କମ୍ପାନୀ 'ଆପଲ୍'ରୁ ବାହାର କରିଦିଆଯାଇଥିଲା, କିନ୍ତୁ ସେହି ଅପମାନ ତାଙ୍କୁ ପରବର୍ତ୍ତୀ ସମୟରେ ଅଧିକ ସଫଳ ଏବଂ କଳ୍ପନାଶୀଳ କରିଥିଲା । ଏପରିକି ଧୀରୁଭାଇ ଅମ୍ବାନୀଙ୍କ ସଂଘର୍ଷର କାହାଣୀ ମଧ୍ୟ ପ୍ରମାଣ କରେ ଯେ ପ୍ରତିକୂଳ ପରିସ୍ଥିତି କିଛି ଲୋକଙ୍କୁ ଭାଙ୍ଗି ଦିଏ ତ କିଛି ଲୋକଙ୍କ ଦ୍ୱାରା ରେକର୍ଡ ଭଙ୍ଗାଏ । ଜଣେ ବ୍ୟକ୍ତି ଯିଏ ରୋଗ ସହିତ ଲଢ଼ିଛି, ସେ ସ୍ୱାସ୍ଥ୍ୟର ମୂଲ୍ୟ ବୁଝେ । ଯିଏ ଏକାକୀପଣ ସହିଛି, ସେ ବନ୍ଧୁତ୍ୱର ମହତ୍ତ୍ୱ ବୁଝେ । ହେଲେନ୍ କେଲର୍ ଠିକ୍ କହିଥିଲେ, 'ଚରିତ୍ରକୁ ସୁଖ ଓ ଶାନ୍ତି ମଧ୍ୟରେ ଗଢ଼ାଯାଇପାରିବ ନାହିଁ । କେବଳ ପରୀକ୍ଷା ଓ ଯନ୍ତ୍ରଣାର ଅନୁଭୂତି ମାଧ୍ୟମରେ ଆତ୍ମା ଶକ୍ତିଶାଳୀ ହୁଏ ।' କେବଳ ବ୍ୟକ୍ତି ନୁହେଁ, ସମାଜ ମଧ୍ୟ ପିତା ଅନୁଭୂତିରୁ ବିକଶିତ ହୁଏ । ଯେତେବେଳେ କୌଣସି ସାମାଜିକ ସଙ୍କଟ ଦେଖାଦିଏ, ସେତେବେଳେ ସଂସ୍କାରର ଆବଶ୍ୟକତା ପଡ଼େ । ଭାରତରେ ୧୯୭୫-୭୭ର ଜରୁରୀକାଳୀନ ପରିସ୍ଥିତି ଆମକୁ ଗଣତନ୍ତ୍ର ଓ ସ୍ୱାଧୀନତାର ମୂଲ୍ୟ ଶିଖାଇଥିଲା । ୧୯୮୪ର ଭୋପାଳ ଗ୍ୟାସ ଟ୍ରାଜେଡି ଶିଳ୍ପ ନିରାପତ୍ତା ଆଇନକୁ କଠୋର କରିବାକୁ ବାଧ୍ୟ କରିଥିଲା । ସେହିପରି ୨୦୧୨ର ନିର୍ଭୟା କାଣ୍ଡ ପରେ ମହିଳା ସୁରକ୍ଷା ପାଇଁ ଦେଶରେ ବ୍ୟାପକ ଆଇନଗତ ସଂସ୍କାର ଆସିଲା । ଅର୍ଥନୈତିକ କ୍ଷେତ୍ରରେ ୧୯୯୧ରେ ଆର୍ଥିକ ସଙ୍କଟ ଭାରତକୁ ତାର ଅର୍ଥନୀତି ଖୋଲିବାକୁ (Liberalization) ବାଧ୍ୟ କରିଥିଲା, ଯାହା ଦେଶର ବିକାଶର ପଥ ବଦଳାଇ ଦେଲା । ବିଶ୍ୱସ୍ତରରେ ଦୁଇଟି ମହାଯୁଦ୍ଧର ବିନାଶ ପରେ ହିଁ ମିଳିତ ଜାତିସଂଘ ପରି ସଂସ୍ଥା ଗଠନ ହେଲା ଏବଂ ଶାନ୍ତିର ମୂଲ୍ୟ ମଣିଷ ବୁଝିଲା । କୋଭିଡ-୧୯ ମହାମାରୀ ଆମକୁ ବିଶ୍ୱ ସମାନତା ଏବଂ ସ୍ୱାସ୍ଥ୍ୟ ଭିତ୍ତିଭୂମିର ମହତ୍ତ୍ୱ ଶିଖାଇଛି । ଭାରତୀୟ ପରିପ୍ରେକ୍ଷୀରେ ୧୯୪୭ର ଦେଶ ବିଭାଜନ ଏକ ଅତି ଯନ୍ତ୍ରଣାଦାୟକ ଅନୁଭୂତି ଥିଲା । କିନ୍ତୁ ସେହି ଦୁଃଖରୁ ହିଁ ଧର୍ମନିରପେକ୍ଷତା ଏବଂ ବିବିଧତା ମଧ୍ୟରେ ଏକତାର ସଂକଳ୍ପ ଜନ୍ମ ନେଇଥିଲା । ଡକ୍ଟର ବି.ଆର. ଆମ୍ବେଦକର ନିଜେ ଜାତିଗତ ଭେଦଭାବର ଶିକାର ହୋଇଥିଲେ, କିନ୍ତୁ ସେହି ପିତା ଅନୁଭୂତି ତାଙ୍କୁ ଏକ ସମାନତାଭିତ୍ତିକ ସମ୍ବିଧାନ ଗଢ଼ିବାକୁ ପ୍ରେରଣା ଦେଇଥିଲା । ଏହି ସମସ୍ତ ଘଟଣା ପ୍ରମାଣ କରେ ଯେ ଯନ୍ତ୍ରଣା ଯେତେବେଳେ ସାମୂହିକ ହୁଏ, ତାହା ସଂସ୍କାରର ବାଟ ଫିଟାଏ । କିନ୍ତୁ ଏଠାରେ ମନେ ରଖିବାକୁ ହେବ ଯେ ସବୁ ଯନ୍ତ୍ରଣା ଆପେ ଆପେ ଜ୍ଞାନ ଦିଏ ନାହିଁ । ଯନ୍ତ୍ରଣାକୁ ଶିକ୍ଷାରେ ପରିଣତ କରିବା ପାଇଁ ସଚେତନତା ଓ ଚିନ୍ତନର ଆବଶ୍ୟକତା ଅଛି । ଆମକୁ 'ରିଫ୍' (REAF) ମଡେଲ୍ ଆପଣାଇବାକୁ ହେବ ଘଟଣାକୁ ଗ୍ରହଣ କରିବା (Record), ସେଥିରୁ ଶିକ୍ଷା ବାହାର କରିବା (Extract), ନିଜ ବ୍ୟବହାରରେ ପରିବର୍ତ୍ତନ ଆଣିବା (Adapt) ଏବଂ ତାକୁ ଅନୁସରଣ କରିବା (Follow through) । ଏହା ମଧ୍ୟ ସତ୍ୟ ଯେ ପ୍ରତିକୂଳ ପରିସ୍ଥିତି ସବୁବେଳେ ଅଭିବୃଦ୍ଧି ଆଣେ ନାହିଁ । କେତେକ କ୍ଷେତ୍ରରେ ଅତ୍ୟଧିକ ଦୁଃଖ ବା ଦାରିଦ୍ର୍ୟ ମଣିଷକୁ ହତାଶ ବା ନିଷ୍ଠୁର କରିଦିଏ । ତେଣୁ ସମାଜରେ ପରାମର୍ଶ, ଶିକ୍ଷା ଏବଂ ସାମାଜିକ ନ୍ୟାୟର ଆବଶ୍ୟକତା ରହିଛି ଯାହା ଦ୍ୱାରା ଯନ୍ତ୍ରଣାକୁ ପ୍ରଗତିରେ ପରିଣତ କରାଯାଇପାରିବ । ଯନ୍ତ୍ରଣାକୁ କେବେ ବି ଗୌରବମୟ କରାଯିବା ଉଚିତ ନୁହେଁ, ବରଂ ଲକ୍ଷ୍ୟ ହେବା ଉଚିତ ସେଥିରୁ ଶିକ୍ଷା ଲାଭ କରି ଭବିଷ୍ୟତରେ ସେହି କଷ୍ଟକୁ ପ୍ରତିରୋଧ କରିବା ।

**- ଯଶ୍ୱିନ୍ ମେହେର**, ଭୁବନେଶ୍ୱର

# ସେ ଯେ କମ୍ବୁ କଟକର ରାଜା

ଚାରିଧାମ ଭିତରେ ଅନ୍ୟତମ ତୀର୍ଥଧାମ ହେଉଛି ପୁରୀ ଧାମ..... ପୁରୁଷୋତମଧାମ, ଶଙ୍ଖକ୍ଷେତ୍ର ଓ ଶ୍ରୀକ୍ଷେତ୍ର ।

ଏହା ପ୍ରଭୁଙ୍କର ନିତ୍ୟଲୀଳା ସ୍ଥଳୀ ଭାବେ କଥିତ ଅଛି । ଭାରତର ଉତର ଦିଗରେ ବଦ୍ରିନାଥ- ସ୍ନାନପୀଠ, ପଶ୍ଚିମରେ ଦ୍ୱାରିକା ବେଶ ଭୂଷା ପୀଠ, ଦକ୍ଷିଣରେ ରାମେଶ୍ୱରଠାରେ ଶୟନପୀଠ ଓ ପୂର୍ବରେ ପୁରୁଷୋତମରେ ଭୋଜନ ପୀଠ ରୂପେ ବିରାଜିତ । ସ୍କନ୍ଦପୁରାଣରେ ଉଲ୍ଲେଖିତ ହୋଇଛି ଯେ, ସ୍ୱଙ୍ଗ ଭଗବାନ ଏହି କ୍ଷେତ୍ରରେ ଦଶବତାର ହୋଇଥିଲେ । କଥାରେ ଅଛି ତୀର୍ଥମୟୀ ଶ୍ରୀକ୍ଷେତ୍ର । ସେଇ ଶତଶତ ତୀର୍ଥ ମଧ୍ୟରେ ପଞ୍ଚତୀର୍ଥର ଆଧ୍ୟାତ୍ମିକ ପୁରାଣ ରହିଛି । କୁହାଯାଏ ପୂର୍ବ ପୁରୁଷଙ୍କୁ ପିଣ୍ଡଦାନ କଲେ ସେମାନଙ୍କର ଆତ୍ମା ମୁକ୍ତି ଲାଭ କରିଥାଏ । ପଞ୍ଚତୀର୍ଥଗୁଡ଼ିକର ନାମ ହେଲା - (୧) ମାର୍କଣ୍ଡେୟ, (୨) ଶ୍ୱେତଗଙ୍ଗା, (୩) ରୋହିଣୀକୁଣ୍ଡ, (୪) ମହୋଦଧି, (୫) ଇନ୍ଦ୍ରଦ୍ୟୁମ୍ନ ସରୋବର ।

''ପ୍ରେମ ଭକ୍ତି ଗୀତା''ରେ ବଳରାମ ଦାସ ଲେଖିଛନ୍ତି:-

''ଦେଖ ଦେଖ ଏ ନୀଳାଚଳ
ସକଳତୀର୍ଥଙ୍କର ଆଳ
ଗୋପ ମଥୁରା ବୃନ୍ଦାବନ
ଦ୍ୱାରିକା ଆଦି ଯେତେ ସ୍ଥାନ
ସକଳ ଏଇ ସ୍ଥାନ ପାଇ
ଆବର କାଶି ମଧ୍ୟ ହୋଇ
କୋଟିଏ ତୀର୍ଥ ଏ କ୍ଷେତ୍ରରେ - ମହିମା କହିଲେ ନସରେ ।''

ଜଗନ୍ନାଥ ଧାମରେ ଜାତି ଭେଦ ନାହିଁ - ବିଶ୍ୱର ସକଳ ଧର୍ମ ଶାସ୍ତ୍ରର ସାରତତ୍ୱ ଶ୍ରୀଜଗନ୍ନାଥ ସଂସ୍କୃତିରେ ଅନୁଭବନୀୟ । କିନ୍ତୁ ଏହି ସଂସ୍କୃତି କୌଣସି ଧର୍ମଧାରାରେ ସୀମା ବନ୍ଦ ନୁହେଁ । ଏଥିରେ କୌଣସି ଆଂଚଳିକତାର ସକୀର୍ଣ୍ଣତା ନାହିଁ ।

ବ୍ରହ୍ମ ପୁରାଣ ମତରେ ଏହି ପରମ ରମଣୀୟ କ୍ଷେତ୍ରଟି ଥିଲା ଚତୁର୍ବର୍ଣ୍ଣ ଓ ଚତୁରାଶ୍ରମମାନଙ୍କର ପ୍ରିୟତମ ବିଜୟ ଭୂଇଁ । ଯେଉଠାରେ ଚଉବର୍ଗ ଫଳଦାତା ଚଉବାହା ବିରାଜିତ, ସେଠାରେ ଚତୁବର୍ଗ ଫଳପ୍ରାପ୍ତି ହୋଇଥାଏ । ଶ୍ରୀକ୍ଷେତ୍ରର ମହତ୍ୱ ହେଉଛି ସର୍ବଗୁଣ, ସର୍ବଧର୍ମ, ସର୍ବବିଦ୍ୟା ଚର୍ଚ୍ଚାର ପବିତ୍ର ଭୂଇଁ । ଏଠାରେ ଗୃହସ୍ଥ, ବ୍ରହ୍ମଚାରୀ, ବାନପ୍ରସ୍ଥୀ ସକଳ ମଣିଷର ସମାନ ଅଧିକାର ।

ପ୍ରଭୁଙ୍କର ଦର୍ଶନାଭିଳାଷୀ ଥିଲେ ସାଧୁ, ସନ୍ଥ, ପଣ୍ଡିତ ଓ ବିଦ୍ୱାନମାନେ । ଏଠିକି ଆସିଲେ ଶଙ୍କର, ନିମ୍ବାର୍କ, ରାମାନୁଜ ମାଧ୍ୱାଚାର୍ଯ୍ୟ ଆଉ ଚୈତନ୍ୟ ପ୍ରମୁଖ କେତେ ଭକ୍ତ କେତେ ସନ୍ଥ, କେତେ ବିଦ୍ୱାନ, ଦାର୍ଶନିକ ପଣ୍ଡିତ, ତାନ୍ତ୍ରିକ, ନାୟିକ ଏବଂ ମୀମାଂସିକ । ଏଠାରେ ସନ୍ଥମାନେ ଜଗତନାଥଙ୍କର ଅପାର ମହିମା, ତଥା ନିତ୍ୟଲୀଳା ଦର୍ଶନ ନିମନ୍ତେ ମଠ ସ୍ଥାପନ କରି ଅବସ୍ଥାନ କଲେ । ମଠ ସହ ମନ୍ଦିର ଯୋଡ଼ି ହୋଇଗଲା । ଜଗନ୍ନାଥଙ୍କ ଦର୍ଶନ କେବଳ ସେମାନଙ୍କ ଲକ୍ଷ୍ୟ ନଥିଲା ସେମାନେ ସେଠାରେ ରହି ତାରତତ୍ୱ ସମ୍ବନ୍ଧରେ ଅଧିକ ଗବେଷଣା ଓ ପ୍ରଚାରରେ ଲାଗିପଡ଼ିଲେ । ମଠ ଥିଲା ଧର୍ମ ଆଲାଚନା, ଜଗନ୍ନାଥ ସଂସ୍କୃତି ଧର୍ମ ସଂପର୍କୀୟ ଏକ ସ୍ୱତନ୍ତ୍ର ଗବେଷଣା ଗାର । ଭଜନ, କୀର୍ତନରେ ପୁରି ଉଠୁଥିଲା ମଠଗୁଡ଼ିକ ।

ମଠମାନଙ୍କର ବିବରଣୀରୁ ଜଣାଯାଏ ଯେ, କେତେକ ଧର୍ମସମ୍ପ୍ରଦାୟ ସହିତ କେତେକ ରାଜ୍ୟର ରାଜାମାନେ ମଧ୍ୟ ଶ୍ରୀକ୍ଷେତ୍ରରେ ଅବସ୍ଥାନ ନିମନ୍ତେ ମଠ ନିର୍ମାଣ କରିଥିଲେ । କର୍ଣ୍ଣାଟକ, ଆନ୍ଧ୍ର ଓ ଉତର ଭାରତରୁ ବହୁ ସଂଖ୍ୟକ ସାମଗ୍ରୀ ଆସି ଏଠାରେ ମଠ ନିର୍ମାଣ କଲେ । ଏମାନେ ଦରିଦ୍ର ନାରାୟଣଙ୍କ ସେବାରେ ମନୋନିବେଶ କଲେ । ମଠର ବ୍ୟୟ ଭାର ନିମନ୍ତେ କେତେକ ରାଜ୍ୟର ରାଜା ଆକୁଣ୍ଠଚିତ୍ତରେ ଭୂମି ଓ ଅର୍ଥ ଦାନ କଲେ ।



ମଠଗୁଡ଼ିକ ତେଣୁ କରି ଶିକ୍ଷା ପ୍ରସାରଣ କ୍ଷେତ୍ର, ସଂସ୍କୃତିର ସଂବାହନ ଭୂମି ଏବଂ ଧର୍ମ ଚର୍ଚ୍ଚାର ପ୍ରମୁଖ କେନ୍ଦ୍ର ପାଲଟିଗଲା । ପ୍ରତ୍ୟେକ ମଠରେ ସଂପୃକ୍ତ ସଂପ୍ରଦାୟର ଇଷ୍ଟଦେବ ଉପାସିତ ହେଲେ । ସେମାନଙ୍କର ପୂଜାର୍ଚ୍ଚନା, ସ୍ନାନମାର୍ଜନା, ଭୋଗଧୂପ ଯାନିଯାତ୍ରାର ବ୍ୟୟ ଭାର ଭୂ-ସଂପତିରୁ ଭରଣା କରାଗଲା । କେତେକ ମଠର ନିଜସ୍ୱ ଚଳଣୀ ମନ୍ଦିରର ଦିନଚର୍ଯ୍ୟା ସହ ସଂପର୍କ ରକ୍ଷା କରିଥାନ୍ତି । କେତେକ ମଠରୁ ପ୍ରତ୍ୟହ ସଂକୀର୍ତନ ଦଳ ବାହାରି ଶ୍ରୀକ୍ଷେତ୍ର ପରିକ୍ରମା କରନ୍ତି - ଏହା ଦ୍ୱାରା ସମଗ୍ର ବିଶ୍ୱରେ ସାତ୍ୱିକ ତଥା ଆଧ୍ୟାତ୍ମିକ ଭାବଧାରା ସଂଚରିତ ହୋଇଯାଏ । କେତେକ ମଠରୁ ସଂଜଧୂପ ମନ୍ଦିରକୁ ଯାଏ । ଜୀଉଙ୍କର ମେଳଣ, ଝୁଲଣ ପ୍ରଭୃତି ଅନେକ ଯାନିଯାତ୍ରା ମଠମାନଙ୍କରେ ନିଷ୍ଠା ଓ ଶ୍ରଦ୍ଧାର ସହିତ ପାଳିତ ହୋଇଥାଏ ।

ପୂଜା, ଉପାସନା, ଶାସ୍ତ୍ରଚର୍ଚ୍ଚା, ପୁରାଣ ପାଠ, ସଂକୀର୍ତ୍ତନ ପ୍ରବଚନ ପ୍ରଭୃତି ସଂପାଦିତ ହୁଏ । ଏଠାରେ ଦରିଦ୍ରସେବା କୁ ପ୍ରାଧାନ୍ୟ ଦିଆଯାଇଥାଏ । ପୁରୀର ଏମାର ମଠ ଓଡ଼ିଶାର ବୃହତ୍ତମ ମଠ । ଏହାର ସଂସ୍ଥାପନ ଦ୍ୱାଦଶ ଶତକର ଦାର୍ଶନିକ ରାମାନୁଜ । ଏହି ମଠ ମନ୍ଦିର ସହ ଅଧିକ ଭାବରେ ସଂପୃକ୍ତ । ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାରେ ମଠର ଭୂମିକା ଅନସ୍ୱୀକାର୍ଯ୍ୟ । ପ୍ରତିବର୍ଷ ରଥଯାତ୍ରା ପୂର୍ବରୁ ରାଘବ ଦାସ ମଠ ପ୍ରଭୁଙ୍କର ଟାହିଆ ଦେଇଥାନ୍ତି । ଚୈତନ୍ୟ ମଠ ତରଫରୁ ଦିଅଁଙ୍କ ନିମିତ୍ତ ଖଜା ଓ ମଗଜଲଡୁ ଏବଂ ଆଚାର୍ଯ୍ୟ ଶଙ୍କରଙ୍କର ପ୍ରତିଷ୍ଠିତ ଗୋବର୍ଦ୍ଧନ ମଠରୁ ତୁଳସୀମାଳ ପ୍ରେରିତ ହୋଇଥାଏ । ପ୍ରତ୍ୟେକ ମଠ ପ୍ରଭୁଙ୍କ ନିମିତ୍ତ ଫୁଲ, ତୁଳସୀ, ଦୟଣା, ଟାହିଆ, ଚାନ୍ଦୁଆ, ପାଟବସ୍ତ୍ର, ଭୋଗ, ଧୂପ ପ୍ରଭୃତି ପ୍ରେରଣ କରି ପ୍ରଭୁଙ୍କର ପୂଜାର୍ଚ୍ଚନାରେ ସହଭାଗୀ ହୋଇଥାନ୍ତି ।

ପରଂପରା ସଂସ୍କୃତି, ତତ୍ୱ ଓ ଦର୍ଶନ ଶ୍ରୀ ଶ୍ରୀ ଜଗନ୍ନାଥଙ୍କର ଅପାର ମହିମା ପ୍ରସାର ପ୍ରଚାର ତଥା ଆଧାତ୍ମକି ବାତାବରଣ ସୃଷ୍ଟି କରିବାରେ ମଠମାନେ ଶ୍ରୀକ୍ଷେତ୍ରରେ ଯୁଗ ଯୁଗ ଧରି ଯେଉଳି ଭାବରେ କର୍ତ୍ତବ୍ୟ ରତ ତାର ମୁକସାକ୍ଷୀ ପୁରୀରେ ଗଢି ଉଠିଥିବା ମଠ ଗୁଡ଼ିକ ।

ମଠକୁ ଛାଡ଼ି ଶ୍ରୀ ମନ୍ଦିରର ଐତିହ୍ୟ ସଂପର୍କରେ ଆଲୋଚନା କରିବା ନିରର୍ଥକ । ଏବେ ସୁଦ୍ଧା ଗ୍ରାମାଂଚଳରେ ମଠବାଡି ତିଷ୍ଠି ରହିଛି ଏ ମାଟିରେ ଆଧାତ୍ମିକତାର ପବିତ୍ର ବାତାବରଣ ସୃଷ୍ଟି କରିବା ପାଇଁ । ଏବେ ବି ବୈଷ୍ଣବ-ଧର୍ମାବମ୍ବୀ ଉଭୟେ ଧର୍ମୀ ମାନଙ୍କର ମଠଗୁଡ଼ିକ ଗ୍ରାମାଂଚଳରେ ତିଷ୍ଠି ରହିଛି । ମଠ ହିଁ ସଂସ୍କୃତି ଓ ଆଧାତ୍ମିକତାର ପ୍ରାଣ କେନ୍ଦ୍ର । ସଂପ୍ରତି ସରକାରଙ୍କ ମୂଳଲକ୍ଷ୍ୟ ହେଉଛି, ପୁରୀକୁ ବିଶ୍ୱସ୍ତରୀୟ ପର୍ଯ୍ୟଟନସ୍ଥଳୀ ଭାବରେ ଗଢିବା ପାଇଁ - ଏହା ସ୍ୱାଗତ ଯୋଗ୍ୟ ପଦକ୍ଷେପ । ପୁରାତନ ମଠର ଗୃହ ଗୁଡ଼ିକ ଚରାଜୀର୍ଣ୍ଣ ଅବସ୍ଥାରେ ରହିଛି ତାର ନବନିର୍ମାଣ ପାଇଁ ସରକାର ବିଶେଷ ଭାବରେ ତତ୍ପର । ଏହି ପବିତ୍ର ପୀଠ ପୁରୁଷୋତ୍ତମ ଧାମରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱ ବିଦିତ ରଥଯାତ୍ରା ସାରା ବିଶ୍ୱରେ ଶଙ୍ଖକ୍ଷେତ୍ର ପୁରୀର ମହିମାଗାନ କରୁଛି - ଗାଉଛି ''ଜଗନ୍ନାଥ ସ୍ୱାମୀ ନୟନପଥଗାମୀ ଭବତୁମେ......''




ଡଃ କିଶୋର ମହାନ୍ତି
୯୪୩୭୭୨୮୯୭୫


# ଆବ୍ରାହାମ୍ ଆକର୍ଡ଼ (ଚୁକ୍ତି)ର ଭବିଷ୍ୟ

ମଧ୍ୟପ୍ରାଚ୍ୟ ସଂଗ୍ରାମରେ ଗୋଟିଏ ନାମ ବାରମ୍ବାର ଖବରକାଗଜ ଓ ସାମାଜିକ ଗଣମାଧ୍ୟମ ମାନଙ୍କରେ ଗୁରୁତ୍ୱ ପାଇଥିଲା । ଏହି ନାମଟି ହେଉଛି ''ଆବ୍ରାହାମ୍ ଆକର୍ଡ଼'' (Abraham Accord) । ଏହି ଆକର୍ଡ଼ ଶବ୍ଦର ଅର୍ଥ ଅକ୍ସଫୋର୍ଡ଼ ଇଂରାଜୀ ଶବ୍ଦକୋଷ ଅନୁଯାୟୀ ହେଉଛି ଅନୁମତି ବା ସମ୍ମତି । ବିଶ୍ୱରାଜନୀତି ପରିପ୍ରେକ୍ଷୀରେ ଆମେ ଏହାକୁ ଆବ୍ରାହାମ୍ ଚୁକ୍ତି ବୋଲି ମଧ୍ୟ କହି ପାରିବା । ତେବେ କ'ଣ ଏହି ଆବ୍ରାହାମ୍ ଚୁକ୍ତି ଓ କେଉ କାରଣବଶତଃ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଏହା ଉପରେ ଗୁରୁତ୍ୱାରୋପ କରିଥିଲେ ଆମେ ବର୍ତ୍ତମାନ ଜାଣିବା ।

ଆବ୍ରାହାମ୍ ଆକର୍ଡ଼ ସଂକ୍ଷେପରେ ହେଉଛି ଏକ ଧାରାବାହିକ ଚୁକ୍ତି ସମୂହ ଯାହାକି ଆମେରିକା ମଧ୍ୟସ୍ଥତାରେ, ୨୦୨୦ରେ ସ୍ୱାକ୍ଷରିତ ହୋଇଥିଲା ଇସ୍ରାଏଲ ଓ କିଛି ଆରବ ରାଷ୍ଟ୍ର ମଧ୍ୟରେ । ଏହି ଚୁକ୍ତିର ପ୍ରାଥମିକ ଲକ୍ଷ୍ୟ ଥିଲା ମଧ୍ୟପ୍ରାଚ୍ୟରେ ଶାନ୍ତି ପ୍ରତିଷ୍ଠା କରିବା ଓ ଏହାଦ୍ୱାରା ସେଠାରେ କୂଟନୈତିକ ସମ୍ପର୍କ ଏକ ଐତିହାସିକ ମୋଡ଼ ନେଇଥିଲା । ଚୁକ୍ତିର ନାମକରଣଟି ଆବ୍ରାହାମ୍‌ଙ୍କ ନାମାନୁସାରେ ହୋଇଅଛି ଓ ଏହି ଆବ୍ରାହାମ୍ ହେଉଛନ୍ତି ଇହୁଦୀ ଏବଂ ଆରବ ଉଭୟ ସମ୍ପ୍ରଦାୟର ପୂର୍ବପୁରୁଷ ତଥା ଭାଇଚାରାର ପ୍ରତୀକ । ପ୍ରମୁଖ ସଦସ୍ୟ ଭାବେ ଇସ୍ରାଏଲ ଏହି ଚୁକ୍ତିରେ ସ୍ୱାକ୍ଷର କରି ଆରବ ଦେଶ ସମୂହ ସହ ଏହାର ସମ୍ପର୍କ ସୁଧାରିବା ପାଇଁ ଚେଷ୍ଟିତ ହୋଇଥିଲା । ସେହିପରି ଆରବ ଦେଶମାନଙ୍କ ମଧ୍ୟରୁ ୟୁଏଇ ପ୍ରଥମ ରାଷ୍ଟ୍ର ଭାବେ ଏହି ଚୁକ୍ତିରେ ସ୍ୱାକ୍ଷର କରିଥିଲା । ଅନ୍ୟ ରାଷ୍ଟ୍ରମାନେ ଯେଉମାନେ ଏହି ଚୁକ୍ତିକୁ ସମର୍ଥନ ଜଣାଇ ଥିଲେ, ସେମାନେ ହେଉଛନ୍ତି ବାହାରିନ୍, ସୁଦାନ ଓ ମରକ୍କୋ । ସୁଦାନ ଓ ମରକ୍କୋ ନିଜ ନିଜ ସ୍ୱାର୍ଥରୁ ଏହି ଚୁକ୍ତିକୁ ସମର୍ଥନ କରିଛନ୍ତି ବୋଲି ଆମେ କହିପାରିବା, କାରଣ ଆବ୍ରାହାମ୍ ଆକର୍ଡ଼ରେ ସାମିଲ ହେଲାପରେ, ଆମେରିକା ଏହାର ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଥିବା ରାଷ୍ଟ୍ରମାନଙ୍କର ତାଲିକାରୁ ସୁଦାନକୁ ବାଦ୍ ଦେଇଛି, ସେହିପରି ମଧ୍ୟ ପଶ୍ଚିମ ସାହାରା ଉପରେ ମରକ୍କୋର ସାର୍ବଭୌମତ୍ୟକୁ ଯୁକ୍ତରାଷ୍ଟ୍ର ସ୍ୱୀକାର କରିଛି ।

ଆବ୍ରାହାମ୍ ଆକର୍ଡ଼ର ଉଦ୍ଦେଶ୍ୟ ଏହା ଯେ ଆରବ ରାଷ୍ଟ୍ରମାନେ ଏକ ସ୍ୱତନ୍ତ୍ର ପାଲେଷ୍ଟାଇନ୍ ଦେଶ ପ୍ରସଙ୍ଗରୁ ନିଜକୁ ଦୂରରେ ରଖନ୍ତୁ । ଇସ୍ରାଏଲ, ୟୁଏଇ ଓ ବାହାରିନ୍ ମଧ୍ୟରେ ଏକ ପରିପୂର୍ଣ୍ଣ କୂଟନୈତିକ ସମ୍ପର୍କ ସ୍ଥାପନ କରି ମଧ୍ୟପ୍ରାଚ୍ୟ ଅଞ୍ଚଳରେ ଉତ୍ତେଜନାକୁ ପ୍ରଶମିତ କରିବା ମଧ୍ୟ ଏହି ଚୁକ୍ତିର ଲକ୍ଷ୍ୟ । ଏହି ଚୁକ୍ତିକୁ ସମର୍ଥନ କରିବା ଦ୍ୱାରା ୟୁଏଇ ଓ ଯୁକ୍ତରାଷ୍ଟ୍ର ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କରେ ଯଥେଷ୍ଟ ଉନ୍ନତି ଘଟିଛି ।

ଏହି ଚୁକ୍ତି ବିଷୟରେ ପ୍ରଥମେ ଅଗଷ୍ଟ ୨୦୨୦ରେ ଘୋଷଣା କରାଯାଇଥିଲା ଓ ସେପ୍ଟେମ୍ବର ପନ୍ଦର ୨୦୨୦ରେ ୱାଶିଂଟନ୍‌ଠାରେ ହା ସାକ୍ଷରିତ ବା ଚୂଡ଼ାନ୍ତ ହୋଇଥିଲା । ଜୁଲାଇ ୨୦୨୫ରେ ଦ୍ୱିତୀୟ ଟ୍ରମ୍ପ ପ୍ରଶାସନ ସିରିଆ, ଲେବାନନ୍ ଓ ସାଉଦି ଆରବକୁ ଏହି ଚୁକ୍ତିରେ ମିଶାଇବା ପାଇଁ ଉଦ୍ୟମ କରିଥିଲେ । ସେହିପରି ଡିସେମ୍ବର ୨୦୨୫ରେ ଇସ୍ରାଏଲର ରାଷ୍ଟ୍ରପତି ନେତ୍ୟାନାହୁ, ସୋମାଲିଲ୍ୟାଣ୍ଡକୁ ଏକ ସ୍ୱାଧୀନ ଦେଶର ମାନ୍ୟତା ଦେବା ପରେ, ସେ ମଧ୍ୟ ଏହି ଚୁକ୍ତିରେ ମିଶିବା ପାଇଁ ନିଷ୍ପତ୍ତି ନେଇଛି ।

ଏବେ ଦେଖିବା ଯେ ଆବ୍ରାହାମ୍ ଆକର୍ଡ଼ ସ୍ୱାକ୍ଷରିତ ହେବାପରେ ଦ୍ୱିପାକ୍ଷିକ ସମ୍ପର୍କରେ ନିର୍ଦ୍ଦିଷ୍ଟ ଭାବରେ କେଉ ପରିବର୍ତ୍ତନମାନ ଆସିଛି । ଉପରୋକ୍ତ ଚୁକ୍ତି ପରେ, ୨୦୨୧ ମସିହାରେ ଇସ୍ରାଏଲ, ୟୁଏଇର ଆବୁଧାବିରେ ଦୂତାବାସ ଖୋଲିବା ସହିତ ୟୁଏଇ ମଧ୍ୟ ତେଲ ଅଭିଭରେ ଦୂତାବାସ ଖୋଲିଛି । ଇସ୍ରାଏଲ ଓ ୟୁଏଇ ମଧ୍ୟରେ ବାଣିଜ୍ୟ କାରବାର ୯୦୦ ମିଲିଅନ ଡଲାରକୁ ଛୁଇଁ ଅଛି । ପର୍ଯ୍ୟଟନ କ୍ଷେତ୍ରକୁ ଦେଖିଲେ, ଦୁଇରାଷ୍ଟ୍ର ମଧ୍ୟରେ ସିଧାସଳଖ ବିମାନ ସେବା ଉପଲବ୍ଧ ହେବାଦ୍ୱାରା ପ୍ରଥମ ମାସରେ ହିଁ କେବଳ ସତୁରୀ ହଜାର ଇସ୍ରାଏଲ୍ ପର୍ଯ୍ୟଟକ, ୟୁଏଇ ଭ୍ରମଣ କରିଛନ୍ତି । ଅନେକ ଇସ୍ରାଏଲୀ ଯୁବକମାନଙ୍କ ପାଇଁ ୟୁଏଇ ନିଯୁକ୍ତିର ଦେଶ ମଧ୍ୟ ପାଲଟିଛି । ୟୁଏଇ ଓ ବାହାରିନକୁ ମିଠାଜଳ ଯୋଗାଇବା ପାଇଁ ମଧ୍ୟ ଇସ୍ରାଏଲ ଚୁକ୍ତିବଦ୍ଧ ହୋଇଛି ।

ଏହି ଚୁକ୍ତିଦ୍ୱାରା ଭାରତ ମଧ୍ୟ ଅନେକାଂଶରେ ଲାଭବାନ୍ ହେଉଅଛି । ଆବ୍ରାହାମ୍ ଆକର୍ଡ଼ ଦ୍ୱାରା ଭାରତର ଉଭୟ ଇସ୍ରାଏଲ ଓ ଆରବ ରାଷ୍ଟ୍ରମାନଙ୍କ ସହିତ କୂଟନୈତିକ ସମ୍ପର୍କରେ ସୁଧାର ଆସିଛି, ଯାହାକି ବାଟ କଢ଼ାଇ ନେଇଛି ଆଇ.ଟୁ.ୟୁ.ଟୁ (I2U2) ମଞ୍ଚକୁ । ଏହି ମଞ୍ଚକୁ ଆବ୍ରାହାମ୍ ଆକର୍ଡ଼ର ସନ୍ତାନ ଭାବରେ ବିବେଚନା କରାଯାଉଛି । ଏହି ମଞ୍ଚରେ ଚାରୋଟି ଦେଶ ଅଛନ୍ତି - ଭାରତ, ଇସ୍ରାଏଲ, ଯୁକ୍ତରାଷ୍ଟ୍ର ଆମେରିକା, ୟୁଏଇ । ପ୍ରତ୍ୟେକଟି ଦେଶର ଇଂରାଜୀ ନାମ ଅନୁସାରେ ଉପରୋକ୍ତ ମଞ୍ଚର ନାମକରଣ ଏପରି କରାଯାଇଛି । ଏହାକୁ ପଶ୍ଚିମ ଏସିୟ କ୍ୱାଡ଼ ବୋଲି ମଧ୍ୟ କୁହାଯାଉଛି ।

ଆଇ.ଟୁ.ୟୁ.ଟୁ ମଞ୍ଚଦ୍ୱାରା ଛଅଗୋଟି କ୍ଷେତ୍ରରେ ମିଳିତ ନିବେଶ କରିବା ପାଇଁ ନିବେଶକମାନଙ୍କୁ ଉତ୍ସାହିତ କରାଯାଉଛି । ଏହି କ୍ଷେତ୍ରଗୁଡ଼ିକ ହେଉଛନ୍ତି ଖାଦ୍ୟ ସୁରକ୍ଷା, ସ୍ୱାସ୍ଥ୍ୟ, ପରିବହନ, ମହାକାଶ ଗବେଷଣା, ଜଳ ଓ ଶକ୍ତି ସୁରକ୍ଷା । ଭାରତୀୟ ଛାତ୍ରମାନେ ମଧ୍ୟପ୍ରାଚ୍ୟ ଅଞ୍ଚଳକୁ ବିଭିନ୍ନ ଶିକ୍ଷା କାର୍ଯ୍ୟକ୍ରମ ଜରିଆରେ ଯାଇପାରୁଛନ୍ତି ଓ ଏହାଦ୍ୱାରା ଦ୍ୱିପାକ୍ଷିକ ଶିକ୍ଷା ବ୍ୟବସ୍ଥାର ମଧ୍ୟ ଉନ୍ନତି ଘଟୁଛି ।

ନିବନ୍ଧର ଶେଷ ଭାଗରେ ଆମେ ଆଲୋଚନା କରିବା ଯେ ଆବ୍ରାହାମ୍ ଆକର୍ଡ଼ର ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବାରେ କେଉ ସବୁ ଅସୁବିଧା ରହୁଛି । ପ୍ରଥମ ହେଉଛି ପାଲେଷ୍ଟାଇନ୍ ପ୍ରସଙ୍ଗ । ଆମେରିକାର ଉଦ୍ଦେଶ୍ୟ ଏହି ଯେ, ଆରବ ରାଷ୍ଟ୍ରମାନେ, ଆବ୍ରାହାମ ଆକର୍ଡ଼କୁ ସ୍ୱୀକୃତି ଦିଅନ୍ତୁ ଓ ପାଲେଷ୍ଟାଇନ୍ ପ୍ରସଙ୍ଗରୁ ଦୂରରେ ରୁହନ୍ତୁ । ଏହାକୁ ୟୁଏଇ ସମର୍ଥନ କରୁଥିବାବେଳେ ବିରୋଧ କରୁଛନ୍ତି ସାଉଦି ଆରବ, ପାକିସ୍ତାନ ଭଳି ରାଷ୍ଟ୍ରମାନେ । ଏଠାରେ ଗୋଟିଏ ତଥ୍ୟ ଉଲ୍ଲେଖ କରିବାକୁ ଏ ଲେଖକ ଚାହୁଁଛି କି, ଦଶନ୍ଧି ଧରି ପାକିସ୍ତାନର ପାସପୋର୍ଟରେ ଗୋଟିଏ ସରଳ ଅଥଚ ଦୃଷ୍ଟି ଆକର୍ଷକ ନିର୍ଦ୍ଦେଶନାମା ରହିଛି । ଏହା ହେଉଛି, ''ସଂପୃକ୍ତ ପାସପୋର୍ଟ ଇସ୍ରାଏଲକୁ ଛାଡ଼ି ଆଉ ସମସ୍ତ ଦେଶ ପାଇଁ ବୈଧ । ପାକିସ୍ତାନର ଏକ ଦୀର୍ଘକାଳୀନ ବିଦେଶନୀତି ହେଉଛି ଇସ୍ରାଏଲ ରାଷ୍ଟ୍ରକୁ ମାନ୍ୟତା ନ ଦେବା । ଇସ୍ରାଏଲ-ପାଲେଷ୍ଟାଇନ ସଂଘର୍ଷକୁ ଏକ ଐତିହାସିକ ଅନ୍ୟାୟ ବୋଲି ପାକିସ୍ତାନ ସମେତ ସାଉଦି ଆରବ, ଓମାନ୍, କାତାର ଆଦି ମାନୁଛନ୍ତି । ଏଥିରେ ସାଉଦି ଆରବର ସ୍ୱର ସବୁଠାରୁ ଶାଣିତ ।'' ବିଗତ ଚାରିବର୍ଷ ହେଲାଣି ରିୟାଦ୍ ଦାବି କରି ଆସୁଛି କି, ପାଲେଷ୍ଟାଇନ୍ ରାଷ୍ଟ୍ର ବିଷୟକୁ ତ୍ୟାଗ କରି, କୌଣସି ବି ଶାନ୍ତି ଚୁକ୍ତି କେବେ ବି ଗ୍ରହଣୀୟ ନୁହେଁ । ଯୁବରାଜ ମହମ୍ମଦ୍ ବିନ୍ ସଲମାନଙ୍କର ଏହା ହିଁ ହେଉଛି ପ୍ରମୁଖ ବାର୍ତ୍ତା । ଯଦିଓ ଟ୍ରମ୍ପ ଯୁଦ୍ଧ ସମୟରେ ଏକ ପ୍ରସ୍ତାବ ଦେଇଥିଲେ କି, ପ୍ରଥମେ ଆରବ ରାଷ୍ଟ୍ରମାନେ ମଧ୍ୟପ୍ରାଚ୍ୟ ଅଞ୍ଚଳରେ ଶାନ୍ତି ସ୍ଥାପନ ଉପରେ ଗୁରୁତ୍ୱ ଦିଅନ୍ତୁ ଓ ପରବର୍ତ୍ତୀ ସମୟରେ ପାଲେଷ୍ଟାଇନ୍ ପ୍ରସଙ୍ଗରେ ସବିଶେଷ ଆଲୋଚନା କରାଯିବ, ଏହାକୁ କିନ୍ତୁ ଇରାନର ବୈଦେଶିକ ମନ୍ତ୍ରୀ ଅବ୍ବାସ୍ ଆରଘାଚୀ ଘୋର ବିରୋଧ କରିଥିଲେ । ଦ୍ୱିତୀୟରେ ସାଂସ୍କୃତିକ ସଂଘର୍ଷ, ଯାହାକି ହେଉଛି ସିଆ ବନାମ ସୁନ୍ନି । ସାଉଦି ଆରବ ସୁନ୍ନି ବହୁଳ ହୋଇଥିବାବେଳେ ଇରାନ୍ ସିଆ ବହୁଳ । ଏହି ଦୁଇଗୋଷ୍ଠୀ ମଧ୍ୟରେ ସଂଘର୍ଷ ଅତି ପୁରାତନ । ତେଣୁ ଦୁଇଟି ରାଷ୍ଟ୍ର ଏକ ମିଳିତ ସହମତି ଭିତ୍ତିକ ରାଜିନାମାରେ ପହଞ୍ଚିବାର ସମ୍ଭାବନା ଅତ୍ୟନ୍ତ କମ୍ । ତୃତୀୟରେ ବର୍ତ୍ତମାନ ସମୟରେ ଆମେରିକାକୁ ଛାଡ଼ିଦଲେ ରୁଷିଆ ଓ ଚୀନ ମଧ୍ୟ ଇରାନ୍ ଇସ୍ରାଏଲ ପ୍ରସଙ୍ଗରେ ମୁଣ୍ଡ ଖେଳାଉଛନ୍ତି । ବିକଶିତ ରାଷ୍ଟ୍ରମାନଙ୍କର ଏହି ବହୁମୁଖୀତା ମଧ୍ୟ ସମସ୍ୟା ସୃଷ୍ଟି କରୁଛି । ଚତୁର୍ଥରେ ପୁଞ୍ଜି ପ୍ରସଙ୍ଗ । ଆବ୍ରାହାମ୍ ଆକର୍ଡ଼ ଅନୁସାରେ ଏକ ପୁଞ୍ଜି ବା ଫଣ୍ଡ ବ୍ୟବସ୍ଥା ଆମେରିକା ତରଫରୁ କରାଯାଇଥିଲା । ଏହାକୁ କୁହାଯାଉଥିଲା ଆବ୍ରାହାମ୍ ଫଣ୍ଡ । ଲକ୍ଷ୍ୟ ରଖାଯାଇଥିଲା କି ଏହି ଫଣ୍ଡ ଜରିଆରେ ପାଖାପାଖି ୩ ବିଲିଅନ ଡଲାର ଅର୍ଥ ସଂଗ୍ରହ କରାଯିବ ଓ ଏହାକୁ ମଧ୍ୟପ୍ରାଚ୍ୟ ଅଞ୍ଚଳର ଉନ୍ନତିକରଣ କାର୍ଯ୍ୟରେ ଲଗାଯିବ । ଉପରୋକ୍ତ ବିଭିନ୍ନ କାରଣରୁ କିନ୍ତୁ ଆବ୍ରାହାମ୍ ଚୁକ୍ତି ସମ୍ପୂର୍ଣ୍ଣ ଭାବରେ ଫଳବତୀ ହୋଇପାରିଲା ନାହିଁ, ଆବ୍ରାହାମ୍ ଫଣ୍ଡର ଭବିଷ୍ୟତ ମଧ୍ୟ ଅନିଶ୍ଚିତତାର ଘେରରେ ।

ତେଣୁ ପରିଶେଷରେ ଯଦିଓ ଏହା ସ୍ପଷ୍ଟ ଯେ ଆବ୍ରାହାମ୍ ଆକର୍ଡ଼ ଏକ ପ୍ରଶଂସନୀୟ ପଦକ୍ଷେପ, ଏହା ପୂର୍ଣ୍ଣମାତ୍ରାରେ କାର୍ଯ୍ୟକ୍ଷମ ହେବା କିନ୍ତୁ ନିର୍ଭର କରୁଛି, ଅନେକଗୁଡ଼ିଏ ଭୂରାଜନୈତିକ ପ୍ରସଙ୍ଗ ଉପରେ, ଯାହା ମଧ୍ୟରୁ ଅନ୍ୟତମ ହେଉଛି ଆମେରିକା-ଚୀନ୍ ପ୍ରତିଦ୍ୱନ୍ଦ୍ୱିତା ।




**ଡା. ରାଜ କିଶୋର ପଣ୍ଡା**
ଓଡ଼ିଶା ସ୍ୱାସ୍ଥ୍ୟ ସେବା
ଭୁବନେଶ୍ୱର, ୮୧୪୦୪୨୯୯୭




# ରଥଯାତ୍ରାର ପ୍ରାଣକେନ୍ଦ୍ର ଶ୍ରୀଗୁଣ୍ଡିଚା ଇତିହାସ ପରମ୍ପରା ଓ ଆଧ୍ୟାତ୍ମିକ ମହିମା



**ଡ. ଗିରୀଶ ରଂଜନ ସାହୁ**
ସେଞ୍ଚୁରିଅନ୍ ବିଶ୍ୱ ବିଦ୍ୟାଳୟ,
ଭୁବନେଶ୍ୱର, ୯୪୩୮୩୨୧୫୫୧

ଓଡ଼ିଶାର ସଂସ୍କୃତି, ପରମ୍ପରା ଓ ଆଧ୍ୟାତ୍ମିକ ଚେତନାର ସର୍ବୋଚ୍ଚ ପ୍ରତୀକ ହେଉଛନ୍ତି ପ୍ରଭୁ ଶ୍ରୀଜଗନ୍ନାଥ। ଶ୍ରୀକ୍ଷେତ୍ର ପୁରୀ କେବଳ ଏକ ତୀର୍ଥକ୍ଷେତ୍ର ନୁହେଁ, ବରଂ ଏହା ହଜାର ବର୍ଷର ଇତିହାସ, ପୁରାଣ, ସଂସ୍କୃତି, ସ୍ଥାପତ୍ୟ, ସାହିତ୍ୟ ଏବଂ ଭକ୍ତିର ଏକ ଅନନ୍ୟ ସଙ୍ଗମସ୍ଥଳ। ପ୍ରତିବର୍ଷ ଆଷାଢ଼ ଶୁକ୍ଳ ଦ୍ୱିତୀୟାରେ ଅନୁଷ୍ଠିତ ହେଉଥିବା ବିଶ୍ୱପ୍ରସିଦ୍ଧ ରଥଯାତ୍ରା କେବଳ ଓଡ଼ିଶାର ନୁହେଁ, ସମଗ୍ର ବିଶ୍ୱର କୋଟି କୋଟି ଭକ୍ତଙ୍କ ଆଧ୍ୟାତ୍ମିକ ମିଳନର ମହାପର୍ବ। ଏହି ରଥଯାତ୍ରାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଗନ୍ତବ୍ୟ ହେଉଛି ଶ୍ରୀଗୁଣ୍ଡିଚା ମନ୍ଦିର। ତେଣୁ ଏହାକୁ ଯଥାର୍ଥରେ ରଥଯାତ୍ରାର ପ୍ରାଣକେନ୍ଦ୍ର ବୋଲି କୁହାଯାଏ।

ରଥଯାତ୍ରା କେବଳ ରଥ ଗଡ଼ିବାର ପର୍ବ ନୁହେଁ। ଏହା ଭଗବାନ ଓ ଭକ୍ତଙ୍କ ମଧ୍ୟରେ ଏକ ଅଦ୍ୱିତୀୟ ସମ୍ପର୍କର ପ୍ରତୀକ। ବର୍ଷର ଅନ୍ୟ ସମୟରେ ଶ୍ରୀଜଗନ୍ନାଥ ଶ୍ରୀମନ୍ଦିରର ଗର୍ଭଗୃହରେ ବିରାଜମାନ ରହୁଥିବାବେଳେ ରଥଯାତ୍ରା ସମୟରେ ସେ ସ୍ୱୟଂ ମନ୍ଦିରରୁ ବାହାରି ସାଧାରଣ ଲୋକଙ୍କ ନିକଟକୁ ଆସନ୍ତି। ଏହି ଲୀଳା ଜଗନ୍ନାଥ ସଂସ୍କୃତିର ସର୍ବଜନୀନତା ଓ ସମତାର ବାର୍ତ୍ତାକୁ ପ୍ରକାଶ କରେ। ଜାତି, ଧର୍ମ, ବର୍ଣ୍ଣ, ଭାଷା କିମ୍ବା ଦେଶର କୌଣସି ପ୍ରଭେଦ ବିନା ସମସ୍ତେ ମହାପ୍ରଭୁଙ୍କ ରଥ ଟାଣନ୍ତି। ଏହା ଭାରତୀୟ ସଂସ୍କୃତିରେ ସମାନତା ଓ ମାନବତାର ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ।

ଶ୍ରୀଗୁଣ୍ଡିଚା ମନ୍ଦିରର ଇତିହାସ ପୁରାଣ, ମାଦଳା ପାଞ୍ଜି ଏବଂ ଲୋକପରମ୍ପରା ସହ ଗଭୀର ଭାବରେ ଜଡ଼ିତ। ସ୍କନ୍ଦ ପୁରାଣର ପୁରୁଷୋତ୍ତମ ମାହାତ୍ମ୍ୟରେ ବର୍ଣ୍ଣିତ ହୋଇଛି ଯେ ମାଳବ ଦେଶର ରାଜା ଇନ୍ଦ୍ରଦ୍ୟୁମ୍ନ ଭଗବାନ ନୀଳମାଧବଙ୍କ ଦର୍ଶନ କରିବାକୁ ଅତ୍ୟନ୍ତ ଆଗ୍ରହୀ ଥିଲେ। ତାଙ୍କ ରାଜପୁରୋହିତ ବିଦ୍ୟାପତି ଶବର ମୁଖିଆ ବିଶ୍ୱବାସୁଙ୍କ ନିକଟରୁ ନୀଳମାଧବଙ୍କ ପୂଜା ସମ୍ପର୍କରେ ଜାଣି ପୁରୁଷୋତ୍ତମ କ୍ଷେତ୍ରକୁ ଆସିଥିଲେ। କିନ୍ତୁ ନୀଳମାଧବ ସେତେବେଳେ ଅନ୍ତର୍ଧାନ ହୋଇଯାଇଥିଲେ। ଦୈବବାଣୀ ଅନୁସାରେ ରାଜା ସମୁଦ୍ରରୁ ଭାସି ଆସିଥିବା ଦିବ୍ୟ ଦାରୁରୁ ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନଙ୍କ ବିଗ୍ରହ ନିର୍ମାଣ କରାଇଥିଲେ। ଏହି ଘଟଣା ଜଗନ୍ନାଥ ସଂସ୍କୃତିର ମୂଳ ଆଧାର ଭାବେ ପରିଗଣିତ।

ଏହି ଇତିହାସ ସହ ରାଣୀ ଗୁଣ୍ଡିଚାଙ୍କ ନାମ ଅବିଚ୍ଛିନ୍ନ ଭାବରେ ଜଡ଼ିତ। ଲୋକବିଶ୍ୱାସ ଅନୁସାରେ ସେ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ମହିଷୀ ଥିଲେ। ତାଙ୍କର ଅପାର ଭକ୍ତିରେ ପ୍ରସନ୍ନ ହୋଇ ମହାପ୍ରଭୁ ପ୍ରତିବର୍ଷ କିଛି ଦିନ ପାଇଁ ତାଙ୍କ ନିର୍ମିତ ମନ୍ଦିରରେ ବିରାଜ କରିବାକୁ ସମ୍ମତି ଦେଇଥିଲେ। ସେହି ପରମ୍ପରା ଆଜି ମଧ୍ୟ ରଥଯାତ୍ରା ମାଧ୍ୟମରେ ଅବିରତ ଚାଲିଆସୁଛି। ଏହି କାରଣରୁ ମନ୍ଦିରଟି ରାଣୀଙ୍କ ନାମରେ ଶ୍ରୀଗୁଣ୍ଡିଚା ମନ୍ଦିର ଭାବେ ପରିଚିତ।

ଇତିହାସବିଦ୍ଵାନଙ୍କ ମତରେ ବର୍ତ୍ତମାନର ଶ୍ରୀଗୁଣ୍ଡିଚା ମନ୍ଦିରର ସ୍ଥାପତ୍ୟ ପୂର୍ବ ଗଙ୍ଗ ବଂଶର କଳିଙ୍ଗ ଶୈଳୀର ଏକ ଉତ୍କୃଷ୍ଟ ନିଦର୍ଶନ। ଦ୍ୱାଦଶ ଶତାବ୍ଦୀରେ ଅନନ୍ତବର୍ମା ଚୋଡ଼ଗଙ୍ଗଦେବ ଏବଂ ପରବର୍ତ୍ତୀ କାଳରେ ଅନଙ୍ଗଭୀମ ଦେବଙ୍କ ସମୟରେ ଶ୍ରୀମନ୍ଦିରର ବିକାଶ ସହ ଗୁଣ୍ଡିଚା ମନ୍ଦିରର ମହତ୍ତ୍ୱ ମଧ୍ୟ ବଢ଼ିଥିଲା। ଗଜପତି ରାଜାମାନେ ଏହି ପରମ୍ପରାକୁ ସୁରକ୍ଷିତ ରଖିଥିଲେ ଏବଂ ରଥଯାତ୍ରାର ସମସ୍ତ ନୀତିକାନ୍ତିକୁ ରାଜକୀୟ ପୃଷ୍ଠପୋଷକତା ପ୍ରଦାନ କରିଥିଲେ। ଆଜି ମଧ୍ୟ ଗଜପତି ମହାରାଜଙ୍କ ଛେରା ପହଁରା ନୀତି ଏହି ପରମ୍ପରାର ଜୀବନ୍ତ ଉଦାହରଣ।



ମାଦଳା ପାଞ୍ଜିରେ ରଥଯାତ୍ରା ଓ ଗୁଣ୍ଡିଚା ବିଜେ ସମ୍ପର୍କରେ ଅନେକ ଉଲ୍ଲେଖ ମିଳେ। ସେଥିରେ ଗୁଣ୍ଡିଚା ମନ୍ଦିରକୁ ଆଡ଼ପ ମଣ୍ଡପର ପବିତ୍ର କ୍ଷେତ୍ର ଭାବରେ ବର୍ଣ୍ଣନା କରାଯାଇଛି। ରଥଯାତ୍ରା ସମୟରେ ମହାପ୍ରଭୁ ସାତ ଦିନ ଧରି ଏଠାରେ ବିରାଜ କରନ୍ତି ଏବଂ ଲକ୍ଷ ଲକ୍ଷ ଭକ୍ତ ଆଡ଼ପ ଦର୍ଶନ କରି ନିଜକୁ ଧନ୍ୟ ମନେ କରନ୍ତି। ଜଗନ୍ନାଥ ସଂସ୍କୃତିରେ ଆଡ଼ପ ଦର୍ଶନର ମହତ୍ତ୍ୱ ଅତ୍ୟନ୍ତ ଉଚ୍ଚ। ଅନେକ ଭକ୍ତଙ୍କ ବିଶ୍ୱାସ ଯେ, ଏହି ସମୟରେ ମହାପ୍ରଭୁଙ୍କ ଦର୍ଶନ ଅତ୍ୟନ୍ତ ପୁଣ୍ୟଦାୟକ।

ଶ୍ରୀଗୁଣ୍ଡିଚା ମନ୍ଦିର ପୁରୀର ବଡ଼ଦାଣ୍ଡର ଉତ୍ତର ପ୍ରାନ୍ତରେ ଅବସ୍ଥିତ। ଶ୍ରୀମନ୍ଦିରରୁ ଏହାର ଦୂରତା ପ୍ରାୟ ତିନି କିଲୋମିଟର। ଏହି ଦୂରତା କେବଳ ଭୌଗୋଳିକ ନୁହେଁ, ବରଂ ଏହା ଆଧ୍ୟାତ୍ମିକ ଯାତ୍ରାର ପ୍ରତୀକ। ମହାପ୍ରଭୁ ନିଜ ଭକ୍ତଙ୍କ ନିକଟକୁ ଯିବା ପାଇଁ ଏହି ପଥ ଅତିକ୍ରମ କରନ୍ତି। ସେହି କାରଣରୁ ବଡ଼ଦାଣ୍ଡକୁ ଭକ୍ତିର ପଥ ବୋଲି କୁହାଯାଏ। ପ୍ରତିବର୍ଷ ଲକ୍ଷ ଲକ୍ଷ ଭକ୍ତ ଏହି ପଥରେ ରଥ ଟାଣି ନିଜ ଜୀବନକୁ ସାର୍ଥକ ମନେ କରନ୍ତି।

ଶ୍ରୀଗୁଣ୍ଡିଚା ମନ୍ଦିରକୁ କେବଳ ଏକ ମନ୍ଦିର ଭାବରେ ଦେଖିଲେ ତାହାର ପ୍ରକୃତ ମହିମାକୁ ବୁଝିହେବ ନାହିଁ। ଏହା ଜଗନ୍ନାଥ ସଂସ୍କୃତିର ଏକ ଜୀବନ୍ତ ପ୍ରତୀକ। ଏଠାରେ ଭକ୍ତି ଓ ଇତିହାସ, ପୁରାଣ ଓ ପରମ୍ପରା, ସ୍ଥାପତ୍ୟ ଓ ସଂସ୍କୃତି, ସମାଜ ଓ ଆଧ୍ୟାତ୍ମିକତାର ଏକ ଅନନ୍ୟ ସମନ୍ୱୟ ଦେଖିବାକୁ ମିଳେ। ଏହି ସମନ୍ୱୟ ହିଁ ଶ୍ରୀଗୁଣ୍ଡିଚାକୁ ରଥଯାତ୍ରାର ପ୍ରାଣକେନ୍ଦ୍ରର ମର୍ଯ୍ୟାଦା ପ୍ରଦାନ କରିଛି।

ଶ୍ରୀଗୁଣ୍ଡିଚା ମନ୍ଦିର କେବଳ ରଥଯାତ୍ରାର ଗନ୍ତବ୍ୟସ୍ଥଳ ନୁହେଁ, ଏହା ଜଗନ୍ନାଥ ସଂସ୍କୃତିର ଏକ ଜୀବନ୍ତ ଅଧ୍ୟାୟ। ଓଡ଼ିଶାର ପ୍ରାଚୀନ କଳିଙ୍ଗ ସ୍ଥାପତ୍ୟ ଶୈଳୀରେ ନିର୍ମିତ ଏହି ମନ୍ଦିରରେ ବିମାନ, ଜଗମୋହନ, ନାଟମଣ୍ଡପ ଓ ଭୋଗମଣ୍ଡପ ରହିଛି। ବର୍ଷର ଅଧିକାଂଶ ସମୟ ଏହି ମନ୍ଦିର ଶାନ୍ତ ପରିବେଶରେ ରହିଥାଏ, କିନ୍ତୁ ରଥଯାତ୍ରା ସମୟରେ ଏହା ଭକ୍ତିର ମହାସମୁଦ୍ରରେ ପରିଣତ ହୋଇଯାଏ। ମହାପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ଆଗମନରେ ସମଗ୍ର ପରିବେଶ ଆଧ୍ୟାତ୍ମିକ ଉଲ୍ଲାସରେ ଭରିଯାଏ। ଶ୍ରୀଗୁଣ୍ଡିଚା ମନ୍ଦିରର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଆଡ଼ପ ମଣ୍ଡପ। ରଥଯାତ୍ରା ପରେ ମହାପ୍ରଭୁ ଏଠାରେ ସାତ ଦିନ ଧରି ବିରାଜମାନ ହୁଅନ୍ତି। ଏହି ସମୟକୁ ଆଡ଼ପ ଲୀଳା ବୋଲି କୁହାଯାଏ। ଶ୍ରୀମନ୍ଦିରର ଗର୍ଭଗୃହରେ ଯେଉଁ ଦର୍ଶନ ସମସ୍ତଙ୍କ ପାଇଁ ସହଜ ନୁହେଁ, ଆଡ଼ପ ମଣ୍ଡପରେ ମହାପ୍ରଭୁଙ୍କ ଦର୍ଶନ ସମସ୍ତଙ୍କ ପାଇଁ ସୁଲଭ ହୋଇଥାଏ। ଏହା ଜଗନ୍ନାଥ ସଂସ୍କୃତିର ସର୍ବଜନୀନ ଆଦର୍ଶକୁ ପ୍ରତିଫଳିତ କରେ। ରଥଯାତ୍ରା ପୂର୍ବରୁ ପାଳନ କରାଯାଉଥିବା ଗୁଣ୍ଡିଚା ମାର୍ଜନ ନୀତି ଜଗନ୍ନାଥ ପରମ୍ପରାର ଏକ ଅତ୍ୟନ୍ତ ପବିତ୍ର ଅଂଶ। ମହାପ୍ରଭୁଙ୍କ ଆଗମନ ପୂର୍ବରୁ ସେବାୟତମାନେ ସମଗ୍ର ମନ୍ଦିରକୁ ପରିଷ୍କାର କରନ୍ତି। ପ୍ରଚୁର ପରିମାଣର ଜଳରେ ମନ୍ଦିର ଧୋଇବା ସହିତ ପ୍ରତ୍ୟେକ କୋଣକୁ ସଫା କରାଯାଏ। ଏହା କେବଳ ବାହ୍ୟ ପରିଷ୍କାର ନୁହେଁ, ବରଂ ମଣିଷର ଅନ୍ତରାତ୍ମାକୁ ପବିତ୍ର କରିବାର ଏକ ପ୍ରତୀକ। ଭକ୍ତଙ୍କର ହୃଦୟ ଯେପର୍ଯ୍ୟନ୍ତ ଅହଂକାର, କ୍ରୋଧ, ଲୋଭ ଓ ଦ୍ୱେଷରୁ ମୁକ୍ତ ନହୁଏ, ସେପର୍ଯ୍ୟନ୍ତ ସେଠାରେ ଭଗବାନଙ୍କ ବାସ ସମ୍ଭବ ନୁହେଁ। ଗୁଣ୍ଡିଚା ମାର୍ଜନ ଏହି ଆଧ୍ୟାତ୍ମିକ ବାର୍ତ୍ତାକୁ ସମାଜ ସମ୍ମୁଖରେ ଉପସ୍ଥାପନ କରେ।

ଷୋଡ଼ଶ ଶତାବ୍ଦୀରେ ଶ୍ରୀଚୈତନ୍ୟ ମହାପ୍ରଭୁ ପୁରୀରେ ବାସ କରୁଥିବା ସମୟରେ ଗୁଣ୍ଡିଚା ମାର୍ଜନକୁ ଏକ ଭକ୍ତି ଆନ୍ଦୋଳନର ରୂପ ଦେଇଥିଲେ। ଚୈତନ୍ୟ ଚରିତାମୃତ ଓ ଚୈତନ୍ୟ ଭାଗବତରେ ବର୍ଣ୍ଣିତ ହୋଇଛି ଯେ, ସେ ସ୍ୱୟଂ ହାତରେ ଝାଡ଼ୁ ଧରି ମନ୍ଦିର ପରିଷ୍କାର କରୁଥିଲେ ଏବଂ ନିଜ ଶିଷ୍ୟମାନଙ୍କୁ ମଧ୍ୟ ସେହି ସେବାରେ ସାମିଲ କରୁଥିଲେ। ସେ କହୁଥିଲେ ଯେ, ଭଗବାନଙ୍କୁ ପାଇବା ପାଇଁ ପ୍ରଥମେ ନିଜ ହୃଦୟକୁ ପବିତ୍ର କରିବା ଆବଶ୍ୟକ। ଏହି କାରଣରୁ ଗୁଣ୍ଡିଚା ମାର୍ଜନକୁ କେବଳ ଏକ ନୀତି ନୁହେଁ, ବରଂ ଭକ୍ତିଯୋଗର ଏକ ମହାନ ସାଧନା ବୋଲି କୁହାଯାଏ। ରଥଯାତ୍ରାର ପଞ୍ଚମ ଦିନରେ ପାଳନ କରାଯାଉଥିବା ହେରା ପଞ୍ଚମୀ ମଧ୍ୟ ଶ୍ରୀଗୁଣ୍ଡିଚା ସହ ଜଡ଼ିତ ଏକ ଆକର୍ଷଣୀୟ ପରମ୍ପରା। ଲୋକବିଶ୍ୱାସ ଅନୁଯାୟୀ, ଶ୍ରୀମନ୍ଦିରରେ ରହିଥିବା ମହାଲକ୍ଷ୍ମୀ ମହାପ୍ରଭୁଙ୍କ ବିଳମ୍ବରେ ଅସନ୍ତୁଷ୍ଟ ହୋଇ ଗୁଣ୍ଡିଚା ମନ୍ଦିରକୁ ଆସନ୍ତି। ଏହି ଲୀଳା ମାଧ୍ୟମରେ ପାରିବାରିକ ସ୍ନେହ, ଅଭିମାନ ଓ ପ୍ରେମର ସୁନ୍ଦର ପ୍ରକାଶ ଘଟେ। ଜଗନ୍ନାଥ ସଂସ୍କୃତିରେ ଏହି ଲୀଳାକୁ ଅତ୍ୟନ୍ତ ଆନନ୍ଦର ସହ ପାଳନ କରାଯାଏ। ସାତ ଦିନର ଆଡ଼ପ ଲୀଳା ପରେ ମହାପ୍ରଭୁ ବାହୁଡ଼ା ଯାତ୍ରାରେ ପୁଣି ଶ୍ରୀମନ୍ଦିରକୁ ଫେରନ୍ତି। ଫେରିବା ବାଟରେ ମାଉସୀ ମା’ ମନ୍ଦିରରେ ପୋଡ଼ ପିଠା ଭୋଗ ଗ୍ରହଣ କରିବାର ପରମ୍ପରା ମଧ୍ୟ ଜଗନ୍ନାଥ ସଂସ୍କୃତିର ଏକ ଅନନ୍ୟ ଅଂଶ। ଏହି ପରମ୍ପରା ଭଗବାନଙ୍କୁ ଏକ ମାନବୀୟ ସମ୍ପର୍କରେ ଦେଖିବାର ଦର୍ଶନକୁ ପ୍ରକାଶ କରେ। ଏଠାରେ ଭଗବାନ କେବଳ ପୂଜାର ବିଷୟ ନୁହନ୍ତି, ସେ ପରିବାରର ଏକ ସଦସ୍ୟ ଭାବରେ ମଧ୍ୟ ଅନୁଭୂତ ହୁଅନ୍ତି। ଶ୍ରୀଗୁଣ୍ଡିଚା ମନ୍ଦିରର ମହତ୍ତ୍ୱ କେବଳ ଧାର୍ମିକ ନୁହେଁ, ବରଂ ସାମାଜିକ ମଧ୍ୟ। ରଥଯାତ୍ରା ସମୟରେ ଦେଶ ବିଦେଶରୁ ଲକ୍ଷ ଲକ୍ଷ ଲୋକ ପୁରୀକୁ ଆସନ୍ତି। ଏହା ଓଡ଼ିଶାର ଅର୍ଥନୀତି, ପର୍ଯ୍ୟଟନ, ହସ୍ତଶିଳ୍ପ, ଲୋକକଳା ଓ ସାଂସ୍କୃତିକ ଜୀବନକୁ ନୂତନ ଶକ୍ତି ପ୍ରଦାନ କରେ। ରଥଯାତ୍ରା କେବଳ ଏକ ଧାର୍ମିକ ଆୟୋଜନ ନୁହେଁ, ବରଂ ଏହା ଓଡ଼ିଶାର ସାଂସ୍କୃତିକ ପରିଚୟର ବିଶ୍ୱସ୍ତରୀୟ ପ୍ରତିନିଧି।

ଜଗନ୍ନାଥ ଦର୍ଶନରେ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଭକ୍ତଙ୍କ ହୃଦୟର ପ୍ରତୀକ ବୋଲି ବର୍ଣ୍ଣନା କରାଯାଏ। ଯେପରି ମହାପ୍ରଭୁଙ୍କ ଆଗମନ ପୂର୍ବରୁ ମନ୍ଦିରକୁ ସଫା କରାଯାଏ, ସେହିପରି ମଣିଷ ନିଜ ଜୀବନରେ ସତ୍ୟ, ପ୍ରେମ, କ୍ଷମା, ଦୟା ଓ ସେବାର ଭାବନାକୁ ବିକଶିତ କଲେ ତାଙ୍କ ହୃଦୟରେ ମଧ୍ୟ ଈଶ୍ୱରଙ୍କ ବାସ ହୋଇପାରିବ। ଏହି ଶିକ୍ଷା ଜଗନ୍ନାଥ ସଂସ୍କୃତିର ସାରତତ୍ତ୍ୱ ଅଟେ।

ଶ୍ରୀଜଗନ୍ନାଥ ସଂସ୍କୃତିର ସବୁଠାରୁ ବଡ଼ ବୈଶିଷ୍ଟ୍ୟ ହେଉଛି ଏହାର ସର୍ବଜନୀନତା। ପୃଥିବୀର ଅନେକ ମନ୍ଦିରରେ ଦେବତା ଗର୍ଭଗୃହରେ ବିରାଜମାନ ରହନ୍ତି ଏବଂ ଭକ୍ତମାନେ ସେମାନଙ୍କ ଦର୍ଶନ ପାଇଁ ଯାଆନ୍ତି। କିନ୍ତୁ ଶ୍ରୀଜଗନ୍ନାଥଙ୍କ କ୍ଷେତ୍ରରେ ଚିତ୍ରଟି ସମ୍ପୂର୍ଣ୍ଣ ଭିନ୍ନ। ସେ ସ୍ୱୟଂ ରଥାରୂଢ଼ ହୋଇ ଭକ୍ତଙ୍କ ନିକଟକୁ ଯାଆନ୍ତି। ଏହା କେବଳ ଧାର୍ମିକ ପରମ୍ପରା ନୁହେଁ, ବରଂ ଏକ ଗଭୀର ସାମାଜିକ ଦର୍ଶନ। ଏହା ମଣିଷକୁ ଶିଖାଏ ଯେ ଈଶ୍ୱର କେବଳ ମନ୍ଦିରର ଚାରି କାନ୍ଥ ମଧ୍ୟରେ ସୀମିତ ନୁହନ୍ତି, ସେ ପ୍ରତ୍ୟେକ ମଣିଷର ହୃଦୟରେ ବାସ କରନ୍ତି।

ଶ୍ରୀଗୁଣ୍ଡିଚା ମନ୍ଦିର ଏହି ଦର୍ଶନର ସବୁଠାରୁ ବଡ଼ ପ୍ରତୀକ। ରଥଯାତ୍ରାରେ ମହାପ୍ରଭୁଙ୍କ ଗୁଣ୍ଡିଚା ବିଜେକୁ ଅନେକ ଆଚାର୍ଯ୍ୟ ଜୀବାତ୍ମା ଓ ପରମାତ୍ମାଙ୍କ ମିଳନର ପ୍ରତୀକ ବୋଲି ବ୍ୟାଖ୍ୟା କରିଛନ୍ତି। ବୈଷ୍ଣବ ଦର୍ଶନରେ ଗୁଣ୍ଡିଚା ମନ୍ଦିରକୁ ନିର୍ମଳ ହୃଦୟର ପ୍ରତୀକ ଭାବେ ବିବେଚନା କରାଯାଏ। ଯେପରି ଗୁଣ୍ଡିଚା ମାର୍ଜନ ମାଧ୍ୟମରେ ମନ୍ଦିରକୁ ପବିତ୍ର କରାଯାଏ, ସେହିପରି ମଣିଷ ନିଜ ମନକୁ ଲୋଭ, ମୋହ, ଅହଂକାର ଓ ଦ୍ୱେଷରୁ ମୁକ୍ତ କଲେ ସେଠାରେ ପରମାତ୍ମାଙ୍କ ବାସ ହୋଇପାରିବ। ଜଗନ୍ନାଥ ସଂସ୍କୃତିର ଅନ୍ୟତମ ମହାନ ବାର୍ତ୍ତା ହେଉଛି ସମତା। ରଥଯାତ୍ରାରେ ରାଜା ଓ ସାଧାରଣ ପ୍ରଜା ଏକାଠି ରଥ ଟାଣନ୍ତି। ଗଜପତି ମହାରାଜ ସ୍ୱୟଂ ସୁବର୍ଣ୍ଣ ଝାଡ଼ୁରେ ଛେରା ପହଁରା କରନ୍ତି। ଏହି ପରମ୍ପରା ଶାସକଙ୍କୁ ମଧ୍ୟ ଭଗବାନଙ୍କ ସେବକ ବୋଲି ପ୍ରତିପାଦିତ କରେ। ଭାରତୀୟ ରାଜନୈତିକ ଓ ସାମାଜିକ ଇତିହାସରେ ଏପରି ଉଦାହରଣ ଅତ୍ୟନ୍ତ ବିରଳ। ଏହା ପ୍ରମାଣ କରେ ଯେ ଜଗନ୍ନାଥ ସଂସ୍କୃତିରେ କ୍ଷମତାଠାରୁ ସେବାର ସ୍ଥାନ ଅଧିକ ଉଚ୍ଚ।

ଶ୍ରୀଗୁଣ୍ଡିଚା ମନ୍ଦିରର ମହତ୍ତ୍ୱ କେବଳ ପୁରୀ କିମ୍ବା ଓଡ଼ିଶାରେ ସୀମିତ ନୁହେଁ। ଆଜି ରଥଯାତ୍ରା ପୃଥିବୀର ବହୁ ଦେଶରେ ପାଳନ କରାଯାଉଛି। ଲଣ୍ଡନ, ନ୍ୟୁୟର୍କ, ଟରୋଣ୍ଟୋ, ସିଡ୍‌ନି, ଜୋହାନ୍ସେବର୍ଗ, ମସ୍କୋ, ସିଙ୍ଗାପୁର, କୁଆଲାଲମ୍ପୁର ଓ ଅନ୍ୟାନ୍ୟ ସହରରେ ମଧ୍ୟ ରଥଯାତ୍ରା ଆୟୋଜନ କରାଯାଏ। ଏହା ଓଡ଼ିଶାର ସଂସ୍କୃତିକୁ ବିଶ୍ୱଦରବାରରେ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି। ବିଦେଶୀ ଗବେଷକ, ଇତିହାସବିଦ୍ ଓ ପର୍ଯ୍ୟଟକମାନେ ଜଗନ୍ନାଥ ସଂସ୍କୃତିର ମାନବିକ ଦର୍ଶନ, ସମାଜ ଚିନ୍ତା ଏବଂ ସାଂସ୍କୃତିକ ବ୍ୟାପକତା ଉପରେ ଅନେକ ଗବେଷଣା କରିଛନ୍ତି।

ଶ୍ରୀଗୁଣ୍ଡିଚା ମନ୍ଦିର ଓ ରଥଯାତ୍ରା ଓଡ଼ିଶାର ଅର୍ଥନୀତିରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥାଏ। ପ୍ରତିବର୍ଷ ଲକ୍ଷ ଲକ୍ଷ ପର୍ଯ୍ୟଟକ ପୁରୀକୁ ଆସନ୍ତି। ଏହା ଦ୍ୱାରା ପର୍ଯ୍ୟଟନ, ହୋଟେଲ ବ୍ୟବସାୟ, ହସ୍ତତନ୍ତ ଶିଳ୍ପ, ପଟ୍ଟଚିତ୍ର, ପଥର ଖୋଦେଇ, କାଠ କାରୁକାର୍ଯ୍ୟ, ମୃଣ୍ମୟ ଶିଳ୍ପ ଓ ମହାପ୍ରସାଦ ବ୍ୟବସ୍ଥା ସହ ଜଡ଼ିତ ହଜାର ହଜାର ଲୋକ ଜୀବିକା ନିର୍ବାହ କରନ୍ତି। ତେଣୁ ରଥଯାତ୍ରା କେବଳ ଆଧ୍ୟାତ୍ମିକ ନୁହେଁ, ଏହା ଓଡ଼ିଶାର ଅର୍ଥନୈତିକ ଜୀବନର ମଧ୍ୟ ଏକ ପ୍ରମୁଖ ଆଧାର। ଓଡ଼ିଆ ସାହିତ୍ୟରେ ମଧ୍ୟ ଶ୍ରୀଗୁଣ୍ଡିଚାର ମହତ୍ତ୍ୱ ଅତ୍ୟନ୍ତ ବିଶେଷ। ସାରଳା ଦାସ, ଜଗନ୍ନାଥ ଦାସ, ବଳରାମ ଦାସ, ଅଚ୍ୟୁତାନନ୍ଦ ଦାସ, ଦୀନକୃଷ୍ଣ ଦାସ, ଉପେନ୍ଦ୍ର ଭଞ୍ଜ ଏବଂ ଆଧୁନିକ କବି ଓ ଗବେଷକମାନେ ଜଗନ୍ନାଥ ସଂସ୍କୃତିର ବିଭିନ୍ନ ଦିଗକୁ ନିଜ ରଚନାରେ ସ୍ଥାନ ଦେଇଛନ୍ତି। ଭଜନ, ଜଣାଣ, ଚଉତିଶା, କାବ୍ୟ, ପାଲା, ଦାସକାଠିଆ ଓ ଲୋକସଙ୍ଗୀତରେ ଶ୍ରୀଗୁଣ୍ଡିଚାର ମହିମା ଅନେକଥର ଗାନ କରାଯାଇଛି। ଏହା ପ୍ରମାଣ କରେ ଯେ ଏହି ମନ୍ଦିର କେବଳ ଧର୍ମର ନୁହେଁ, ଓଡ଼ିଆ ସାହିତ୍ୟ ଓ ଲୋକସଂସ୍କୃତିର ମଧ୍ୟ ଏକ ଅବିଚ୍ଛିନ୍ନ ଅଂଶ।

ଆଜିର ସମୟରେ ମଧ୍ୟ ଶ୍ରୀଗୁଣ୍ଡିଚାର ବାର୍ତ୍ତା ସମାନ ଭାବରେ ପ୍ରାସଙ୍ଗିକ। ସମାଜରେ ବିଭେଦ, ହିଂସା ଓ ଅସହିଷ୍ଣୁତା ବଢୁଥିବା ସମୟରେ ଜଗନ୍ନାଥ ସଂସ୍କୃତି ଆମକୁ ସମତା, ସହନଶୀଳତା, ସେବା, ପ୍ରେମ ଓ ମାନବତାର ଶିକ୍ଷା ଦେଇଥାଏ। ମହାପ୍ରଭୁଙ୍କ ରଥ ସମସ୍ତଙ୍କ ପାଇଁ ସମାନ ଭାବରେ ଖୋଲା ରହେ। ସେଠାରେ କୌଣସି ଜାତି, ବର୍ଣ୍ଣ କିମ୍ବା ଧନ ସମ୍ପତ୍ତିର ଭେଦ ନଥାଏ। ଏହି ଶିକ୍ଷା ଆଜିର ବିଶ୍ୱରେ ମଧ୍ୟ ଅତ୍ୟନ୍ତ ଆବଶ୍ୟକ।

ଉପସଂହାରରେ କୁହାଯାଇପାରେ ଯେ ଶ୍ରୀଗୁଣ୍ଡିଚା ମନ୍ଦିର କେବଳ ରଥଯାତ୍ରାର ଗନ୍ତବ୍ୟସ୍ଥଳ ନୁହେଁ। ଏହା ଜଗନ୍ନାଥ ସଂସ୍କୃତିର ହୃଦୟ, ଓଡ଼ିଶାର ଆଧ୍ୟାତ୍ମିକ ପରିଚୟର କେନ୍ଦ୍ରବିନ୍ଦୁ ଏବଂ ଭାରତୀୟ ସଂସ୍କୃତିର ସମନ୍ୱୟବାଦୀ ଦର୍ଶନର ଜୀବନ୍ତ ପ୍ରତୀକ। ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ଭକ୍ତି, ରାଣୀ ଗୁଣ୍ଡିଚାଙ୍କ ସମର୍ପଣ, ପୂର୍ବ ଗଙ୍ଗ ଓ ଗଜପତି ରାଜାମାନଙ୍କ ପୃଷ୍ଠପୋଷକତା, ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ସେବାଭାବ ଏବଂ କୋଟି କୋଟି ଭକ୍ତଙ୍କ ଅଟୁଟ ବିଶ୍ୱାସ ମିଶି ଶ୍ରୀଗୁଣ୍ଡିଚାକୁ ଏକ ଚିରନ୍ତନ ତୀର୍ଥରେ ପରିଣତ କରିଛି। ଯେପର୍ଯ୍ୟନ୍ତ ରଥଯାତ୍ରା ଚାଲିଥିବ, ସେପର୍ଯ୍ୟନ୍ତ ଶ୍ରୀଗୁଣ୍ଡିଚାର ମହିମା ଅକ୍ଷୁଣ୍ଣ ରହିବ। ଏହା କେବଳ ଏକ ମନ୍ଦିରର ଇତିହାସ ନୁହେଁ, ବରଂ ଓଡ଼ିଆ ଜାତିର ଆତ୍ମପରିଚୟ, ଆଧ୍ୟାତ୍ମିକ ଚେତନା ଓ ସାଂସ୍କୃତିକ ଗୌରବର ଅମୂଲ୍ୟ ଐତିହ୍ୟ। ଶ୍ରୀଗୁଣ୍ଡିଚା ସଦାସର୍ବଦା ରଥଯାତ୍ରାର ପ୍ରାଣକେନ୍ଦ୍ର ଭାବରେ ଭକ୍ତ ହୃଦୟରେ ଅମର ହୋଇ ରହିବ।

---

## ଆଡ଼ପ ମଣ୍ଡପେ ଦେଖିବାକୁ

● ଜେନା ପ୍ରଦୀପ



ଆଡ଼ପ ମଣ୍ଡପେ ଦେଖିବାକୁ ତୋତେ
ମୋ ମନ ବଳିଛି ଭାରି
ହେ ଜଗା ଗୋସାଇଁ ତୋ ଡୋରି ଲଗାଇ
ନେଇଯା ବେଗେ ପୁରୀ।

ବରଷକେ ଥରେ ଆସିଛୁ କାଳିଆ
ଜନମବେଦିକୁ ବୁଲି
ଗହଳ ଚହଳ ଗୁଣ୍ଡିଚା ମନ୍ଦିର
ବଡଦେଉଳ ତୋ ଖାଲି
ନଅଦିନ ପାଇଁ ଗୁଣ୍ଡିଚା ମନ୍ଦିରେ
ଲୀଳା ଲଗାଇଛ ହରି।

ବାସ ମହମହ ଆଡ଼ପ ଅବଢ଼ା
ଭାଗ୍ୟ ଥିଲେ ସିନା ମିଳେ
ସନ୍ଧ୍ୟା ଦରଶନ ଆଡ଼ପ ମଣ୍ଡପେ
ମୁକତି ଦୁଆର ଖୋଲେ
ଏତିକି ମାଗୁଣି ରଖିବୁ କାଳିଆ
ମନୋରଥ ଯାଉ ପୂରି।

**ଲକ୍ଷ୍ମୀପାଦ, ପ୍ଲଟ ନଂ ୩ଇ ୧୦୧୮
ସେକ୍ଟର ୧୩,
ମର୍କତନଗର(ସିଡିଏ)
କଟକ,
୯୯୩୮୫୨୦୩୭୧**

## ସୁନା ବେଶ

● ତାରାପ୍ରସାଦ ଜେନା

ମହଣ ମହଣ ସୁନାର ବେଶରେ
ସଜେଇ ହୋଇଛ ଧନ
ନୟନ ପୂରାଇ ଭଲରେ ଦେଖିବି
ଉଚ୍ଛନ୍ନ ଲାଗୁଛି ମନ
ମହଣ ମହଣ ସୁନାର ବେଶରେ ..... ! ୦ !
ଖାଇବା ପିଇବା ମନ ପଡୁନାହିଁ
ମୋହନ ରୂପକୁ ବଶ
ଲାଜରେ ଲାଜରେ ନିରେଖି ଚାହୁଁଚି
ନାଲିଆ ଅଧର ହସ,
କାଳିଆ ଭଳିଆ କିଏ ଆଉ ଅଛି
ସୁନାର ଗୁଣରେ ମାନ
ମହଣ ମହଣ ସୁନାର ବେଶରେ ..... ! ୧ !
ସୁନାର ଦେବୀ ଯେ ମାନ କରୁଛନ୍ତି
ବଡ଼ ଦେଉଳରେ ଥାଇ
ବାହୁଡ଼ା ଯାତରା ଲଗେଇ ଦେଇଛ
ବାହାରେ ଦର୍ଶନ ଦେଇ,
ସୁନା ଆଧାରରେ ଭାଗ୍ୟରେ ମିଳିଛ
ମହିମା ଶୁଭୁଛି କାନ
ମହଣ ମହଣ ସୁନାର ବେଶରେ ..... ! ୨ !

**୯୩୪୮୦୫୪୩୦୦**

## ଜଗନ୍ନାଥ ସଂସ୍କୃତିରେ ଆମେ

● ପ୍ରତିଭା ଦାଶ

ଜଗତର ନାଥ ଜଗନ୍ନାଥ ପ୍ରଭୁ
ବ୍ରହ୍ମାଣ୍ଡ କରତା ସିଏ
ଜାତି ଧର୍ମ ବର୍ଣ୍ଣ ଭେଦର ଭାବନା
ନ ଥାଏ ତା’ ଶାସନରେ।

ସବୁଙ୍କୁ ସମାନ ଦିଏ ଆଶୀର୍ବାଦ
ମୁରୁକି ମୁରୁକି ହସି
ଲୋକଙ୍କ ମୁଖରେ ହସ ଦେଇ ହସେ
ବଡ଼ ଦେଉଳରେ ବସି।

ତା’ ଚକା ଆଖିକୁ ଚାହିଁଦେଲେ ଥରେ
ହଜିଯାଏ ମନ ମୋର
ପାଦ ଯୁଗଳରେ କରିଲେ ଜୁହାର
ଉଦୟ ହୁଏ ଜ୍ଞାନର।

ଦାରୁବ୍ରହ୍ମ ଦିଅଁ କାଳିଆ ଠାକୁର
ଭକ୍ତଙ୍କ ହୃଦୟେ ରୁହେ
ସଂସାରର ଲୀଳା କରି ସେ ଦେଖଇ
ସଭିଙ୍କର ଗାଳି ସହେ।



ନୂଆପଡ଼ା, ୭୮୯୪୫୨୮୪୯୩

## ଚରଣେ ଶରଣ

● ଅନୁପମା ପଣ୍ଡା

ଆଗରେ ପଛରେ ମୋର କେହି ନାହିଁ
ଏକୁଟିଆ ମୋ ସଂସାର,
ବନ୍ଧୁଟିଏ ହୋଇ ମୋ ପାଖକୁ ଆସ
ମୋ ଦୁଃଖ କହିବି ବାରେ।

ବିଶ୍ୱାସ ଭରସା ନାହିଁ କା ହାଠାରେ
ତୁମେ ଏକା ମୋର ସାହା,
ଦୟାକର ଏହି ଦିନଜନ ଠାରେ
ଦେଖା ଅ ଭକତି ରାହା।



ମିଛମାୟା ଭରା କପଟୀ ଦୁନିଆ
ବଞ୍ଚିବା ସହଜ ନୁହଁ,
ତବ ନାମ ଭଜି ତବ ଗୁଣ ଗାଇ
ଚାହିଁ ଥିବି କଳା ମୁହଁ।

ତୁମେ ଅନ୍ତର୍ଯ୍ୟାମୀ ମୋ ମନ ଠାକୁର
ଅନ୍ତର କଥା ବୁଝିବ,
ଅନ୍ତିମ କାଳରେ ସୁଦୟା କରିବ
ଚରଣେ ଶରଣ ଦେବ।

**-ସମ୍ବଲପୁର**

## ଜୟ ଜଗନ୍ନାଥ

● ଗୋଲୋକବିହାରୀ ବେହେରା

ଜୟ ଜୟ ଜଗନ୍ନାଥ
କରୁଣା ସାଗର
ଜୟ ଜୟ ଜଗନ୍ନାଥ
ପ୍ରଭୁ ଚକ୍ରଧର।
ଜୟ ଜୟ ଜଗନ୍ନାଥ
ଦୁଃଖୀ ଜନ ବନ୍ଧୁ,
ମୋ ପରି ଅଧମେ ରକ୍ଷା
କର କୃପାସିନ୍ଧୁ।
ଅଧର୍ମୀ ଦୁରାଚାରୀର
ତୁମେ ବିନାଶକ,
ଜୟ ଜୟ ଜଗନ୍ନାଥ
ଅରକ୍ଷ ରକ୍ଷକ।
ଜୟ ଜୟ ଜଗନ୍ନାଥ
ଭକ୍ତ ପ୍ରାଣଧନ,
ଅଧମ ଜନକୁ ରଖ
ଶ୍ରୀ ପୁରୁଷୋତ୍ତମ।
ଜୟ ଜୟ ପରଂବ୍ରହ୍ମ
ଜଗତର ନାଥ ,
ଏ ସଂସାର ରକ୍ଷାକର
କାଳିଆ ସାଆନ୍ତ।



**ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ
ଷଡ଼ଙ୍ଗୀ, ଢେଙ୍କାନାଳ
୯୯୩୮୩୦୩୦୪୬**

# ନକଲି ପାସ୍ ବ୍ୟବହାର ବିରୋଧରେ ପୁରୀ ପୋଲିସର କାର୍ଯ୍ୟାନୁଷ୍ଠାନ






ପୁରୀ ୨୦/୦୭ : ରଥଯାତ୍ରା ୨୦୨୬ ଅବସରରେ ବିଭିନ୍ନ ସେବା, ସୁରକ୍ଷା ଓ ପ୍ରଶାସନିକ କାର୍ଯ୍ୟ ସୁଚାରୁରୂପେ ପରିଚାଳନା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅଧିକୃତ କର୍ମଚାରୀ, ସେବାୟତ, ବିଭିନ୍ନ ବିଭାଗର ଅଧିକାରୀ, ଏନଜିଓ ପ୍ରତିନିଧି ଏବଂ ଅନ୍ୟ ଅନୁମୋଦିତ ବ୍ୟକ୍ତିମାନଙ୍କୁ ପାସ୍ ପ୍ରଦାନ କରାଯାଇଛି। ଏହି ପାସ୍‌ଗୁଡ଼ିକର ଯାଞ୍ଚ ପାଇଁ ପୁରୀ ପୋଲିସ ପକ୍ଷରୁ ସମସ୍ତ ପ୍ରବେଶ ପଏଣ୍ଟରେ କଡ଼ା ଯାଞ୍ଚ ବ୍ୟବସ୍ଥା କରାଯାଇଛି। ଯାଞ୍ଚ ସମୟରେ କିଛି ବ୍ୟକ୍ତି ନକଲି ପାସ୍ ବ୍ୟବହାର କରି ପ୍ରବେଶ କରିବାକୁ ଉଦ୍ୟମ କରୁଥିବା ବେଳେ ସେଗୁଡ଼ିକୁ ଜବତ କରାଯାଇଛି। ଏଭଳି ନକଲି ପାସ୍ ପ୍ରସ୍ତୁତ, ବ୍ୟବହାର କିମ୍ବା ଏହାର ଅପବ୍ୟବହାର ସହ ଜଡ଼ିତ ବ୍ୟକ୍ତିମାନଙ୍କ ବିରୋଧରେ ପ୍ରଚଳିତ ଆଇନ ଅନୁଯାୟୀ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ଏବଂ ତଦନ୍ତ ଜାରି ରହିଛି। ପୁରୀ ପୋଲିସ ସମସ୍ତଙ୍କୁ ଅନୁରୋଧ କରୁଛି ଯେ, କେବଳ ବୈଧ ଓ ଅଧିକୃତ ପାସ୍ ବ୍ୟବହାର କରନ୍ତୁ। ନକଲି ପାସ୍ ବ୍ୟବହାର କିମ୍ବା ଏହା ପ୍ରସ୍ତୁତ/ଯୋଗାଣରେ ସମ୍ପୃକ୍ତ ହେଲେ କଡ଼ା ଆଇନଗତ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବାକୁ ପଡ଼ିବ।

# ପିଜିଟି ଶିକ୍ଷକଙ୍କ ଦିଗଦର୍ଶନ କର୍ମଶାଳାର ଆୟୋଜନ

## ପ୍ରଶିକ୍ଷଣ ନେବେ ସଂସ୍କୃତ ଓ ଅର୍ଥଶାସ୍ତ୍ରର ୧୨୦ ଜଣ ପିଜିଟି

ଭୁବନେଶ୍ୱର ୨୦/୦୭: ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅନ୍ତର୍ଗତ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଅଧିନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ସରକାରୀ ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନିଯୁକ୍ତି ପାଇଥିବା ପିଜିଟି ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କ ନିମନ୍ତେ ଦିଗଦର୍ଶନ କର୍ମଶାଳାର ଆୟୋଜନ କରାଯାଇଛି । ଶିରିପୁରସ୍ଥିତି ଇମେଜ୍ ଠାରେ ସଂସ୍କୃତ ଓ ଅର୍ଥଶାସ୍ତ୍ରର ୧୨୦ ଜଣ ପିଜିଟି ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ନେଇ ଦିଗଦର୍ଶନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଉଦଘାଟନୀ ଅଧିବେଶନରେ ପ୍ରାଥମିକ ନିର୍ଦ୍ଦେଶକ ଶ୍ରୀ ବାଳମୁକୁନ୍ଦ ମୀନା, ୟୁନିସେଫ୍ ର ଫିଲ୍ଡ ଅଫିସ୍ ଚିଫ୍ ଶ୍ରୀ ପ୍ରଶାନ୍ତ କୁମାର ଦାସ, ଉଚ୍ଚ ମାଧ୍ୟମିକ ନିର୍ଦ୍ଦେଶକ ଶ୍ରୀମତୀ ନିୟତୀ ପଟ୍ଟନାୟକ, ୟୁନିସେଫ୍ ଶିକ୍ଷା ବିଶେଷଜ୍ଞ ଲଳିତା ପଟ୍ଟନାୟକ, ଯୁଗ୍ମ ନିର୍ଦ୍ଦେଶକ ଶ୍ରୀମତୀ ସସ୍ମିତା ମାଳି, ଉପନିର୍ଦ୍ଦେଶକ ଶ୍ରୀମତୀ ସି.ଏଚ୍. ବିଜୟଲକ୍ଷ୍ମୀ, ଉପନିର୍ଦ୍ଦେଶକ ଜିତେନ୍ଦ୍ର କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ପ୍ରାଥମିକ




ନିର୍ଦ୍ଦେଶକ ବାଳମୁକୁନ୍ଦ ମୀନା ପିଜିଟି ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ ସମସ୍ୟାର ସମାଧାନ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ । ସମାଜ ଓ ଦେଶ ପାଇଁ ଉତ୍ତମ ନାଗରିକର ଗଠନର ଭାର ଶିକ୍ଷକଙ୍କ ଉପରେ ନ୍ୟସ୍ତ ଥାଏ ତେବେ ଛାତ୍ରଛାତ୍ରୀଙ୍କୁ ଉଚିତ୍ ଦିଗଦର୍ଶନ ଦେବା ଶିକ୍ଷକମାନଙ୍କ କର୍ତ୍ତବ୍ୟ ବୋଲି ସେ ମତ ପ୍ରକାଶ କରିଛନ୍ତି । ସେହିପରି ୟୁନିସେଫ୍ ର ଫିଲ୍ଡ ଅଫିସ୍ ଚିଫ୍ ଶ୍ରୀ ଦାସ କର୍ମଶାଳାରେ ସକ୍ରିୟ ଅଂଶଗ୍ରହଣ କରିବାକୁ ଉପଦେଶ ଦେଇଥିଲେ । ଉଚ୍ଚ ମାଧ୍ୟମିକ ଛାତ୍ରଛାତ୍ରୀଙ୍କୁ ଅପରାଧଠାରୁ ଦୂରେଇ ରଖିବା ପାଇଁ ସେମାନଙ୍କୁ ଉଚିତ୍ ମାର୍ଗଦର୍ଶନ ଦେବା ଶିକ୍ଷକମାନଙ୍କ କର୍ତ୍ତବ୍ୟ ବୋଲି ଶ୍ରୀ ଦାସ କହିଛନ୍ତି । ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଶ୍ରୀମତୀ ପଟ୍ଟନାୟକ ଉଦବୋଧନ ଦେଇ ପିଜିଟି ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ କର୍ମଶାଳାରୁ ଜ୍ଞାନ ଆହରଣ କରି ଛାତ୍ରଛାତ୍ରୀଙ୍କ ବିକାଶରେ ବ୍ୟବହାର କରିବାକୁ ଉପଦେଶ ଦେଇଛନ୍ତି । ସେ କହିଛନ୍ତି, ଦିଗଦର୍ଶନ କର୍ମଶାଳା ମାଧ୍ୟମରେ ଶିକ୍ଷକମାନେ ଯାହା ଶିଖିକି ଯାଇଥାନ୍ତି, ତାହା ଛାତ୍ରଛାତ୍ରୀମାନଙ୍କୁ ଦକ୍ଷ କରିବାରେ ସହାୟକ ହୋଇଥାଏ । ଏଥିସହ ଯୁଗ୍ମ ନିର୍ଦ୍ଦେଶକ ଶ୍ରୀମତୀ ମାଳି ସ୍ୱାଗତ ଅଭିଭାଷଣ ରଖି କର୍ମଶାଳାର ବିସ୍ତୃତି ବିବରଣୀ ପ୍ରଦାନ କରିଥିଲେ । ଉପନିର୍ଦ୍ଦେଶକ ଶ୍ରୀମତୀ ବିଜୟଲକ୍ଷ୍ମୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଉପନିର୍ଦ୍ଦେଶକ ଶ୍ରୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ସୂଚନାଯୋଗ୍ୟ, ପିଜିଟି ଶିକ୍ଷକଶିକ୍ଷୟିତ୍ରୀଙ୍କୁ ନେଇ ଆୟୋଜିତ ଦିଗଦର୍ଶନ କର୍ମଶାଳା ଦୁଇଟି ପର୍ଯ୍ୟାୟରେ ଆୟୋଜନ କରାଯିବ । ପ୍ରଥମ ପର୍ଯ୍ୟାୟ ଜୁଲାଇ ୨୦ ରୁ ଜୁଲାଇ ୨୪ ତାରିଖ ଯାଏଁ ଅନୁଷ୍ଠିତ ହେଉଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟ କର୍ମଶାଳା ଜୁଲାଇ ୨୭ ରୁ ଜୁଲାଇ ୩୧ ତାରିଖ ଯାଏଁ ଅନୁଷ୍ଠିତ ହେବ । ପ୍ରଥମ ପର୍ଯ୍ୟାୟରେ ଅର୍ଥଶାସ୍ତ୍ର ଓ ସଂସ୍କୃତର ୧୨୦ ଜଣ ପିଜିଟି ଯୋଗ ଦେଇଛନ୍ତି । ଏହି କର୍ମଶାଳାରେ ଜାତୀୟ ଶିକ୍ଷା ନୀତି ୨୦୨୦ ର ବିଭିନ୍ନ ଦିଗ, ଲିଙ୍ଗଗତ ସମାନତା ଶିକ୍ଷା, ଆଇସିଟିର ବ୍ୟବହାର, ଓଡିଶା ଏଜୁକେସନ୍ ରୁଲ୍, ସାମ୍ସ ଓ ଶିକ୍ଷାଜ୍ୟୋତି ପୋର୍ଟାଲର ବ୍ୟବହାର, ପୋଶ୍ ଆକ୍ଟ, ଛାତ୍ରବୃତ୍ତି, ପ୍ରଶାସନିକ ଭୂମିକା, ପରୀକ୍ଷା ଏବଂ ମୂଲ୍ୟାଙ୍କନ ଯୋଜନା, କ୍ୟାରିଅର ମାର୍ଗଦର୍ଶନ ଆଦି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯିବ ।

# ବାରଙ୍ଗରେ ଡକାୟତ ଓ ଚୋର ଦଳ ସକ୍ରିୟ

ଭୁବନେଶ୍ୱର ୨୦/୦୭: କିଛିଦିନ ହେଲାଣି ବାରଙ୍ଗ ଥାନା ଅଞ୍ଚଳରେ ସଶସ୍ତ୍ର ଡକାୟତ ଓ ଚୋର ଦଳ ସକ୍ରିୟ ହୋଇ ଉଠିଥିବା ଦେଖିବାକୁ ମିଳିଛି। ପାଞ୍ଚ ଦିନ ଭିତରେ ଦୁଇଟି ଗ୍ରାମର ଦୁଇଟି ଘରକୁ ଟାର୍ଗେଟ କରି ଲୁଟ୍ କରିବା ଲାଗି ଆସିଥିବା ଡକାୟତ ଦଳ ବିଫଳ ହେଇଛନ୍ତି। ଗତ ୧୪ ତାରିଖ ରାତିରେ ଫୁଲପୋଖରୀ ଗ୍ରାମର ଜନକ ବେଉରାଙ୍କ ଘରୁ ଡକାୟତି କରିବା ପାଇଁ ସୁଦୃଶ୍ୟ ପୋଷାକ ଓ ଯୋତା ପିନ୍ଧିଥିବା ୫ ଜଣିଆ ଦଳ ଆସିଥିଲେ। ଡକାୟତମାନେ ଏକ କାଗଜ କାଢ଼ି ଦେଖୁଥିବା ସିସିଟିଭିରୁ ଦେଖିବାକୁ ମିଳିଥିଲା। ଯେଉଁଥିରୁ ସେମାନେ ପୂର୍ବରୁ ନକ୍ସା ପ୍ରସ୍ତୁତ କରି ଆସିଥିବା ଅନୁମାନ କରାଯାଉଛି। ପରେ ଗେଟ୍ ଉପରେ ଚଢ଼ି ହତା ଭିତରକୁ ପଶି କବାଟ ବାଡ଼େଇ ଡାକିଥିଲେ। କବାଟ ନ ଫିଟାଇବାରୁ ନିରାଶ ହୋଇ ଫେରିଯାଇଥିଲେ। ପୁଣି ଗତକାଲି ଅର୍ଥାତ ୧୯ ତାରିଖ ଶନିବାର ରାତିରେ କଣ୍ଠାପାଟଣା ଗ୍ରାମକୁ ତିନିଜଣିଆ ଡକାୟତ ଦଳ ଯାଇ ଆଲିଆ ସାହୁ ଘର କବାଟ ବାଡ଼େଇଥିଲେ। ଏଠାରେ ମଧ୍ୟ ସମାନ ଢଙ୍ଗରେ ଡକାୟତି କରି ନପାରି ନିରାଶ ହୋଇ ଫେରିଛନ୍ତି ଡକାୟତ ଦଳ।

# ପଟିଆରା ଲଢେଇରେ କଲେଜ କର୍ତ୍ତୃପକ୍ଷ ନୟାନ୍ତ

ଭୁବନେଶ୍ୱର ୨୦/୦୭: ଚଳିତବର୍ଷ ମହାବିଦ୍ୟାଳୟଗୁଡ଼ିକରେ ଛାତ୍ର ସଂସଦ ନିର୍ବାଚନ ନେଇ ସ୍ପଷ୍ଟ ସୂଚନା ମିଳନଥିବାବେଳେ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଛାତ୍ର ଗଣ୍ଡଗୋଳ ଏବେ କର୍ତ୍ତୃପକ୍ଷଙ୍କ ଚିନ୍ତା ବଢାଇଛି । ଗୋଟିଏ ପଟେ ନାମଲେଖା ପର୍ବ ଚାଲିଥିବାବେଳେ ଅନ୍ୟପଟେ ଛାତ୍ରସଂସଦ ନିର୍ବାଚନକୁ ଦୃଷ୍ଟିରେ ରଖି ପଟିଆରା ଲଢେଇ ଆରମ୍ଭ ହୋଇଥିବାରୁ ଏହାକୁ କିଭଳି ସାମ୍ନା କରାଯିବ ତାହାକୁ ନେଇ କଲେଜ କର୍ତ୍ତୃପକ୍ଷ ଅଡୁଆରେ ପଡିଛନ୍ତି ।ରାଜ୍ୟ ରାଜଧାନୀର ଦୁଇ ପ୍ରମୁଖ ଶିକ୍ଷାନୁଷ୍ଠାନରେ ଏଭଳି ଗଣ୍ଡଗୋଳ ଘଟିଯାଇଛି । ପ୍ରଥମେ ରମାଦେବୀ ମହିଳା ମହାବିଦ୍ୟାଳୟରେ ଦୁଇ ରାଜନୈତିକଦଳର ସମର୍ଥିତ ଛାତ୍ର ସଂଗଠନ ନିଜ ନିଜର ପୋଷ୍ଟର ମାରିବାକୁ ନେଇ ହାତାହାତି ହୋଇଥିବାବେଳେ ଏଥିରେ ଅଣଛାତ୍ରମାନେ ଶିକ୍ଷାନୁଷ୍ଠାନରେ ପ୍ରବେଶ କରିଥିଲେ । ସ୍ଥିତି ସମ୍ଭାଳିବାପାଇଁ କଲେଜ କର୍ତ୍ତୃପକ୍ଷ ପୁଲିସ୍ ଡାକିବା ପରେ ମାମଲା ଥଣ୍ଡା ପଡିଥିଲା । ଅନୁରୂପ ଘଟଣା ଘଟିଛି ରାଜଧାନୀ ମହାବିଦ୍ୟାଳୟରେ । ସେଠାରେ ଦୁଇ ଗୋଷ୍ଠି ଛାତ୍ର ନିଜ ନିଜର ପଟିଆରା ପାଇଁ ଅଧ୍ୟକ୍ଷଙ୍କ



ସାମ୍ନାରେ ମାରପିଟ୍ ହୋଇଛନ୍ତି । ମାରପିଟର ମାତ୍ରା ଏତେ ଅଧିକ ଥିଲା ଯେ କିଛି ଛାତ୍ର ଡାକ୍ତରଖାନରେ ଭର୍ତ୍ତି ହେବା ସହିତ ପରସ୍ପର ବିରୁଦ୍ଧରେ ମାମଲା ଦାଏର କରିଛନ୍ତି । ଏଠାରେ ମଧ୍ୟ ସ୍ଥିତି ସମ୍ଭାଳିବାପାଇଁ କଲେଜ କର୍ତ୍ତୃପକ୍ଷ ପୁଲିସ୍‌ର ସହାୟତା ଲୋଡିଥିଲେ ।ବର୍ତ୍ତମାନ ରାଜ୍ୟର କଲେଜଗୁଡିକରେ ନାମଲେଖା ପର୍ବ ଚାଲୁଥିବାରୁ ନୂଆକରି କଲେଜ ଆସୁଥିବା ଛାତ୍ରଛାତ୍ରୀଙ୍କୁ ନିଜ ନିଜ ଛାତ୍ରସଂଗଠନରେ ସାମିଲ ପାଇଁ ଉଦ୍ୟମ ଆରମ୍ଭ ହୋଇଛି । ଏଥିପାଇଁ କଲେଜ ପରିସରରେ କେତେକ ଛାତ୍ର ସଂଗଠନ 'ହେଲ୍ପ ଡେସ୍କ' ବି ପ୍ରତିଷ୍ଠା କରିଛନ୍ତି । ନିଜ ପଟୁ ନୂଆ ଛାତ୍ରଛାତ୍ରୀଙ୍କୁ ଆକୃଷ୍ଟ ପାଇଁ ପୋଷ୍ଟର, ବ୍ୟାନର ବି ଲଗାଉଛନ୍ତି । ଏହାକୁ ନେଇ ଆରମ୍ଭ ହୋଇଯାଇଛି ଛକାପଞ୍ଝା । ନାମଲେଖାରେ ବ୍ୟସ୍ତ ଥିବା କଲେଜ କର୍ତ୍ତୃପକ୍ଷଙ୍କ ପାଇଁ ଏହା ଅଡୁଆ ସ୍ଥିତି ସୃଷ୍ଟି କରିଛି ।ତେବେ ଚଳିତବର୍ଷ ଛାତ୍ର ସଂସଦ ନିର୍ବାଚନ ହେବ କି ନାହିଁ ସେଥିନେଇ କେହି ସ୍ପଷ୍ଟ କରୁନାହାନ୍ତି । କାରଣ ଦୀର୍ଘଦିନ ହେଲା ରାଜ୍ୟର ଉଚ୍ଚଶିକ୍ଷାନୁଷ୍ଠାନରେ ଛାତ୍ର ସଂସଦ ନିର୍ବାଚନ ହୋଇନାହିଁ । ନୂଆ ସରକାର ଆସିବାପରେ ସମସ୍ତେ ଆଶା କରୁଥିଲେ ଯେ ଛାତ୍ରସଂସଦ ନିର୍ବାଚନ ହେବ । ହେଲେ ଗତ ଦୁଇବର୍ଷ ଧରି ଏହାକୁ ବିଭିନ୍ନ କାରଣ ଦର୍ଶାଇ ଟାଳି ଦିଆଯାଉଛି । ଚଳିତ ବର୍ଷ ଛାତ୍ର ସଂଘଗୁଡିକ ସକ୍ରିୟ ଥିବାରୁ ଓ ବିଭିନ୍ନ ଶିକ୍ଷାନୁଷ୍ଠାନରେ ନିଜର ସଂଗଠନକୁ ମଜବୁତ କରୁଥିବାରୁ ଛାତ୍ରସଂସଦ ନିର୍ବାଚନ ନେଇ ଆଶା ସଞ୍ଚାର ହୋଇଛି । ହେଲେ ଏଭଳି ଅନିଶ୍ଚିତତା ଭିତରେ ମହାବିଦ୍ୟାଳୟଗୁଡିକରେ ଯେଭଳି ପଟିଆରା ଲଢେଇ ଆରମ୍ଭ ହୋଇଛି ଓ ପୁଲିସ୍ ଡାକିବାକୁ ପଡୁଛି ସେଥିରେ ଛାତ୍ରସଂସଦ ନିର୍ବାଚନ ହେବ କି ନାହିଁ ସେଥିନେଇ କୌଣସି ସ୍ପଷ୍ଟ ସୂଚନା ମିଳିପାରୁ ନାହିଁ ।

## ବିଉଟି ମହାନ୍ତିଙ୍କ ମୃତ୍ୟୁ ଘଟଣା

# ଆସିଲା ୮ ଲକ୍ଷ ପୃଷ୍ଠାର ମୋବାଇଲ୍ ତଥ୍ୟ





କଟକ ୨୦/୦୭: ଚାଉଳିଆଗଞ୍ଜ ଥାନା ଆଇଆଇସି ବିଉଟି ମହାନ୍ତିଙ୍କ ମୃତ୍ୟୁ ଘଟଣାରେ କଟକ କମିସନରେଟ୍ ପୁଲିସ ହାତରେ ଡିଜିଟାଲ୍ ତଥ୍ୟ ହସ୍ତଗତ ହୋଇଛି। ୨୦୨୪ରୁ ୨୦୨୬ ଜୁଲାଇ ୪ ତାରିଖରେ ବିଉଟି ମହାନ୍ତିଙ୍କ ଆତ୍ମହତ୍ୟା ଯାଏଁ ତାଙ୍କ ମୋବାଇଲର ସମସ୍ତ ତଥ୍ୟ ଭୁବନେଶ୍ୱର ରସୁଲଗଡ଼ସ୍ଥିତ ଫରେନସିକ୍ ସାଇନ୍‌ସ ଲାବରେଟୋରି (ଏସ୍‌ଏଫ୍‌ଏସ୍‌ଏଲ୍)ରୁ କଢ଼ାଯାଇଛି। ୮ ଲକ୍ଷ ପୃଷ୍ଠାର ଦସ୍ତାବିଜ ପିଡିଏଫ୍ ଫର୍ମାଟ୍‌ରେ କଟକ କମିସନରେଟ୍ ପୁଲିସକୁ ଆସିଛି। ଏହି ତଥ୍ୟକୁ ସାଇବର୍ ବିଶେଷଜ୍ଞ ଟିମ୍ ଅନୁଧ୍ୟାନ କରୁଛନ୍ତି। ଏହି ଦସ୍ତାବିଜରେ ଚାଟିଂ ସମେତ ଫୋନ୍‌ରେ ବିଭିନ୍ନ କାର୍ଯ୍ୟକଳାପ ସମ୍ପର୍କିତ ତଥ୍ୟ ରହିଛି। ବିଉଟିଙ୍କ ମୃତ୍ୟୁ ପଛରେ ସେଭଳି କିଛି ପ୍ରମାଣ ଚାଟିଂରେ ରହିଛି କି ନାହିଁ, ସେ ନେଇ ପୁଲିସ ଅନୁସନ୍ଧାନ ଜାରି ରଖିଛି।ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓଙ୍କ ନିର୍ଦ୍ଦେଶକ୍ରମେ ଏକ ତିନିଜଣିଆ ପୁଲିସ ଟିମ୍ ଗଠନ କରାଯାଇଛି। ଏହି ଟିମ୍‌କୁ ଜଣେ ଅତିରିକ୍ତ ଡିସିପି ପାହ୍ୟା ଅଧିକାରୀ ଅନୁଧ୍ୟାନ କରୁଛନ୍ତି। ଗୋଟିଏ ଟିମ୍ ବିଉଟି ମହାନ୍ତିଙ୍କ ଶବ ବ୍ୟବଚ୍ଛେଦ ରିପୋର୍ଟ ଅନୁଧ୍ୟାନ କରୁଛି। ଏସ୍‌ସିବିରୁ ଯେଉଁ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଛି, ଏହାକୁ ଅନୁଧ୍ୟାନ କରାଯାଉଥିବା ବେଳେ ଦ୍ୱିତୀୟ ଥର ଏହି ରିପୋର୍ଟ ସଂକ୍ରାନ୍ତ ମତ ଦେବାକୁ ଏସ୍‌ସିବି ଏଫ୍‌ଏମ୍‌ଟି ବିଭାଗ ଡାକ୍ତରଙ୍କୁ ଅନୁରୋଧ କରାଯାଇଛି। ଦ୍ୱିତୀୟ ଟିମ୍ ବିଉଟି ମହାନ୍ତିଙ୍କ ମୃତ୍ୟୁ ପୂର୍ବରୁ ଶେଷ ଯୋଗାଯୋଗ ଓ କଥାବାର୍ତ୍ତାର ତଦନ୍ତ କରୁଛି। ତୃତୀୟ ଟିମ୍ ଡିଜିଟାଲ୍ ପ୍ରମାଣ ଏସ୍‌ଏଫ୍‌ଏସ୍‌ଏଲ୍‌ରୁ ଆସିବା ପରେ ଏହାକୁ ଅନୁଧ୍ୟାନ କରୁଛି। ଆର୍ଥିକ କାରବାର ଓ କଲ୍ ଡିଟେଲ୍‌ସ ମଧ୍ୟ ଅନୁଧ୍ୟାନ କରାଯାଉଛି। ବିଉଟି ମହାନ୍ତି ମୃତ୍ୟୁ ପୂର୍ବରୁ ଯେଉଁମାନଙ୍କ ସହିତ କଥାବାର୍ତ୍ତା ହୋଇଥିଲେ, ସେମାନଙ୍କୁ ପଚରାଉଚରା କରାଯାଇଛି। ମୃତ୍ୟୁ ପୂର୍ବ ରାତିରେ ବିଉଟି ଯେଉଁ ବ୍ୟକ୍ତିଙ୍କ ସହିତ ବାରମ୍ବାର ଫୋନ୍‌ରେ କଥା ହୋଇଥିଲେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପୁଲିସ ତଦନ୍ତ ପରିସରଭୁକ୍ତ କରିଛି। ପରିବାର ଲୋକେ ଏହି ଘଟଣାକୁ ନେଇ ଏଯାଏଁ ଥାନାରେ କୌଣସି ଅଭିଯୋଗ କରିନାହାନ୍ତି। ଅନ୍ୟପଟେ ଏସ୍‌ଏଫ୍‌ଏସ୍‌ଏଲ୍‌କୁ ବିଉଟିଙ୍କ ଦୁଇଟି ମୋବାଇଲ ପଠାଯାଇଥିବା ବେଳେ ଏଥିରୁ ଗୋଟିଏ ମୋବାଇଲର ରିପୋର୍ଟ ପୁଲିସର ହସ୍ତଗତ ହୋଇଛି। ଆଉ ଏକ ମୋବାଇଲର ରିପୋର୍ଟ ଆସନ୍ତାକାଲି ହସ୍ତଗତ ହେବାର ସମ୍ଭାବନା ରହିଛି।

# ସାମାଜିକ ସେବା ଓ ପରିବର୍ତ୍ତନର ୩୭ ବର୍ଷର ଯାତ୍ରା

ଭୁବନେଶ୍ୱର ୨୦/୦୭ : ପିପୁଲସ୍ କଲଚରାଲ୍ ସେଣ୍ଟର (ପିକକ୍) ପକ୍ଷରୁ ଆଜି ୩୭ତମ ପ୍ରତିଷ୍ଠା ଦିବସ ଉତ୍ସାହ ଓ ଆଡମ୍ବରର ସହ ପାଳନ କରାଯାଇଛି। ଅତିଥିମାନେ ବୃକ୍ଷରେ ଜଳ ପ୍ରଦାନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅନୁଷ୍ଠାନରେ ସ୍ୱାଗତ ଭାଷଣ ଦେଇ ପିକକ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଶ୍ରୀମତୀ ଅନୁରାଧା ମହାନ୍ତି ପିକକ୍‌ର ୩୭ ବର୍ଷର ସଫଳ ଯାତ୍ରା ସମ୍ପର୍କରେ ଆଲୋକପାତ କରିବା ସହ ଅନୁଷ୍ଠାନର ବିକାଶରେ ସହଯୋଗ କରିଥିବା ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ।ପିକକ୍‌ର ସମ୍ପାଦକ ରଞ୍ଜନ କୁମାର ମହାନ୍ତି ନିଜ ଅଭିଭାଷଣରେ ସଂସ୍ଥାର ୩୭ ବର୍ଷର ସାମାଜିକ ସେବା ଓ ପରିବର୍ତ୍ତନର ଯାତ୍ରାକୁ ସ୍ମରଣ କରି ପରିଚାଳନା ପରିଷଦ, କର୍ମୀ, ସହଯୋଗୀ ଅନୁଷ୍ଠାନ, ସରକାରୀ ବିଭାଗ, ସାମାଜିକ ସଂଗଠନ, ଗଣମାଧ୍ୟମ ଓ ଗୋଷ୍ଠୀର ନିରନ୍ତର ସହଯୋଗ ପାଇଁ କୃତଜ୍ଞତା ଜଣାଇଥିଲେ। ସେ କହିଥିଲେ, " ପିକକ୍ ଗତ ୩୭ ବର୍ଷ ଧରି ଶିଶୁମାନଙ୍କର ଶିକ୍ଷା ଓ ସୁରକ୍ଷା, ମହିଳା ଓ ଯୁବବର୍ଗଙ୍କ ସଶକ୍ତିକରଣ ଏବଂ ସମସ୍ତଙ୍କ ପାଇଁ ଏକ ସୁରକ୍ଷିତ, ଅନ୍ତର୍ଭୁକ୍ତିମୂଳକ ଓ ହିଂସାମୁକ୍ତ ସମାଜ ଗଠନ ଓ ପରିବେଶ ସୁରକ୍ଷା ନିମନ୍ତେ କାର୍ଯ୍ୟ କରିଆସୁଛି। ଏହି ଅବସରରେ ଆମେ ଏକ ସୁରକ୍ଷିତ ଓ ବିକାଶଶୀଳ ସମାଜ ଗଠନ ପାଇଁ ପୁନର୍ବାର ଆମର ସଂକଳ୍ପକୁ ଦୃଢ଼ କରୁଛୁ" । ଅନୁଷ୍ଠାନରେ ସଭାପତିତ୍ୱ କରି ପିକକ୍‌ର ଅଧ୍ୟକ୍ଷା ଡ଼. ମୀନାକ୍ଷୀ ପଣ୍ଡା କହିଥିଲେ, "ପିକକ୍‌ର ପ୍ରକୃତ ଶକ୍ତି ହେଉଛି ଏହାର ମୂଲ୍ୟବୋଧ, ବିଶ୍ୱସନୀୟତା ଓ ସମୁଦାୟର ବିଶ୍ୱାସ ।"ବରିଷ୍ଠ ସାମ୍ବାଦିକ ପ୍ରଦୋଷ କୁମାର ପଟ୍ଟନାୟକ ଏବଂ ବିଶିଷ୍ଟ ଚିତ୍ରଶିଳ୍ପୀ ବାଞ୍ଛାନିଧି ପଟ୍ଟନାୟକଙ୍କୁ ସମାଜ ପାଇଁ ସେମାନଙ୍କ ଅମୂଲ୍ୟ ଅବଦାନ ନିମନ୍ତେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ପିକକ୍ ଦ୍ୱାରା ପ୍ରସ୍ତୁତ ଦୁଇଟି ସଚେତନତାମୂଳକ ଚଳଚ୍ଚିତ୍ର ଓ ଗୀତର ଉନ୍ମୋଚନ କରାଯାଇଥିଲା। ବିଶିଷ୍ଟ କଳାକାର ଓ ଚଳଚ୍ଚିତ୍ର ନିର୍ଦ୍ଦେଶକ ଶୁଭ୍ରାଂଶୁ ରଞ୍ଜନ ନାୟକଙ୍କ ନିର୍ଦ୍ଦେଶିତ "ମୋ କଥା ଆମ କଥା", ଯାହା ଯୌନ ଓ ପ୍ରଜନନ ସ୍ୱାସ୍ଥ୍ୟ ଉପରେ ଆଧାରିତ, ଏବଂ ବିଶିଷ୍ଟ କଣ୍ଠଶିଳ୍ପୀ, ସଙ୍ଗୀତ ନିର୍ଦ୍ଦେଶକ ଓ ଗୀତିକାର ମନ୍ମଥ ମିଶ୍ରଙ୍କ ନିର୍ଦ୍ଦେଶିତ ପରିବେଶ ସୁରକ୍ଷା କୁ ପ୍ରୋତ୍ସାହିତ କରୁଥିବା ସଙ୍ଗୀତ ଭିତିକ ଚଳଚ୍ଚିତ୍ର "ବସୁଧା" ର ଶୁଭ ଉନ୍ମୋଚନ ହୋଇଥିଲା। "ପଢିବୁ ଆମେ ଗଢିବୁ ଆମେ" ନାମକ ଏକ ସଚେତନତାମୂଳକ ଗୀତ ମୁକ୍ତିଲାଭ କରିଥିଲା।

# ବିଜୁଳି ଅଭିଯୋଗ ବ୍ୟବସ୍ଥା ଅଚଳ

ଭୁବନେଶ୍ୱର ୨୦/୦୭ : ବିଦ୍ୟୁତ୍ ହିତାଧିକାରୀମାନଙ୍କ ପାଇଁ ବିତରଣ କମ୍ପାନୀ ଜାରି କରିଥିବା ଦେୟମୁକ୍ତ ଟେଲିଫୋନ୍ ନମ୍ବର କାମ କରୁନାହିଁ । ଫୋନ୍ କରିବା ବଦଳରେ କମ୍ପାନୀର ମୋବାଇଲ୍ ଆପ୍, ଇଣ୍ଟରନେଟ୍ ଜରିଆରେ ଅଭିଯୋଗ ଦାଖଲ ପାଇଁ କୁହାଯାଇଛି ।ବିଦ୍ୟୁତ୍ ବିତରଣ ଦାୟିତ୍ୱରେ ଥିବା ଟାଟା ପାୱାର ହିତାଧିକାରୀମାନଙ୍କ ଅଭିଯୋଗ ପାଇଁ ଦୁଇଟି ଦେୟମୁକ୍ତ ଟେଲିଫୋନ୍ ନମ୍ବର ଜାରି କରିଛନ୍ତି । କିନ୍ତୁ ଏହି ନମ୍ବର ଦୁଇଟିକୁ ଫୋନ୍ କଲେ ତାହାର କିଛିଦିନ ପାଇଁ କାମ କରୁନଥିବା କୁହାଯାଉଛି । ତେଣୁଫୋନ୍ କରିବା ବଦଳରେ ମୋବାଇଲ୍ ଆପ୍ ଓ ଇଣ୍ଟରନେଟ୍ ଜରିଆରେ ଅଭିଯୋଗ ପାଇଁ ପରାମର୍ଶ ଦିଆଯାଉଛି । ହେଲେ ଗାଁ ଗହଳର ଲୋକେ ମୋବାଇଲ୍ ଆପ୍ ଓ ଇଣ୍ଟରନେଟ୍‌ରେ କିଭଳି ଅଭିଯୋଗ କରିବେ ତାହା ଜାଣିପାରୁ ନାହାନ୍ତି ।ଯେଉଁ ହିତାଧିକାରୀମାନେ ଇଣ୍ଟରନେଟ୍ ଜରିଆରେ ଅଭିଯୋଗ କରୁଛନ୍ତି ତାହାର ବି ସହଜରେ ସମାଧାନ ହୋଇପାରୁ ନାହିଁ । ଅଭିଯୋଗ ଦରଜ ହୋଇ ହିତାଧିକାରୀଙ୍କୁ ଗୋଟିଏ ନମ୍ବର ମିଳିବା ସହିତ ତୁରନ୍ତ ସମସ୍ୟାର ସମାଧାନ ହେବ ବୋଲି ମେସେଜ୍ ପଠାଇ ଦେଉଛନ୍ତି । ହେଲେ ତୁରନ୍ତ ସମାଧାନ ତ ଦୂରରକଥା ୪୮ ଘଣ୍ଟା ପରେ ବି ତାହା ହୋଇପାରୁ ନାହିଁ । ଫଳରେ ବିଜୁଳି ହିତାଧିକାରୀମାନେ ଏବେ ସ୍ଥାନୀୟ ବିଦ୍ୟୁତ୍ ଅଫିସକୁ ଯିବାକୁ ବାଧ୍ୟ ହେଉଛନ୍ତି ।ଅନ୍‌ଲାଇନ୍‌ରେ ଦେୟ ଆଦାୟ ପାଇଁ ବିତରଣ କମ୍ପାନୀ ଯେତେ ତତ୍ପରତା ପ୍ରକାଶ କରୁଛନ୍ତି ଅନୁରୂପ ତତ୍ପରତା କିନ୍ତୁ ଅନଲାଇନ୍ ଜରିଆରେ ସମସ୍ୟା ସମାଧାନରେ




ଦେଖାଉ ନାହାନ୍ତି । ଗ୍ରାହକମାନଙ୍କ କହିବାକଥା ଯେ ରାଜ୍ୟ ସରକାରଙ୍କ ହାତରେ ବିଦ୍ୟୁତ୍ ବିତରଣ ବ୍ୟବସ୍ଥା ଥିବାବେଳେ ଟେଲିଫୋନ୍ ମାଧ୍ୟମରେ ଯେଭଳି ଅଭିଯୋଗ ସମାଧାନ ହେଉଥିଲା ତାହା ଆଉ ହେଉନାହିଁ । ସେତେବେଳେ ଥରେ ଅଭିଯୋଗ କଲାପରେ ଗ୍ରାହକସେବା କେନ୍ଦ୍ରରୁ ସମସ୍ୟା ସମାଧାନ ହେଲାଣି କି ନାହିଁ ବାରମ୍ବାର ଅଭିଯୋଗକାରୀଙ୍କୁ ଫୋନ୍ କରାଯିବା ସହିତ ସେମାନଙ୍କର ମତାମତ ନିଆଯାଉଥିଲା । ବର୍ତ୍ତମାନ ଏହି ବ୍ୟବସ୍ଥା ଅଚଳ ହୋଇପଡିଛି । ବର୍ତ୍ତମାନ ବର୍ଷାଋତୁରେ ଗାଁ ଗହଳରେ ବାରମ୍ବାର ବିଦ୍ୟୁତ୍ କାଟ୍ ହେଉଥିବାବେଳେ ଲୋକେ ଅଭିଯୋଗ ଦାଖଲ ପାଇଁ ବାରମ୍ବାର ଟାଟା ପାୱାରର ଦେୟମୁକ୍ତ ନମ୍ବରକୁ ଫୋନ୍ କରୁଛନ୍ତି । ହେଲେ ଭିଡ ଯୋଗୁଁ ଏହା ସାମୟିକ ଭାବେ କାର୍ଯ୍ୟ କରୁନଥିବାରୁ ବହୁ ଅଞ୍ଚଳରେ ଗ୍ରାହକମାନେ ଦିନ ଦିନ ଧରି ବିଦ୍ୟୁତ୍ ପାଇବାରୁ ବଞ୍ଚିତ ହେଉଛନ୍ତି । ଅଭିଯୋଗ ଦାଖଲ ହେଉନଥିବାରୁ ରାଜ୍ୟରେ ବିଦ୍ୟୁତ୍ ବିତରଣ ବ୍ୟବସ୍ଥା କିଭଳି ଚାଲିଛି ତାହା ଜାଣିବା ବି ସରକାରଙ୍କ ପକ୍ଷେ କାଠିକରପାଠ ହୋଇଛି ।

# ସାହିତ୍ୟିକା ସେରାଜିନୀଙ୍କୁ ଶହୀଦ ରଘୁନାଥ ସ୍ମୃତି ସମ୍ମାନ

ଭୁବେନଶ୍ୱର ୨୦/୦୭ : ପୁଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ, ଓଡିଶା ସରକାରଙ୍କ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତଥା ଶହୀଦ ରଘୁ-ଦିବାକର ସ୍ମୃତି ସଂସଦ ପକ୍ଷରୁ ଅଭିଯାନର ମୁଖପାତ୍ର ଅରବିନ୍ଦ ତ୍ରିପାଠୀଙ୍କ ସଂଯୋଜନା ଓ ମୁଖ୍ୟଅତିଥି ବରିଷ୍ଠ ସାମ୍ବାଦିକ ତଥା ଅଭିଯାନର ଅଧକ୍ଷ ପ୍ରଦ୍ୟୁମ୍ନ ଶତପଥୀଙ୍କ ସଭାପତିତ୍ୱେର ରଣପୁର ପ୍ରଜା ଆନ୍ଦୋଳନର ନେତୃତ୍ୱ ନେଇ ଶହୀଦ ହୋଇଥିବା ଯୁବବିପ୍ଳବୀ, କବି ତଥା ମହାନ ସ୍ୱାଧୀନତା ସଂଗ୍ରାମୀ ଶହୀଦ ରଘୁନାଥ ମହାନ୍ତିଙ୍କ ୧୧୬ତମ ଜୟନ୍ତୀ ସ୍ଥାନୀୟ ୟୁନିଟ-୯ସ୍ଥିତ ପ୍ରତିମୂର୍ତ୍ତିସ୍ଥଳେର ପୁଷ୍ପମାଲ୍ୟ ଅପର୍ଣ ସହ ସ୍ମୃତିଚାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସ୍ମୃତିଚାରଣ କାର୍ଯ୍ୟକ୍ରମେର ସମ୍ମାନିତ ଅତିଥି ଭାବେ ବଜିେଡି ସାଂସ୍କୃତିକ ସାମ୍ମୁଖ୍ୟର ମୁଖ୍ୟ ସଂଯୋଜକ, କବି ପ୍ରବୀର ମହାନ୍ତି, ଭାଷାପ୍ରାଣ ରେମଶ ପାତାଳସିଂ, ମେନାରଞ୍ଜନ ମହାନ୍ତି, ଗିରିଜା ଶଙ୍କର ମହାପାତ୍ର, ସଂଯୁକ୍ତା ପାଣିଗ୍ରାହୀ ଉପସ୍ଥିତ ରହିବା ସହ ଶହୀଦ ରଘୁନାଥ ମହାନ୍ତିଙ୍କ ଦେଶେପ୍ରମ, ବୀରତ୍ୱ ତଥା ଅତ୍ୟାଚରୀ ରାଜା ଓ ବ୍ରିଟିଶମାନଙ୍କ ବରିୋଧେର ରଣପୁର ପ୍ରଜାଙ୍କୁ ରକ୍ଷା କରିବା ପାଇଁ ଯେଉଁ ଦୃଢସଂକଳ୍ପ ପୂର୍ବକ କାର୍ଯ୍ୟ କରିଥିଲେ ତାହାର ପଟାନ୍ତର ନାହିଁ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରେର ସାହିତ୍ୟିକା, ସମାଜେସବୀକା ସେରାଜିନୀ ମିଶ୍ରଙ୍କୁ 'ଶହୀଦ ରଘୁନାଥ ମହାନ୍ତି ସ୍ମୃତି ସମ୍ମାନ-୨୦୨୬ ଅତିଥିମାେନ ପ୍ରଦାନ କରିଥିଲେ।

# ସାହିତ୍ୟସଭାରେ ଅତିଥି ହେଉଥିଲା, ଜମି ଦେଖାଇ ୮ କୋଟି ଟଙ୍କା ଚୂନ ଲଗାଇଥିଲା

କଟକ ୨୦/୦୭ : ବିଭିନ୍ନ ସାହିତ୍ୟ ସଭାରେ ଅତିଥି ହେଉଥିଲା। ସାହିତ୍ୟ, ଶିକ୍ଷା ସମ୍ପର୍କରେ ସୁନ୍ଦର ଭାଷଣ ଦେଉଥିଲା। ନିଜର ପରିଚୟ ବିଇଓ ବୋଲି ଦେଉଥିଲା। ଜମି, ଚାକିରି ଦେବି ବୋଲି କହି ବିଭିନ୍ନ ଲୋକଙ୍କ ଠାରୁ ପ୍ରାୟ ୮ କୋଟି ଟଙ୍କା ଚୂନ ଲଗାଇଥିଲ। କେବଳ ଏହାନୁହେଁ ଅତି ଚତୁରତାର ସହକାରେ ପୁଲିସ ଆଖିରେ ଧୂଳି ଦେଇ ଖସିବୁଲୁଥିଲା। ଏଭଳି ଜଣେ ଠକକୁ ଆଜି ଭୁବନେଶ୍ୱର-କଟକ କମିସନରେଟ୍ ପୁଲିସ ଗିରଫ କରିଛି। ଗିରଫ ପରେ ସେ କରିଥିବା ଠକାମୀର ଅନେକ ଚମତ୍କାର ଉପାୟ ସବୁ ପଦାରେ ପଡ଼ିଛି। କଟକ ମଙ୍ଗଳାବାଗ୍ ଥାନା ପୁଲିସ ଭଦ୍ରକଜିଲ୍ଲା ଧୂଷୁରି ଥାନା ପଣ୍ଡାପାଟଣାର ଶଶଧର ପଣ୍ଡାଙ୍କୁ ଗିରଫ କରିଛି। ସରକାରୀ ଚାକିରି ଦେବା, ଧାର୍ ନେବା, ଜମି ଦେବାର ଲୋଭ ଦେଖାଇ ମୋଟ ୭ କୋଟି ୧୬ ଲକ୍ଷ ୩୭ ହଜାର ୫୦୦ ଟଙ୍କା ହଡ଼ପ କରିନେଇଥିବା ଅଭିଯୋଗ ହୋଇଛି। ଗିରଫ ପରେ ପୁଲିସ ଅଭିଯୁକ୍ତଙ୍କ ଦୁଇଟି ବ୍ୟାଙ୍କ ଆକାଉଣ୍ଟ ଫ୍ରିଜ୍ କରିବା ପ୍ରକ୍ରିୟା ଆରମ୍ଭ କରିଦେଇଛି।ସୂଚନାନୁସାରେ, କଟକ ଫ୍ରେଣ୍ଡସ୍ କଲୋନିର ଜଣେ ବ୍ୟକ୍ତି ମଙ୍ଗଳାବାଗ ଥାନାରେ ମେ ୨୧ ତାରିଖରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁସାରେ, ୨୦୨୫ ଜାନୁଆରି ୨୮ରେ ଫୁଲନଖରାସ୍ଥିତ ଏକ ପଞ୍ଜୀକୃତ ସ୍ୱେଚ୍ଛାସେବୀ ସଂଗଠନ କ୍ରାନ୍ତିବାହିନୀର ନିମନ୍ତ୍ରଣ କ୍ରମେ ସେ ଏକ ମିଶ୍ରଣ ପର୍ବରେ ଯୋଗ ଦେଇଥିଲେ। ସେଠାରେ ସେ ଅଭିଯୁକ୍ତ ଶଶଧର ସମ୍ପର୍କରେ ଆସିଥିଲେ। ପରେ ଅଭିଯୁକ୍ତ ଜଣକ ତାଙ୍କ ସହ ସମ୍ପର୍କକୁ ବଢ଼ାଇଥିଲେ। ନିଜ ପରିବାର ସଦସ୍ୟଙ୍କ ସହ ଫ୍ରେଣ୍ଡସ୍ କଲୋନି ସ୍ଥିତ ତାଙ୍କ ଘରକୁ ବାରମ୍ବାର ଆସିଥିଲେ। ଅଭିଯୁକ୍ତ ନିଜକୁ ଜଣେ ଅବସରପ୍ରାପ୍ତ ବ୍ଲକ ଶିକ୍ଷା ଅଧିକାରୀ ଭାବେ ପରିଚୟ ଦେଇଥିଲା। ଭୁବନେଶ୍ୱରରେ ଏକ ଘରୋଇ ଇଞ୍ଜିନିୟରିଂ କଲେଜରେ ଇନଫରମେସନ ଟେକ୍ନୋଲୋଜି ପଢୁଥିବା ନିଜ ପୁଅ ପାଇଁ ୨୦ ଲକ୍ଷ ଟଙ୍କାର ଆବଶ୍ୟକତା ଥିବା ଦର୍ଶାଇ ଧାର ସୂତ୍ରରେ ଟଙ୍କା ଦେବାକୁ ଅନୁରୋଧ କରିଥିଲା। କିନ୍ତୁ ପ୍ରଥମେ ଧାର ସୂତ୍ରରେ ଟଙ୍କା ଦେବାକୁ ଅଭିଯୋଗକାରୀ ମନା କରିଦେଇଥିଲେ। ପରବର୍ତ୍ତୀ ସମୟରେ ଶଶଧର ତାଙ୍କୁ ଏକ ଜମି କରାଇଦେବାର ଲୋଭ ଦେଖାଇଥିଲା। ଧାର ଟଙ୍କା ବଦଳରେ ସେ ନିଜ ପତ୍ନୀଙ୍କ ନାଁରେ ଥିବା କଟକ ସିଡିଏ ସେକ୍ଟର-୧୩ରେ ଥିବା ଏକ ଜମିକୁ ତାଙ୍କ ନାଁରେ ପଞ୍ଜୀକରଣ କରିଦେବାକୁ ପ୍ରତିଶ୍ରୁତି ଦେଇଥିଲା। ଉକ୍ତ ଜମିର ମୋଟ ମୂଲ୍ୟ ୨୦ ଲକ୍ଷ ହୋଇଥିବାରୁ ଟଙ୍କା ବଦଳରେ ଜମି ଦେବାର ପ୍ରତିଶ୍ରୁତି ମିଳିଥିଲା। ଏଥିରେ ବିଶ୍ୱାସ




କରି ଅଭିଯୋଗକାରୀ ତାଙ୍କୁ ନଗଦ ୨୦ ଲକ୍ଷ ଟଙ୍କା ମୋବାଇଲ୍ ବ୍ୟାଙ୍କିଂ ମାଧ୍ୟମରେ ପ୍ରଦାନ କରିଥିଲେ। ତେବେ ବାରମ୍ବାର ଅନୁରୋଧ ସତ୍ତ୍ୱେ ଅଭିଯୁକ୍ତ ଉକ୍ତ ଜମିର ବିକ୍ରି ଦଲିଲ୍ କଲା ନାହିଁ କି ଧାର ସୂତ୍ରରେ ନେଇଥିବା ଟଙ୍କା ଫେରସ୍ତ କଲା ନାହିଁ। ଯେତେବେଳେ ଅଭିଯୋଗକାରୀ ଟଙ୍କା ଫେରସ୍ତ କରିବାକୁ କହିଲେ, ସେତେବେଳେ ଶଶଧର ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାରିଦେବାକୁ ଧମକ ଚମକ ଦେଇଥିଲା। ଶଶଧର ଶେଷରେ ନିଜ ମୋବାଇଲ୍ ଫୋନ୍ ବନ୍ଦ କରି ସ୍ଥାନୀୟ ଅଞ୍ଚଳରୁ ଫେରାର୍ ହୋଇଯାଇଥିଲା। ଅଭିଯୁକ୍ତମାନେ ପରବର୍ତ୍ତୀ ସମୟରେ ଚାଲାଣ ସମାଧାନର ପ୍ରମାଣ ସ୍ୱରୂପ ନକଲି କୋର୍ଟ ରସିଦ ବହିର ରସିଦ ପ୍ରଦାନ କରିଥିଲେ । ତେବେ ଅଭିଯୋଗକାରୀ ଯେତେବେଳେ ସେହି ରସିଦଗୁଡ଼ିକୁ ଅଦାଲତ (କୋର୍ଟ) ସମ୍ମୁଖରେ ଉପସ୍ଥାପନ କଲେ, ସେତେବେଳେ ଜଣାପଡ଼ିଲା ଯେ ରସିଦଗୁଡ଼ିକ ଜାଲ୍ ବା ନକଲି ଥିଲା । ନିଜେ ଠକାମିର ଶିକାର ହୋଇଥିବା ଅନୁଭବ କରି ସେ ଥାନାରେ ଏନେଇ ଜଣାଇଥିଲେ ।ଏହି ଘଟଣାର ତଦନ୍ତ କରିବା ପରେ ମଙ୍ଗଳାବାଗ ଥାନା ପୁଲିସ କୁଖ୍ୟାତ ଠକ ଶଶଧରର କାରନାମା ଜାଣିବାକୁ ପାଇଥିଲା। ଶଶଧର ସିଡିଏ ସେକ୍ଟର ୧୩ରେ ରହୁଥିଲା। କିନ୍ତୁ ସେ ଫେରାର ହୋଇ ବାଲେଶ୍ୱର ଜିଲ୍ଲା ଖଇରାରେ ଘର ଭଡ଼ା ନେଇ ରହୁଥିବା ପୁଲିସ ଜାଣିବା ପରେ ସେଠାରେ ଚଢ଼ଉ କରି ତାଙ୍କୁ ଗିରଫ କରିଛି। ମଙ୍ଗଳାବାଗ ଥାନା ଆଇଆଇସି ଉମାକାନ୍ତ ସାହୁଙ୍କ ନେତୃତ୍ୱରେ ଏସଆଇ ଦେବବ୍ରତ ମହାନ୍ତି, କନଷ୍ଟେବଳ ନରେଶ୍ୱର ରାଓ, ହୋମଗାର୍ଡ ରାଜେଶ ନାଥ ପ୍ରମୁଖ ବାଲେଶ୍ୱରରେ ଚଢ଼ଉ କରି ତାଙ୍କୁ ଗିରଫ କରିଥିବା ସୂଚନା ମିଳିଛି।

# ପୁଣି ଚର୍ଚ୍ଚାରେ ନୀଳ ନୟନା



ଫ୍ୟାଶନ ଫଟୋଗ୍ରାଫର ଡବୁ ରତ୍‌ନାନିଙ୍କ ୨୦୨୧ କ୍ୟାଲେଣ୍ଡରରେ ଆଲିୟା ଭଟ୍ଟ, କିଆରା ଆଡଭାନୀ, ସନ୍ନି ଲିଓନି, ବିଜୟ ଦେବେରାକୋଣ୍ଡାଙ୍କ ଫଟୋ ଗତ କିଛି ମାସ ତଳେ ସ୍ଥାନ ପାଇଥିଲା। ଏବେ ପୂର୍ବତନ ବିଶ୍ୱ ସୁନ୍ଦରୀ ଐଶ୍ୱର୍ଯ୍ୟା ରାୟ ବଚ୍ଚନ ଡବୁଙ୍କ କ୍ୟାଲେଣ୍ଡର ପାଇଁ ଫଟୋସୁଟ୍ କରାଇଛନ୍ତି। ଫଟୋକୁ ଫ୍ୟାନ୍ ଖୁବ୍ ପସନ୍ଦ କରୁଛନ୍ତି। ଫଟୋସୁଟ୍‌ରେ ନୀଳ ନୟନାଙ୍କର କଳାଧଳା ଲୁକ୍ ଦେଖିବାକୁ ମିଳିଛି। ତାଙ୍କ ଆଖି ସବୁଠୁ ବେଶୀ ଆକର୍ଷଣୀୟ ହୋଇଛି,ଯାହାକୁ ଧୂସର ଲୁକ୍ ଦିଆଯାଇଛି। ଐଶ୍ୱର୍ଯ୍ୟା ତୀକ୍ଷ୍ଣ ନଜରରେ କ୍ୟାମେରାକୁ ଚାହିଁଛନ୍ତି। ତାଙ୍କର ଫଟୋ ଶେୟାର କରି ଫଟୋଗ୍ରାଫର ଡବୁ କ୍ୟାପସନ୍ ଲେଖିଛନ୍ତି, ଯେତେବେଳେ ତୁମ ଭିତରେ ଆଲୋକ ଥାଏ ତୁମେ ଏହାକୁ ବାହ୍ୟ ରୂପରେ ଦେଖ। ଡବୁ ରତନ୍‌ନାନୀଙ୍କ କ୍ୟାଲେଣ୍ଡର ପାଇଁ ଦୀପ୍ତିମାନ ଐଶ୍ୱର୍ଯ୍ୟା ରାୟ ବଚ୍ଚନ। ଚଳିତ ମାସ ଆରମ୍ଭରେ ଐଶ୍ୱର୍ଯ୍ୟା ନିଜ ଇନ୍‌ଷ୍ଟାଗ୍ରାମ୍‌ରେ ଐତିହାସିକ ଡ୍ରାମା ଫିଲ୍ମ ପୋନିୟିନ୍ ସେଲ୍‌ଭାନ୍‌ର ପ୍ରଥମ ପୋଷ୍ଟର ଶେୟାର କରିଥିଲେ। ଫିଲ୍ମର ପ୍ରଥମ ପୋଷ୍ଟର ସହିତ ସେ କ୍ୟାପସନ୍ ଲେଖିଥିଲେ ଜୀବନରେ ସ୍ୱର୍ଣ୍ଣିମ ଯୁଗର ଆଗମନ। ମଣି ରତ୍ନମ୍‌ଙ୍କ ପୋନିୟିନ୍ ସେଲଭାନ:୧। ଫିଲ୍ମଟି କଲ୍‌କି କୃଷ୍ଣମୂର୍ତ୍ତିଙ୍କ ଲୋକପ୍ରିୟ ଐତିହାସିକ ଉପନ୍ୟାସ ପୋନିୟିନ୍ ସେଲଭାନ୍ (ଦ ସନ ଅଫ୍ ପୋନି) ଉପର ପର୍ଯ୍ୟବେସିତ। ଏହାର ଷ୍ଟାର କାଷ୍ଟଙ୍କୁ ନେଇ ଚର୍ଚ୍ଚା ଲାଗି ରହିଛି। ଫିଲ୍ମରେ ବିକ୍ରମ, କାର୍ତ୍ତି, ତ୍ରିଶ କୃଷ୍ଣନ୍, ପ୍ରକାଶ ରାଜ, ଜୟରାମ, ଜୟମ୍ ରବି ଓ ଐଶ୍ୱର୍ଯ୍ୟା ଲକ୍ଷ୍ମୀ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଛନ୍ତି। ୨୦୧୮ରେ ମ୍ୟୁଜିକାଲ୍ ଫିଲ୍ମ ଫନି ଖାନ୍‌ରେ ଶେଷଥର ପରଦାରେ ନଜର ଆସିଥିଲେ ଐଶ୍ୱର୍ଯ୍ୟା। ଏଥିରେ ତାଙ୍କ ସହ ଅନୀଲ କପୁର, ରାଜକୁମାର ରାଓ ମୁଖ୍ୟ ଭୂମିକାରେ ପ୍ଲେ କରିଥିଲେ। ଅନୁରାଗ କଶ୍ୟପ ପ୍ରଯୋଜନାରେ ଫିଲ୍ମ ଗୁଲାବ ଜାମୁନ୍‌ରେ ଐଶ୍ୱର୍ଯ୍ୟା ନଜର ଆସିବେ। ସ୍ୱାମୀଅଭିଷେକ ବଚ୍ଚନ ତାଙ୍କ ସହ ସ୍କ୍ରିନ୍ ସେୟାର କରିବେ ବୋଲି ଚର୍ଚ୍ଚା ହେଉଛି।



# ବାସହରାଙ୍କ ଆଶାର ଆଲୋକ

ଇରୋଡର ନର୍ସିଂ କଲେଜ ପ୍ରାଧ୍ୟାପିକା ମନୀଷା କୃଷ୍ଣସ୍ୱାମୀ ସମାଜ ମଙ୍ଗଳ ସହିତ ଅସହାୟଙ୍କ ପାଇଁ କିଛି କରିବାକୁ ସର୍ବଦା ଚାହୁଁଥିଲେ। ଏହି ମହତ ଉଦ୍ଦେଶ୍ୟ ଲାଗି ରାସ୍ତାକଡ଼ରେ ଜୀବନ ଅତିବାହିତ କରୁଥିବା ୩୪୦ରୁ ଅଧିକ ବାସହରାଙ୍କୁ ସେ ଉଦ୍ଧାର କରିଛନ୍ତି। ମନୀଷା ଉଦ୍ଧାର କରିଥିବା ଲୋକଙ୍କ ମଧ୍ୟରେ ମାନସିକ ରୋଗୀ ଓ ମାଦକ ଦ୍ରବ୍ୟର ଶିକାର ବ୍ୟକ୍ତି ସାମିଲ। ମୀଷା ନିମ୍ନ-ମଧ୍ୟବିତ ପରିବାରରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ବାପା ମାଂସ ବିକ୍ରି କରୁଥିଲେ। ୨୪ ବର୍ଷୀୟା ମନୀଷା ଆର୍ମି କିମ୍ବା ଡାକ୍ତରହେବାକୁ ସ୍ୱପ୍ନ ଦେଖୁଥିଲେ। କିନ୍ତୁ ସମାଜରେ ପ୍ରଚଳିତ ରଢ଼ିବାଦୀ ଚିନ୍ତାଧାରା ଓ ଆର୍ଥିକ ସମସ୍ୟା ଯୋଗୁ ତାଙ୍କ ସ୍ୱପ୍ନ ପୂରଣ ହୋଇପାରିଲା ନାହିଁ। ବଡ଼ ହୋଇ ସେ ପ୍ରତିଦିନ ମାଂସ ଦୋକାନରେ ବାପାଙ୍କୁ ସାହାଯ୍ୟ କଲେ। ବାପାଙ୍କ କଷ୍ଟ ଓ ସଂଘର୍ଷ ଦେଖିବା ପରେ ରାସ୍ତାକଡ଼ରେ ଜୀବନ ଜୀଉଁଥିବା ଲୋକଙ୍କୁ ଉଦ୍ଧାର କରିବାର ବିଚାର ତାଙ୍କ ମନକୁଆସିଲା। ମନୀଷା କହନ୍ତି, ଲୋକସେବା କ୍ଷେତ୍ରରେ କ୍ୟାରିୟର ଗଢ଼ିବା ପାଇଁ ମୁଁ ସର୍ବଦା ଚାହୁଁଥିଲି। ଡାକ୍ତର କିମ୍ବା ଆର୍ମିରେ ଭର୍ତ୍ତି ହେବାର ସ୍ୱପ୍ନ ଛାଡିବା ପରେ ନର୍ସିଂରେ ବିଏସ୍‌ସି କରିବାକୁ ନିଷ୍ପତି ନେଲି। ପାଠ୍ୟକ୍ରମ ଶେଷ କରିବା ପରେ ଏକ ନର୍ସିଂ କଲେଜରେ ପ୍ରାଧ୍ୟାପିକା ଭାବେ ସେ କାମ ଆରମ୍ଭ କଲେ। ଘର ପାଖରେ ରହୁଥିବା ଅସହାୟମାନଙ୍କୁ ଦିନକୁ ଥରେ ଖୁଆଇବା ପାଇଁ ଟଙ୍କା ସଂଚୟ କଲି। ଏଥିରେ ତାଙ୍କୁ ଖୁସି ମିଳିଲା ନାହିଁ। କିଛି ବଡ଼ କାମ କରିବାକୁ ସେ ଚାହୁଁଥିଲେ। ଅସହାୟଙ୍କୁ ବାସସ୍ଥଳୀ ପ୍ରଦାନ କରି ଦିନକୁ ୩ ଥର ଖାଦ୍ୟ ଯୋଗାଇବା ତାଙ୍କର ଲକ୍ଷ୍ୟ ଥିଲା। କିନ୍ତୁ ଏହା ଏତେ ସହଜ ନଥିଲା। ଏଥିପାଇଁ ସେ ଏକ ଏନ୍‌ଜିଓରେ କାମ କଲେ, କିନ୍ତୁ ତାହା ମନୀଷାଙ୍କୁ ବାହାରେ କାମ କରିବାକୁ ଦେଲା ନାହିଁ। ଦିନେ ଫେସ୍‌ବୁକ୍‌ରେ ଏକ ପୋଷ୍ଟରେ ଜଣେ ବୃଦ୍ଧଙ୍କ ଦୁଃସ୍ଥିତି ବିଷୟରେ ପଢ଼ି ମନୀଷା ତାଙ୍କୁ ଉଦ୍ଧାର କରିବାକୁ ପହଂଚିଲେ। ଏହି ଘଟଣା ପରେ ସେ ୨୦୧୮ରେ ନିଜର ଏକ ସଂଗଠନ ଆରମ୍ଭ କଲେ, ଯାହାର ନାମ ଜୀବିଥାମ୍। ରାସ୍ତାକଡ଼ରେ ଅଲୋଡ଼ା ଜୀବନ ଜୀଉଁଥିବା ଲୋକଙ୍କୁ ଥଇଥାନ କରିବା ସଂସ୍ଥାର ମୁଖ୍ୟ ଉଦ୍ଦେଶ୍ୟ। ଯାହାର କେହି ନାହାନ୍ତି, ସେମାନଙ୍କୁ ଏହି ସଂଗଠନ ବାସସ୍ଥଳୀ ଦେବା ସହିତଛୋଟ କର୍ମସଂସ୍ଥାନ ପ୍ରଦାନ କରୁଛି। ଏହି ପ୍ରୟାସରେ ମନୀଷାଙ୍କ ବନ୍ଧୁମାନେ ତାଙ୍କୁ ସବୁ ପ୍ରକାର ସାହାଯ୍ୟ କରିଛନ୍ତି। ତେବେ ତାଙ୍କ ପରିବାର ଏବେ ବି ତାଙ୍କ କାମକୁ ଗ୍ରହଣକରୁନାହିଁ। କୋଭିଡ୍ ସଙ୍କଟ ସମୟରେ ସରକାରଙ୍କଠାରୁ ଅନୁମତି ଆଣି ଅସହାୟ ଓ ଗରିବଙ୍କୁ ମନୀଷା ମାସ୍କ,ସାନିଟାଇଜର, ରାସନ ଓ ଦିନକୁ ୩ଓଳି ଖାଇବା ବାଂଟିଥିଲେ। ନିଜ ଆୟ ଓ ଦାତାଙ୍କପାଣ୍ଠି ସାହାଯ୍ୟରେ ସେ ଏହି ସଂଗଠନ ଚଳାଉଛନ୍ତି। ନିଜ ଖର୍ଚ୍ଚରେ ଅସହାୟଙ୍କ ପାଇଁ ଏକ ଥଇଥାନ ଗୃହ ନିର୍ମାଣ କରି ସେମାନଙ୍କୁ ଛୋଟ ଛୋଟ ଚାକିରି ଯୋଗାଇବାକୁ ମନୀଷା ଲକ୍ଷ୍ୟ ରଖିଛନ୍ତି। ଦୈନନ୍ଦିନ ଜୀବନରେ ଅନେକ ବଡ଼ ବଡ଼ ଆହ୍ୱାନର ସେ ସାମ୍ନା କରିଛନ୍ତି।



# ପ୍ରାଗୈତିହାସିକ ଚୂନପଥର ଗୁମ୍ଫା ଆବିଷ୍କୃତ

ତେଲଙ୍ଗାନାସ୍ଥିତ ଆସିଫାବାଦ୍‌ର ଜଙ୍ଗଲରେ ଏକ ପ୍ରାଗୈତିହାସିକ ଚୂନପଥର ଗୁମ୍ଫା ଆବିଷ୍କୃତ ହୋଇଛି। ଦ ପବ୍ଲିକ୍ ଇନ୍‌ଷ୍ଟିଚ୍ୟୁଟ୍ ଫର ହିଷ୍ଟ୍ରି, ଆର୍କିଓଲୋଜି ଆଣ୍ଡ ହେରିଟେଜ୍ ନାମକ ଏକ ସ୍ୱାଧୀନ ସଂସ୍ଥା ଏହି ଆବିଷ୍କାର ପଛରେ ରହିଛି। ସଂସ୍ଥାର ପ୍ରତ୍ନତତ୍ୱବିତ୍‌ଙ୍କ ସୂଚନା ଅନୁସାରେ, ଗୁମ୍ଫାଟି ହଜାର ହଜାର ବର୍ଷ ପୁରୁଣା ଏବଂ ଦୀର୍ଘ ଅବଧି ଧରି ବର୍ତ୍ତମାନ ଆକାରରେ ରୂପାନ୍ତରିତ ହୋଇଛି। ପ୍ରତ୍ନତତ୍ୱବିତ୍‌ଙ୍କ ଅନୁସାରେ ତେଲଙ୍ଗାନା କାଠ ହେଉଛି ଲୁପ୍ତ ଓ ମୂଲ୍ୟବାନ ଭୂବୈଜ୍ଞାନିକ ସମ୍ପତିର ଭଣ୍ଡାର। ଜଙ୍ଗଲ ବିଭାଗ ସାହାଯ୍ୟରେ ସେମାନେ ଏହି ଗୁମ୍ଫା ଉପରେ ସର୍ଭେ କରିଥିଲେ। ସ୍ଥାନୀୟ ଅଂଚଳରେ ଏହା ଅର୍ଜୁନ ଲୋଡି ଗୁମ୍ଫା ନାମରେ ପରିଚିତ। ଆସିଫାବାଦ୍ ଜିଲ୍ଲାର ଟିରୟାନି ମଣ୍ଡଳରେ ପ୍ରକୃତିର ଏହା ଅନ୍ୟତମ ଅମୂଲ୍ୟ ଭଣ୍ଡାର ବୋଲି ସର୍ଭେର ନେତୃତ୍ୱ ନେଇଥିବା ସାଧାରଣ ସଚିବ ଏମ୍.ଏ.ଶ୍ରୀନିବାସନ୍ କହିଛନ୍ତି। ଭୂବୈଜ୍ଞାନିକ ପ୍ରକ୍ରିୟା ମାଧ୍ୟମରେ ଚୂନପଥର ଗୁମ୍ଫା ଭାବେ ଏହାର ଢ଼ାଂଚା ସୃଷ୍ଟି ହୋଇଥିଲା, ଯାହା ଲକ୍ଷାଧିକ ବର୍ଷ ସମୟ ନେଇଥିଲା। ବାହ୍ୟ ଜଗତ ଏ ବିଷୟରେ ସଚେତନ ଥିଲେ ମଧ୍ୟ ସ୍ଥାନୀୟ ଜନଜାତି, ଗୋଣ୍ଡ ଏବଂ ପ୍ରଧାନମାନେ ଗୁମ୍ଫା ମଧ୍ୟରେ ଥିବା ଏକ ପଥର ମୂର୍ତ୍ତିକୁ ସମ୍ମାନ ଦିଅନ୍ତି। ଏହାକୁ ସେମାନେ ଅର୍ଜୁନ ପେନ୍ ନାମରେ ସମ୍ବୋଧନ କରୁଛନ୍ତି। ଫସଲ ଅମଳ ଓ ଅନ୍ୟ ପର୍ବପର୍ବାଣିରେ ଉକ୍ତ ପଥର ମୂର୍ତ୍ତିକୁ ସ୍ଥାନୀୟ ଆଦିବାସୀମାନେ ପୂଜାର୍ଚ୍ଚନା କରନ୍ତି। ଗୁମ୍ଫାଟି କାୱଲବ୍ୟାଘ୍ର ସଂରକ୍ଷଣ ମଧ୍ୟରେ ଅବସ୍ଥିତ। କେବଳ କାଦୁଅ ଲରି ଦ୍ୱାରା ସେଠାକୁ ଯିବା ସମ୍ଭବ।

# ୨୦୫୦ ବେଳକୁ ୩ ଗୁଣ ବଢ଼ିବେ ଡିମେନ୍‌ସିୟା ରୋଗୀ



ସମଗ୍ର ବିଶ୍ୱରେ ସ୍ମୃତିଶକ୍ତି ଲୋକ ମାମଲା ବଢ଼ିବାରେ ଲାଗିଛି। ଏହାକୁ ଡିମେନ୍‌ସିୟା କୁହାଯାଏ। ୱାଶିଂଟନ୍ ୟୁନିଭର୍ସିଟିର ବୈଜ୍ଞାନିକମାନେ ଆଶଙ୍କା କରୁଛନ୍ତି, ୨୦୫୦ ବେଳକୁ ସମଗ୍ର ବିଶ୍ୱରେ ଏହି ରୋଗୀ ୩ ଗୁଣା ବଢ଼ିଯିବେ। ଏହି ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇଁ ୧୫ କୋଟିରୁ ଅଧିକ ହେବ। ୨୦୧୯ ରେ ଡିମେନ୍‌ସିୟା ରୋଗୀଙ୍କ ସଂଖ୍ୟା ୫ କୋଟିରୁ ଅଧିକ ଥିଲା। ଏହି ରୋଗର ସର୍ବାଧିକ ମାମଲା ଇଷ୍ଟର୍ନ, ସବ୍ - ସାହରା ଆଫ୍ରିକା, ଉତର ଆଫ୍ରିକା ଓ ମଧ୍ୟପୂର୍ବରେ ବୃଦ୍ଧି ପାଉଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ, ପ୍ରତିବର୍ଷ ଡିମେନ୍‌ସିୟର ୧କୋଟି ନୂଆ ମାମଲା ସାମ୍ନାକୁ ଆସୁଛି। ଆମେରିକୀୟ ବୈଜ୍ଞାନିକଙ୍କ ନୂଆ ଅଧ୍ୟୟନ ଅନୁସାରେ ଏ ବିଷୟରେ ଲୋକଙ୍କୁ ସଚେତନ କରି ୨୦୧୫ ବେଳକୁ ଡିମେନ୍‌ସିୟାର ୬୦.୨ ଲକ୍ଷ ମାମଲା ବୃଦ୍ଧି ପାଇବାରୁ ରୋକାଯାଇପାରେ। ନୂଆ ରଣନୀତି ପ୍ରସ୍ତୁତ କରିବାରେ ଅଧ୍ୟୟନର ଫଳାଫଳ ନୀତିନିର୍ମାତାଙ୍କୁ ସାହାଯ୍ୟ କରିବ, ଯାହାଦ୍ୱାରା ଡିମେନ୍‌ସିୟା ମାମଲା ବୃଦ୍ଧିକୁ ରୋକାଯାଇପାରିବ। ଗବେଷକମାନେ ୧୯୯୯ରୁ ୨୦୧୯ ମଧ୍ୟରେ ବିଶ୍ୱରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପରିବର୍ତ୍ତନକୁ ବୁଝିଲେ। ଡିମେନ୍‌ସିୟାର କାରଣ ଯଥା-ଧୂମ୍ରପାନ ଓ ବଡି ମାସ୍ ଇଣ୍ଡେକ୍ସକୁ ମଧ୍ୟ ଅଧ୍ୟୟନରେ ସାମିଲ କରାଗଲା। ଏଥିରୁ ଜଣାପଡିଲା, ଚିନ୍ତା କରିବା ଓ ବୁଝିବାର କ୍ଷମତା ହ୍ରାସ କରୁଥିବା ରୋଗ ଅଲ୍‌ଝିମର୍ସ ଜନିତ ମୃତ୍ୟୁ ଆଶଙ୍କା ବୃଦ୍ଧି ପାଇ ୩୮ ପ୍ରତିଶତ ହୋଇଥିଲା। ଅଲଝିମର୍ସ ଆସୋସିଏସନ୍‌ର ମୁଖ୍ୟ ସାଇନ୍ସ ଅଫିସର ମାରିୟା କାରିଲୋ କହିଛନ୍ତି, ହୃତ୍‌ପିଣ୍ଡ ସହ ସଂଶ୍ଳିଷ୍ଟ ରୋଗ, ଜୀବନଶୈଳୀରେ ପରିବର୍ତ୍ତନ ଏବଂ ଲୋକଙ୍କୁ ଶିକ୍ଷିତ କରି ଡିମେନ୍‌ସିୟା ମାମଲା ହ୍ରାସ କରାଯାଇପାରେ। ବୟସ୍କଙ୍କ ସଂଖ୍ୟା ବୃଦ୍ଧି ମଧ୍ୟ ଏହି ମାମଲା ବୃଦ୍ଧିର ଏକ କାରଣ ହୋଇପାରେ। ଏଥିସହିତ ଯୁବପୀଢ଼ିଙ୍କଠାରେ ବୃଦ୍ଧି ପାଉଥିବା ସମସ୍ୟା ଯଥା, ମେଦ ବହୁଳତା, ମଧୁମେହ, ଗୋଟିଏ ସ୍ଥାନରେ ବସି ଘଂଟା ଘଂଟା କାମ କରିବାଅଭ୍ୟାସ ମଧ୍ୟ ଡିମେନ୍‌ସିୟା ଆଶଙ୍କା ବଢ଼ାଉଛି। ଯେଉଁମାନେ ପର୍ଯ୍ୟାପ୍ତ ଶୋଉନାହାନ୍ତି, ୭୦ ବର୍ଷ ବୟସ ବେଳକୁ ସେମାନଙ୍କ ସ୍ମୃତିଶକ୍ତି ଦୁର୍ବଳ ଆଶଙ୍କା ବଢ଼ିଯାଏ।

# ବାମନ ଗାଈ



ନିକଟରେ ବାଂଲାଦେଶରେ ଏକ ଗାଈକୁ ନେଇ ଚର୍ଚ୍ଚା ଜୋର ଧରିଛି। ଆଉ ତାକୁ ଦେଖିବା ପାଇଁ ମହାମାରୀ ସମୟରେ ବି ଭିଡ଼ ଜମୁଛି । କାରଣ ରାନୀ ନାମକ ଏହି ଗାଈରମାଲିକ ଦାବି କରୁଛନ୍ତି ଯେ, ଏ ହେଉଛି ପୃଥିବୀର ସବୁଠାରୁ ଛୋଟ ଗାଈ। ଢ଼ାକାଠାରୁ ୩୦ କି.ମି. ଦକ୍ଷିଣ ପଶ୍ଚିମ ଦିଗରେ ଥିବା ଚରିଗ୍ରାମରେ ଅଟେ ରାନୀ। ୨୩ ମାସର ରାନୀ ଏକ ବାମନ ଗାଈ। ଏହାର ଲମ୍ବ ୨୬ ଇଂଚ ଏବଂ ଓଜନ ମାତ୍ର ୨୬ କି.ଗ୍ରା। ଏହାର ମାଲିକଙ୍କ କହିବାନୁସାରେ ସବୁଠାରୁ ଛୋଟ ଗାଈର ମାନ୍ୟତା ପାଇଥିବା ଗାଈଠାରୁ ରାନୀ ୪ଇଂଚ ଛୋଟ। ତେଣୁ ରାନୀ ଆଗକୁ ପୃଥିବୀର ସବୁଠାରୁ ଛୋଟ ଗାଈ ମାନ୍ୟତା ନିଶ୍ଚୟ ପାଇବ।




ଅକ୍ଷର

AKHYARA ODISHA ଓଡ଼ିଶା


# ମିଳିତ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ

ପାରଳାଖେମୁଣ୍ଡି,୨୦.୦୭(ତାରିଣୀ ପ୍ରସାଦ ପଣ୍ଡା): ଗଜପତି ଜିଲ୍ଲା ଆର.ଉଦୟଗିରି ବ୍ଲକ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢ଼ୀ, ଉପଖଣ୍ଡ ପୋଲିସ ଅଧିକାରୀ ରାକେଶ କୁମାର ସାହୁ, ଅଭିଯୋଗ ଶୁଣାଣୀରେ ଯୋଗଦାନ କରି ଆର. ଉଦୟଗିରି ପଞ୍ଚାୟତ ସମିତିର ସମୁଦାୟ ମୋଟ- ୨୮ ଗୋଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା- ୧୩ ଗୋଟି ,ଗ୍ରାମ ଭିତ୍ତିକ ସମସ୍ୟା - ୧୫ଗୋଟି ଅଭିଯୋଗ ଆସିଥିଲା ,ସେଥିମଧ୍ୟରୁ ଜଣକୁ ରେଡ୍ କ୍ରସ୍ ପାଣ୍ଠିରୁ ୨୦ ହଜାର ଟଙ୍କା ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି। ସେହିପରି ଅନ୍ୟ ସମସ୍ତ ଅଭିଯୋଗକୁ ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ୪ ଜଣଙ୍କୁ ମଧୁବାବୁ ପେନସନ ଯୋଜନାରେ ସାମିଲ କରାଯାଇଛି ଓ ଜାତୀୟ ପରିବାର ମଙ୍ଗଳ ଯୋଜନରୁ ତିନି ଜଣଙ୍କୁ ୨୦ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି। ଏହି ଅଭିଯୋଗ ଶୁଣାଣି ଶିବିରରେ ସାମାଜିକ ସୁରକ୍ଷା,ଜମି ପଟ୍ଟା,ମନରେଗା,ଗୃହ ନିର୍ମାଣ, ରାସନ୍ କାର୍ଡ, ଶିକ୍ଷା,ଜଳ ସେଚନ, ରାସ୍ତା ଓ ସ୍ୱାସ୍ଥ୍ୟ ସମସ୍ୟା ବଳି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା । ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀରେ ଆର.ଉଦୟଗିରି ପଞ୍ଚାୟତ ସମିତି ଅଧ୍ୟକ୍ଷ ଲକ୍ଷ୍ମୀନାରାୟଣ ଶବର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲାରୀମେନ୍ ଖର୍ସେଲ,ତହସିଲଦାର ଜ୍ୟୋତିମୟ ଦାଶ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀଗଣ ଓ ସ୍ଥାନୀୟ ଜନପ୍ରତିନିଧି ପ୍ରମୁଖ ଅଭିଯୋଗ ଶୁଣାଣୀରେ ଉପସ୍ଥିତ ଥିଲେ।




# ବଡଡୁରାଲ ପଞ୍ଚାୟତରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଶୁଣାଣୀ ଶିବିର

**୬୩ ଗୋଟି ଅଭିଯୋଗର ସମାଧାନ ପାଇଁ ନିର୍ଦ୍ଦେଶ**

ମାଲକାନଗିରି, ୨୦/୦୭/(ପ୍ରଦୀପ ରାଉଳ)ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ଅନ୍ତର୍ଗତ ବଡଡୁରାଲ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ମେଗା ଯୁଗ୍ମ ଜନ ଶୁଣାଣୀ ଓ ଅଭିଯୋଗ ସମାଧାନ ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ଦାଶରଥୀ ସରାବୁ, ଉପ-ଜିଲ୍ଲାପାଳ ଦୂର୍ଯ୍ୟୋଧନ ଭୋଇ ଏବଂ ଖଇରପୁଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡିଓ) ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ସମସ୍ୟା ଶୁଣିଥିଲେ। ଏହି ଶିବିରରେ ସମୁଦାୟ ୬୩ ଗୋଟି ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ସେଥିମଧ୍ୟରୁ ୮ ଟି ବ୍ୟକ୍ତିଗତ ଏବଂ ୫୫ ଗୋଟି ସାମୁହିକ ଅଭିଯୋଗ ରହିଥିଲା। ଅଭିଯୋଗଗୁଡ଼ିକର ତତ୍କାଳ ଓ ସଠିକ୍ ଯାଞ୍ଚ ପାଇଁ ଶିବିର ସ୍ଥଳରେ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର କ୍ୟାମ୍ପ ମାନ ଖୋଲାଯାଇଥିଲା। ଏଥି ସହିତ ଜିଲ୍ଲାର ସମସ୍ତ ଲାଇନ ବିଭାଗ ଯେପରିକି ଜଳସେଚନ, ସ୍ୱାସ୍ଥ୍ୟ, ଶିକ୍ଷା, ଗ୍ରାମ୍ୟ ଉନ୍ନୟନ, ସାମାଜିକ ସୁରକ୍ଷା ଓ କୃଷି ବିଭାଗର ବରିଷ୍ଠ ଅଧିକାରୀମାନେ ନିଜ ନିଜ ଦଳ ସହ ଉପସ୍ଥିତ ରହି ଲୋକଙ୍କ ସମସ୍ୟାର ସ୍ଥଳଭାଗରେ ହିଁ ସମାଧାନ କରିବାକୁ ଚେଷ୍ଟା କରିଥିଲେ ।ସେଥିପାଇଁ ଆମେ ସେମାନଙ୍କ ଦୁଆରମୁହଁରେ ପହଞ୍ଚିଛୁ। ପଞ୍ଜୀକୃତ ହୋଇଥିବା ସମସ୍ତ ୬୩ଟି ଅଭିଯୋଗକୁ ସମ୍ପୃକ୍ତ ବିଭାଗଗୁଡ଼ିକୁ ହସ୍ତାନ୍ତର କରାଯାଇଛି ଏବଂ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଏଗୁଡ଼ିକର ସମାଧାନ କରି ରିପୋର୍ଟ ପ୍ରଦାନ କରିବାକୁ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପଟେ ଜିଲ୍ଲାପାଳ ଏବଂ ସମସ୍ତ ପ୍ରଶାସନିକ ଅଧିକାରୀଙ୍କୁ ନିଜ ପଞ୍ଚାୟତରେ ପାଇ ସ୍ଥାନୀୟ ଅଞ୍ଚଳବାସୀ ଅତ୍ୟନ୍ତ ଆନନ୍ଦିତ ତଥା ଉତ୍ସାହିତ ଥିବା ଦେଖିବାକୁ ମିଳିଥିଲା। ପ୍ରଶାସନର ଏଭଳି ପଦକ୍ଷେପକୁ ନେଇ ଜନସାଧାରଣ ପ୍ରତିକ୍ରିୟା ପ୍ରକାଶ କରି କହିଛନ୍ତି ଯେ, ପୂର୍ବରୁ ସାମାନ୍ୟ କାମ ପାଇଁ ସେମାନଙ୍କୁ ଜିଲ୍ଲା ସଦର ମହକୁମାକୁ ଦୌଡ଼ିବାକୁ ପଡୁଥିଲା। କିନ୍ତୁ ଆଜି ଜିଲ୍ଲାପାଳ ନିଜେ ସମସ୍ତ ବିଭାଗର ଅଧିକାରୀଙ୍କୁ ଧରି ଗାଁ ପାଖକୁ ଆସି ସମସ୍ୟା ଶୁଣିବା ଏବଂ ସମାଧାନର ବାଟ କାଢିବା ସତରେ ପ୍ରଶଂସନୀୟ। ଏହି ଶିବିରରେ ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟ ଓ ବହୁ ସଂଖ୍ୟାରେ ମହିଳା ଓ ପୁରୁଷ ଯୋଗଦେଇ ନିଜ ନିଜର ଦାବିପତ୍ର ଉପସ୍ଥାପନ କରିଥିଲେ।

# ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଶିବିର




ସୁବର୍ଣ୍ଣପୁର/ବିନିକା, ୨୦/୭(ଅକ୍ଷର ଓଡ଼ିଶା)ବିନିକା ବ୍ଲକ ଅନ୍ତର୍ଗତ ସିଂଘିଯୁବା ପଞ୍ଚାୟତ କାର୍ଯ୍ୟାଳୟରେ ଆଜି ଏକ ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଶିବିର ଜିଲ୍ଲା ଆର୍ଥିକ ସେବା ଏବଂ ସଞ୍ଚୟ ଅଧିକାରୀ ମଙ୍ଗଳ ପଧାନଙ୍କ ଅଧକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି। ଗ୍ରାମାଞ୍ଚଳର ଲୋକମାନଙ୍କ ମଧ୍ୟରେ ସଞ୍ଚୟ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏବଂ ଆର୍ଥିକ ଅନ୍ତର୍ଭୁକ୍ତିକରଣକୁ ପ୍ରୋତ୍ସାହନ ଦେବା ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ଥିଲା ।ଶିବିରରେ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ମଙ୍ଗଳ ପଧାନ, ଇଣ୍ଡିଆନ୍ ପୋଷ୍ଟ ପେମେଣ୍ଟସ୍ ବ୍ୟାଙ୍କ ମେନେଜର, ସୋନପୁର ସତ୍ୟବ୍ରତ ପ୍ରଧାନ ଏବଂ ସିଂଘିଯୁବା ପୋଷ୍ଟମାଷ୍ଟର ଉଦୟକର ସାହୁ ମଞ୍ଚାସୀନ ଥିଲେ। ସେମାନଙ୍କ ସହ ବିନିକାର ଏଜେଣ୍ଟ ସତ୍ୟବାନ ପୁରୋହିତ ମଧ ଉପସ୍ଥିତ ରହି ବିଭିନ୍ନ ଡାକଘର ସଞ୍ଚୟ ଯୋଜନା ଓ ସେବା ସମ୍ପର୍କରେ ଉପସ୍ଥିତ ଲୋକଙ୍କୁ ସଚେତନ କରିଥିଲେ ।କାର୍ଯ୍ୟକ୍ରମରେ ମଙ୍ଗଳ ପଧାନ କନ୍ୟା ସନ୍ତାନଙ୍କ ଭବିଷ୍ୟତକୁ ସୁରକ୍ଷିତ କରିବା ଉଦ୍ଦେଶ୍ୟରେ ପରିଚାଳିତ ସୁକନ୍ୟା ସମୃଦ୍ଧି ଯୋଜନାର ବିଭିନ୍ନ ସୁବିଧା ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ। ଅନ୍ୟ ବକ୍ତାମାନେ ମଧ ଡାକଘରର ବିଭିନ୍ନ ସଞ୍ଚୟ ଯୋଜନା ସମ୍ପର୍କରେ ସୂଚନା ଦେଇ ସୁରକ୍ଷିତ ଓ ବିଶ୍ୱସନୀୟ ସଞ୍ଚୟ ପ୍ରଣାଳୀ ଗ୍ରହଣ କରିବାକୁ ଲୋକଙ୍କୁ ପ୍ରେରିତ କରିଥିଲେ ।ଏହି ଶିବିରରେ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍.ଏଚ୍.ଜି.)ର ମହିଳା ସଦସ୍ୟ, ବ୍ୟାଙ୍କ ମିତ୍ର ଏବଂ ସିଂଘିଯୁବା ପଞ୍ଚାୟତର ବହୁ ସଂଖ୍ୟକ ଜନସାଧାରଣ ଯୋଗଦେଇଥିଲେ। ଏଥିସହ ପାଞ୍ଚଜଣ ଡାକଘର ଏଜେଣ୍ଟ ଉପସ୍ଥିତ ରହି ବିଭିନ୍ନ ଯୋଜନା ଓ ସେବା ସମ୍ପର୍କରେ ଲୋକଙ୍କୁ ପରାମର୍ଶ ଦେଇଥିଲେ। ରାଜ୍ୟ ସରକାରଙ୍କ ଆର୍ଥିକ ଅନ୍ତର୍ଭୁକ୍ତିକରଣ ପ୍ରୟାସକୁ ସୁଦୃଢ଼ କରିବା ସହ ଲୋକଙ୍କୁ ବିଭିନ୍ନ ଠକ ସଞ୍ଚୟ ସଂସ୍ଥା (ଚିଟ୍‌ଫଣ୍ଡ)ର ପ୍ରତାରଣାରୁ ସଚେତନ କରିବା ଏହି କାର୍ଯ୍ୟକ୍ରମର ଅନ୍ୟତମ ଲକ୍ଷ୍ୟ ଥିଲା।

# ଗୋପିନାଥପୁର ଟି ସେତୁ ଉପରୁ ବାଇକ ଚୋରି

ଆଠଗଡ଼,୨୦/୭(ଅକ୍ଷର ଓଡ଼ିଶା) ବଡ଼ମ୍ବା ଟାଉନର ସିନିବାସ ସାହୁ ନିଜ ପରିବାର ସହ ଗୋପିନାଥପୁର ସିଂହନାଥ ପୀଠକୁ ଦର୍ଶନ ପାଇଁ ଯାଇଥିବା ବେଳେ ଟିସେତୁ ଉପରେ ନିଜର ବାଇକ ରଖି ମନ୍ଦିରକୁ ଯାଇଥିଲେ ।ମନ୍ଦିରରୁ ଫେରି ଦେଖିବାକୁ ପାଇଲେ ତାଙ୍କ ବାଇକ ସେଠାରେ ନାହିଁ। ବହୁତ ଖୋଜାଖୋଜି ପରେ ଗାଡି ନପାଇବାରୁ OD-05BY-1163 ବାଇକ ଚୋରି ନେଇ ବଡ଼ମ୍ବା ଥାନାରେ ଅଭିଯୋଗ ହୋଇଛି।

# ଟ୍ରାନ୍ସଫର୍ମର ଚାରିପାଖେ ସୁରକ୍ଷା ପ୍ରାଚୀର ନିର୍ମାଣ ଦାବି




ଖଣ୍ଡପଡ଼ା ୨୦/୦୭ (ଅକ୍ଷର ଓଡ଼ିଶା) ଖଣ୍ଡପଡ଼ା ସହରର ସର୍ବ ପୁରାତନ ପିଏମଶ୍ରୀ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ନିକଟରେ ଓ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଖୋଲା ମେଲାରେ ଅବସ୍ଥିତ ବିଦ୍ୟୁତ ଟ୍ରାନ୍ସଫର୍ମରଟି ଛାତ୍ରଛାତ୍ରୀ ଓ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ବିପଦର କାରଣ ପାଲଟିଥିବା ଜଣାପଡିଛି। ଉକ୍ତ ବିଦ୍ୟୁତ ଟ୍ରାନ୍ସଫର୍ମର ଚାରିପାଖରେ ଏକ ସୁରକ୍ଷା ପ୍ରାଚୀର ନିର୍ମାଣ ନିମନ୍ତେ ବିଦ୍ୟାଳୟ କର୍ତ୍ତୃପକ୍ଷ, ବିଦ୍ୟୁତ ବିତରଣ କମ୍ପାନୀ ଟାଟା ପାୱାର କର୍ତ୍ତୃପକ୍ଷଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ କରି ଆସୁଛନ୍ତି। ମାତ୍ର ଟାଟା ପାୱାର କର୍ତ୍ତୃପକ୍ଷ ସବୁ ଦେଖି ମଧ୍ୟ କୌଣସି ପଦକ୍ଷେପ ନେଉ ନଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଉକ୍ତ ରାସ୍ତାଦେଇ ଦୈନିକ ଶହଶହ ଜନସାଧାରଣଙ୍କ ଠାରୁ ଆରମ୍ଭ କରି ଛାତ୍ରଛାତ୍ରୀମାନେ ଅନୁଷ୍ଠାନକୁ ଯାତାୟତ କରୁଥିବା ବେଳେ ଉକ୍ତ ବିଦ୍ୟୁତ ଟ୍ରାନ୍ସଫର୍ମର ଯୋଗୁଁ ପ୍ରତି ମୁହୁର୍ତ୍ତରେ ଅଘଟଣ ଘଟିବାର ଆଶଙ୍କା ରହିଛି। ତେଣୁ ସର୍ବସାଧାରଣଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଖୋଲାମେଲାରେ କାର୍ଯ୍ୟ କରୁଥିବା ଉକ୍ତ ବିଦ୍ୟୁତ ଟ୍ରାନ୍ସଫର୍ମର ଚତୁଃପାର୍ଶ୍ୱରେ ସୁରକ୍ଷା ପ୍ରାଚୀର ନିର୍ମାଣ ନିମନ୍ତେ ଟାଟା ପାୱାର ଉଚ୍ଚ କର୍ତ୍ତୃପକ୍ଷ ଓ ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

# ଜରାଜୀର୍ଣ୍ଣ ଅବସ୍ଥାରେ ମହିମା ମେରୁ ମଠ, ପ୍ରଶାସନର ଦୃଷ୍ଟି ନାହିଁ

ଖଣ୍ଡପଡ଼ା, ୨୦।୭ (ଅକ୍ଷର ଓଡ଼ିଶା) ଖଣ୍ଡପଡ଼ା ସହରର ୧ନଂ ୱାର୍ଡସ୍ଥିତ ପ୍ରଭୁ ମହିମା ମେରୁଙ୍କ ମଠଟି ସମୟାନୁକ୍ରମେ ରକ୍ଷଣାବେକ୍ଷଣ ଅଭାବରୁ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ଦଣ୍ଡାୟମାନ ।ସର୍ବ ପୁରାତନ ଏହି ମଠଟିର ଉନ୍ନତିକରଣ ଦିଗରେ ପ୍ରଶାସନ ନତୁବା ଲୋକ ପ୍ରତିନିଧିମାନେ କେହିହେଲେ ଧ୍ୟାନ ଦେଉ ନଥିବାରୁ ନିକଟ ଭବିଷ୍ୟତରେ ଉକ୍ତ ମଠଟି ମାଟିରେ ଲୀନ ହୋଇ ଯିବାର ଆଶଙ୍କା ପ୍ରକାଶ ପାଇଛି। ଖଣ୍ଡପଡ଼ା ଦେବୋତ୍ତର ବିଭାଗ ଦ୍ୱାରା ପରିଚାଳିତ ହେଉଥିବା ଏହି ମଠଟି ରାଜ ରାଜୁଡା ଅମଳରେ ପ୍ରତିଷ୍ଠିତ ହୋଇଥିବା ଖଣ୍ଡପଡ଼ା ଇତିହାସରୁ ଜଣାପଡିଛି। ଦିର୍ଘ ବର୍ଷ ଧରି ଏହି ଜରାଜୀର୍ଣ୍ଣ ମଠରେ ପ୍ରଭୁ ମହିମା ମେରୁ ପୂଜା ପାଇ ଆସୁଛନ୍ତି। ବାର ମାସରେ ତେର ପର୍ବ ଏହି ମଠରେ ନୀତିକାନ୍ତି ଅନୁଯାୟୀ ପାଳିତ ହେଉଥିବା ଜଣାପଡିଛି। ମହିମା ମେରୁ ପୂଜା ପାଉଥିବା ମୁଖ୍ୟ ଗୃହର କାନ୍ଥରେ ଫାଟ ସୃଷ୍ଟି ହୋଇଥିବା ବେଳେ ବାହ୍ୟ ପ୍ରାଚୀରର ବିଭିନ୍ନ ସ୍ଥାନ ଭାଙ୍ଗି ଯାଇ ତଳେ ଖସିପଡିଛି । ଫଳରେ ଗାଇ,ଗୋରୁ, ଷଣ୍ଢ ଓ ବୁଲା କୁକୁର ପ୍ରଭୃତି ମଠ ପରିସରରେ ଅବାଧରେ ପ୍ରବେଶ କରି ମଠ ପରିସରସ୍ଥିତ ପ୍ରାକୃତିକ ପରିବେଶକୁ ନଷ୍ଟ କରୁଛନ୍ତି। ସେହିପରି ଦୈନିକ ଭୋଗ ପ୍ରସ୍ତୁତ ନିମନ୍ତେ ଉଦ୍ଦିଷ୍ଟ ରୋଷ ଘରର ଅବସ୍ଥା ଶୋଚନୀୟ ହୋଇ ପଡ଼ିଛି। ମଠ ପରିସରରେ ଥିବା କୂପର ପୁନଃଉଦ୍ଧାର କାର୍ଯ୍ୟ କରାନଗଲେ ତାହା ନିକଟ ଭବିଷ୍ୟତରେ ଭୂଷୁଡି ପଡିବାର ଆଶଙ୍କା ପ୍ରକାଶ ପାଇଛି । ଖଣ୍ଡପଡା ତହସିଲଦାର ତଥା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଏହି ପୁରାତନ ମହିମାମେରୁ ମଠର ପୁନରୁଦ୍ଧାର ଦିଗରେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ନୟାଗଡ଼ ଜିଲ୍ଲାପାଳ, ଏଥି ପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।



# ଲଗାଣ ବର୍ଷାରେ ଭାଙ୍ଗିଲା ବ୍ରିଜ୍, ପ୍ରଭାବିତ ୫୦ ପରିବାର

ବନ୍ତଳା ୨୧/୦୭ (ଅକ୍ଷର ଓଡିଶା )ଅନୁଗୋଳ ଜିଲ୍ଲାର ସରଧାପୁର ପଞ୍ଚାୟତ ଝାର ସାହି ଏବେ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ଗତ ଲଗାଣ ବର୍ଷା ଯୋଗୁଁ ଗ୍ରାମକୁ ସଂଯୋଗ କରୁଥିବା ବ୍ରିଜ୍ ଭାଙ୍ଗିଯାଇଥିବାରୁ ପ୍ରାୟ ୫୦ ପରିବାର ର ୧୫୦ରୁ ଅଧିକ ଲୋକ ଗୁରୁତର ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ବ୍ରିଜ୍ ଭାଙ୍ଗିଯିବା ଫଳରେ ଗାଁର ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇପଡ଼ିଛି ।ସ୍ଥାନୀୟ ଲୋକଙ୍କ କହିବାନୁସାରେ, ବିଦ୍ୟାଳୟକୁ ଯାଉଥିବା ଛାତ୍ରଛାତ୍ରୀ, ରୋଗୀ ଏବଂ ଦୈନନ୍ଦିନ କାମରେ ଯାଉଥିବା ଲୋକମାନେ ଯାତାୟାତରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରଶାସନ ଶୀଘ୍ର ବ୍ରିଜ୍‌ର ମରାମତି କିମ୍ବା ବିକଳ୍ପ ଯାତାୟାତ ବ୍ୟବସ୍ଥା କରିବାକୁ ଗ୍ରାମ ର ଶିଶିର ପ୍ରଧାନ, ଜଗମୋହନ ପ୍ରଧାନ, ଧଡ଼ିଆ ପ୍ରଧାନ, ବସନ୍ତ ପ୍ରଧାନ, ପ୍ରାଣ ବନ୍ଧୁ ପ୍ରଧାନ, ଦୁଷ୍ମନ୍ତ ପ୍ରଧାନ, ସତ୍ୟବତୀ ପ୍ରଧାନ, ବିମଳା ସାହୁ, ରଞ୍ଜନା ସାହୁ ଦାବି କରିଛନ୍ତି।



# ଆଦିବାସୀ ମହିଳା ମାଳତି ଖେମୁଣ୍ଡୁ ପାଇଁ ଦେବଦୁତ ସାଜିଲେ ଅନୀଲ ଓ ଅମରେନ୍ଦ୍ର




**ବିରଳ ବମ୍ବେ ଫେନୋ ଟାଇପ୍ ରକ୍ତଦାନ କରି ଆଦିବାସୀ ମାଁ ଓ ଶିଶୁ ପୁତ୍ରର ଜୀବନ ବଞ୍ଚେଇଲେ**

ନାରାୟଣପାଟଣା, ୨୦/୭( ଗିରିଧର ଖରା)ତିନିଦିନ ହେବ ଶହୀଦ୍ ଲକ୍ଷ୍ମଣ ନାୟକ ମେଡିକାଲ କଲେଜର ସ୍ତ୍ରୀ ଓ ପ୍ରସୂତି ବିଭାଗରେ ପ୍ରସବ କରି ଶିଶୁ ପୁତ୍ର ଜନ୍ମ କରି ନନ୍ଦପୁର ବ୍ଲକ ବିଲାମାଳ ଗାଁ ର ମାଳତି ଖେମୁଣ୍ଡୁ ନୂଆ ଜୀବନ ପାଇଛି । ମାଳତି ଖେମୁଣ୍ଡୁ ପ୍ରସବ ପରେ ହିମୋଗ୍ଲୋବିନ୍ କମ୍ ଥିଲା । ଶରୀରରେ ରକ୍ତ ନଥିଲା ।ଯୋଉ ରକ୍ତ ଆବଶ୍ୟକ ଥିଲା ତାହା ମିଳିବା କଷ୍ଟକର ହୋଇପଡିଥିଲା। ମାଳତୀ ଖେମୁଣ୍ଡୁର ବମ୍ବେ ଫେନୋଟାଇପ ରକ୍ତ ଗ୍ରୁପ ଆବଶ୍ୟକ ଥିଲା। ସ୍ୱାମୀ ଏ କଥା ଶୁଣି ମୁଣ୍ଡରେ ହାତ ଦେଇ ବସିପଡିଲେ ।ଅତି ଗରୀବ ପରିବାର ସ୍ୱାମୀ ଦେବେନ୍ଦ୍ର ଡୋଲି ଏହି ରକ୍ତ କୋଉଠୁ ପାଇବେ, କେମିତି ପାଇବେ ବୋଲି ଦୁଃଖରେ ଭାଙ୍ଗିପଡି ଥିଲେ । ଖୋଜା ପଡିଲା କାହାର ବମ୍ବେ ଫେନୋଟାଇପ ରକ୍ତ ଅଛି । ରକ୍ତଭଣ୍ଡାରର ଅଧିକାରୀ,ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଡିନ୍ ପ୍ରମୁଖ ନାରାୟଣ ପାଟଣା ବ୍ଲକ ତଳଗୁମାଣ୍ଡି ପଂଚାୟତ ବାଲା ଗାଁର ପାଲା ଖରାଙ୍କ ପୁଅ ଅମରେନ୍ଦ୍ର ଖରାଙ୍କ ରକ୍ତ ଗ୍ରୁପ ମ୍ୟାଚ ହେଉଛି। ୧୮ ତାରିଖରୁ ଯୋଗାଯୋଗ କରି ରକ୍ତଦାନ କରିବାକୁ ଅନୁରୋଧ କରିଥିଲେ । କିନ୍ତୁ ପୁଅ ଦେବାକୁ ରୋକଠୋକ ମନା କରିଦେବାରୁ ଡାକ୍ତରୀ ଦଳର ଚିନ୍ତା ବଢ଼ିଯାଇଥିଲା। ପରେ ନାରାୟଣପାଟଣାର ଯୁବ ସାମ୍ବାଦିକ ଅନୀଲ ସୁବୁଦ୍ଧିଙ୍କ ସହ ମେଡିକାଲ କର୍ତ୍ତୃପକ୍ଷଙ୍କ ଟେଲିଫୋନ କରି ଘଟଣା ବିଷୟରେ କହିଥିଲେ ।ଗତକାଲି ଅମରେନ୍ଦ୍ର ଖରା ଓ ପରିବାର ବର୍ଗ ସହ ଆଲୋଚନା କରି ବୁଝାସୁଝା କରି ରକ୍ତଦାନ କରି ଗୋଟେ ଆଦିବାସୀ ମାଁର ଜୀବନ ବଂଚାଇବା ପାଇଁ ଅନୁରୋଧ କରିଥିଲେ। ଅନୁରୋଧ ରକ୍ଷା କରି ସତନ୍ତ୍ର ଗାଡ଼ିରେ ଅନୀଲ ସୁବୁଦ୍ଧି ଉଭୟ ପାଲା ଖରା ଓ ଅମରେନ୍ଦ୍ର ଖରାକୁ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ର ରକ୍ତଭଣ୍ଡାର ୱାର୍ଡରେ ଆଣି ଫଜିକୃତ କରି ରକ୍ତ ସଂଗ୍ରହ କରି ମାଳତି ଖେମୁଣ୍ଡୁ ଙ୍କୁ ଦେବା ବ୍ୟବସ୍ଥା କରିଥିଲେ ।ଏ ଖବର ଶୁଣି ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଡିମ୍ ଶୁଶାନ୍ତ ସାହୁ ,ଡିପିଏମ୍ ଉମେଶ ପ୍ରସାଦ ଷଡ଼ଙ୍ଗୀ , ସ୍ତ୍ରୀ ପ୍ରସୁତ ବିଭାଗର ଡ଼ାକ୍ତର ଯଶ୍ମିତା ସରକାର, ରକ୍ତଭଣ୍ଡାର ଭି ଗଙ୍ଗାଧର , ସନ୍ତୋଷ ଚୈଧୁରୀ, ନାରାୟଣପାଟଣା ବ୍ଲକ ସମ୍ବାଦ ପ୍ରତିନିଧି ଅନୀଲ ସୁବୁଦ୍ଧି , ଅମରେନ୍ଦ୍ର ଖରା, ପିତା ପାଲା ଖରାଙ୍କ ପାଖକୁ ଆସି ଖୁସୀ ବ୍ୟକ୍ତ କରି କୃତଜ୍ଞତା ଜଣାଇଥିଲେ। ରକ୍ତଦାନ ସମୟରେ ନିଜେ ଉପସ୍ଥିତ ରହି ଉତ୍ସାହିତ କରିଥିଲେ ।

# ଗ୍ରାମ ପଞ୍ଚାୟତସ୍ତରୀୟ ଜନ ଅଭିଯୋଗ ଶୁଣାଣୀ ଶିବିର




ବୋଲଗଡ ୨୦/୭( ଅକ୍ଷର ଓଡିଶା ) ଖୋର୍ଦ୍ଧା ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଓ ବୋଲଗଡ ବ୍ଲକ ପ୍ରଶାସନ ଆନୁକୂଲ୍ୟରେ ଗ୍ରାମପଞ୍ଚାୟତସ୍ତରୀୟ ଜନ ଅଭିଯୋଗ ଶୁଣାଣୀ ଶିବିର ଓ ଜନ ସେବା କାର୍ଯ୍ୟକ୍ରମ ସୋମବାର ଦିନ ସାନପଦର ଭକ୍ତ ଚରଣ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଅଛି । ଏହି କକ୍ଷର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ବୋଲଗଡ଼ ବିଡ଼ିଓ ଅଧିକାରୀ ପ୍ରଶାନ୍ତ କୁମାର ବିଶ୍ୱାଳ ଓ ସମ୍ମାନିତ ଅତିଥିଭାବେ ସାନପଦର ଗ୍ରାମପଞ୍ଚାୟତ ସରପଞ୍ଚ ବୈକୁଣ୍ଠ ଚରଣ ସାଇଁ ଓ ସମିତି ସଭ୍ୟ ଦିଲ୍ଲୀପ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇ ଗଜାନନାଙ୍କ ପ୍ରତିମୂର୍ତ୍ତିରେ ଦୀପ ପ୍ରଜ୍ୱଳନ କରି ଏହାକୁ ଶୁଭ ଉଦଘାଟନ କରିଥିଲେ । ଏହି ପଲ୍ଲୀ ପ୍ରଶାସନ ସେବା କାର୍ଯ୍ୟକ୍ରମରେ କୃଷି, ପଞ୍ଚାୟତିରାଜ, ମତ୍ସ୍ୟ ଓ ପଶୁ ପାଳନ, ଉଦ୍ୟାନ ବିଭାଗ, ସ୍ୱାସ୍ଥ୍ୟ ବିଭାଗ,ବିଦ୍ୟୁତ ବିଭାଗ, ଶିଶୁ କଲ୍ୟାଣ ବିଭାଗ,ରାଜସ୍ୱ ବିଭାଗ, ଜଙ୍ଗଲ ବିଭାଗ ଶିକ୍ଷା ଇତ୍ୟାଦି ବିଭାଗ ଗୁଡିକର କାର୍ଯ୍ୟନିର୍ବାହୀ ଅଧିକାରୀମାନେ( ୪୬)ଜଣ ଲୋକମାନଙ୍କର ଲିଖିତ ଅଭିଯୋଗକୁ ପଞ୍ଜିକୃତ କରିଥିଲେ ଓ ୩୮ଟି ଲିଖିତ ଅଭିଯୋଗକୁ ତୁରନ୍ତ ଆଶୁ ସମାଧାନ କରିଥିଲେ । ୮ଜଣ ଲୋକମାନଙ୍କର ଲିଖିତ ଅଭିଯୋଗଗୁଡିକୁ ଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ବ୍ଲକ ପଲ୍ଲୀ ପ୍ରଶାସନ ସେବା ମାଧ୍ୟମରେ ଲୋକମାନଙ୍କର ସମସ୍ତ ସମସ୍ୟା ସମାଧାନ ହୋଇପାରିବ ବୋଲି ସାନପଦର ସରପଞ୍ଚ ବୈକୁଣ୍ଠ ଚରଣ ସାଇଁ ଓ ସମିତି ସଭ୍ୟ ଦିଲ୍ଲୀପ କୁମାର ମହାପାତ୍ର ଲୋକମାନଙ୍କୁ ପରାମର୍ଶ ଦେଇଥିଲେ।

**ଜାତୀୟ ୬୦ ନମ୍ବର ରାଜରାସ୍ତା ପାଲଟିଛି ମରଣଯନ୍ତା**

# ପ୍ରଶାସନର ବେଖାତିର ନୀତିକୁ ନେଇ ଅସନ୍ତୋଷ

ନିମାପଡ଼ା ୨୦/୦୭ (ବିଜୟ ବେହେରା): ପୁରୀ ଜିଲ୍ଲା ପୂର୍ତ୍ତ ବିଭାଗ ଅଧୀନ ନିଆଳି ବ୍ଲକଟୋଲାବାଲିକୁଦା ଠାରୁ ଆରମ୍ଭ ହୋଇଥିବା ୬୦ ନମ୍ବର ଜାତୀୟ ରାଜରାସ୍ତାର ଅବସ୍ଥା ଅତି ଶୋଚନୀୟ ହୋଇପଡ଼ିଛି। ରାସ୍ତାର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଗାତ ସୃଷ୍ଟି ହୋଇଥିବାରୁ ଏହା ଏବେ ଏକ ମରଣଯନ୍ତାର ପାଲଟିଛି ।ପ୍ରତିବର୍ଷ ରଥଯାତ୍ରା ପୂର୍ବରୁ ରାସ୍ତା ମରାମତି ନାଁରେ ବିନା ଟେଣ୍ଡରରେ କାମ କରାଯାଇ ଲକ୍ଷାଧିକ ଟଙ୍କା ହରିଲୁଟ୍ ହେଉଥିବା ଅଭିଯୋଗ ହୋଇଛି। ଅଧିକାରୀମାନେ ନିଜର ପରିଚିତ ଠିକାଦାରଙ୍କ ନାଁରେ ଏଗ୍ରିମେଣ୍ଟ କରି ନାମମାତ୍ର କାମ କରିଥାନ୍ତି। ଚଳିତ ବର୍ଷ ରଥଯାତ୍ରା ପୂର୍ବରୁ କିଛି ମରାମତି କାମ କରାଯାଇଥିଲେ ହେଁ, ପ୍ରଥମ ବର୍ଷାରେ ହିଁ ସେସବୁ ଧୋଇ ହୋଇଯାଇଥିବା ଦେଖିବାକୁ ମିଳିଛି। ବିଶେଷ କରି ଟୋଲାବାଲିକୁଦା ଠାରୁ ଚନ୍ଦ୍ରମଉଳି ପର୍ଯ୍ୟନ୍ତ ପ୍ରାୟ ୪ କିଲୋମିଟର ରାସ୍ତା ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି। ଫଳରେ ଏହି ରାସ୍ତାରେ ଯାତାୟାତ କରୁଥିବା ଯାନବାହନ ଚାଳକ ଏବଂ ସାଧାରଣ ଯାତ୍ରୀମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।ପ୍ରଶାସନ ପକ୍ଷରୁ ରାସ୍ତାର ସ୍ଥାୟୀ ଉନ୍ନତିକରଣ କରାଯାଉ ନଥିଲେ ମଧ କେବଳ ପୁରୀକୁ ଏହି ରାସ୍ତା ଯାଇଛି ବୋଲି ଦର୍ଶାଇ ଲୋକଦେଖାଣିଆ ନାମଫଳକ ମାରି ଅର୍ଥ ତୋଷରପାତ କରାଯାଉଥିବା ନେଇ ସାଧାରଣରେ ବ୍ୟାପକ ଚର୍ଚ୍ଚା ଓ ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ଜନସାଧାରଣଙ୍କ ସୁରକ୍ଷା ଦୃଷ୍ଟିରୁ ତୁରନ୍ତ ଏହି ରାସ୍ତାକୁ ମରାମତି କରାଯିବା ପାଇଁ ଦାବି ଜୋର୍ ଧରିଛି।



# ସୋନମ ୱାଂଚୁଙ୍କ ଆନ୍ଦୋଳନକୁ ସମର୍ଥନ ଓ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ବହିଷ୍କାର ଦାବୀ

**ଓଡ଼ିଶା ମୂଳ ନୀବାସୀ ବହୁଜନ ମିଳିତ ମହାସଂଘ**

ଧର୍ମଗଡ଼, ୨୦/୭/( ପୃଥିରାଜ ତାଣ୍ଡି) ଦିଲ୍ଲୀରେ ସୋନମ ବାଙ୍ଗଚୁଙ୍କ ଦାବୀକୁ ସମର୍ଥନ ଜଣାଇ ବିଭିନ୍ନ ସଂଗଠନ ପାର୍ଲିଆମେଣ୍ଟକୁ ମାର୍ଚ୍ଚ କରିଥିବା ବେଳେ କଳାହାଣ୍ଡିରେ ମଧ ଉକ୍ତ ଆନ୍ଦୋଳନ ପ୍ରତି ସମର୍ଥନ ଦେଖିବାକୁ ମିଳିଛି। ଏ ପ୍ରସଙ୍ଗରେ ଓଡିଶା ମୂଳନୀବାସୀ ବହୁଜନ ମିଳିତ ମହାସଂଘ ତରଫରୁ ଧର୍ମଗଡ଼ରେ ହୋଇଥିବା ବିକ୍ଷୋଭ କାର୍ଯ୍ୟକ୍ରମରେ ଆନ୍ଦୋଳନ କାରୀମାନେ ନିଟ ପେପର ଲିକ ଘଟଣାରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଦାୟୀ କରିଥିବା ବେଳେ ୨୨ ଜଣ ମେଡିକାଲ ଛାତ୍ରମାନଙ୍କ ଆତ୍ମ ହତ୍ୟା ଘଟଣା ଦେଶ ପାଇଁ ଚିନ୍ତା ର ବିଷୟ ବୋଲି ମହାସଂଘ ଅଭିଯୋଗ କରିଥିଲା। ସେଦୃଷ୍ଟିରୁ ଧର୍ମେନ୍ଦ୍ର ପ୍ରଧାନ ନିଜେ ତାଙ୍କ ପଦବୀରୁ ଇସ୍ତଫା ଦେବା ଉଚିତ ନ ହେଲେ ପ୍ରଧାନ ମନ୍ତ୍ରୀ ତାଙ୍କୁ ମନ୍ତ୍ରୀମଣ୍ଡଳରୁ ବହିଷ୍କାର କରନ୍ତୁ ବୋଲି ସଂଘ ଦାବୀ କରିଛି। ଉପଜିଲ୍ଲାପାଳ ଧର୍ମଗଡ଼ଙ୍କ ଜରିଆରେ ପ୍ରଧାନ ମନ୍ତ୍ରୀ ଙ୍କୁ ଦିଆଯାଇଥିବା ଦାବୀପତ୍ରରେ ସଂଘ ସୋନମ ବାଙ୍ଗଚୁଙ୍କ ଆନ୍ଦୋଳନକୁ ପୂର୍ଣ୍ଣ ସମର୍ଥନ ଦେବା ସହିତ ସରକାର ତାଙ୍କୁ ଯେଉଁ ଦୁର୍ବ୍ୟବହାର ଦେଲେ ତାର ଘୋର ନିନ୍ଦା କରିଛନ୍ତି। ଶିକ୍ଷାର ଗୈରି କରଣ, ରାଜନୀତି କରଣ ଓ ଘରୋଇ କାରଣ କୁ ସଂଘ ଦୃଢ଼ ବିରୋଧ କରିଥିଲା। ନୂଆ ଶିକ୍ଷା ନିତି, ଛାତ୍ର ଛାତ୍ରୀଙ୍କୁ ପଙ୍ଗୁ କରୁଥିବା ବେଳେ ଓଡିଶାରେ ପାଠ୍ୟ ପୁସ୍ତକ ପ୍ରକାଶନରେ ଘୋର ବିଭ୍ରାଟ ସୃଷ୍ଟି ହେବା, ଶିକ୍ଷା ବ୍ୟବସ୍ଥାରେ ମାତ୍ରାଧିକ ରାଜନୈତିକ ହସ୍ତକ୍ଷେପ ହେଉଥିବାର ପରିଣାମ ବୋଲି କହିଛନ୍ତି. ତେବେ ଦିଲ୍ଲୀର ଜନ୍ତର ମନ୍ତର ଠାରେ ଜାରି ରଖିଥିବା ଛାତ୍ର ଆନ୍ଦୋଳନକୁ ପୋଲିସ ଯେଉଁଭଳି ଭାବେ ଦମନ କରିଛି ତାହା ଗଣତନ୍ତ୍ର ରେ ଆଦୌ ଗ୍ରହଣୀୟ ନୁହେଁ ବୋଲି ବକ୍ତାମାନେ ଅଭିଯୋଗ କରିଛନ୍ତି। ଆଜିର ଏହି ଗଣ ବିକ୍ଷୋଭ ଓ ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ମହାସଂଘ ର ରାଜ୍ୟ ସାଧାରଣ ସମ୍ପାଦକ ଦିଗାମ୍ବର ଦୁରିଆ, ଜିଲ୍ଲା ଉପଦେଷ୍ଟା ଡମ୍ବରୁ ଧର ଲହଜଲ, ବରିଷ୍ଠ ନାଗରିକ ପ୍ରମୋଦ ହଂସ,ବିଜୁ ଜନତା ଦଳ ବ୍ଲକ ସଭାପତି ଡାକେଶ୍ୱର ଲହଜଲ, ଖଗେଶ୍ୱର ନାଏକ, ସୋମ୍ୟ ରଞ୍ଜନ ନାଏକ, କ୍ଷୀର ମୋହନ ପଟେଲ, ମସ୍ତକ ସୁନାନୀ,କାର୍ତିକ ନାଗ, ମଧୁ ସାଗର, ମହାଦେବ ନାଗ, କ୍ଷେତ୍ର ସତନାମୀ, କିଶୋର ପଟେଲ,ମନୋଜ ବାଗ, ବନମାଳୀ ଶବର,ଟଙ୍କଧର ଶବର,ସମିତି ସଭ୍ୟ ଶଙ୍କର ନାଏକ, ଲକ୍ଷ୍ମଣ ମହାନନ୍ଦ, କେଦାର ଜାଲ, ସୋମ୍ୟ ଦାସ ଥବିର ସାଗର,ଉଦିତ ଠାକୁର, ପ୍ରଦୀପ ସେଠିଆ ଆଦି ସହଯୋଗ କରିଥିଲେ।



## ବଜ୍ରାଘାତରେ ଜଣେ ମୃତ, ଦୁଇ ଗୁରୁତର

କେନ୍ଦୁଝର:ଘଟଗାଁ: ୨୦/୦୭(ଦିଲ୍ଲିପ କୁମାର ସାହୁ) – ଆଜି ମଧ୍ୟାହ୍ନରେ କେନ୍ଦୁଝର ଜିଲ୍ଲା ଘଟଗାଁ ଥାନା ଗଦାଧରପୁର ପଞ୍ଚାୟତ ଅନ୍ତର୍ଗତ ଅର୍ଜୁନବିଲା ଗ୍ରାମରେ ଏକ ଅଭାବନୀୟ ଏ୍ୱ ମର୍ମନ୍ତୁଦ ଦୁର୍ଘଟଣା ଘଟି ଯାଇଛି । ବଜ୍ରାଘାତରେ ଗ୍ରାମର କଂସଲା ସେଠି ( ୫୦) ନାମକ ଜନୈକ ମହିଳାଙ୍କର ମୃତ୍ୟୁ ହୋଇଯାଇଛି । ତେବେ ଖବର ନେବାରୁ ଜଣାଯାଏ ଆଜି ଦିନ ପ୍ରାୟ ୧୨ ଘଟିକା ସମୟରେ କଂସଲା ସେଠି, ସୁନାଫୁଲ ସେଠି, ରଶ୍ମିତା ସେଠି ବିଲରେ ଧାନ ତଳି ରୋଇବା ସମୟରେ ବଜ୍ରାଘାତର ଶିକାର ହୋଇଥିଲେ । ତିନିଜଣଙ୍କୁ ଗୁରୁତର ଅବସ୍ଥାରେ ଘଟଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନୀୟ ଅଞ୍ଚଳବାସୀ ଆଣିଥିଲେ । ତେବେ ସେଠାରେ କଂସଲା ସେଠି ମୃତ୍ୟ ବରଣ କରିଥିବା ବେଳେ ଅନ୍ୟ ଦୁଇଜଣ ଗୁରୁତର ଭାବେ ଚିକିତ୍ସିତ ହେଉଛନ୍ତି କ୍ଷ ତେବେ ଏହି ଘଟଣା ଅର୍ଜୁନବିଲା ଗ୍ରାମରେ ଶୋକର ଛାୟା ଖେଳାଇ ଦେଇଛି । ମୃତକ ପରିବାରକୁ ସରକାର ଆର୍ଥିକ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତ ।

## ଇଞ୍ଚୋଲ-ନୁଆରମ୍ଭାସ ରାସ୍ତାପାର୍ଶ୍ୱରେ ଚାରା ରୋପଣ କରି ସଚେତନତା ବାର୍ତ୍ତା ଦେଲେ

କେନ୍ଦୁଝର/ହାଟଡିହି: ୨୦/୦୭ (ଦିଲ୍ଲିପ କୁମାର ସାହୁ) – କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ଇଞ୍ଚୋଲ ବିକାଶ ମଞ୍ଚ ଏବଂ ନୂଆରମ୍ଭାସ ଯୁବ ସଂଘର ସହଯୋଗରେ ଶନିବାର ଇଂଚୋଲ-ନୂଆରମ୍ଭାସ ସଂଯୋଗୀକରଣ ରାସ୍ତାରେ ପରିବେଶ ସୁରକ୍ଷା ବାର୍ତ୍ତା ସହିତ ଶହ ଶହ ଚାରା ରୋପଣ କରାଯାଇଥିଲା ।ପରିବେଶ ସୁରକ୍ଷା, ସବୁଜ ପରିବେଶ ସୃଷ୍ଟି ଏବଂ ବୃକ୍ଷରୋପଣ ପ୍ରତି ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତାପ୍ ଏବଂ ଆଗ୍ରହ ସୃଷ୍ଟି କରିବା ଲକ୍ଷ୍ୟରେ, ସବୁଜ ପ୍ରେମୀଙ୍କ ବିପୁଳ ଅଂଶଗ୍ରହଣ ସହିତ ଉତ୍ସାହ ଏବଂ ଆନ୍ତରିକତାର ସହିତ ବନ-ମହୋତ୍ସବ ପାଳନ କରାଯାଇଥିଲା ବୋଲି କାର୍ଯ୍ୟକ୍ରମର ନେତୃତ୍ୱ ନେଉଥିବା ଯୁବ ଲେଖକ, ସାମ୍ବାଦିକ, ପ୍ରକୃତି ପ୍ରେମୀ ଏବଂ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାର ବିଜେତା ସମାଜସେବୀ ଚନ୍ଦନ ପଣ୍ଡା କହିଛନ୍ତି । ଏହି ଅବସରରେ ବଉଳା, ନିମ, ବରା, ଅଶ୍ୱତ୍ଥ, ବାଦାମ ସମେତ ବିଭିନ୍ନ ପ୍ରଜାତିର ଫଳ, ଔଷଧୀୟ ଏବଂ ଛାଇ ପ୍ରଦାନକାରୀ ଚାରା ରୋପଣ କରାଯାଇଥିଲା ।କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ନୃସିଂହ ଚରଣ ପଣ୍ଡା, ବିଶ୍ୱନାଥ ଜେନା, ଧନେଶ୍ୱର ରାଉତଙ୍କ ଭଳି ସବୁଜ ପ୍ରେମୀମାନେ ଉପସ୍ଥିତ ସମସ୍ତଙ୍କୁ କେବଳ ଗଛ ଲଗାଇବା ପାଇଁ ନୁହେଁ ବରଂ ଲଗାଯାଇଥିବା ଚାରାଗୁଡ଼ିକର ସୁରକ୍ଷା, ନିୟମିତ ରକ୍ଷଣାବେକ୍ଷଣ ଏବଂ ସଂରକ୍ଷଣ ପାଇଁ ସଂକଳ୍ପ ନେବାକୁ ଅନୁରୋଧ କରିଥିଲେ ।ଅଂଶଗ୍ରହଣକାରୀ ମାନେ କହିଥିଲେ ଯେ ଜଳବାୟୁ ପରିବର୍ତ୍ତନ, ଅସହ୍ୟ ଗ୍ରୀଷ୍ମପ୍ରବାହ ଏବଂ ପରିବେଶ ପ୍ରଦୂଷଣ ଭଳି ବିଶ୍ୱ ସମସ୍ୟାର ମୁକାବିଲା ପାଇଁ ବୃକ୍ଷରୋପଣ ହେଉଛି ସବୁଠାରୁ



ସହଜ ଏବଂ ପ୍ରଭାବଶାଳୀ ଉପାୟ । ତେଣୁ, ପ୍ରତ୍ୟେକ ନାଗରିକ ପ୍ରତିବର୍ଷ ଅତି କମରେ ଗୋଟିଏ ଗଛ ଲଗାଇ ତାକୁ ସୁରକ୍ଷା ଦେବା ପାଇଁ ଆଗେଇ ଆସିବା ପାଇଁ ଅନ୍ୟମାନଙ୍କୁ ନିବେଦନ କରିଛନ୍ତି ।ଅନ୍ୟମାନଙ୍କ ମଧ୍ୟରେ ଓକିଲ ଜ୍ୟୋତିର୍ମୟୀ ପଣ୍ଡା, ଇଞ୍ଚୋଲ ବିକାଶ ମଞ୍ଚର ସଦସ୍ୟ ଶାନ୍ତନୁ ଖୁଣ୍ଟିଆ, ଗଣେଶ ରାଉତ, ସୁଶାନ୍ତ କୁମାର ସାନ୍ଧିଭିଗ୍ରା, ଅଖିଳଜୀ ସାହୁ, ସୁନଜୁଲତା ସାହୁ, କାନହି ଚରଣ ପ୍ୟାରୀ, ପ୍ରବୀର କୁମାର ନାୟକ, ପ୍ରିୟବ୍ରତ ଲେଙ୍କା, ଦୀପନ୍ ପଣ୍ଡା, ସୁଶାନ୍ତ ଜନ, ଅନ୍ୟ ଯୁବକ, ବୁଦ୍ଧିଜୀବୀ, ସାମାଜିକ କର୍ମୀ ଏବଂ ଗ୍ରାମବାସୀ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ ।

## ଚମ୍ପୁଆରେ ଟ୍ରମାକେୟାର ଓ ଆଇଟିଆଇ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ଚମ୍ପୁଆ, ୨୦/୦୭(ରାମକୃଷ୍ଣ ଜିତ): ଚମ୍ପୁଆ ଅଞ୍ଚଳର ଦୁଇଟି ପ୍ରମୁଖ ସମସ୍ୟା ତଥା ଦୀର୍ଘଦିନର ଦାବିକୁ ନେଇ ଚମ୍ପୁଆ ବ୍ଲକରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ମିଳିତ ଜନସୁଣାଣି ଶିବିରରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଖବର ଅନୁସାରେ, ଚମ୍ପୁଆରେ ଏକ ଜରୁରୀକାଳୀନ ଟ୍ରମାକେୟାର କେନ୍ଦ୍ର ସ୍ଥାପନ ନିମନ୍ତେ ଗତ ୦୭/୦୫/୨୦୨୬ ରିଖରେ ପତ୍ର ସଂଖ୍ୟା ୨୪୧୦ ମାଧ୍ୟମରେ ଜମି ପଟା ଯୋଗାଇଦେବାକୁ ଚିଠି ହୋଇଥିଲା । ମାତ୍ର ବର୍ତ୍ତମାନ ସୁଦ୍ଧା ଏହି ପ୍ରକ୍ରିୟାର ସ୍ଥିତି କଣ ରହିଛି, ତାହା ଅସ୍ପଷ୍ଟ ଅଛି । ଏହି ପ୍ରକଳ୍ପଟି ଅତିଶୀଘ୍ର କାର୍ଯ୍ୟକାରୀ ହେଲେ ଚମ୍ପୁଆ ତଥା ଆଖପାଖ ଅଞ୍ଚଳର ହଜାର ହଜାର ଜନସାଧାରଣ ଜରୁରୀକାଳୀନ ଚିକିତ୍ସା ସେବା ପାଇ ଉପକୃତ ହୋଇପାରନ୍ତେ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି । ଅନ୍ୟପକ୍ଷେ, ଚମ୍ପୁଆରେ ଏକ ସରକାରୀ ଆଇଟିଆଇ ସ୍ଥାପନ ପାଇଁ ସରକାରଙ୍କ ନିର୍ଦ୍ଦେଶକ୍ରମେ ଚମ୍ପୁଆ ତହସିଲଦାରଙ୍କ ଦ୍ୱାରା ଖାତା ନମ୍ବର ୨୬୧, ପ୍ଲଟ ନମ୍ବର ୨୯୩ ବିଶିଷ୍ଟ ଜମି ଚିହ୍ନଟ କରାଯାଇ ପ୍ରଦାନ କରାଯାଇଥିଲା । କିନ୍ତୁ ଏହା ଭିତରେ ଦୀର୍ଘ ୩ ବର୍ଷ ବିତିଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟକାରୀ ପଦକ୍ଷେପ ନିଆଯାଇ ନାହିଁ । ଯାହାଫଳରେ ସ୍ଥାନୀୟ ଅଞ୍ଚଳର ଛାତ୍ରଛାତ୍ରୀମାନେ ବୈଷୟିକ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି । ତେଣୁ ଏହି ଦୁଇଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ସଫଳ ରୂପାୟନ ପାଇଁ ସମାଜସେବୀ ପ୍ରଦୀପ କୁମାର ରାଜ ଏବଂ ବସନ୍ତ କୁମାର ଗିରୀ ପ୍ରମୁଖ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ତୁରନ୍ତ ଏ ଦିଗରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି ।

## ଜଙ୍ଗଲରୁ ନବଜାତ ଶିଶୁପୁତ୍ର ଉଦ୍ଧାର

କେନ୍ଦୁଝର: ୨୦/୦୭(ଦିଲ୍ଲିପ କୁମାର ସାହୁ) – କେନ୍ଦୁଝର ଜିଲ୍ଲା ସଦର ଥାନା ଅଞ୍ଚଳରେ ଏକ ଦୃଶ୍ୟ ଚାଞ୍ଚଲ୍ୟ ଖେଳାଇ ଦେବାସହ ପ୍ରତ୍ୟେକ ଜନମାନସକୁ ବିଚଳିତ କରିଦେଇଛି । ସଦର ଥାନା ଅନ୍ତର୍ଗତ କଣ୍ଡରାପଶି ପଞ୍ଚାୟତ ସିଲସୁଆଁ ନିକଟସ୍ଥ ଜଙ୍ଗଲରୁ ଏକ ନବଜାତ ଶିଶୁପୁତ୍ର ଉଦ୍ଧାର ହୋଇଛି । ନବଜାତ ଶିଶୁପୁତ୍ରଟି କୁଆଁ କୁଆଁ କାନ୍ଦୁଥିବା ବେଳେ ଜଙ୍ଗଲକୁ ଯାଇଥିବା ଲୋକେ ବୁଦାମୂଳରେ ନବଜାତ ଶିଶୁପୁତ୍ରଟି କାନ୍ଦୁଥିବା ଦେଖିଥିଲେ । ଶିଶୁପୁତ୍ରଟି ବୁଦା ମୂଳରେ ଡାଳପତ୍ର ତଳେ ଘୋଡାଇ ହୋଇ ରହିଥିବାବେଳେ ଜନ୍ଦା ଓ ପିମ୍ପୁଡି ଶିଶୁପୁତ୍ରଟିକୁ କାମୁଡ଼ି କ୍ଷତାକ୍ତ କରିଦେଇଥିଲେ । ଚିକିତ୍ସା ପରେ ଶିଶୁର ଅବସ୍ଥା ଭଲ ଥିବା ସୂଚନା ମିଳିଛି । ଏହି ଘଟଣା ପ୍ରାୟ ଶନିବାର ରାତିରେ ହୋଇଥିବା ସନ୍ଦେହ କରାଯାଉଛି । ନବଜାତ ଶିଶୁପୁତ୍ରଟି ଆବୈଧ ପ୍ରେମର କରୁଣ ପରିଣତି ହୋଇଥାଇପାରେ ବୋଲି ଅନୁମାନ କରାଯାଉଛି । କୌଣସି ଅବିବାହିତ ଯୁବତୀ ଶିଶୁପୁତ୍ର ଜନ୍ମ କରିବା ପରେ ପ୍ରମାଣକୁ ନଷ୍ଟ କରିବାକୁ ଉଦ୍ୟମ କରିଥିବା ସ୍ଥାନୀୟ ଅଞ୍ଚଳବାସୀ ସନ୍ଦେହ କରୁଥିବା ଜଣାପଡ଼ିଛି । ଏହି ଘଟଣା ପ୍ରଘଟ ହେବାପରେ ସିଲିସୁଆଁ ଜଙ୍ଗଲରେ ଲୋକଙ୍କ ଗହଳି ଦେଖିବାକୁ ମିଳିଥିଲା । ଦେଖଣାହାରୀ ୧୦୮ ଆମ୍ବୁଲାନ୍ସକୁ ଖବର ଦେଇଥିଲେ । ଝୁମ୍ପୁରା ଡାକ୍ତରଖାନାରୁ ଆମ୍ବୁଲାନ୍ସଘଟଣାସ୍ଥଳ ଅଭିମୁଖେ ଯାଇଥିଲା । ମାତ୍ର ଜଙ୍ଗଲକୁ ଆମ୍ବୁଲାନ୍ସ ପହଞ୍ଚି ପାରିନଥିଲା । ପ୍ରାୟ ୩ କିଲୋମିଟର ବାଟ ଚାଲିବା ପରେ ସ୍ଥାନୀୟ ଲୋକେ ଶିଶୁପୁତ୍ର ନିକଟରେ ଭିଡ ଜମାଇଥିବା ବେଳେ ଆମ୍ବୁଲାନ୍ସ କର୍ମଚାରୀମାନେ ନବଜାତକକୁ ଉଦ୍ଧାର କରି ଝୁମ୍ପୁରା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ କେନ୍ଦୁଝର ମୁଜିଲ୍ଲା ଖ୍ୟ ଡାକ୍ତରଖାନାକୁ ପଠଯାଇଛି । ଶିଶୁପୁତ୍ରକୁ ଜଙ୍ଗଲରେ ପିମ୍ପୁଡି, ଜନ୍ଦା ଖଣ୍ଡିଆଖାବରା କରି ରକ୍ତାକ୍ତ କରି ପକାଇଥିଲେ । ପ୍ରଥମିକ ଚିକିତ୍ସା ପରେ ଶିଶୁଟି ସୁସ୍ଥ ଏବଂ ବିପଦମୁକ୍ତ ଥିବା ଜଣାପଡିଛି ଡିଛି । ଖବରପାଇ ସଦର ପୋଲିସ ତଦନ୍ତ ଆର କରିଛି । ତେବେ ନବଜାତକର ଅଭିଭାବକଙ୍କ ପରିଚୟ ପୋଲିସକୁ ମିଳିପାରିନାହିଁ । ସଦର ପୋଲିସ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀକୁ ଶିଶୁପୁତ୍ରର ସୁରକ୍ଷା ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ଅବଗତ କରିଥିବା ଜଣାପଡିଛି ।

## ବସ୍‌ରୁ ଖସି ଦାଦନ ଶ୍ରମିକଙ୍କ ମୃତ୍ୟୁ



ହରିଚନ୍ଦନପୁର ୨୦/୭(ଶୂନ୍ୟରଞ୍ଜନ ଘଣା ): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ୍ ରେବଣାପଳାଶପାଳ ପଞ୍ଚାୟତ ବୁଢ଼ୀପଦା ଗାଁର ଯଦୁ ଜୁଆଙ୍ଗଙ୍କ ପୁଅ ଗଣେଶ( ୨୩)ଙ୍କର ରବିବାର ଅପରାହ୍ନ ରେ କେରଳ ରାଜ୍ୟର ଚିତ୍ତୋଦ ଥାନା ଅଞ୍ଚଳର ଏକ ଡାକ୍ତରଖାନାରେ ମୃତ୍ୟୁ ଘଟି ଘଟିଛି । ତାଙ୍କ ପରିବାର ପକ୍ଷରୁ ଏହି ସୂଚନା ମିଳି ମିଳିଛି । ଗତ ୧୭ ତାରିଖରେ ଗଣେଶ ଗାଁର ଗୌରାଙ୍ଗ ଜୁଆଙ୍ଗ ଓ ଗୁନେଇ ଜୁଆଙ୍ଗ ସହ ଦାଦନ ଖଟିବାକୁ ହରିଚନ୍ଦନପୁରରୁ କେରଳ ଅଭିମୁଖେ ଏକ ବସ୍‌ରେ ଯାଇଥିଲେ । ସେ ଶନିବାର ନିବାର ମଧ୍ୟରାତ୍ରରେ ଅସାବଧାନତାରୁ ବସ୍‌ରୁ ଖସି ପଡ଼ିଥିଲେ । କିପରି ସେ ଗାଡ଼ିରୁ ଖସିପଡ଼ିଲେ ତାହି ଠିକ୍ ଜଣାପଡ଼ିନି ଗୁରୁତର ଅବସ୍ଥାରେ ତାଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ଡାକ୍ତରଖାନାରେ ମୃତ୍ୟୁ ହୋଇଥିବା ତାଙ୍କର ଦୁଇସାଙ୍ଗ ଘରକୁ ଖବର ଦେଇଥିଲେ । ପରିବାର ଲୋକ ଘଟଣା ସଂପର୍କରେ ଦୈତାରି ଥାନା ଅଧିକାରୀ ହୃଷୀକେଶ ବେହେରାଙ୍କୁ ଜଣାଇଛନ୍ତି । ଗଣେଶଙ୍କ ମୃତଦେହ ସେଠାରୁ ଆଣିବାକୁ ପରିବାର ଲୋକେ ଦାବି କରିଛନ୍ତି । ଗତ ୪ ବର୍ଷ ହେଲା ପ୍ରତି ଶୁକ୍ରବାର ହରିଚନ୍ଦନପୁରରୁ କେରଳ ରାଜ୍ୟକୁ ଦାଦନ ଶ୍ରମିକ ଧରି ଏକ ବସ୍ ଯାତାୟାତ କରୁଛି । ଏଥିରେ ହରିଚନ୍ଦନପୁର, ଘଟଗାଁ, ତେଲକୋଇ ଆଦି ଅଞ୍ଚଳର ଯୁବକଯୁବତୀମାନେ ଦାଦନ ଖଟିବା ପାଇଁ ଯାଉଛନ୍ତି ।

## ବାଇଗଣ ଚାଷ କରି ମହିଳା ସ୍ୱାବଲମ୍ବୀ



ହରିଚନ୍ଦନପୁର, ୨୦/୭ (ଶୂନ୍ୟରଞ୍ଜନ ଘଣା ) : କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ୍ ଧୁରୁଡ଼ିଆମ୍ବ ପଞ୍ଚାୟତ ଜାମୁଦା ଗାଁର ୪ଜଣ ମହିଳା ବାଇଗଣ ଚାଷକରି ସ୍ୱାବଲମ୍ବୀ ହୋଇଛନ୍ତି । ୧୦ଏକର ଜମିରେ ଏମାନେ ବାଇଗଣ ଗଛ ଲଗାଇଛନ୍ତି । ବୁନ୍ଦା ଜଳସେଚନ ପ୍ରଣାଳୀରେ ଫସଲକୁ ପାଣି ଦେଉଛନ୍ତି । ଚାଷପାଇଁ ଡିଏସ୍‌ଏଫ୍ ଓ ଉଦ୍ୟାନ ବିଭାଗ ପକ୍ଷରୁ ବୁନ୍ଦା ଜଳସେଚନ ପ୍ରଣାଳୀ(ଡ୍ରିପ)ର ସମସ୍ତ ସାମଗ୍ରୀ ଯୋଗାଇ ଦିଆଯାଇଛି । ଏହି ମହିଳା ଚାଷୀଙ୍କୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସୃଷ୍ଟି' ବୈଷୟିକ ଶିକ୍ଷା ପ୍ରଦାନ କରୁଛି । ଗାଁର ଏହି ୪ ମହିଳା ଚାଷୀ ହେଲେ ମନ୍ଦୋଦରୀ ଗାଗରାଇ, ଟୁରୀ ମୁଣ୍ଡା, ମାଳତୀ ହନାଗା ଓ ଫୁଲନ ଗାଗରାଇ । ଚାଷୀ ଟୁରୀ ଓ ମାଳତୀ ପୂର୍ବରୁ କଲରା ଓ ଅନ୍ୟାନ୍ୟ ପନିପରିବା ଚାଷ କରି ଲକ୍ଷପତି ଦିଦି ହୋଇଛନ୍ତି । ଅନ୍ୟ ଦୁଇଜଣ ନୂତନ ଚାଷୀ । ୧୦ ଏକର ଜମିରେ ପାଖାପାଖି ୬୦ ହଜାର ବାଇଗଣ ଚାରା ଲଗାଯାଇଛି । ଗତ ମାର୍ଚ୍ଚ ମାସ ଶେଷ ସପ୍ତାହରେ ଲଗାଯାଇଥିବା ଗଛରୁ ୭୦ କ୍ୱିଣ୍ଟାଲ ବାଇଗଣ ଉତ୍ପାଦନ ହୋଇଥିବାବେଳେ ମେ ମାସ ପ୍ରଥମ ସପ୍ତାହରେ ଲଗାଯାଇଥିବା ଗଛରୁ ୮ କ୍ୱିଣ୍ଟାଲ ବାଇଗଣ ଉତ୍ପାଦନ ହୋଇଛି । ବର୍ତମାନ ବାଇଗଣ କିଲୋ ପ୍ରତି ୫୯ ଟଙ୍କାରେ ବିକ୍ରି ହେଉଛି ଗୋଟିଏ ଗଛରୁ ୪/୫ କିଲୋଗ୍ରାମ ବାଇଗଣ ଅମଳ ହେବା ଚାଷୀମାନେ ଆଶା ରଖିଛନ୍ତି ।

## ୫ ବର୍ଷ ନପୂରୁଣୁ ଭାଙ୍ଗି ପଡ଼ିଲା ମାର୍କେଟ କମ୍ପ୍ଲେକ୍ସର ସୁରକ୍ଷା ବାଡ଼ ସ୍ଲାପ୍



ଚମ୍ପୁଆ, (୨୦/୭):(ରାମକୃଷ୍ଣ ଜିତ):- ନିମ୍ନମାନର ନିର୍ମାଣ କାର୍ଯ୍ୟର ଆଉ ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଚମ୍ପୁଆ ସହରରେ । ସରକାରୀ ଅର୍ଥର ଶ୍ରାଦ୍ଧ କରାଯାଇ କିଭଳି କାମ କରାଯାଉଛି, ତାହା ପ୍ରମାଣିତ କରିଛି ଚମ୍ପୁଆ ଜେଲଖାନା ସମ୍ମୁଖରେ ଥିବା ନବନିର୍ମିତ ମାର୍କେଟ କମ୍ପ୍ଲେକ୍ସ । ନିର୍ମାଣର ମାତ୍ର ୫ ବର୍ଷ ନଯାଉଣୁ ଏହି କମ୍ପ୍ଲେକ୍ସର ସିଡ଼ି ଗୃହ ଉପରେ ଥିବା ସିମେଣ୍ଟ କଂକ୍ରିଟ ସୁରକ୍ଷା ବାଡ଼ ସ୍ଲାପ୍‌ଟି ସମ୍ପୂର୍ଣ୍ଣ ଭାଙ୍ଗି ଝୁଲି ପଡ଼ିଛି । ତେବେ ସୌଭାଗ୍ୟବଶତଃ ଏକ ବଡ଼ ବିପତ୍ତିରୁ ସ୍ଥାନୀୟ ଲୋକେ ଅଳ୍ପକେ ବର୍ତ୍ତି ଯାଇଛନ୍ତି ।ମିଳିଥିବା ସୂଚନା ମୁତାବକ, ପ୍ରାୟ ୫ ବର୍ଷ ପୂର୍ବେ ବହୁ ବ୍ୟୟରେ

### ନିମ୍ନମାନ କାମର ଗୁମର ଖୋଲିଲା ଅଳ୍ପକେ ବର୍ତିଲେ ଲୋକେ

ଏହି ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯାଇଥିଲା । କିନ୍ତୁ ଦୁଃଖର ବିଷୟ, ନିର୍ମାଣ ଶେଷ ହେବାର ଏତେ ବର୍ଷ ପରେ ମଧ୍ୟ ଏହାକୁ ଦୋକାନୀମାନଙ୍କୁ ହସ୍ତାନ୍ତର କରାଯାଇ ନାହିଁ । ଫଳରେ ସମ୍ପୂର୍ଣ୍ଣ କମ୍ପ୍ଲେକ୍ସଟି ବନ୍ଦ ପଡ଼ି ରହିଛି । ବ୍ୟବହାର ହେବା ପୂର୍ବରୁ ହିଁ କୋଠାର ସୁରକ୍ଷା ବାଡ଼ ଭାଙ୍ଗିବା ସ୍ଥାନୀୟ ଅଞ୍ଚଳରେ ନିର୍ମାଣର ସ୍ଥାୟିତ୍ୱ ଓ ଗୁଣବତ୍ତା ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହି ସିଡ଼ି ଗୃହର ଠିକ୍ ପଛ ପଟେ ଏକ ଚାହା ଦୋକାନ ରହିଛି, ଯେଉଁଠାରେ ସବୁବେଳେ ଗ୍ରାହକମାନଙ୍କର ପ୍ରବଳ ଭିଡ଼ ଜମିଥାଏ । ଗତକାଲି ସନ୍ଧ୍ୟା ସମୟରେ ହଠାତ ଏହି ସୁରକ୍ଷା ବାଡ଼ ସ୍ଲାପ୍‌ଟି ଭାଙ୍ଗି ଚାହା ଦୋକାନର କର୍କଟ ଟିଣ ଚାଦ୍ରା ଛାଉଣୀ ଉପରେ କଡ଼ଗଣ୍ଡ ହୋଇ ପଡ଼ିଥିଲା । ପ୍ରବଳ ଶବ୍ଦ ଯୋଗୁଁ ଆଖପାଖ ଲୋକେ ଆତଙ୍କିତ ହୋଇପଡ଼ିଥିଲେ । ଏହି ଦୁର୍ଘଟଣାରେ ଦୋକାନର ଟିଣ ଛାଉଣୀଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ବେଳେ, ସେଠାରେ ଉପସ୍ଥିତ ଥିବା ଲୋକେ ଅଳ୍ପକେ ରକ୍ଷା ପାଇଯାଇଛନ୍ତି । ଯଦି ଏହି ସ୍ଲାପ୍‌ଟି ସେଠାରେ ଠିଆ ହୋଇଥିବା ଲୋକଙ୍କ ଉପରେ ପଡ଼ିଥାନ୍ତା, ତେବେ କୌଣସି ବଡ଼ ଧରଣର ଜୀବନହାନି ଘଟିଥାନ୍ତା ବୋଲି ଆଶଙ୍କା କରାଯାଉଛି । ସରକାରୀ ରାଜକୋଷରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ତିଆରି ହୋଇଥିବା ମାର୍କେଟ କମ୍ପ୍ଲେକ୍ସର ଏଭଳି ଅବସ୍ଥାକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।

## ବାରାହୀ ମିଇ ସ୍କୁଲ୍ ଶିକ୍ଷକଙ୍କ ବଦଳି, ଅଭିଭାବକ ମହଲରେ ଅସନ୍ତୋଷ

ହାଟଡିହି: ୨୦/୭ (ଅମୀୟ ବରାଳ) – ହାଟଡିହି ବ୍ଲକ ବଞ୍ଚୋ ବରାହୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଭାର ପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳିକୁ ନେଇ ଅଭିଭାବକ ମହଲରେ ଘୋର ଅସନ୍ତୋଷ ଦେଖାଦେଇଛି । ଏହି ବିଦ୍ୟାଳୟରେ ଶିଶୁ ବାଟିକା ଶ୍ରେଣୀ ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ କରାଯାଏ । ଏଠାରେ ୫୩ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ଆବଶ୍ୟକ ସ୍ଥଳେ ଶିକ୍ଷକ ନାହାନ୍ତି । ବ୍ଲକ ଶିକ୍ଷା ଅଧିକାରୀ ଅଭିଭାବକଙ୍କ ଅଭିଯୋଗ କ୍ରମେ ରେ ସିଆରସିସି ଦାୟିତ୍ୱ ରୁ ଅବ୍ୟାହତି ନେଇଥିବା ଶିକ୍ଷକ ପ୍ରଦୀପ କୁମାର ଦେହୁରୀଙ୍କୁ ଭାର ପ୍ରାପ୍ତ ପ୍ରଧାନ ଶିକ୍ଷକ ଭାବେ ନିଯୁକ୍ତ କରିଥିଲେ । ସେ ବାରାହୀ ସରକାରୀ ପ୍ରାଥମିକ ବିଦ୍ୟାଳୟ ରେ କାର୍ଯ୍ୟରତ ରହି ଦରମା ପାଉଥିବା ଜଣାପଡିଛି ।କିନ୍ତୁ ଗତ ଡିଏଲଟିସି ବୈଠକ ପ୍ରଦୀପ କୁମାର ଦେହୁରୀ ବାଙ୍ଗଲୋର ପ୍ରାଥମିକ ବିଦ୍ୟାଳୟ ରେ କାର୍ଯ୍ୟରତ ଥିବା ଦର୍ଶାଇ ସେଠାରେ ଅଧିକ ଶିକ୍ଷକ ଥିବାରୁ ଉଲ୍ଲେଖ କରି ତାଙ୍କୁ ଗଡ଼ଚଣ୍ଡୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ବଦଳି କରାଯାଇଛି ।ବଡ଼ ଆଶ୍ଚର୍ଯ୍ୟର ବିଷୟ ବଞ୍ଚୋ ବାରାହୀ ପ୍ରାଥମିକ ବିଦ୍ୟାଳୟ ରେ କାର୍ଯ୍ୟରତ ଶିକ୍ଷକଙ୍କୁ କିପରି ବାଙ୍ଗୋର ପ୍ରାଥମିକ ବିଦ୍ୟାଳୟ ରେ କାର୍ଯ୍ୟକାରୀ ବୋଲି ଉଲ୍ଲେଖ କରାଗଲା ତାହା ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସେହିପରି ବଞ୍ଚୋ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ୯ଟି ଶ୍ରେଣୀ ଗୃହରେ ମାତ୍ର ୪ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଥିବା ବେଳେ ଜଣେ ପ୍ରସବ ପାଇଁ ଛୁଟିରେ ଅଛନ୍ତି ।ଯାହା ଦ୍ୱାରା ଶିକ୍ଷା ଦାନ



ବାଧାପ୍ରାପ୍ତ ହେବା ସ୍ୱଭାବିକ ଅଟେ । ଏହି ଭାର ପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ଦେହୁରୀ ବଦଳି ପଛରେ କୁଚକ୍ରୀ ଷଡ଼ଯନ୍ତ୍ରକାରୀ ବିବାଦୀୟ ଶିକ୍ଷକଙ୍କ ପ୍ରଚ୍ଛଦପଟ ହାତ ରହିଥିବା ଆଲୋଚନା ହେଉଛି ।କାରଣ ପରବର୍ତ୍ତୀ ସମୟରେ ଶିକ୍ଷକ ଅଭାବ ପୂରଣ ପାଇଁ ଏହି ସ୍କୁଲରୁ ମାଣ୍ଡିଆ ଲଡୁ ବଣ୍ଟନ, ମଧ୍ୟାହ୍ନ ଭୋଜନ ଟଙ୍କା ହେରଫେର ଓ ସରକାରୀ ହିସାବରେ ଅବହେଳାକୁ ନେଇ ବିବାଦରେ ଛନ୍ଦି ହୋଇ ଅନ୍ୟ ସ୍କୁଲକୁ ବଦଳି ହୋଇ ଥିବା ପୂର୍ବରୁ ଶିକ୍ଷକ ପୁନର୍ବାର ଆସିବାକୁ ଚେଷ୍ଟା କରୁଥିବା ଜଣାପଡିଛି । ଏପରି ସ୍ଥିତିରେ ଶିକ୍ଷକ ପ୍ରଦୀପ କୁମାର ଦେହୁରୀଙ୍କ ବଦଳିକୁ ବାତିଲ କରି ପୁନଶ୍ଚ ନିଯୁକ୍ତ କରିବାକୁ ଅଭିଭାବକ ମହଲରେ ଦାବି ହୋଇଛି ।

## କେନ୍ଦୁଝର ରଥଯାତ୍ରାରେ ଶ୍ରୀଗୁଣ୍ଡିଚା ଭଜନ ସମାରୋହ କାର୍ଯ୍ୟକ୍ରମ



କେନ୍ଦୁଝର: ୨୦/୦୭(ଦିଲ୍ଲିପ କୁମାର ସାହୁ) – କେନ୍ଦୁଝର ଜିଲ୍ଲାର ରାଷ୍ଟ୍ରଦେବତା ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ପ୍ରସିଦ୍ଧ ରଥଯାତ୍ରା ଅବସରରେ ବଡଦାଣ୍ଡରେ ହୋଇଥିବା ଚାରିଗୋଟି ମଞ୍ଚରେ ଆଧାତ୍ମିବାଦୀ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ରବିବାର ଦିନ ଶ୍ରୀ ଗୁଣ୍ଡିଚା ଭଜନ ସମାରୋହ କାର୍ଯ୍ୟକ୍ରମ ଅବସରରେ ଭଜନ ମଣ୍ଡପରେ କେନ୍ଦୁଝରର ପ୍ରସିଦ୍ଧ ସଙ୍ଗୀତ ଶିକ୍ଷାନୁଷ୍ଠାନ ସୁରନିକେତନ ପକ୍ଷରୁ ଅନୁଷ୍ଠାନର କଣ୍ଠଶିଳ୍ପୀ ଓ ଛାତ୍ରଛାତୀମାନଙ୍କୁ ନେଇ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ସୁରନିକେତନର ମୁଖ୍ୟ ତଥା ସଙ୍ଗୀତ ଶିକ୍ଷୟତ୍ରୀ ସୁନିତା ପଟ୍ଟନାୟକ ଓ ବାଦ୍ୟଯନ୍ତ୍ର ଗୁରୁ ରାଜେନ୍ଦ୍ର ବେହେରାଙ୍କ ପ୍ରତ୍ୟକ୍ଷ ପରିଚାଳନାରେ ଏହା ଅନୁଷ୍ଠିତ ହୋଇଥିଲା । ବରିଷ୍ଠ ସଙ୍ଗୀତଜ୍ଞ ମନୋଜ ମିଶ୍ର, ସାମ୍ବାଦିକ ଦେବାଶିଷ ମିଶ୍ର,ଜିତେନ୍ଦ୍ର କୁମାର ସାହୁ ପ୍ରଦୀପ ପ୍ରଜ୍ୱଳନ କରି ଭଜନ ସମାରୋହ କାଯ୍ୟକ୍ରମକୁ ଶୁଭାରମ୍ଭ କରିଥିବାବେଳେ ମାନପତ୍ର ପ୍ରଦାନ ସମୟରେ ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ ଚନ୍ଦ୍ର ନାୟକ, ସାମ୍ବାଦିକ ବ୍ରଜକିଶୋର ରାୟ, ସାଂସ୍କୃତିକ କମିଟି ସଦସ୍ୟ ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଆକାଶବାଣୀ କେନ୍ଦୁଝରର ଭାସ୍କର ମିଶ୍ର ଓ ବିଜ୍ଞାନଦର୍ଶିନୀ ନନ୍ଦ ଭଜନ ସମାରୋହକୁ ଉପସ୍ଥାପନ କରିଥିଲେ । କଣ୍ଠଶିଳ୍ପୀ ସୁନିତା ପଟ୍ଟନାୟକ, ସାନଭି, ସତ୍ୟଜିତ ମିଶ୍ର, ମୀରା ପାତ୍ର, ଦର୍ଶିନୀ ରାୟ, ଶ୍ରାବଣୀ ମିଶ୍ର, ତୃପ୍ତିରାଣୀ ସାହୁ, ଶରଣ୍ୟା, ଆଂଜେଲିନା, ପବିଷ୍ନା, ଲାରସେନ ପ୍ରମୁଖ ଭଜନ ପରିବେଷଣ କରିଥିବା ବେଳେ, ବାଦ୍ୟଯନ୍ତ୍ରରେ ରାଜେନ୍ଦ୍ର ବେହେରା, ରମେଶ ବାହାଦୁର ସିଂ, ଆଶିଷ ପତି, ନାରାୟଣ ତ୍ରିପାଠୀ, ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

## ସେଲ ଲୌହଖଣି ଦୁର୍ଘଟଣା ମାମଲାରେ ମୁଖ୍ୟ ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ

କେନ୍ଦୁଝର/ଯୋଡ଼ା: ୨୦/୦୭ (ଦିଲ୍ଲିପ କୁମାର ସାହୁ) – ଗତ ଜୁଲାଇ ୧୮ ତାରିଖ ଶନିବାର ଦିନ କେନ୍ଦୁଝର ଜିଲ୍ଲା ଖଣିଜ କ୍ଷେତ୍ର ଯୋଡ଼ା ବ୍ଲକ ବଲାଣି ଅଞ୍ଚଳରେ ଥିବା ରାଷ୍ଟ୍ରାୟତ ଉଦ୍ୟୋଗ ସେଲ ଲୌହଖଣିରେ ବିଦ୍ୟୁତ ଜନିତ ଦୁର୍ଘଟଣା ଘଟି ୨ ଜଣ ଠିକା ଶ୍ରମିକ ଗୁରୁତର ହୋଇ ଚିକିତ୍ସିତ ହେଉଛନ୍ତି ।ଉକ୍ତ ଦୁର୍ଘଟଣାକୁ ନେଇ କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ୍ ଅନ୍ତର୍ଗତ ବଲାଣି ଅଞ୍ଚଳରେ ଥିବା ସେଲ ଲୌହଖଣିର ମୂଖ୍ୟ ଫାଟକ ସମ୍ମୁଖରେ ଶତାଧିକ ସ୍ଥାନୀୟ ବାସିନ୍ଦା ଓ ଦୁର୍ଘଟଣା ଗ୍ରସ୍ତ ପୀଡ଼ିତଙ୍କ ପାରିବାର ସହ କିଛି ଠିକା ଶ୍ରମିକ ବିକ୍ଷୋଭ ପ୍ରଦର୍ଶନ କରିଥିବା ଦେଖିବାକୁ ମିଳିଥିଲା । ତେବେ ସେଦିନ ସେଲ ଲୌହଖଣି ବିଦ୍ୟୁତ ବିଭାଗର ହିଲ୍ ଟପ୍ ଠାରେ ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଦୁଇ ଜଣ ଠିକା ଶ୍ରମିକ ଦୁର୍ଘଟଣାର ଶିକାର ହୋଇଥିବା ଘଟଣାରେ ଉଭୟଙ୍କୁ କ୍ଷତିପୂରଣ କମ୍ପାନୀ ଦେବାକୁ ସ୍ଥାନୀୟ ବାସିନ୍ଦା ଓ ଠିକା ଶ୍ରମିକ ସହ ଦୁର୍ଘଟଣା ଗ୍ରସ୍ତ ପାରିବାରର ପ୍ରିୟଜନ ମାନେ ଦାବୀ କରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଉକ୍ତ ଘଟଣା କ୍ରମେ ଏମାନଙ୍କ ମୁଖ୍ୟଦାବୀ ରହିଛି, ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିବା ଦୁଇ ପରିବାରର ଜଣେ ଜଣେ ସଦସ୍ୟଙ୍କୁ ସ୍ଥାୟୀ ଭାବେ ଚାକିରୀ ଯୋଗାଇ ଦେବା । ଏହି ବିକ୍ଷୋଭରେ ବିଭିନ୍ନ ୟୁନିୟନର କର୍ମକର୍ତ୍ତା ସାମିଲଥିବା ଦେଖିବାକୁ ମିଳିଥିଲା । ତେବେ ବିକ୍ଷୋଭ ପ୍ରଦର୍ଶନ ପରେ ସେଲ କର୍ତୃପକ୍ଷ କି ପଦକ୍ଷେପ ଗ୍ରହଣ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା ।

### କ୍ଷତିପୂରଣ ଦାବୀରେ ସେଲଗେଟ୍ ସମ୍ମୁଖରେ ସ୍ଥାନୀୟବାସିନ୍ଦା ଏବଂ ଠିକା ଶ୍ରମିକଙ୍କ ବିକ୍ଷୋଭ




## ହରିଚନ୍ଦନପୁର ବାଳିକା ଉଚ୍ଚ ବିଦ୍ୟାଳୟର ନୂତନ ଏସ୍‌ଏମ୍‌ସି ଗଠିତ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି କରିବାକୁ ଶପଥ



ହରିଚନ୍ଦନପୁର, ୨୦/୭ (ଶୂନ୍ୟରଞ୍ଜନ ଘଣା ) : ଜିଲ୍ଲାରେ ଏକ ଅଗ୍ରଣୀ ବାଳିକା ଉଚ୍ଚ ବିଦ୍ୟାଳୟ ଭାବେ ନିଜର ନାମକୁ ଲିପିବଦ୍ଧ କରିଥିବା ହରିଚନ୍ଦନପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ନୂତନ ପରି ଚାଳନା କମି ଟି (ଏସଏମସି) ଗଠିତ ହୋଇଯାଇଛି ।ଅନୁଷ୍ଠାନ ତରଫରୁ ଆୟୋଜିତ ହୋଇଥିବା ବୈଠକରେ ବହୁ ସଂଖ୍ୟକ ଅଭିଭାବକ, ଶିକ୍ଷାବିତ ଯୋଗଦେଇ ନିଜ ନିଜର ମତକୁ ଉପସ୍ଥାପନ କରିଥିଲେ । ଅନୁଷ୍ଠାନର ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ଏହି ବୈଠକରେ ଉପସ୍ଥିତ । ଅଭିଭାବକଙ୍କ ମଧ୍ୟରୁ ସର୍ବସମ୍ମତ ନିଷ୍ପତି କ୍ରମେ ଦ୍ରୋଣ ନାଏକଙ୍କୁ ଏସଏମସିର ଅଧ୍ୟକ୍ଷ, ଯଶୋମତୀ ସାହୁଙ୍କୁ ଏସଏମସିର ଉପାଧ୍ୟକ୍ଷା ଭାବେ ମନୋନୀତ କରାଯାଇଥିଲା । ସେହିପରି ସଦସ୍ୟ/ ସଦସ୍ୟା ଭାବେ ଜଗବନ୍ଧୁ ମହାନ୍ତ, ସଂଜୟ କୁ ମାର ନାଏକ, ଦିଲ୍ଲିପ କୁମାର ସାହୁ, ଟୁକୁ ନାଏକ, ଦୂର୍ଯ୍ୟୋଧନ ମହାନ୍ତ, ମଧୁସୂଦନ ପାତ୍ର, ବବିତା ମହାନ୍ତ, ପୁଷ୍ପଲତା ନାଏକ, ପଦ୍ମିନୀ ଆରୁକ, ଝୁ ନୁରାଣୀ ନାଏକ, କମଳା ସାହୁ, ଶକୁନ୍ତଳା ମହାନ୍ତ, ରାଇମଣୀ ମହାନ୍ତ, ଜାନୁ ମୁଣ୍ଡା (ସରପଂଚ), ପ୍ରିୟଦର୍ଶିନୀ ନାଏକ,( ଅଙ୍ଗନବାଡ଼ି କର୍ମୀ), ରଶ୍ମିତା ମାଇତି ( ଆଶା କର୍ମୀ), ସୁରଥ ଚନ୍ଦ୍ର ମହାନ୍ତ ( ବିଦ୍ୟାଳୟ ମନୋନୀତ ସଦସ୍ୟ), ସୁଶାନ୍ତ କୁମାର ସେଠୀ (ପ୍ରଧାନଶିକ୍ଷକ, ସଦସ୍ୟ ସଚିବ) ଭାବେ ସ୍ଥାନିତ ହୋଇଛନ୍ତି । ଏହି ଅବ ଅବସରରେ ନବନିର୍ବାଚିତ ଅଧ୍ୟକ୍ଷ, ଉପାଧ୍ୟକ୍ଷା ଏବଂ ସଦସ୍ୟମାନେ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଶପଥ ନେବା ସହ ସବୁ କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ କରି ଜିଲ୍ଲା ଏବଂ ରାଜ୍ୟରେ ଏହି ଅନୁଷ୍ଠାନ ତାର ଗୌରବ ବଜାୟ ରଖିବା ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦେବେ ବୋଲି କହିଛନ୍ତି ।



## ପଢାଳ ପ୍ରାଥମିକ ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ ପରିବାର ନିୟୋଜନ ପକ୍ଷ ପାଳିତ

# ଜନସଂଖ୍ୟା ସ୍ଥିରତା ରଥକୁ ସ୍ୱାଗତ

ଆସିକା, ୨୦/୦୭:(ଅକ୍ଷର ଓଡିଶା )ଆସିକା ବ୍ଲକ ଅନ୍ତର୍ଗତ ପଢାଳ ପ୍ରାଥମିକ ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ ପରିବାର ନିୟୋଜନ ପକ୍ଷ ଅବସରରେ ସଚେତନତା କାର୍ଯ୍ୟକ୍ରମ ସୋମବାର ପାଳିତ ହୋଇଯାଇଛି। ପରିବାର ନିୟୋଜନ, ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସୁରକ୍ଷା ସହିତ ଛୋଟ ପରିବାରର ଉପକାରିତା ସମ୍ପର୍କରେ ଉପସ୍ଥିତ ଲୋକଙ୍କୁ ସଚେତନ କରାଯାଇଥିଲା।ଏହି କାର୍ଯ୍ୟକ୍ରମରେ ଡାକ୍ତର ଅକ୍ଷୟ ପାଣିଗ୍ରାହୀ, ସ୍ୱାସ୍ଥ୍ୟ କର୍ମୀ ସାମନ୍ତ ଶେଖର ଜେନା, ପି. କାର୍ତ୍ତିକ ପାତ୍ର ପ୍ରମୁଖ ଉପସ୍ଥିତ ରହି ପରିବାର



ନିୟୋଜନର ଆବଶ୍ୟକତା ଓ ସରକାରୀ ସ୍ୱାସ୍ଥ୍ୟ ସେବା ସମ୍ପର୍କରେ ସୂଚନା ଦେଇଥିଲେ।ଏହି ଅବସରରେ ଜନସଂଖ୍ୟା ସ୍ଥିରତା ସଚେତନତା ରଥକୁ ଉପକେନ୍ଦ୍ର ପରିସରରେ ସ୍ୱାଗତ କରାଯାଇଥିଲା। ପରେ ଆଶା କର୍ମୀ, ସ୍ୱାସ୍ଥ୍ୟ କର୍ମୀ ଓ ସ୍ଥାନୀୟ ଗ୍ରାମବାସୀଙ୍କ ସକ୍ରିୟ ଅଂଶଗ୍ରହଣରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉପସ୍ଥିତ ବକ୍ତାମାନେ ଜନସଂଖ୍ୟା ସ୍ଥିରତା, ସୁସ୍ଥ ପରିବାର ଗଠନ ଓ ପରିବାର ନିୟୋଜନ ପଦ୍ଧତି ଅବଲମ୍ବନ କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ ଜଣାଇଥିଲେ।

## ଲଘୁଚାପ ବର୍ଷାରେ ବେହାଲ କେଞ୍ଝଆନାଳି ସରକାରୀ ପ୍ରାଥମିକ ବିଦ୍ୟାଳୟ

# ଗୋଟିଏ କୋଠରୀରେ ଚାଲିଛି ୬ଟି ଶ୍ରେଣୀ

ଆଠମଲ୍ଲିକ ୨୦/୦୭ (ଅକ୍ଷର ଓଡିଶା ) ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁଁ ଆଠମଲ୍ଲିକ ଶିକ୍ଷା ଜିଲ୍ଲା ଅଧୀନ ଷୋଳପଦା ଅଞ୍ଚଳର କନ୍ତପଡ଼ା ପଞ୍ଚାୟତ ଅନ୍ତର୍ଗତ ମଇମୁରା ଶିକ୍ଷା କ୍ଲଷ୍ଟରର କେଞ୍ଝଆନାଳି ସରକାରୀ ପ୍ରାଥମିକ ବିଦ୍ୟାଳୟର ସ୍ଥିତି ଅତ୍ୟନ୍ତ ସୋଚନୀୟ ହୋଇପଡ଼ିଛି। ଲଗାଣ ବର୍ଷାରେ ସ୍କୁଲ ପରିସରରେ ଆଣ୍ଠୁଏ ଆଣ୍ଠୁଏ ପାଣି ଜମି ରହିଥିବାରୁ ସମଗ୍ର ପରିବେଶ ଏକ କୃତ୍ରିମ ଜଳାଶୟର ରୂପ ନେଇଛି। ଏଭଳି ପରିସ୍ଥିତିରେ କୋମଳମତି ଛାତ୍ରଛାତ୍ରୀଙ୍କ ପାଠପଢ଼ା ବ୍ୟାହତ ହେଉଥିବା ସହ ସୁରକ୍ଷାକୁ ନେଇ ଅଭିଭାବକଙ୍କ ମଧ୍ୟରେ ଚିନ୍ତା ବଢ଼ିଛି।୧୯୫୮ ମସିହାରେ ସ୍ଥାପିତ ଏହି ବିଦ୍ୟାଳୟରେ ବର୍ତ୍ତମାନ ଶିଶୁବାଟିକାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୪୪ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ସେମାନଙ୍କୁ ପାଠପଢ଼ାଇବା ପାଇଁ କେବଳ ୨ ଜଣ ଶିକ୍ଷକ-ଶିକ୍ଷୟିତ୍ରୀ ନିୟୋଜିତ ଅଛନ୍ତି। ଜଙ୍ଗଲତଳି ଅଞ୍ଚଳରେ ଅବସ୍ଥିତ ଏହି ବିଦ୍ୟାଳୟ ପ୍ରତି ସରକାର ଓ ପ୍ରଶାସନର ଅବହେଳା ସ୍ପଷ୍ଟ ବାରି ହୋଇପଡୁଛି। ବିଦ୍ୟାଳୟରେ ନା ଆବଶ୍ୟକ ଶ୍ରେଣୀଗୃହ



ରହିଛି, ନା ଚାରିପାଖରେ ପ୍ରାଚୀର (ବାଡ଼ବନ୍ଦୀ) ନିର୍ମାଣ କରାଯାଇଛି। ନିମ୍ନମାନର ଭିତ୍ତିଭୂମି ଯୋଗୁଁ ପିଲାମାନଙ୍କ ସୁରକ୍ଷା ମଧ୍ୟ ବିପଦରେ ପଡ଼ିଛି।ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି, ମାତ୍ର ଗୋଟିଏ କୋଠରୀରେ ଶିଶୁବାଟିକାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୬ଟି ଶ୍ରେଣୀର ପାଠପଢ଼ା ଚାଲିଛି। ସେହି ଏକମାତ୍ର କୋଠରୀରେ ବିଦ୍ୟାଳୟର ସମସ୍ତ ସରକାରୀ କାଗଜପତ୍ର ଓ ଦସ୍ତାବିଜ୍ ମଧ୍ୟ ସଂରକ୍ଷିତ ରହିଛି, ଯାହା ପ୍ରଶାସନିକ ଓ ଶିକ୍ଷାଗତ ବ୍ୟବସ୍ଥାର ଦୁର୍ବଳତାକୁ ପଦାରେ ପକାଇଛି।ଅନ୍ୟପଟେ, ବିଦ୍ୟାଳୟର ଜରାଜୀର୍ଣ୍ଣ ରୋଷେଇ ଘରରେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ ହେଉଥିବା ବେଳେ ଲଗାଣ ବର୍ଷାରେ ସେଠାକୁ ବର୍ଷା ପାଣି ପଶିଯାଇଛି। ଫଳରେ ରୋଷେଇ କାର୍ଯ୍ୟ ବ୍ୟାହତ ହୋଇଥିବା ସହ ଛାତ୍ରଛାତ୍ରୀଙ୍କ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ମଧ୍ୟ ପ୍ରଭାବିତ ହୋଇଛି। ବିଦ୍ୟାଳୟର ଏଭଳି ଦୟନୀୟ ଅବସ୍ଥାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଜନଅସନ୍ତୋଷ ପ୍ରକାଶ ପାଇଛି। ଜଙ୍ଗଲତଳି ଅଞ୍ଚଳର କୋମଳମତି ଶିଶୁମାନଙ୍କ ଶିକ୍ଷା ଓ ସୁରକ୍ଷାକୁ ଦୃଷ୍ଟିରେ ରଖି ନୂତନ ଶ୍ରେଣୀଗୃହ ନିର୍ମାଣ, ପ୍ରାଚୀର ନିର୍ମାଣ ଏବଂ ସ୍ଥାୟୀ ଜଳ ନିଷ୍କାସନ ବ୍ୟବସ୍ଥା ଶୀଘ୍ର କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ହସ୍ତକ୍ଷେପ କରି ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ସାଧାରଣରେ ଦାବି ଜୋର ଧରିଛି।

## ବଜ୍ରାଘାତରେ ଜଣେ ମୃତ

ଆଠଗଡ଼, ୨୦/୭(ଅକ୍ଷର ଓଡ଼ିଶା) ନରସିଂହପୁର ବ୍ଲକ ଅନ୍ତର୍ଗତ ଦେବଭୂଇଁ ପଞ୍ଚାୟତ ନୂଆଗଡ ଗ୍ରାମର ଦେବାର୍ଚ୍ଚନ ସାହୁ ଛେଳି ଚରାଉ ଥିବା ସମୟରେ ହଠାତ ବଜ୍ରାଘାତ ଘଟିବାରୁ ଗୁରୁତର ଆହତ ହୋଇଥିଲେ।ଘଟଣା ସ୍ଥଳରୁ ଗୁରୁତର ଆହତ ଅବସ୍ଥାରେ ତାଙ୍କୁ ନରସିଂହପୁର ମେଡିକାଲକୁ ଚିକିତ୍ସା ପାଇଁ ଆଣିଥିବା ବେଳେ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ।

## ଆଡ଼ପ ମଣ୍ଡପରେ ପ୍ରଭୁଙ୍କ ବାବନ ବେଶ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ

ସୁବର୍ଣ୍ଣପୁର:୨୦।୭(ସଂଗ୍ରାମ ମହାପାତ୍ର) ପବିତ୍ର ଦେବଭୂମି ତଥା ଦ୍ୱିତୀୟ ବାରାଣସୀ ଭାବେ ପରିଚିତ ସୁବର୍ଣ୍ଣପୁରରେ ରଥଯାତ୍ରା ଅବସରରେ ବିଭିନ୍ନ ଆଡ଼ପ ମଣ୍ଡପରେ ପ୍ରଭୁଙ୍କ ଦିବ୍ୟ ଅବତାର ବେଶ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ବ୍ୟାପକ ସମାଗମ ଦେଖିବାକୁ ମିଳୁଛି। ଗୁଣ୍ଡିଚା ମନ୍ଦିର ଆଡ଼ପ ମଣ୍ଡପରେ ଚତୁର୍ଦ୍ଧାମୂର୍ତ୍ତି ବାମନ-ପର୍ଶୁରାମ ବେଶରେ, ମଝିପଡ଼ା ରାମଧୁନ ଆଡ଼ପ ମଣ୍ଡପରେ ପ୍ରଭୁ ଦଧିବାମନ ବାମନ-ପର୍ଶୁରାମ ବେଶରେ, ଥନାପତିପଡ଼ା ଆଡ଼ପ ମଣ୍ଡପରେ ପ୍ରଭୁ ରାମ-ବଳରାମ ବେଶରେ ଏବଂ ଶ୍ରୀଶ୍ରୀ ବୃନ୍ଦାବନ ବିହାରୀ ଆଡ଼ପ ମଣ୍ଡପରେ ପ୍ରଭୁ ବାମନ ଅବତାର ବେଶରେ ଭକ୍ତବୃନ୍ଦଙ୍କୁ ଦର୍ଶନ ଦେଉଛନ୍ତି।ଜନ୍ମବେଦୀରେ ପ୍ରଭୁଙ୍କ ଦର୍ଶନ କଲେ ପୁଣ୍ୟଫଳ ଲାଭ ହୋଇଥାଏ



ବୋଲି ବିଶ୍ୱାସ ରହିଥିବାରୁ ପ୍ରତିଦିନ ଶତାଧିକ ଭକ୍ତ ବିଭିନ୍ନ ମନ୍ଦିରକୁ ଆସୁଛନ୍ତି।ରଥଯାତ୍ରାକୁ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ ଜିଲ୍ଲା ଓ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ଓ ଶୃଙ୍ଖଳା ବ୍ୟବସ୍ଥା କରାଯାଇଥିବାବେଳେ ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନମାନେ ପ୍ରସାଦ ବିତରଣ ଓ ଭକ୍ତସେବାରେ ସକ୍ରିୟ ସହଯୋଗ କରୁଛନ୍ତି।

## ଭିଆଇପି ଦର୍ଶନ ପାଇଁ ବିଜ୍ଞାପନ

## ସିଂହଦ୍ୱାର ଥାନାରେ ଏତଲା

ପୁରୀ, ୨୦।୭(ଅକ୍ଷର ଓଡ଼ିଶା):ଶ୍ରୀମନ୍ଦିରରେ ଭିଆଇପି ଦର୍ଶନ ପାଇଁ ଅନ୍‌ଲାଇନରେ ବିଜ୍ଞାପନ ଘଟଣାରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସିଂହଦ୍ୱାର ଥାନାରେ ଲିଖିତ ଏତଲା ଦିଆଯାଇଛି। ତଦନ୍ତ ପରେ ଏଭଳି ବିଜ୍ଞାପନଦେଇଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କେନ୍ଦ୍ରାଞ୍ଚଳ ଆଇଜି ସତ୍ୟଜିତ ନାୟକ ସୂଚନା ଦେଇଛନ୍ତି। ସିଂହଦ୍ୱାର ଥାନାରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଓଏସଡି (ସୁରକ୍ଷା)ହେମନ୍ତ କୁମାର ପାଢ଼ୀ ଇଓ ଓଡ଼ିଶା ନାଁରେ ଏତଲା ଦେଇଛନ୍ତି। ଶ୍ରୀପାଢୀ ଗତକାଲି ଥାନାରେ ଦେଇଥିବା ଏତଲାରେ ଦର୍ଶାଇଛନ୍ତି ଯେ ଶ୍ରୀମନ୍ଦିର ପ୍ରଶାସନରେ ଭିଆଇପି ଦର୍ଶନ ପାଇଁ କୌଣସି ବ୍ୟବସ୍ଥା ନାହିଁ। ସେଥିପାଇଁ କୌଣସି ନିୟମ ମଧ୍ୟ ନାହିଁ । ତେଣୁ ମହାପ୍ରଭୁଙ୍କୁ ସୁବିଧାରେ ଦର୍ଶନ କରାଇଦେବା ନାଁରେ ବିଜ୍ଞାପନ ଦେଇ ବିଭ୍ରାନ୍ତି କରିଥିବା ସଂସ୍ଥା ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ସୂଚନାଯୋଗ୍ୟ "ଇଓଓଡିଶା"ନାମକ ସଂସ୍ଥା ଦ୍ୱାରା ଦିଆଯାଇଥିବା ଏହି ବିଜ୍ଞାପନ ସମ୍ପୂର୍ଣ୍ଣ ମିଥ୍ୟ ଏବଂ ସାଧାରଣ ଲୋକଙ୍କୁ ଠକେଇ ପାଇଁ କରାଯାଇଛି । ତେଣୁ ସାଧାରଣ ଲୋକଙ୍କୁ ଏପରି ବିଜ୍ଞାପନ ଉପରେ ବିଶ୍ୱାସ ନ କରିବାକୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମଧ୍ୟ ଅନୁରୋଧ କରାଯାଇଛି।

# ନୂତନ ଥାନା ଅଧିକାରୀଙ୍କ ଯୋଗଦାନ

## ସାମ୍ବାଦିକ ସଂଘ ପକ୍ଷରୁ ସମ୍ବର୍ଦ୍ଧନା,ଅସାମାଜିକ କାର୍ଯ୍ୟକଳାପ ପ୍ରତି ଦୃଷ୍ଟି ଦେଇ କାର୍ଯ୍ୟ କରିବି

ପାପଡାହାଣ୍ଡି,ତା୨୦।୭(କୈଳାସ ଚନ୍ଦ୍ର ବିଷୋୟୀ)ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ମୈଦଲପୁର ଥାନାରେ ନୂତନ ଥାନା ଅଧିକାରୀ ଭାବେ ସବିର ଅହମ୍ମଦ ଯୋଗ ଦେଇଛନ୍ତି । ଏହି ଅବସରରେ ସୋମବାର ଭାରପ୍ରାପ୍ତ ଅଧିକାରୀ ସବିର ଅହମ୍ମଦଙ୍କୁ ସ୍ଥାନୀୟ ମୈଦଲପୁରସାମ୍ବାଦିକ ସଂଘ ପକ୍ଷରୁ ଫୁଲତୋଡ଼ା ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଥାନା ଅଧିକାରୀ ପ୍ରଥମେ ନିଜର ପରିଚୟ ଦେବା ସହ ସମସ୍ତ ସାମ୍ବାଦିକଙ୍କ ପରିଚୟ ମାଗିଥିଲେ। ସେଠାରେ ବହୁ ସମୟ ଧରି ସାମ୍ବାଦିକଙ୍କ ସହ ଆଲୋଚନା ହେବା ପରେ ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ମୈଦଲପୁର ତଥା ଆଖପାଖ ଅଞ୍ଚଳରେ ବଢ଼ୁଥିବା ଚୋରି ,ଡକାୟତି, ବେଆଇନ ମଦ କାରବାର, ଜୁଆ ଭଳି ଅସାମାଜିକ କାର୍ଯ୍ୟକଳାପକୁ ବନ୍ଦ କରିବା ସହ ଏହାର ପ୍ରତିକାର ପାଇଁ ଏବଂ ଜନସାଧାରଣଙ୍କ ସୁରକ୍ଷା ନିମନ୍ତେ କାର୍ଯ୍ୟ କରିବି ବୋଲି



ଆଇଆଇସି କହିଥିଲେ ।ଏଥିପୂର୍ବରୁ ଅହମ୍ମଦ ନବରଙ୍ଗପୁର ଥାନାରେ କାର୍ଯ୍ୟରତ ଥିଲେ । ସମ୍ବର୍ଦ୍ଧନା ସମୟରେ ସାମ୍ବାଦିକ କୈଳାସ ଚନ୍ଦ୍ର ବିଷୋୟୀ, ସୁଜିତ୍ ନାୟକ , ଆକାଶ ବିଷୋୟୀ , ସନ୍ତୋଷ ସାହୁ , ଅନିଲ ପ୍ରଭାତ ଭତରା , ନିର୍ମଳ ବିଷୋୟୀ , ବିଜୟ ବିଷୋୟୀ , ସନ୍ତୋଷ ହରିଜନ , କିଶୋର ବିଷୋୟୀ, ନନ୍ଦ କୁମାର ବିଷୋୟୀ,ଶେଖର ହରିଜନ ,ତରୁଣ ବିଷୋୟୀ ଉପସ୍ଥିତ ଥିଲେ ।

## ଖଡ଼ିଆଳ ବ୍ଲକରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର

# ୧୧୮ଟି ଅଭିଯୋଗର ଶୁଣାଣୀ, ରେଡକ୍ରସ ପାଣ୍ଠିରୁ ଦୁଇ ଅସହାୟଙ୍କୁ ସହାୟତା

ନୂଆପଡ଼ା, - ୨୦/୦୭( ଅକ୍ଷର ଓଡିଶା )ନୂଆପଡ଼ା ଜିଲ୍ଲାର ଖଡ଼ିଆଳ ବ୍ଲକ ପରିସରରେ ଆଜି ଜିଲ୍ଲାପାଳ ମଧୁସୂଦନ ଦାଶ ଓ ଆରକ୍ଷୀ ଅଧୀକ୍ଷକଅମ୍ରିତପାଲ ସିଂଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ସାଧାରଣ ଲୋକଙ୍କ ଅଭିଯୋଗର ଶୁଣାଣୀ କରାଯିବା ସହ ସେଗୁଡ଼ିକର ତ୍ୱରିତ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ଆବଶ୍ୟକ ନିର୍ଦ୍ଦେଶ ପ୍ରଦାନ କରିଥିଲେ।ଶିବିରରେ ମୋଟ ୧୧୮ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୧୦୩ଟି ବ୍ୟକ୍ତିଗତ ଏବଂ ୧୫ଟି ସାମୂହିକ ଅଭିଯୋଗ ଥିଲା। ପ୍ରତ୍ୟେକ ଅଭିଯୋଗର ଶୁଣାଣୀ କରାଯାଇ ଯଥାଶୀଘ୍ର ସମାଧାନ ପାଇଁ ସମ୍ପୃକ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।ଶିବିରରେ ଦୁଇଜଣ ଅସହାୟ ବ୍ୟକ୍ତିଙ୍କୁ ରେଡକ୍ରସ ପାଣ୍ଠିରୁ ତୁରନ୍ତ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଲୋହରାପାଲି ଗ୍ରାମର ସଞ୍ଜୁଲତା ନାଏକଙ୍କୁ ୧୦,୦୦୦ ଟଙ୍କା ଏବଂ ସିନାପାଲି ବ୍ଲକ ଗଣ୍ଡାବାହାଲି ଗ୍ରାମର ତାରା ବାଗଙ୍କୁ ୫,୦୦୦ ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା।ଏହି ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସୁର୍ମି ସୋରେନ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ଦ୍ୱାରିକାନାଥ ଶତପଥୀ, ବନଖଣ୍ଡ ଅଧିକାରୀ (କେନ୍ଦୁପତ୍ର) ଏ. ମାଧବୀଲତା, ଖଡ଼ିଆଳ ପଞ୍ଚାୟତ ସମିତି ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦ, ଜିଲ୍ଲା ପରିଷଦ ସଦସ୍ୟ ମାଲ୍ୟବନ୍ତ ସୁନା ପ୍ରମୁଖ ଉପସ୍ଥିତ ଥିଲେ।ବିଡିଓ ମିଳନ କୁମାର ଝାଙ୍କର, ତହସିଲଦାର



ନରସିଂହ ଗଡବା, ଖଡ଼ିଆଳ ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱାଧୀନ କେତନ ମହାରଣା ଏବଂ ଡେପୁଟି କ୍ଷିଲ୍ଲାପାଳ ଶେଖ ନସୀମଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ।ଅଭିଯୋଗ ଶୁଣାଣୀ ଶିବିର ଅବସରରେ ବ୍ଲକ ପରିସରରେ ବରିଷ୍ଠ ନାଗରିକମାନଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର ଓ ଆୟୁଷ୍ମାନ ଆରୋଗ୍ୟ ଶିବିର ଆୟୋଜନ କରାଯାଇଥିଲା।ସେହିପରି ଦୋହେଲପଡ଼ା ଗ୍ରାମ ପଞ୍ଚାୟତରେ ପ୍ରବାସୀ ଶ୍ରମିକ ସଚେତନତା ଶିବିର, 'ଝିଅ ପାଇଁ ଗଛଟିଏ', 'ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ' ଏବଂ 'ପ୍ଲାଷ୍ଟିକ ମୁକ୍ତ ନୂଆପଡ଼ା' ଅଭିଯାନ ଅଧୀନରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହାସହ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ଗୃହପାଳିତ ପଶୁପକ୍ଷୀଙ୍କ ପାଇଁ 'ପ୍ରାଣୀ ପାଇଁ ଦିନଟିଏ' ଶୀର୍ଷକରେ ଏକ ସ୍ୱତନ୍ତ୍ର ପ୍ରାଣୀ ଚିକିତ୍ସା ଶିବିର ମଧ୍ୟ ଆୟୋଜନ କରାଯାଇଥିଲା।

# ୪୦ କିଲୋ ଗଞ୍ଜେଇ ଜବତ, ଜଣେ ଗିରଫ

ପାରଳାଖେମୁଣ୍ଡି, ୨୦/୭(ତାରିଣୀ ପ୍ରସାଦ ପଣ୍ଡା): ଗଜପତି ଜିଲ୍ଲାରୁ ସୁଦୂର କେରଳ ରାଜ୍ୟକୁ ଗଞ୍ଜେଇ ଚୋରାଚାଲାଣ ହେଉଥିବା ବେଳେ ୪୦ କିଲୋ ଗଞ୍ଜେଇକୁ ଜବତ କରାଯାଇଛି. ଏହି ଚୋରାଚାଲାଣରେ କେରଳ ରାଜ୍ୟର ଜଣେ ମାଫିଆଙ୍କୁ ଗିରଫ କରାଯାଇଥିବା ସୂଚନା ମିଳିଛି. ଗଜପତି ଜିଲ୍ଲା ଏସପି ପ୍ରହଲ୍ଲାଦ ସହାୟ ମୀନାଙ୍କ ନିର୍ଦ୍ଦେଶକ୍ରମେ ଶାନ୍ତିଶୃଙ୍ଖଳା ପ୍ରତିଷ୍ଠା ପାଇଁ ସାରା ଜିଲ୍ଲାରେ ବେଆଇନ ଗଞ୍ଜେଇ ଓ ମଦ କାରବାର



ବିରୁଦ୍ଧରେ ପୋଲିସର ଚଢାଉ ଜାରି ରହିଛି. ଏହି ପରିପ୍ରେକ୍ଷୀରେ ଗତକାଲି ବିରିକୋଟ ଶିବମନ୍ଦିର ନିକଟରେ ପୋଲିସ ପାଟ୍ରୋଲିଂ ଚାଲିଥିଲା। ଏହି ସମୟରେ ଜଣେ ବ୍ୟକ୍ତି ଦୁଇଟି ଅଖା ବ୍ୟାଗ ଧରି ବସ୍‌କୁ ଅପେକ୍ଷା କରିଥିବା ଦେଖି ପୁଲିସ ସନ୍ଦେହରେ ଯାଞ୍ଚ କରିଥିଲେ। ଯାଞ୍ଚ ପରେ ଜଣାଗଲା ଏହି ଗଞ୍ଜେଇ କେରଳ ରାଜ୍ୟକୁ ଚାଲାଣ ପାଇଁ ପ୍ରସ୍ତୁତ ଥିଲା. ଏଥି ନେଇ ଅଡବା ଥାନାରେ ମାମଲା ରୁଜୁ କରି ଅଭିଯୁକ୍ତ କେରଳ ରାଜ୍ୟର କଟ୍ଟାୟମ ଜିଲ୍ଲାର ସାଜନ ଥମାସ (୪୭) କୋର୍ଟ ଚାଲାଣ କରାଯାଇଛି । ତା' ଠାରୁ ଗୋଟିଏ ମୋବାଇଲ ଓ କିଛି ନଗଦ ଟଙ୍କା ଜବତ କରି ତଦନ୍ତ ଚାଲିଥିବା ଥାନା ଅଧିକାରୀ ସନ୍ତୋଷ ବିଷୋୟୀ ଜଣାଇଛନ୍ତି ।

## ବିଦ୍ୟାଳୟ ଅସୁରକ୍ଷିତ, ଭୟରେ ଛାତ୍ରଛାତ୍ରୀ

## ପାଚେରୀ ଓ ଗେଟ୍ ନିର୍ମାଣ ପାଇଁ ଦାବି

ରାଇଘର, ୨୦/୦୭ (ଭୁବନେଶ୍ୱର ସୁନାନୀ): ନାହିଁ ପାଚେରୀ, ନାହିଁ ଗେଟ୍। ଅସୁରକ୍ଷିତ ଅବସ୍ଥାରେ ଚାଲିଛି ବିଦ୍ୟାଳୟ। ବିଦ୍ୟାଳୟ ପଛପଟେ ଅଧାପନ୍ତରିଆ ପାଚେରୀ ଥିବା ବେଳେ ସମ୍ମୁଖ ପଟେ ନାହିଁ ପାଚେରୀ କିମ୍ବା ପ୍ରବେଶ ଗେଟ୍। ଫଳରେ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ନେଇ ଅଭିଭାବକ ଓ ଗ୍ରାମବାସୀଙ୍କ ମଧ୍ୟରେ ଚିନ୍ତା ବଢ଼ିଛି।ଏଭଳି ଅବ୍ୟବସ୍ଥା ନବରଙ୍ଗପୁର ଜିଲ୍ଲା ରାଇଘର ସଦର ମହକୁମା ଅନ୍ତର୍ଗତ କୋଦଭାଟା ପ୍ରାଥମିକ ବିଦ୍ୟାଳୟରେ ଦେଖିବାକୁ ମିଳିଛି। ବିଦ୍ୟାଳୟ ନିକଟରେ ଯାନବାହନ ଚଳାଚଳ ସହ ରହିଥିବାରୁ ପାଚେରୀ ଓ ଗେଟ୍ ନଥିବା ଯୋଗୁଁ ଛାତ୍ରଛାତ୍ରୀମାନେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି।ବିଦ୍ୟାଳୟ ସମ୍ମୁଖରେ ପାଚେରୀ ଓ ଗେଟ୍ ନଥିବାରୁ ଅସାମାଜିକ ଲୋକଙ୍କ ପ୍ରବେଶ



ସହିତ ଗାଈ, କୁକୁର ଭଳି ପଶୁମାନେ ବିଦ୍ୟାଳୟ ପରିସରକୁ ପ୍ରବେଶ କରିବାର ଆଶଙ୍କା ରହିଛି। ଏନେଇ ଗ୍ରାମବାସୀଙ୍କ ପକ୍ଷରୁ ବାରମ୍ବାର ପ୍ରଶାସନକୁ ଅଭିଯୋଗ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସ୍ଥାୟୀ ସମାଧାନ ହୋଇନାହିଁ।ଏହାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ବିଦ୍ୟାଳୟର ସୁରକ୍ଷା ପାଇଁ ତୁରନ୍ତ ପାଚେରୀ ଓ ପ୍ରବେଶ ଗେଟ୍ ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ପ୍ରଶାସନ ଏହି ସମସ୍ୟା ପ୍ରତି ଦୃଷ୍ଟି ଦେଇ ଶୀଘ୍ର ପଦକ୍ଷେପ ନେବାକୁ ଅଭିଭାବକ ଓ ଗ୍ରାମବାସୀ ଅନୁରୋଧ କରିଛନ୍ତି।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ବାଲିମେଲା ୨୦/୭/(ପ୍ରଦୀପ ରାଉଳ )ମାଲକାନଗିରି ଜିଲ୍ଲା ବାଲିମେଲା ଏନଏସି ଅନ୍ତର୍ଗତ ବାଲିମେଲା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି।ମୁଖ୍ୟ ଅତିଥି ଭାବେ ଏନଏସି ଅଧକ୍ଷ ପ୍ରଦୀପ କୁମାର ନାୟକ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ।ସଂମାନିତ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଏମ ଏମ ମହମ୍ମଦ ହୁସେନ,ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନିର୍ମଳ ଧାରୁଆ, ବାଲିମେଲା ନିର୍ବାହି ଅଧିକାରୀ ଦେବୀ ପ୍ରସାଦ ଦୋରା, ପ୍ରଧାନ ଶିକ୍ଷୟିତ୍ରୀ ସୁଶୀଳା କୁମାରୀ ହିଆଲ ଓ ଆଇସିଡିଏସ ସୁପ୍ରଭାଇଜର ରଜନୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।ଶିବିରରେ ମୋଟ ୧୫୬ଜଣ ପଞ୍ଜିକରଣ କରିଥିଲେ।ଦୃଷ୍ଟି ବାଧିତ ୨୬ଜଣ,



ଅସ୍ଥିଶଲ୍ୟ୩୭ଜଣ,ମାନସିକ ବୌଦ୍ଧିକ ୧୧ଜଣ,ଶ୍ରବଣ ବାଧିତ ୨୪ଜଣ,ଅନ୍ୟ ବିଭାଗରେ ୨୪ଜଣ ପରୀକ୍ଷା କରାଇଥିଲେ।ଅସ୍ଥିଶଲ୍ୟ ବିଭାଗ ପକ୍ଷରୁ ୭ଜଣଙ୍କ କୃତିମ ଅଙ୍ଗ ପ୍ରତିରୋପଣ କରାଯାଇଥିଲା। ଜାତୀୟ ପରିବାର ମଙ୍ଗଳ ଯୋଜନାରେ ୧୦ଜଣ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବା ପାଇଁ ମନୋନୀତ ପତ୍ର ପ୍ରଦାନ।ମଧୁବାବୁ ଭତ୍ତା ୯ଜଣଙ୍କୁ ପ୍ରଦାନ।ଟ୍ରାଇସାଇକେଲ ୭ଜଣଙ୍କୁ ପ୍ରଦାନ।ଦୃଷ୍ଟି ବାଧକ ବିଶେଷଜ୍ଞ ଡାକ୍ତର ଅଶୋକ କୁମାର ଖମାରୀ, ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର ଗୋଲେଖ ଛତରା,ଭେଷଜ ବିଶେଷଜ୍ଞ ଡାକ୍ତର ପ୍ରଫୁଲ୍ଲ କୁମାର ବେହେରା,ଇଏନଟି ବିବିଶେଷଜ୍ଞ ଡାକ୍ତର ସଲମ ଏମକେ ଓ ନବରଙ୍ଗପୁରରୁ ଆସିଥିବା ଘାସର ନାଗ, ମନୋଜ କୁମାର ସେଠୀ ପ୍ରମୁଖ ଉପସ୍ଥିତ ରହି ସମସ୍ତ ରୋଗୀଙ୍କ ପରୀକ୍ଷା କରିଥିଲେ।ଭିନ୍ନକ୍ଷମ ସଭାପତି ଜଗତ ଜନନୀ ପାତ୍ର ଉପସ୍ଥିତ ରହି ଭିନ୍ନକ୍ଷମ ମାନଙ୍କୁ ଉତ୍ସାହିତ କରିଥିଲେ।କମ୍ୟୁନିଟି ଅର୍ଗାନାଇଜ଼ର ଆରତୀ ମହାପାତ୍ର ଓ ପୋଗ୍ରାମ ସହାୟକ ଶ୍ରୀକାନ୍ତ କୁମାର ସାହୁ ଓ ଅଙ୍ଗନବାଡି କର୍ମୀ ମାନେ ସହଯୋଗ କରିଥିଲେ।

## ଆଠଗଡ଼ ସେବା ଫାଉଣ୍ଡେସନ ପକ୍ଷରୁ

## ବନ୍ୟା ବିପନ୍ନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ

ଆଠଗଡ଼, ୨୦/୭(ଅକ୍ଷର ଓଡ଼ିଶା)ଆଠଗଡ଼ରେ ଲଗାଣ ବର୍ଷା ଯୋଗୁ ସାପୁଆ ନଦୀରେ ବନ୍ୟାଜଳ ପ୍ରଭାହିତ ହୋଇ ଆଠଗଡ଼ର ବିଭିନ୍ନ ସ୍ଥାନରେ ବ୍ୟାପକ କ୍ଷୟକ୍ଷତି ହେବା ସହିତ ବହୁ ଲୋକ ଜଳବନ୍ଦୀ ଘେରରେ ରହିଥିଲେ। ଖବର ପାଇ ଆଠଗଡ଼ ସେବା ଫାଉଣ୍ଡେସନ ପକ୍ଷରୁ ଆଠଗଡ଼ ବ୍ଲକ ଅନ୍ତର୍ଗତ ଗୁଡୁପଡା, ଇଛାପୁର, ଅରଖପାଟଣା,ପତଣ୍ଡା, କଲରାଗଡ ଗ୍ରାମର ବନ୍ୟା ବିପନ୍ନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରିବା ସହିତ ଲୁଗା ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟ କ୍ରମରେ ଫାଉଣ୍ଡେସନର ସଭାପତି ରଞ୍ଜିତା ଭକ୍ତା, ରାଜୀବ କୁମାର ସାହୁ,ତ୍ରିଲୋଚନ ଦାଶ, ରମେଶ ଚନ୍ଦ୍ର ନାୟକ, ସୌମ୍ୟ ରଞ୍ଜନ ପ୍ରଧାନ,ମାନସ ପ୍ରଧାନ, ବେବନ୍ ଜ୍ୟୋତି ଭକ୍ତା, ରଞ୍ଜିତ ଦାସ, ପିଙ୍କି ସେଠୀ, ଚିନ୍ମୟୀ ବାରିକ,ନିବେଦିତା ପୁହାଣଙ୍କ ସହିତ ଅନ୍ୟ ସଭ୍ୟ ମାନେ ଉପସ୍ଥିତ ଥିଲେ।

## ନୂତନ ସମ୍ପାଦକ ନିଯୁକ୍ତ ନ ହେବାରୁ ଜିଲ୍ଲାପାଳଙ୍କ ଦ୍ୱାରସ୍ତ ଚାଷୀ

# ନିୟମ ଖିଲାପ କରୁଥିବା ସୋସାଇଟି ବୋର୍ଡ ଉପରେ ହେବ କାର୍ଯ୍ୟାନୁଷ୍ଠାନ :ଜିଲ୍ଲାପାଳ

ରାଜନଗର, ୨୦/୦୭(ଅକ୍ଷର ଓଡ଼ିଶା)ରାଜନଗର ପ୍ରାଥମିକ କୃଷି ସମବାୟ ସମିତିର ଦୁର୍ନୀତି ଖୋର ସମ୍ପାଦକ ଜ୍ଞାନ ରଞ୍ଜନ ନାୟକ ଙ୍କୁ ଚାଷୀଙ୍କୁ ବିଭିନ୍ନ ହରିଲୁଟ କାରଣରୁ ଗତ ଜୁନ ମାସ ୨୪ ତାରିଖରେ ଏଆରସିଏସ ଯୋଗେନ୍ଦ୍ରନାଥ ବିଶ୍ୱାଳ ନିଲମ୍ବନ କରିବା ପରେ ତାଙ୍କ ସ୍ଥାନରେ ରାଜନଗର ପ୍ରାଥମିକ କୃଷି ସମବାୟ ସମିତି ଲିଃ ର ନୂତନ ସମ୍ପାଦକ ରୂପେ ଭାଟପଡା ପ୍ରାଥମିକ କୃଷି ସମବାୟ ସମିତିର ସମ୍ପାଦକ ନୀଳମଣି ପ୍ରଧାନଙ୍କୁ ଦାୟିତ୍ୱ ଦିଆଯାଇଛି କିନ୍ତୁ ଦୁଃଖ ଓ ପରୀତାପର ବିଷୟ ସରକାରୀ ନିର୍ଦ୍ଦେଶ ବିରୁଦ୍ଧରେ ଯାଇ ରାଜନଗର ପ୍ରାଥମିକ କୃଷି ସମବାୟ ସମିତି ର ବୋର୍ଡ ସଭାପତି ଦଧିବାମନ ଭୂୟାଁ ଓ ନିର୍ଦ୍ଦେଶକ ଗୋଷ୍ଠୀ ପୂର୍ବତନ ସମ୍ପାଦକ ଜ୍ଞାନ ରଞ୍ଜନ ନାୟକ ଙ୍କ ଠାରୁ ଭଲ ମାଣିଆ



ପାଉଥିବାରୁ ନୀଳମଣି ପ୍ରଧାନଙ୍କୁ ଦାୟିତ୍ୱ ହସ୍ତାନ୍ତର କରୁ ନାହାଁନ୍ତି। ଯେଉଁଥିପାଇଁ ରାଜନଗର ପ୍ରାଥମିକ କୃଷି ସମବାୟ ସମିତିରେ ବର୍ତ୍ତମାନ ସମ୍ପାଦକ ନାହାଁନ୍ତି, ଚାଷୀ ସାର କିଣିବା,ଇନ୍ସୁରାନ୍ସ କରିବା ଓ ଋଣ ଅଦଳ ବଦଳ କରିବାରେ ବଡ଼ ସମସ୍ୟା ଦେଖା ଦେଇଛି। ତେବେ ଦୁର୍ନୀତି ଖୋର ପୂର୍ବତନ ସମ୍ପାଦକ ଜ୍ଞାନ ରଞ୍ଜନ ନାୟକ ଙ୍କ ସହିତ ପ୍ରୀତି ଯୋଡି ଭଲ ଲାଭ ପାଇ ଚାଷୀଙ୍କୁ ଶୋଷଣ କରି ଖୁସି ହେଉଥିବା ବୋର୍ଡ ସଭାପତି ଓ ନିର୍ଦ୍ଦେଶ ଗୋଷ୍ଠୀ ଙ୍କ ବିରୁଦ୍ଧରେ ଏବଂ ନୂତନ ସମ୍ପାଦକ ନୀଳମଣି ପ୍ରଧାନ ଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବା ନିମନ୍ତେ ଗତକାଲି ମହାକାଳପଡ଼ା ପଞ୍ଚାୟତ ସମିତିରେ ଯୁଗ୍ମ ଜଣ ଶୁଣାଣିରେ ଜିଲ୍ଲାପାଳଙ୍କୁ ଭେଟି ରାଜନଗର ଚାଷୀ ଅଭିଯୋଗ ଦେଇଛନ୍ତି, ଏବଂ ତୁରନ୍ତ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚେତାବନୀ ଦେଇଛନ୍ତି। ଅନ୍ୟ ପଟେ ଜିଲ୍ଲାପାଳ ଚାଷୀଙ୍କ ଅଭିଯୋଗ ପତ୍ର କୁ ଗ୍ରହଣ କରି ଉପସ୍ଥିତ ଥିବା ଏଆରସିଏସ ଙ୍କୁ ଡାକି ତୁରନ୍ତ ରାଜନଗର ପ୍ରାଥମିକ କୃଷି ସମବାୟ ସମିତି ଲିଃ ର ବୋର୍ଡ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ଖୋର୍ଦ୍ଧା ସଦର ଥାନା ପୁଲିସର ବଡ଼ ସଫଳତା

# ୨୫୭ଗ୍ରାମ ବ୍ରାଉନସୁଗାର ଜବତ,୨ ଗିରଫ

ଖୋର୍ଦ୍ଧା ୨୦/୦୭(ଅକ୍ଷର ଓଡ଼ିଶା): ଖୋର୍ଦ୍ଧା ସଦରଥାନା ପୁଲିସ କୁ ମିଳିଛି ବଡ ସଫଳତା । ୨୫୭ ଗ୍ରାମ ବ୍ରାଉନସୁଗାର ଏବଂ ଏକ ନଂ ବିହୀନ ବୁଲେଟ୍ କୁ ଜବତ କରିବା ସହ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ଏନେଇ ୩୩୪/ ୨୬ ଅନୁଯାୟୀ ଏନଡିପିଏସ୍ ଆଇନର ଧାରା ୨୧(ସି)/ ୨୯ରେ ଏକ ମାମଲା ରୁଜୁ ହୋଇଛି । ସୂଚନା ଅନୁସାରେ, ସିଆଳିଆସ୍ଥିତ ଶ୍ୟାମା କାଳୀ ମନ୍ଦିର ନିକଟରେ ବ୍ରାଉନସୁଗର କାରବାର ହେଉଥିବା ବିଶେଷସୂତ୍ରରୁ ପୁଲିସ ଖବର ପାଇଥିଲା । ତାଙ୍କୁ ଧରିବାକୁ ଏସ୍‌ପି ପରମାର ସ୍ମିଥ ପାର୍ଶୋତମ ଦାସଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିପିଓ ପଙ୍କଜ କୁମାର ମାଝୀଙ୍କ ତତ୍ତ୍ୱାବଧାନରେ ଖୋର୍ଦ୍ଧା ସଦର ଥାନା ର ଏକ ଟିମ କରାଯାଇଥିଲା । ସଦର ଥାନାର ଉପ-ନିରୀକ୍ଷକ ଚନ୍ଦନ କୁମାର ଦାସଙ୍କ ନେତୃତ୍ୱରେ ଏକ ଟିମ୍ ସିଆଳିଆସ୍ଥିତ ଶ୍ୟାମା କାଳୀ ମନ୍ଦିର ନିକଟରେ ଚଢ଼ାଉ କରିଥିଲା । ସେଠାରେ ବ୍ରାଉନସୁଗାର କାରବାର ପାଇଁ ଏକତ୍ରିତ ହୋଇଥିବା ଦୁଇ ଜଣ ସନ୍ଦିଗ୍ଧଙ୍କୁ କାବୁ କରାଯାଇଥିଲା । ସେମାନଙ୍କ ଠାରୁ ୨୫୭ ଗ୍ରାମ ବ୍ରାଉନସୁଗାର ଏବଂ ଏକ ନମ୍ବର ବିହୀନ କଳା ରଙ୍ଗର ବୁଲେଟ୍ ଜବତ କରିବା ସହ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ।ଗିରଫ ଅଭିଯୁକ୍ତମାନେ ହେଲେ ଶିଳ୍ପାଂଚଳ ଥାନା ଅନ୍ତର୍ଗତ ୱିଲକିଶନ ନଗରର ଅଭୟ ଚରଣ ସାହୁ ଓରଫ୍ ଅଭି (୫୮) ଏବଂ ବେଗୁନିଆ ଥାନା ଅନ୍ତର୍ଗତ ବାରବାଟୀ ବିଶ୍ୱନାଥ ସାହିର ଜଗନ୍ନାଥ ରଣସିଂହ (୨୪)। ଜବତ ବ୍ରାଉନସୁଗରର ମୂଲ୍ୟ ୨୫ଲକ୍ଷ ୭୦ହଜାର ହେବ ବୋଲି ପୁଲିସ ଆକଳନ କରିଛି । ପଚରାଉଚରା ସମୟରେ ଉଭୟ ଅଭିଯୁକ୍ତ ଶୀଘ୍ର ଅଧିକ ଲାଭ ପାଇବା ଉଦ୍ଦେଶ୍ୟରେ ବ୍ରାଉନସୁଗାର ବିକ୍ରି ପାଇଁ ଯୋଜନା କରିଥିବା ସ୍ୱୀକାର କରିଥିଲେ ବୋଲି ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ପରମାର ସ୍ମିଥ୍ ପାର୍ଶୋତମ ଦାସ କହିଛନ୍ତି । ଏହି ଚଢ଼ାଉରେ ସଦର ଥାନା ଅଧିକାରୀ ବାସୁଦେବ ଜୟସିଂହ, ଏସ୍‌ଆଇ ଚନ୍ଦନ କୁମାର ଦାସ, ଏଏସ୍‌ଆଇ ସୁବାଷ ଚନ୍ଦ୍ର ନାୟକ, କନଷ୍ଟେବଲ ଦେବରାଜ ସାହୁ, ସୁଧାକର ପଟ୍ଟନାୟକ, ହୋମଗାର୍ଡ ଏସ୍. ବାରିକଙ୍କ ସମେତ ପୁଲିସ ଟିମ୍ ସାମିଲ ଥିଲେ ବୋଲି ଏସପି କହିଛନ୍ତି । ଏସପି ଆହୁରୀ ମଧ୍ୟ କହିଥିଲେ ଯେ, ଗତ ମଇ ୨୬ତାରିଖରୁ ଆଜି ସୁଦ୍ଧା ୭ଟି ଏନ୍‌ଡିପିଏସ୍ କେଶ ରୁଜୁ ହୋଇଥିବାବେଳେ ଏଥିରେ ୧୯ଜଣ ଗିରଫ ହୋଇଛନ୍ତି । ମୋଟ ୧କେଜି ୩୮ଗ୍ରାମ ବ୍ରାଉନସୁଗର ଜବତ ହୋଇଥିବାବେଳେ ୧୦୬ ବୋତଲ କଫସିରପ୍, ୧୭ ମୋବାଇଲ, ୪ଟି ମୋଟର ସାଇକେଲ, ୨ଟି କାର୍ ଏବଂ ୧୮ହଜାର ନଗଦ ଟଙ୍କା କୁ ପୁଲିସ ଜବତ କରିଥିବା କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଏସ୍‌ଡିପିଓ ପଙ୍କଜ କୁମାର ମାଝୀ, ସଦର ଥାନା ଅଧିକାରୀ ବାସୁଦେବ ଜୟସିଂହ ଉପସ୍ଥିତଥିଲେ ।



## ବ୍ରାହ୍ମଣୀରେ ବୁଡି ନିଖୋଜ ଥିବା ନାବାଳକର ମୃତ ଦେହ ଉଦ୍ଧାର



ଅନୁଗୋଳ, ୨୦/୦୭ (ଅଜିତ )ଗତ କାଲି ରେଲୱେ ବ୍ରିଜ୍ ଉପରୁ ଖସି ପଡି ବ୍ରାହ୍ମଣୀରେ ବୁଡି ନିଖୋଜ ଥିବା ନାବାଳକ ର ମୃତ୍ ଦେହ ଉଦ୍ଧାର,ଅନୁଗୁଳ ଜିଲ୍ଲା କଣିହାଁ ବ୍ଲକ ସମଲ ଥାନା ଅଞ୍ଚଳ ରେ ଥିବା ବ୍ରାହ୍ମଣୀ ନଦୀ ଉପର ଦେଇ ଯାଇଥିବା ବିମଳା ଗଡ଼ ରେଲୱେ ପୋଲ ଉପରୁ ଖସି ପଡ଼ିଥିବା ୧୫ବାର୍ଷିଆ ନାବାଳକ ଦୀର୍ଘ ୨୦ଘଣ୍ଟା ପରେ ମୃତ ଦେହ ଉଦ୍ଧାର କଲେ ତାଳଚେର ଓ କଣିହାଁ ଅଗ୍ନିସମ ବାହିନୀ ମିଳିତ ଉଦ୍ୟମରେ S O F ନାରାୟଣ ମଲିକ କହିବା ଅନୁଯାଇ ନିଖୋଜ ହୋଇଥିବା ସ୍ଥାନର ୧.୫ କିଲୋମିଟର ଦୂର ତଳମୁଣ୍ଡରୁ ଉଦ୍ଧାର ହୋଇଛି । ମୃତ ନାବାଳକ ହେଲେ ଅନୁଗୋଳ ଜିଲ୍ଲା ସମଲ ଥାନା ବିଲିଣ୍ଡା ଗ୍ରାମର ଯୁଧିଷ୍ଠିର ପ୍ରଧାନଙ୍କ ପୁଅ ଶୁଭାଂଶୁ ପ୍ରଧାନ । ସମଲ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

## ଆଣ୍ଟି-ସ୍ନାଚିଂ ଅଭିଯାନ: ୧୪୩ ଗିରଫ, ୨୫୦ରୁ ଉର୍ଦ୍ଧ୍ୱ ଚୋରି ମୋବାଇଲ ଜବତ



ପୁରୀ,୨୦।୭(ଅକ୍ଷର ଓଡ଼ିଶା):ରଥଯାତ୍ରା ଅବସରରେ ଶ୍ରୀକ୍ଷେତ୍ରକୁ ଆସୁଛନ୍ତି ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ। ସେମାନଙ୍କ ସୁରକ୍ଷା,ନିରାପତ୍ତା ଓ ଶୃଙ୍ଖଳିତ ଦର୍ଶନକୁ ପ୍ରାଥମିକତା ଦେଇ ପୁରୀ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ଭିଡ଼ର ସୁଯୋଗ ନେଇ ମୋବାଇଲ,ପର୍ସ,ସୁନା ଅଳଙ୍କାର ଓ ଅନ୍ୟମୂଲ୍ୟବାନ ସାମଗ୍ରୀ ଲୁଟ୍ କରୁଥିବା ଅପରାଧୀଙ୍କ ବିରୁଦ୍ଧରେ ପୁରୀ ପୋଲିସ ତୀକ୍ଷ୍ଣ ନଜର ରଖିଛି । ଶ୍ରଦ୍ଧାଳୁମାନଙ୍କ ସୁରକ୍ଷାକୁ ନଜରରେ ରଖି ସତନ୍ତ୍ର ଆଣ୍ଟି-ସ୍ନାଚିଂ ଡ୍ରାଇଭ୍ ଚାଲିଛି । ଗତ୪ ଦିନ ଧରି ଚାଲିଥିବା ଏହି ସତନ୍ତ୍ର ଅଭିଯାନରେ ପୁରୀର ବିଭିନ୍ନ ଥାନା ପୋଲିସ ଓ ଆଣ୍ଟି-ସ୍ନାଚିଂ ଟିମ୍‌ର ମିଳିତ ଉଦ୍ୟମରେ ୧୪୩ ଜଣ ସ୍ନାଚରଙ୍କୁ ଗିରଫ କରାଯାଇଛି । ସେମାନଙ୍କ ନିକଟରୁ ୨୫୦ରୁ ଊର୍ଦ୍ଧ୍ୱ ଚୋରି ମୋବାଇଲ ଜବତ କରାଯାଇଛି ବୋଲି ଏସପି ପ୍ରତୀକ ସିଂ କହିଛନ୍ତି ।ଏହି ଅଭିଯାନରେ ଟାଉନଥାନା ପୋଲିସ ୪୭ ଜଣ ଅଭିଯୁକ୍ତ ଗିରଫ କରିଥିବାବେଳେ ସିଂହଦ୍ୱାର ଥାନା ପୋଲିସ ୩୫ଜଣଙ୍କୁ,କୁମ୍ଭାରପଡ଼ା ଥାନା ପୋଲିସ ୩୧ ଜଣଙ୍କୁ,ସିବିଟ୍ ଥାନା ପୋଲିସ ୧୫ଜଣଙ୍କୁ, ବାଲିଆପଣ୍ଡାଥାନା ପୋଲିସ ୧୩ ଜଣଙ୍କୁ ଓ ତାଳବଣିଆ ଥାନା ପୋଲିସ ୨ ଜଣଙ୍କୁ ଗିରଫ କରିଛି । ଆଇନଗତ ପ୍ରକ୍ରିୟା ଶେଷ ହେବା ପରେ ଉଦ୍ଧାର ମୋବାଇଲ ଗୁଡ଼ିକୁ ପ୍ରକୃତମାଲିକଙ୍କୁ ଫେରସ୍ତ କରାଯାଉଥିବା ସେ ସୂଚନା ଦେଇଛନ୍ତି । ବଡ଼ଦାଣ୍ଡ, ଶ୍ରୀଜଗନ୍ନାଥ ମନ୍ଦିର ପରିସର, ଗୁଣ୍ଡିଚା ମନ୍ଦିର,ସମୁଦ୍ରକୂଳ, ବସ୍‌ଷ୍ଟାଣ୍ଡ,ରେଳ ଷ୍ଟେସନ, ପାର୍କିଂ ସ୍ଥଳ ଏବଂ ଅନ୍ୟ ଜନଗହଳିପୂର୍ଣ୍ଣ ସ୍ଥାନଗୁଡ଼ିକରେ ସତନ୍ତ୍ର ସୁରକ୍ଷା ବ୍ୟବସ୍ଥା କରାଯାଇଛି । ସାଦା ପୋଷାକଧାରୀ ପୋଲିସ ,ଆଣ୍ଟି-ସ୍ନାଚିଂ ଟିମ୍, ସିସିଟିଭି ନିରୀକ୍ଷଣର ସୂଚନା ଆଧାରରେ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରି ତୁରନ୍ତ ଗିରଫ କରାଯାଉଛି ବୋଲି ଏସପି କହିଛନ୍ତି ।ଜନଗହଳିପୂର୍ଣ୍ଣ ସ୍ଥାନରେ ନିଜର ମୋବାଇଲ,ପର୍ସ, ସୁନାଅଳଙ୍କାର ଓ ଅନ୍ୟ ମୂଲ୍ୟବାନ ସାମଗ୍ରୀ ପ୍ରତି ସତର୍କ ରହିବାକୁ ଏସପି ଶ୍ରଦ୍ଧାଳୁ ଓ ସାଧାରଣ ଲୋକଙ୍କୁ ଅନୁରୋଧ କରିଛନ୍ତି ।

## ଆଦର୍ଶ ଶିକ୍ଷକ ବୃନ୍ଦାବନ ସାରଙ୍କ ପରଲୋକ



କଟକ ସଦର,୨୦।୭(ଅକ୍ଷର ଓଡ଼ିଶା) : କଟକ ଜିଲ୍ଲା ଉରାଳୀ ପଞ୍ଚାୟତ କୋଠସାହି (ନଛିପୁର) ଗ୍ରାମ ସ୍ଥିତ ନଛିପୁର ୟୁ.ଜି.ଏମ୍.ଇ. ବିଦ୍ୟାଳୟର ପୂର୍ବତନ ଆଦର୍ଶ ଶିକ୍ଷକ ବୃନ୍ଦାବନ ବେହେରା (୭୯) ଙ୍କ ତେଲେଙ୍ଗାପେଣ୍ଠ ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଛି । ନୟାଗଡ଼ ଜିଲ୍ଲାର ମାନପୁର ଗ୍ରାମର ବାସିନ୍ଦା ସ୍ୱର୍ଗତ ବେହେରା ନଛିପୁର ୟୁ.ଜି. ଏମ୍.ଇ. ବିଦ୍ୟାଳୟରେ ଦୀର୍ଘ ୩୨ ବର୍ଷ ଧରି ନିଷ୍ଠା ଓ ସମର୍ପଣର ସହିତ ଶିକ୍ଷକତା କରିଥିଲେ । ପ୍ରାୟ ୨୦ ବର୍ଷ ପୂର୍ବରୁ ସେ ସେହି ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିଲେ । ଉଲ୍ଲେଖନୀୟ ତାଙ୍କ ଚାକିରି ଜୀବନର ଆରମ୍ଭ ଓ ଶେଷ ଉଭୟ ସେହି ବିଦ୍ୟାଳୟରେ ହିଁ ହୋଇଥିଲା । ଜଣେ ଆଦର୍ଶ,ସରଳ ଓ କର୍ତ୍ତବ୍ୟନିଷ୍ଠ ଶିକ୍ଷକ ଭାବେ ସେ ଅଞ୍ଚଳରେ ବେଶ୍ ପରିଚିତ ଥିଲେ ।ଚାକିରି ସମୟରେ ସେ ତେଲେଙ୍ଗାପେଣ୍ଠ ଅଞ୍ଚଳରେ ରହି ଛାତ୍ରଛାତ୍ରୀଙ୍କ ଶିକ୍ଷା ସହ ସେମାନଙ୍କ ଚରିତ୍ର ଗଠନ ଦିଗରେ ମଧ୍ୟ ଅମୂଲ୍ୟ ଅବଦାନ ରଖିଥିଲେ । ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ରାମନଗର, କୋଠସାହି,ଅଢଙ୍ଗଦିହ, ନୂଆଗଡ଼,ନୂଆପାଟଣା,ଡିହନଛିପୁର, କୁମ୍ଭରାଜପୁର ସମେତ ବିଭିନ୍ନ ଗ୍ରାମରେ ଶୋକର ଛାୟା ଖେଳିଯାଇଥିଲା । ପୂର୍ବତନ ଛାତ୍ରଛାତ୍ରୀ,ସହକର୍ମୀ ଓ ଅଞ୍ଚଳବାସୀ ତାଙ୍କୁ ଜଣେ ସ୍ନେହୀ, ଶୃଙ୍ଖଳାପ୍ରିୟ ଏବଂ ଆଦର୍ଶ ଶିକ୍ଷକ ଭାବେ ସ୍ମରଣ କରିଛନ୍ତି ।ମୃତ୍ୟୁ ପରେ ପୂର୍ବତନ ଛାତ୍ରମାନଙ୍କ ଉପସ୍ଥିତିରେ ତାଙ୍କ ମରଶରୀରକୁ ନୟାଗଡ଼ସ୍ଥିତ ବାସଭବନକୁ ନିଆଯାଇଥିଲା । ପରେ ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ତାଙ୍କ ଏକମାତ୍ର ପୁତ୍ର ପ୍ରମୋଦ ବେହେରା ମୁଖାଗ୍ନି ଦେଇଥିଲେ ।ଓଡ଼ିଶାର ଲୋକପ୍ରିୟ ଆଧାତ୍ମିକ ପତ୍ରିକା 'ଦିବ୍ୟାଲୋକ ସନ୍ଧାନେ' ପକ୍ଷରୁ ପ୍ରକାଶିତ ଏକ ଶୋକବାର୍ତ୍ତାରେ ସ୍ୱର୍ଗତ ବୃନ୍ଦାବନ ବେହେରାଙ୍କୁ ଜଣେ ଆଦର୍ଶ ଶିକ୍ଷକ,ସରଳ ବ୍ୟକ୍ତିତ୍ୱ ଓ ମାନବିକ ମୂଲ୍ୟବୋଧର ପ୍ରତୀକ ବୋଲି ବର୍ଣ୍ଣନା କରାଯାଇଛି ।

## ବାଇକ ଧକ୍କାରେ ଚିକିତ୍ସାଧୀନ ରାଜେସଙ୍କ ଦିହାନ୍ତ

ନନ୍ଦପୁର, ୨୦/୦୭ (ଶ୍ରୀରାମ ଖରା )ବେପରୁଆ ଓ ଦ୍ରୁତଗତିରେ ବାଇକ୍ ଚାଳନା ଯୋଗୁ ରାସ୍ତା କଡ଼ରେ ଛିଡ଼ା ହୋଇଥିବା ବାଞ୍ଜାଲାପୁଟ ଅଞ୍ଚଳର ରାଜେଶ୍ ପଣ୍ଡା (୫୭) ବାଇକ୍ ଧକ୍କାର ଶିକାର ହୋଇ ବିଶାଖାପାଟଣା ସ୍ଥିତ ହସ୍ପିଟାଲରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି । ରଜେଶଙ୍କ ଡାହାଣ ଗୋଡ ଆଣ୍ଠୁ ଚକି ଫାଟି ଯିବା ସହ ମୁଣ୍ଡର ପଛପଟେ ଗଭୀର କ୍ଷତ ହୋଇଛି । ଡାକ୍ତର ରାଜେଶଙ୍କ ମୁଣ୍ଡର ଅସ୍ତ୍ରୋପ୍ରଚାର କରି ରକ୍ତଜମାଟ ହଟାଇ ଥିଲେ ମଧ୍ୟ ସେ ବର୍ତ୍ତମାନ ଅଚେତ୍ (କୋମା) ଅବସ୍ଥାରେ ଆଇସିୟୁରେ ଥିଲେ । ରବିବାର ଅପରାହ୍ନରେ ରାଜେସ ପଣ୍ଡାଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି । ରାଜେସ ଜଣେ ମିଳାପି ବ୍ୟକ୍ତି ତାଙ୍କର ମୃତ ଖବର ପ୍ରକାଶିତ ପରେ ପାଡୁଆ ଓ ନନ୍ଦପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ଭାଇ ମୋହନ ପଣ୍ଡା ଘଟଣା ସମ୍ପର୍କରେ ପାଡୁଆ ଥାନାରେ ଏତଲା ଦେବାପରେ ପାଡୁଆ ଥାନା ପୋଲିସ ପ୍ରକାରେ ମାମଲା ରୁଜୁ କରି ୟାମାହା ବାଇକ୍ ନ ଓଡି୧୦ ଏବି ୫୭୪୦ କୁ ଜବତ କରିବା ସହ ବାଇକ୍ ଚାଳକ ପୀତବାସ ବାଗରିଆଙ୍କୁ ପଚରା ଉଚରା କରାଯାଉଥିବା ଥାନାଧିକାରୀ ଟୁନା ପିଡ଼ିକା ସୂଚନା ଦେଇଛନ୍ତି । ଅନ୍ୟପଟେ ପାଡୁଆ ଥାନା ଅଞ୍ଚଳରେ ଯୁବଗୋଷ୍ଠୀ, ନାବାଳକ ମାନଙ୍କ ଦ୍ରୁତଗତିରେ ବାଇକ୍ ଚାଳନା ଦିନକୁ ଦିନ ବୃଦ୍ଧି ପାଉଥିବାରୁ ଏଭଳି ଦୁର୍ଘଟଣା ବାରମ୍ବାର ଘଟୁଛି । ତେଣୁ ପାଡୁଆ ପୋଲିସ ସ୍କୁଲ କଲେଜକୁ ବାଇକ୍ ଧରି ଆସୁଥିବା ନାବାଳକ ଓ ଯୁବଗୋଷ୍ଠୀଙ୍କ ବାଇକ୍ ଚାଳନା ଉପରେ କଡା ନଜର ରଖି ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ ବୁଦ୍ଧିଜୀବୀ ଅନୁରୋଧ କରିଛନ୍ତି ।

# ସମ୍ପାଦକଙ୍କୁ ନିଲମ୍ବନ ପରେ ନୂତନ ସମ୍ପାଦକଙ୍କ ଦାୟିତ୍ୱ କେବେ



ରାଜନଗର, ୨୦/୦୭ (ଅକ୍ଷର ଓଡ଼ିଶା) ରାଜନଗର ସୋସାଇଟି ସମ୍ପାଦକ ଜ୍ଞାନ ରଞ୍ଜନ ନାୟକ ଚାଷୀଙ୍କୁ ଶୋଷଣ,ଲୋନ ହେରଫେର, ଟୁକନ ହେରଫେର, ଉପରିସ୍ଥ ଅଧିକାରୀଙ୍କ ଫୋନ ନ ଉଠାଇବା,ବର୍ଷ ବର୍ଷ ଧରି ଅଡିଟ ରିପୋର୍ଟ ଠିକ ନକରିବା ଭଳି ଅନେକ ଅଭିଯୋଗରେ ଏଆରସିଏସ ଯୋଗେନ୍ଦ୍ରନାଥ ବିଶ୍ୱାଳ ତାଙ୍କୁ ଜୁନ ମାସ ୨୪ ତାରିଖରେ ନିଲମ୍ବନ କରି ତାଙ୍କ ଜାଗାରେ ଭାଟପଡା ସୋସାଇଟି ସମ୍ପାଦକ ନୀଳମଣି ପ୍ରଧାନଙ୍କୁ ରାଜନଗର ସୋସାଇଟି ଦାୟିତ୍ୱ ଦେବାକୁ ସରକାରୀ ଅର୍ଡରରେ ଲିପିବଦ୍ଧ କରିଥିଲେ କିନ୍ତୁ ଦୁଃଖ ଓ ପରୀତାପର ବିଷୟ ଆଜିକୁ ଗୋଟିଏ ମାସ ପୁରିବାକୁ ବସିଥିଲେ ସୁଦ୍ଧା ରାଜନଗର ସୋସାଇଟିରେ ନୀଳମଣି ପ୍ରଧାନ ଦାୟିତ୍ୱ ନ ନେବାରୁ ଚାଷୀଙ୍କ ଇନ୍ସୁରାନ୍ସ, ସାର କିଣା ଓ ଲୋନ ଅଦଳ ବଦଳ ପାଇଁ ବଡ଼ ସମସ୍ୟା ହୋଇଛି । ତେବେ ସରକାରୀ ଅର୍ଡର ପରେ କାହିଁକି ଏପର୍ଯ୍ୟନ୍ତ ନୀଳମଣି ପ୍ରଧାନ ରାଜନଗର ସୋସାଇଟି ଦାୟିତ୍ୱ ନେଇ ନାହାଁନ୍ତି ତାହାର କୌଣସି ଉତ୍ତର ନାହିଁ ଏଆରସିଏସ ଯୋଗେନ୍ଦ୍ର ନାଥ ବିଶ୍ୱାଳ ଙ୍କ ନିକଟରେ । ମୋଟା ଅଙ୍କରେ ଏଆରସିଏସ ଓ ବୋର୍ଡ ସଭାପତି ଦଧିବାମନ ଭୂୟାଁ ଓ ବୋର୍ଡ ନିର୍ଦ୍ଦେଶ ଗୋଷ୍ଠୀ ଚୁପ ବସିଥିବା ଚାଷୀ ଅଭିଯୋଗ କରିଛନ୍ତି । ଦୀର୍ଘ ଦିନ ଧରି ଚାଷୀଙ୍କୁ ଶୋଷଣ କରୁଥିବା ସମ୍ପାଦକ ଜ୍ଞାନ ରଞ୍ଜନ ନାୟକ ନିଲମ୍ବନ ପରେ ଚାଷୀ ଖୁସି ଥିବା ବେଳେ ସରକାରୀ ଅର୍ଡର ର ପାଳନ ହୋଇନି । ଡବଲ ଇଞ୍ଜିନ ସରକାର ଚାଷୀଙ୍କ ଉର୍ନତି ଓ ବିକାଶ ପାଇଁ ଚିନ୍ତା କରୁଥିବା ବେଳେ ଏପଟେ ଚାଷୀଙ୍କୁ ଶୋଷଣ କରୁଥିବା ନିଲମ୍ବିତ ସମ୍ପାଦକ ଙ୍କୁ ସୁରକ୍ଷା ଦେବା ପାଇଁ ମୋଟା ଅଙ୍କର କାରବାର କରି ସରକାରଙ୍କୁ ବଦନାମ କରିବାକୁ ବଡ଼ ଚକ୍ରାନ୍ତ କରିଛନ୍ତି ଏଆରସିଏସ ଯୋଗେନ୍ଦ୍ର ନାଥ ବିଶ୍ୱାଳ, କୁଜିନେତା ଓ ରାଜନଗର ସୋସାଇଟିର ବୋର୍ଡ ସଭାପତି ଏବଂ ନିର୍ଦ୍ଦେଶ ଗୋଷ୍ଠୀ । ଅନ୍ୟ ପଟେ ରାଜନଗର ସୋସାଇଟିର ନୂତନ ସମ୍ପାଦକ ରୂପେ ଦାୟିତ୍ୱ ପାଇଥିବା ନୀଳମଣି ପ୍ରଧାନ ଜିଲ୍ଲାପାଳ ତୁରନ୍ତ ଦାୟିତ୍ୱ ନଦେଲେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖୀନ ଚାଷୀଙ୍କ ବଡ଼ ଗଣ ଧାରଣ ହେବ ବୋଲି ଚାଷୀ ଚେତାବନୀ ଦେଇଛନ୍ତି ।

### ସମ୍ପାଦକ ନଥିବାରୁ ଚାଷୀଙ୍କ ସାର ଓ ଇନ୍ସୁରାନ୍ସ ହୋଇପାରୁନି

## ଷ୍ଟ୍ରେଚରରେ ୨ କିମି ବୁହା ହେଲେ ଗର୍ଭବତୀ



କଳାହାଣ୍ଡି, ୨୦/୭ ( ରାମ କୁମାର ସେନାପତି)କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ଦୁର୍ଗମ ଅଞ୍ଚଳର ବିକାଶର ବାସ୍ତବ ଚିତ୍ର ପୁଣିଥରେ ସାମ୍ନାକୁ ଆସିଛି । ରାସ୍ତା ନଥିବାରୁ ପ୍ରସବ ବେଦନାରେ ଛଟପଟ ହେଉଥିବା ଜଣେ ଗର୍ଭବତୀଙ୍କୁ ପରିବାର ଲୋକ ଓ ଗ୍ରାମବାସୀ ଷ୍ଟ୍ରେଚରରେ ପ୍ରାୟ ଦୁଇ କିଲୋମିଟର ବୋହିବାକୁ ବାଧ ହୋଇଥିଲେ । କାଦୁଅ ରାସ୍ତା ଯୋଗୁଁ ଜନନୀ ଏକ୍ସପ୍ରେସ ଆମ୍ବୁଲାନ୍ସ ଗ୍ରାମରେ ପହଞ୍ଚିପାରି ନଥିଲା । ଏଭଳି ଘଟଣା କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକର ଘୁଟିଗୁଡ଼ା ଗାଁରୁ ସାମ୍ନାକୁ ଆସିଛିସୂଚନା ଅନୁସାରେ, ଘୁଟିଗୁଡ଼ା ଗାଁର ରଞ୍ଜିତା ମାଝୀ ଶୁକ୍ରବାର ରାତିରେ ପ୍ରସବ ବେଦନାରେ ଅସୁସ୍ଥ ହୋଇପଡ଼ିଥିଲେ । ପରିବାର ଲୋକେ ଜନନୀ ଏକ୍ସପ୍ରେସକୁ ଖବର ଦେଇଥିଲେ ମଧ୍ୟ ରାସ୍ତାର ଶୋଚନୀୟ ଅବସ୍ଥା ଯୋଗୁଁ ଆମ୍ବୁଲାନ୍ସ ଅଧାବାଟରେ ଅଟକି ରହିଥିଲା । ଘୋଟଣା ସ୍ଥଳରେ ଦୀର୍ଘ ଘଣ୍ଟା ଅପେକ୍ଷା କରି ଆମ୍ବୁଲାନ୍ସ କୈଣସୀ ଉପାୟ ନପାଇ ଥୁଆମୂଳ ରାମପୁର ମେଡିକାଲକୁ ଫେରିଆସିଥିଲା । ଶେଷରେ ପରିବାର ଲୋକେ ସକାଳେ ଏକ ଅଟୋ ଭଡ଼ା କରିଥିଲେ । ଗ୍ରାମବାସୀ ଓ ପରିବାର ଲୋକେ ଷ୍ଟ୍ରେଚରରେ ଦୋଳା ବାନ୍ଧି ପ୍ରାୟ ଦୁଇ କିଲୋମିଟର ବୋହି ଗର୍ଭବତୀଙ୍କୁ ଅଟୋ ପର୍ଯ୍ୟନ୍ତ ନେଇଥିଲେ । ସେଠାରୁ ତାଙ୍କୁ ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲାଏହି ଘଟଣା ଦୁର୍ଗମ ଅଞ୍ଚଳରେ ରାସ୍ତା ଓ ଜରୁରୀ ସ୍ୱାସ୍ଥ୍ୟସେବାର ଦୟନୀୟ ବ୍ୟବସ୍ଥାକୁ ପୁଣିଥରେ ପଦାକୁ ଆଣିଛି । ସ୍ଥାନୀୟ ଗ୍ରାମବାସୀ ରାସ୍ତା ସମସ୍ୟା ଉପରେ ବାରମ୍ୱାର ଅଭିଯୋଗ କରି ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନଥିବା ଅଭିଯୋଗ ହେଉଛି । ତେବେ ଦେଖିବାକୁ ବାକି ରହିଲା ଘୁଟିଗୁଡା ଗାଁ ପ୍ରତି ପ୍ରଶାସନର ଶୁଭ ଦୃଷ୍ଟି କେବେ ପଡ଼ିବ ।

## ଉଦ୍‌ଘାଟିତ ହେଲା ଇଣ୍ଡିଆନ୍ ଅଏଲ୍‌ର ନୂତନ ପେଟ୍ରୋଲ ପମ୍ପ

ଅନୁଗୋଳ: ୨୦/୦୭ (ଅକ୍ଷର ଓଡିଶା )ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ଅନ୍ତର୍ଗତ ରେଙ୍ଗାଲି ଡ୍ୟାମ ସାଇଟ୍ ଗାଁ ନିକଟରେ ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ପକ୍ଷରୁ ଏକ ନୂତନ ପେଟ୍ରୋଲ ପମ୍ପ ଉଦ୍ଘାଟନ କରାଯାଇଛି । ପମ୍ପ ଉଦ୍‌ଘାଟନ ଅବସରରେ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଥିବା ବେଳେ ବହୁ ସଂଖ୍ୟକ ଲୋକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା । ଦୀର୍ଘ ଦିନ ଧରି ଏହି ଅଞ୍ଚଳରେ କୌଣସି ପେଟ୍ରୋଲ ପମ୍ପ ନଥିବାରୁ ଯାନବାହନ ଚାଳକ ଓ ସାଧାରଣ ଲୋକଙ୍କୁ ଇନ୍ଧନ ପାଇଁ ଦୂରଦୂରାନ୍ତକୁ ଯିବାକୁ ପଡୁଥିଲା । ଏହା ସହ କଳାବଜାରୀ ମାଧ୍ୟମରେ ଅଧିକ ଦରରେ ପେଟ୍ରୋଲ ଓ ଡିଜେଲ ବିକ୍ରି ହେଉଥିବା ଅଭିଯୋଗ ମଧ୍ୟ ରହିଥିଲା । ନୂତନ ପେଟ୍ରୋଲ ପମ୍ପ ଆରମ୍ଭ ହେବା ପରେ ସ୍ଥାନୀୟ ଲୋକେ ବେଶ୍ ଆଶ୍ୱସ୍ତ ହୋଇଛନ୍ତି । ଏହାଦ୍ୱାରା ଇନ୍ଧନ ସହଜରେ ଓ ନିର୍ଦ୍ଧାରିତ ଦରରେ ଉପଲବ୍ଧ ହେବା ସହ କଳାବଜାରୀ ଉପରେ ମଧ୍ୟ ରୋକ୍ ଲାଗିବ ବୋଲି ଅଞ୍ଚଳବାସୀ ଆଶା ପ୍ରକାଶ କରିଛନ୍ତି ।

## ବରଗଡ଼ ସିଏଚ୍‌ସିରେ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଉପରେ ଆକ୍ରମଣ



ବରଗଡ଼,୨୦/୭/(ଜଗଦିଶ ମହାନନ୍ଦ)ବରଗଡ଼ ଟାଉନ ସରକାରୀ ହସ୍ପିଟାଲ (CHC) ପରିସରରେ ଘଟିଥିବା ଏକ ଅଭାବନୀୟ ଘଟଣା ସମଗ୍ର ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଛି । କାର୍ଯ୍ୟରତ ଜଣେ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ଜଣେ ବ୍ୟକ୍ତି ହଠାତ୍ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ଘଟଣାଟି ହସ୍ପିଟାଲର ସିସିଟିଭି କ୍ୟାମେରାରେ କଏଦ ହୋଇଥିବା ବେଳେ, ଏହାକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଉଦ୍‌ବେଗ ବଢ଼ିଛି । ସୂଚନା ଅନୁଯାୟୀ, ସ୍ୱାସ୍ଥ୍ୟ କର୍ମଚାରୀ ନିଜ କାର୍ଯ୍ୟରେ ବ୍ୟସ୍ତ ଥିବା ସମୟରେ ଜଣେ ବ୍ୟକ୍ତି ତାଙ୍କ କକ୍ଷରେ ପ୍ରବେଶ କରି ହଠାତ୍ ଆକ୍ରମଣ କରିଥିଲେ । ଉପସ୍ଥିତ ଅନ୍ୟ କର୍ମଚାରୀ ଓ ସୁରକ୍ଷା କର୍ମୀଙ୍କ ହସ୍ତକ୍ଷେପ ପରେ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିବା ଜଣାପଡ଼ିଛି । ଘଟଣା ପରେ ସମ୍ପୃକ୍ତ କର୍ମଚାରୀ ଭୟଭୀତ ହୋଇପଡ଼ିଥିବା ବେଳେ ହସ୍ପିଟାଲରେ କିଛି ସମୟ ପାଇଁ ଉତ୍ତେଜନା ଦେଖାଯାଇଥିଲା । ଏହି ଘଟଣାକୁ ନେଇ ସ୍ୱାସ୍ଥ୍ୟ କର୍ମଚାରୀମାନେ ହସ୍ପିଟାଲରେ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା ଦାବି କରିଛନ୍ତି । ଡ୍ୟୁଟି ସମୟରେ ଏପରି ଆକ୍ରମଣ ଘଟିବା ଅତ୍ୟନ୍ତ ଚିନ୍ତାଜନକ ବୋଲି ସେମାନେ କହିଛନ୍ତି । ଭବିଷ୍ୟତରେ ଏଭଳି ଘଟଣାର ପୁନରାବୃତ୍ତି ରୋକିବା ପାଇଁ ହସ୍ପିଟାଲ ପରିସରରେ ସୁରକ୍ଷା କଡ଼ାକଡ଼ି କରିବା ସହ ଦୋଷୀଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି । ଅନ୍ୟପଟେ, ଘଟଣାର ସିସିଟିଭି ଫୁଟେଜ୍ ସାମ୍ନାକୁ ଆସିବା ପରେ ପୁଲିସ ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି । ଘଟଣାର ପ୍ରକୃତ କାରଣ ଏବଂ ସମ୍ପୃକ୍ତ ବ୍ୟକ୍ତିଙ୍କ ପରିଚୟ ସମ୍ପର୍କରେ ତଦନ୍ତ ଜାରି ରହିଛି ।

## ସ୍କୁଲ ଖୋଲିବାର ମାସେ ପରେ ବି ପିଲା ପାଇ ନାହାନ୍ତି ସମ୍ପୂର୍ଣ୍ଣ ବହି

ସୁବର୍ଣ୍ଣପୁର,୨୦/୭ (ପବିତ୍ର ସିଂ ବରିହା ): ଚଳିତ ଶିକ୍ଷାବର୍ଷରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟକ୍ରମରେ ପରିବର୍ତ୍ତନ ସହ ନୂତନ ପାଠ୍ୟପୁସ୍ତକ ପ୍ରଚଳନ ହୋଇଛି । କିନ୍ତୁ ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକରେ ସ୍କୁଲ ଖୋଲିବାର ମାସେରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ଅନେକ ସ୍କୁଲର ଛାତ୍ରୀଛାତ୍ର ଏପର୍ଯ୍ୟନ୍ତ ସମସ୍ତ ବହି ପାଇନଥିବାରୁ ପାଠପଢ଼ା ଗୁରୁତର ଭାବେ ବ୍ୟାହତ ହୋଇଛି । ଅନ୍ୟପକ୍ଷରେ, ନୂତନ ପାଠ୍ୟପୁସ୍ତକ ଛପାରେ ତ୍ରୁଟି ଥିବା ଅଭିଯୋଗକୁ ନେଇ ରାଜ୍ୟରେ ବିରୋଧୀ ଦଳ ପକ୍ଷରୁ ପ୍ରତିବାଦ ଜାରି ରହିଛି ।ସୂଚନା ଅନୁଯାୟୀ, ବୀରମହାରାଜପୁର ବ୍ଲକକୁ ପ୍ରାୟ ୬୦ ପ୍ରତିଶତ ପାଠ୍ୟପୁସ୍ତକ ଆସିଥିଲେ ମଧ୍ୟ ସେଗୁଡ଼ିକ ସଠିକ୍ ଭାବେ ଛାତ୍ରୀଛାତ୍ରଙ୍କ ପାଖକୁ ପହଞ୍ଚିପାରିନାହିଁ ।ବିଶେଷକରି ବହଳପଦର ଓ ଦୁର୍ଜନତୈଲା କ୍ଲଷ୍ଟରରେ ସ୍ଥିତି ସବୁଠାରୁ ଉଦ୍‌ବେଗଜନକ ରହିଛି । ଅଷ୍ଟମ ଶ୍ରେଣୀରେ ୧୧ଟି ବହି ଥିବାବେଳେ ଏହି ଦୁଇ କ୍ଲଷ୍ଟର ର ଛାତ୍ରୀଛାତ୍ରଙ୍କୁ ମାତ୍ର ୪ଟି ଲେଖାଏଁ ବହି ମିଳିଛି । ଗଣିତ ଓ ଇଂରାଜୀ ଭଳି ପ୍ରମୁଖ ବିଷୟର ପୁସ୍ତକ ଏଯାଏ ବଣ୍ଟନ କରାଯାଇନାହିଁ । ସପ୍ତମ ଶ୍ରେଣୀରେ ୧୦ଟି ବହି ମଧ୍ୟରୁ ୩ଟି, ଷଷ୍ଠ ଶ୍ରେଣୀରେ ୧୦ଟି ମଧ୍ୟରୁ ୫ଟି ଏବଂ ପଞ୍ଚମ ଶ୍ରେଣୀରେ ୬ଟି ବହି ମଧ୍ୟରୁ କେବଳ ଗଣିତ ଓ ଯୋଗ-ଖେଳ ପୁସ୍ତକ ମିଳିଥିବା ବେଳେ ଅନ୍ୟ ୪ଟି ବିଷୟର ବହି ମିଳିନାହିଁ । ବୀରମହାରାଜପୁର ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟକୁ ଦୁଇଟି ପର୍ଯ୍ୟାୟରେ ପାଠ୍ୟପୁସ୍ତକ ଆସିଥିଲା ଏବଂ ସିଆରସିସିଙ୍କ ମାଧ୍ୟମରେ କ୍ଲଷ୍ଟରଗୁଡ଼ିକୁ ବଣ୍ଟନ କରାଯାଇଥିଲା । ତେବେ ବହିର ପରିମାଣ ପର୍ଯ୍ୟାପ୍ତ ନଥିବାରୁ ଅନେକ ସ୍କୁଲକୁ କେତେକ ବିଷୟର କେବଳ ଗୋଟିଏ ଲେଖାଏଁ ବହି ଯୋଗାଇ ଦିଆଯାଇଥିବା ବିଇଓ କାର୍ଯ୍ୟାଳୟର ଜଣେ କର୍ମଚାରୀ ନାମ ଗୋପନ ରଖି ପ୍ରକାଶ କରିଛନ୍ତି ।ଅନ୍ୟପକ୍ଷରେ, ବହଳପଦର ଓ ଦୁର୍ଜନତୈଲା କ୍ଲଷ୍ଟରର ସିଆରସିସିମାନେ ଦୁଇ ପର୍ଯ୍ୟାୟ ବଦଳରେ କେବଳ ଥରେ ବହି ଆଣି ସ୍କୁଲଗୁଡ଼ିକୁ ଦେଇଥିବା ଅଭିଯୋଗ ହୋଇଛି । ଫଳରେ ଏହି ଦୁଇ କ୍ଲଷ୍ଟରର ଛାତ୍ରୀଛାତ୍ର ସବୁଠାରୁ କମ୍ ପାଠ୍ୟପୁସ୍ତକ ପାଇଛନ୍ତି । ବିଇଓ କାର୍ଯ୍ୟାଳୟରେ ବହି ଥିବା ସତ୍ତ୍ୱେ ସ୍କୁଲକୁ କାହିଁକି ପହଞ୍ଚୁନାହିଁ, ତାହାକୁ ନେଇ ଶିକ୍ଷାବିତ ଓ ଅଭିଭାବକମାନେ ପ୍ରଶ୍ନ ଉଠାଇଛନ୍ତି ।ବହଳପଦର କ୍ଲଷ୍ଟର ଅମରପାଲି ୟୁପି ସ୍କୁଲର ଅଷ୍ଟମ ଶ୍ରେଣୀ ଛାତ୍ର ଗୁଲସନ ପ୍ରଧାନ ଓ ବହଳପଦର ୟୁପି ସ୍କୁଲର ଛାତ୍ର ସିଦ୍ଧାର୍ଥ ଶେଖର ନାୟକ କହିଛନ୍ତି, 'ଆମକୁ ଏପର୍ଯ୍ୟନ୍ତ ଗଣିତ ଓ ଇଂରାଜୀ ସମେତ ସମସ୍ତ ବହି ମିଳିନାହିଁ । ଆମକୁ ଶୀଘ୍ର ସବୁ ବହି ଦିଆଯାଉ'ସେହିପରି ଦୁର୍ଜନତୈଲା ପଞ୍ଚାୟତର ସାଗଯୁରୀ ଗ୍ରାମର ଅଶୋକ ବାଘ ଓ ଲୁତୁରପଙ୍କ ଗ୍ରାମର ପୃଥ୍ୱୀରାଜ ମହାକୁରଙ୍କ ସମେତ ଅନେକ ଅଭିଭାବକ ପିଲାଙ୍କୁ ସମ୍ପୂର୍ଣ୍ଣ ବହି ନମିଳିବାରୁ ପାଠପଢ଼ା ବ୍ୟାହତ ହେଉଥିବା ଅଭିଯୋଗ କରିଛନ୍ତି । ଏନେଇ ଦୁର୍ଜନତୈଲା କ୍ଲଷ୍ଟରର ସିଆରସିସି ଅଶୋକ ଲୁହାଙ୍କୁ ପଚାରିବାରୁ ସେ 'ଖୁବ୍ ଶୀଘ୍ର ବହି ବଣ୍ଟନ କରିଦେବୁ' ବୋଲି କହିଛନ୍ତି । ତେବେ ବୀରମହାରାଜପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଭିଷେକ ଭୁଏଙ୍କ ସହ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ଗ୍ରହଣ କରିନଥିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ ।ଏହି ପ୍ରସଙ୍ଗରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ କହିଛନ୍ତି, 'ଘଟଣାର ତଦନ୍ତ କରାଯାଉଛି । ଯଦି କାହାରି ଅବହେଳା ପ୍ରମାଣିତ ହୁଏ, ନିୟମାନୁସାରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି । ବର୍ତ୍ତମାନ ଛାତ୍ରୀଛାତ୍ରଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ତୁରନ୍ତ ସମସ୍ତ ବହି ବଣ୍ଟନ ସୁନିଶ୍ଚିତ କରିବାକୁ ସାଧାରଣରେ ଦାବି ଜୋର ଧରିଛି ।

**ବହଳପଦର, ଦୁର୍ଜନତୈଲା କ୍ଲଷ୍ଟରରେ ସବୁଠାରୁ ଅଧିକ ସମସ୍ୟା**

## ତରଭା ବ୍ଲକରେ ଯୁଗ୍ମ ଅଭିଯୋଗ ଶୁଣାଣି: ୭୬ଟି ଦରଖାସ୍ତ ଗ୍ରହଣ



ସୁବର୍ଣ୍ଣପୁର,୨୦/୦୭/(ପବିତ୍ର ସିଂ ବରିହା)ସୁବର୍ଣ୍ଣପୁର ଜିଲ୍ଲାର ତରଭା ବ୍ଲକ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ଅନୁଷ୍ଠିତ ହୋଇଯାଇଛି ।ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ ଓ ସୋନପୁର ଉପଖଣ୍ଡ ପୋଲିସ ଅଧିକାରୀ କଲ୍ୟାଣୀ ବେହେରା ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଓ ସମସ୍ୟା ଶୁଣିଥିଲେ । ସର୍ବମୋଟ ୭୬ଟି ଅଭିଯୋଗ ଦରଖାସ୍ତ ଗ୍ରହଣ କରାଯାଇଥିବାବେଳେ, ସେଥିମଧ୍ୟରୁ ୬୨ଟି ବ୍ୟକ୍ତିଗତ ଏବଂ ୧୪ଟି ସାମୂହିକ ଦରଖାସ୍ତ ଥିଲା ।ଅନ୍ୟାନ୍ୟ ସମସ୍ତ ଦରଖାସ୍ତଗୁଡ଼ିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କ ନିକଟକୁ ପ୍ରେରଣ କରାଯାଇଛି ।ଏହି ଅବସରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସୁବର୍ଣ୍ଣପୁର ଅଶ୍ୱିନୀ ମେହେର, ତରଭା ତହସିଲଦାର ସୁଶ୍ରୀ ଶ୍ୱେତାଲିନା ମାହାନା ।ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତରଭା ଶିବାନନ୍ଦ କର୍ମୀଙ୍କ ଦ୍ୱାରା ଆୟୋଜିତ ଏହି ଶିବିରରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଶ୍ରୀମତୀ ଉଷାରାଣୀ ଦାସ, ସହକାରୀ କଲେକ୍ଟର (ଜନ ଅଭିଯୋଗ) ସୁଶ୍ରୀ ପ୍ରିୟଦର୍ଶିନୀ ସାହୁ ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଜରିପାଲ ତଳେ ବିତୁଛି ଅସହାୟ ଝୁନୁଙ୍କ ପରିବାର

## ପ୍ରଧାନମନ୍ତ୍ରୀ ଆବାସ ସାତ ସପନ, କେବେ ମିଳିବ ଆବାସ



ଅନୁଗୋଳ ୨୦/୦୭/(ଅଜିତ ) ଅନୁଗୁଳ ଜିଲ୍ଲା ବଅଁରପଳ ବ୍ଲକ ବଉଳିଗଡ ଗ୍ରାମ ପଞ୍ଚାୟତର ବଉଳିଗଡ ଗ୍ରାମ ରେଝୁନୁ ନାଏକଙ୍କୁ ଘର ମିଳିବାରୁ ସାତ ସପନ ଜରି ପାଲ ତଳେ ବିତୁଛି ୫ଜଣ ପ୍ରାଣୀଙ୍କ ଜୀବନ, ଗୁହାରି ଶୁଣୁନି ପ୍ରଶାସନ ଭଙ୍ଗାକୁଡିଆ ଭିତରେ ବୟସର ଅପରାହ୍ନରେ ମୃତ୍ୟୁକୁ ଅପେକ୍ଷା କରି ଦିନ ଗଣୁଛନ୍ତି । ସରକାର ଗରିବ ହଟାଇବାପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଥିବା ବେଳେ ପ୍ରକୃତ ହିତାଧିକାରୀ ଏହି ସବୁ ଯୋଜନାରୁ ବଞ୍ଚିତ ଅଛନ୍ତି, ଏହିଭଳି ଘଟଣା ଦେଖିବାକୁ ମିଳିଛି ଅନୁଗୋଳ ଜିଲ୍ଲା ବଅଁରପାଳ ବ୍ଲକ ବଉଳିଗଡ଼ ପଞ୍ଚାୟତରେ । ଗ୍ରାମର ଝୁନୁ ନାଏକ (୪୧)ଙ୍କ ପରିବାର ବର୍ଷ ବର୍ଷ ହେଲା ଏହି ପଞ୍ଚାୟତରେ ଅତି ଦୟନୀୟ ଅବସ୍ଥାରେ ଜରି ପାଲ ତଳେ ରହିଆସୁଛନ୍ତି, ଆବାସ ଖଣ୍ଡିଏ ପାଇବାର ଆସା ନେଇ ପଞ୍ଜିକରଣ କରିଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ କୌଣସି ସହାୟତା ମିଳିପାରିଲାନାହିଁ କି କୌଣସି ଅଧିକାରୀଙ୍କ ନଜର ମଧ ପଡୁନାହିଁ, ଏପରିକି ସ୍ଥାନୀୟ ସରପଞ୍ଚ ପଞ୍ଚାୟତ କାର୍ଯ୍ୟାଳୟକୁ ଆସୁଥିଲେ ମଧ ନଜର ଆଢୁଆଳରେ ଲୁଚି ରହିଛିଝୁନୁ ନାଏକଙ୍କ ପରିବାର । ପରିବାର କହିଲେ ସ୍ୱାମୀ ସୂର୍ଯ୍ୟକାନ୍ତ ନାଏକ (୪୮) ଏବଂ ନିଜେ । ସ୍ୱାମୀ ଦିନ ମଜୁରିଆ, ଦିନେ ଖାଇଲେ ଦିନେ ଉପାସ ରହୁଛନ୍ତି, କାମ କଲେ ଘରେ ଚୁଲି ଜଳୁଥିଲା, କିନ୍ତୁ ଏବେ ସୂର୍ଯ୍ୟକାନ୍ତଙ୍କ ବାପା ଦାଶରଥୀ ନାଏକ, ରୁଗ ଶଯ୍ୟାରେ ପଡ଼ିଅଛି,ଯାହା ରୁଜୁଗାର କରୁଛନ୍ତି ତାଙ୍କ ବାପାଙ୍କ ମେଡିକାଲ ନେଉଛନ୍ତି, ଘର କରିବା ଦୂରର କଥା ତେଣୁ ସରକାର ଦେଉଥିବା ରାସନ ବାବଦକୁ ଦଶ କିଲୋ ଚାଉଳ ହିଁ ତାଙ୍କର ସାହା ଭରସା ପାଲଟିଛି । ପ୍ରଶାସନିକ ଅଧିକାରୀଙ୍କ ନିକଟରେ ଗୁହାରି କଲେ ମଧ କେହି କିଛି ଶୁଣୁନଥିବାରୁ ଅତି ଦୁଃଖ କଷ୍ଟରେ ଜରିପାଲ ତଳେ ନିଜ ଭାଗ୍ୟ କୁ ଆଦରି ପଡିରହିଛନ୍ତି, ଏମିତିକି ବର୍ଷା ରେ ଘର ଭାଙ୍ଗି ଯାଇଥିବାରୁ, ଯୋଜନା ରେ ଘର ଖଣ୍ଡିଏ ମିଳୁନାହିଁ । ଯଦି ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟିଦିଅନ୍ତେ ତେବେ ଏହି ଅସହାୟ ପରିବାର ଦୁଃଖ ଦୁର ହୁଅନ୍ତା ବୋଲି ଗ୍ରାମ ବାସୀ ନିବେଦନ କରିଛନ୍ତି । ସ୍ଥାନୀୟ ସରପଞ୍ଚଙ୍କୁ ଏ ବିଷୟରେ ପଚାରିବାରୁ ସେ କହିଛନ୍ତି ପ୍ରଧାନମନ୍ତ୍ରୀ ଆବାସ ଆସିଲେ ମିଳିବ, ହେଲେ ଲିଷ୍ଟି ରେ ନାମ ନାହିଁ କେମିନ୍ତି ମିଳିବ, ଆବାସ ଯୋଜନା ରୁ ସେ ବଞ୍ଚିତ ହେଉଛନ୍ତି ।

## ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ

ଦେବଗଡ଼,୨୦।୦୭(ଅକ୍ଷର ଓଡ଼ିଶା): ତିଲେଇବଣି ବ୍ଲକ ପାରପୋସି ଗ୍ରାମ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ଯୋଗଦେଇ ୬୩ ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଅଭିଯୋଗ ମଧ୍ୟରେ ୪୫ ଟି ବ୍ୟକ୍ତିଗତ ଏବଂ ୧୮ ଟି ସାମୁହିକ ଅଭିଯୋଗ ହୋଇଥିବା ଜଣାପଡିଛି । ୦.୦୪ ଘରବାରୀ ପଟ୍ଟା ,ପ୍ରଧାନମନ୍ତ୍ରୀ ଆବାସ ଯୋଜନା ,ରାସ୍ତା ନିର୍ମାଣ ଓ ବିଏସନେଲ ଓ ଜିଓ ନେଟୱାର୍କ ନିର୍ମାଣ ନିମନ୍ତେ ପ୍ରମୁଖ ସମାଧାନ ପାଇଁ ଅଭିଯୋଗ ହୋଇଥିଲା । ଅଭିଯୋଗ ଗୁଡିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।




ମଙ୍ଗଳବାର ୨୧।୦୭।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା


# ସିରିଜ୍ ଜିତିଲା ଇଂଲଣ୍ଡ




ଲଣ୍ଡନ, ୨୦/୦୭ : କ୍ରିକେଟ୍‌ର ଘର ଲର୍ଡସ୍‌ରେ ହିଟ୍ ମ୍ୟାନ୍ ରୋହିତ ଶର୍ମାଙ୍କ ଦ୍ରୁତ ତଥା ଲଢୁଆ ଶତକ ସତ୍ତ୍ୱେ ଭାରତ ପରାଜିତ ହୋଇଛି। ରବିବାର ନିର୍ଣ୍ଣାୟକ ତୃତୀୟ ତଥା ଶେଷ ଦିନିକିଆ ହରିବା ସହ ଭାରତୀୟ ଦଳ ଇଂଲଣ୍ଡଠୁ ୧-୨ରେ ଶୃଙ୍ଖଳା ହାରିଛି। ସେହିଭଳି ଚଳିତ ୟୁକେ ଗସ୍ତରେ ୧୦ଟି ମ୍ୟାଚ୍ ଖେଳି ମାତ୍ର ଗୋଟିଏ ବିଜୟର ସାନ୍ତ୍ୱନା ସହ ଘରକୁ ଫେରିଛି। ଏହା ପୂର୍ବରୁ ଟିମ୍ ଇଣ୍ଡିଆ ଇଂଲଣ୍ଡ ବିପକ୍ଷ ଟ୍ୱେଣ୍ଟି-୨୦ ଶୃଙ୍ଖଳାକୁ ୦-୪ରେ ହାରିଥିଲା। ଏପରିକି ଆୟର୍ଲାଣ୍ଡ ବିପକ୍ଷ ଟ୍ୱେଣ୍ଟି-୨୦ ଶୃଙ୍ଖଳାକୁ ବି ୦-୨ରେ ହାତ ଛଡ଼ା କରିଥିଲା। କେବଳ ଇଂଲଣ୍ଡ ବିପକ୍ଷ ପ୍ରଥମ ଦିନିକିଆରେ ବିଜୟୀ ହୋଇଥିଲା। ରବିବାର ଭାରତୀୟ ବୋଲରଙ୍କ ଶୋଚନୀୟ ବୋଲିଂରୁ ଫାଇଦା ନେଇ ଇଂଲଣ୍ଡ ୩୮୮ ରନ୍‌ର ବିଶାଳ ବିଜୟ ଲକ୍ଷ୍ୟ ଦେଇଥିଲା। ଜବାବରେ ଭାରତ ରୋହିତଙ୍କ ୧୩୮, ଅଧିନାୟକ ଶୁବମନ ଗିଲଙ୍କ ୭୭ ଏବଂ ବିରାଟ କୋହଲିଙ୍କ ୭୪ ରନ୍ ପରେ ବି ୩୬୦/୭ରେ ଅଟକିଯିବାରୁ ୨୭ ରନ୍‌ରେ ପରାଜିତ ହୋଇଥିଲା। ୪୦ ଓଭର ସୁଦ୍ଧା ଏକପ୍ରକାର ଭଲ ସ୍ଥିତିରେ ଥିଲେ ମଧ୍ୟ ଶେଷ ୫ ୱିକେଟ୍ ମାତ୍ର ୨୫ ରନ୍‌ରେ ହରାଇ ସୁଯୋଗ ହାତଛଡ଼ା କରିଥିଲା। ଅବସର ଚାପ ଓ ଚର୍ଚ୍ଚା ଭିତରେ ରୋହିତ ପ୍ରଥମ ଭାରତୀୟ କ୍ରିକେଟର୍ ଭାବେ ଲର୍ଡସ୍‌ରେ ଦିନିକିଆ ଶତକ ହାସଲ କରିବା ତାଙ୍କ ପ୍ରଶଂସକଙ୍କୁ କିଛିଟା ଆଶ୍ୱସ୍ତ କରିଥିଲା। ପୂର୍ବରୁ ବେନ୍ ଡକେଟ୍‌ଙ୍କ ବିସ୍ଫୋରକ ୧୪୧ ଓ ଜାକବ୍ ବେଥେଲ୍‌ଙ୍କ ଚମତ୍କାର ୯୧ ରନ୍ ବଳରେ ଇଂଲଣ୍ଡ ନିର୍ଦ୍ଧାରିତ ୫୦ ଓଭରରେ ୩ ୱିକେଟ୍ ହରାଇ ୩୮୭ ରନ୍ ସଂଗ୍ରହ କରିଥିଲା। ଯାହା ଐତିହାସିକ ଲର୍ଡସ୍ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଲିଷ୍ଟ-ଏ' କ୍ରିକେଟ୍‌ର ସର୍ବାଧିକ ଦଳୀୟ ସ୍କୋର୍ ଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡକୁ ଡକେଟ୍ ଓ ବେଥେଲ୍ ଧମାକାଦାର ଆରମ୍ଭ ଦେଇଥିଲେ। ଉଭୟ ପ୍ରଥମ ୱିକେଟ୍ ପାଇଁ ୧୯୨ ରନ୍‌ର ବିଶାଳ ଭାଗୀଦାର ଗଢ଼ି ଭାରତୀୟ ବୋଲରମାନଙ୍କୁ ସମ୍ପୂର୍ଣ୍ଣ ଚାପରେ ପକାଇଦେଇଥିଲେ। ଏହା ମଧ୍ୟ ଭାରତ ବିପକ୍ଷରେ ଯେକୌଣସି ୱିକେଟ୍ ପାଇଁ ଥିଲା ଇଂଲଣ୍ଡର ସର୍ବାଧିକ ଭାଗୀଦାର। ଅନ୍ୟପକ୍ଷରେ ଯୁବ ବ୍ୟାଟର ବେଥେଲ୍ ମାତ୍ର ୯ ରନ୍ ପାଇଁ ଏକ ସ୍ମରଣୀୟ ଶତକରୁ ବଞ୍ଚିତ ହୋଇଥିଲେ। ଶେଷ ଓଭରଗୁଡ଼ିକରେ ଜୋ ରୁଟ୍ ଓ ଜୋସ୍ ବଟଲର ମଧ୍ୟ ବିସ୍ଫୋରକ ବ୍ୟାଟିଂ କରିଥିଲେ। ରୁଟ୍ ୭୪ ଏବଂ ବଟଲର୍ ୪୧ ରନ୍‌ରେ ଅପରାଜିତ ରହିଥିଲେ। ଶେଷ ୩୯ଟି ବଲ୍‌ରୁ ଇଂଲଣ୍ଡ ୯୪ ରନ୍ ସଂଗ୍ରହ କରି ଏହି ବିଶାଳ ସ୍କୋର୍ ଛିଡ଼ା କରିଥିଲା। ଭାରତ ବିପକ୍ଷରେ ଏହା ଇଂଲଣ୍ଡର ସର୍ବୋଚ୍ଚ ଦଳଗତ ସ୍କୋର୍ ଥିଲା। ଅନ୍ୟପକ୍ଷରେ ଯଶପ୍ରୀତ୍ ବୁମ୍‌ରାଙ୍କ ଅନୁପସ୍ଥିତିରେ ଭାରତୀୟ ବୋଲିଂ ଅସହାୟ ମନେ ହୋଇଥିଲା।

**ସଂକ୍ଷିପ୍ତ ସ୍କୋର୍:** ଇଂଲଣ୍ଡ ୫୦ ଓଭରରେ-୩୮୭/୩ (ବେନ୍ ଡକେଟ୍ ୧୪୧, ଜ୍ୟାକବ୍ ବେଥେଲ ୯୧, ଜୋ ରୁଟ୍ ୭୪*, ଜୋସ୍ ବଟଲର୍ ୪୧*, ପ୍ରସିଦ୍ଧ କ୍ରିଷ୍ଣା ୨/୬୯, ପ୍ରିନ୍ସ ଯାଦବ ୧/୭୯) । ଭାରତ ୫୦ ଓଭରରେ-୩୬୦/୭ (ରୋହିତ ଶର୍ମା-୧୩୮, ଶୁବମନ ଗିଲ୍-୭୭, ବିରାଟ କୋହଲି-୭୪, ସାମ କରନ୍-୪/୬୦, ଜ୍ୟାକବ୍ ବେଥେଲ-୧/୪୯, ଜୋଫ୍ରା ଆର୍ଚର-୧/୬୩, ଆଦିଲ ରସିଦ୍-୧/୬୪)।

## ମନ ଜିଣିଲେ ରୋହିତ



## ବାହାରର କୋଳାହଳ ଉପରେ ଧ୍ୟାନ ଦିଏନି: ରୋହିତ



ଲର୍ଡସ୍, ୨୦/୭: ହିଟ୍‌ମ୍ୟାନ୍ ଭାବେ ପରିଚିତ ରୋହିତ ଶର୍ମା ଲର୍ଡସ୍ ଦିନିକିଆରେ ବିସ୍ଫୋରକ ଶତକ ଅର୍ଜନ କରି ସମାଲୋଚକଙ୍କ ମୁହଁ ବନ୍ଦ କରିଦେଇଛନ୍ତି। ଏହା ସହିତ ସେ ତାଙ୍କର ଅବସରକୁ ନେଇ ଚାଲିଥିବା ଚର୍ଚ୍ଚାରେ ବି ଯବନିକା ପକାଇଛନ୍ତି। ମ୍ୟାଚ୍ ପରେ ସମାଲୋଚକଙ୍କୁ କଡ଼ା ଜବାବ ଦେଇ ରୋହିତ କହିଛନ୍ତି ଯେ ବାହାରର 'କୋଳାହଳ' (ସମାଲୋଚନା) ତାଙ୍କୁ ଆଦୌ ବିଚଳିତ କରେ ନାହିଁ, କାରଣ ନିଜ କ୍ୟାରିୟରର ଆରମ୍ଭରୁ ହିଁ ସେ ଏଥିରେ ଅଭ୍ୟସ୍ତ ହୋଇସାରିଛନ୍ତି। ରୋହିତ କହିଛନ୍ତି, "ମୋର କାମ ହେଉଛି ବ୍ୟାଟ୍ ଧରି ପଡ଼ିଆକୁ ଓହ୍ଲାଇବା, ଖେଳିବା ଏବଂ ମୋ ଦେଶର ପ୍ରତିନିଧିତ୍ୱ କରିବା। ମୁଁ ପଦାର୍ପଣ କରିବା ଦିନଠାରୁ ମୋତେ ଏହା ହିଁ କରିବାକୁ କୁହାଯାଇଛି ଏବଂ ମୁଁ ଏହା ହିଁ କରିଚାଲିଛି। ମୋ କ୍ୟାରିୟରର ପ୍ରଥମ ଦିନରୁ ହିଁ ଏଭଳି ବାହ୍ୟ 'କୋଳାହଳ' ଲାଗି ରହିଛି ଏବଂ ମୁଁ ଯେ ପର୍ଯ୍ୟନ୍ତ କ୍ରିକେଟ୍ ଖେଳୁଥିବି, ତାହା ଚାଲୁଥିବ। ଏହା ମୋ ପାଇଁ କୌଣସି ଗୁରୁତ୍ୱ ରଖେ ନାହିଁ। ମୁଁ ପଡ଼ିଆ ଭିତରେ କଣ କରୁଛି, କେବଳ ସେତିକି ହିଁ ମୋ ପାଇଁ ଗୁରୁତ୍ୱପୂର୍ଣ୍ଣ। ମୁଁ କେବଳ ଦଳର ସଫଳତାରେ ନିଜର ଯୋଗଦାନ ଦେବାକୁ ଚେଷ୍ଟା କରିବାକୁ ଚାହେଁ। ମୋର ସମଗ୍ର ଧ୍ୟାନ କେବଳ ଏହା ଉପରେ ହିଁ କେନ୍ଦ୍ରୀଭୂତ ରହିଛି"। ରୋହିତ ପୂର୍ବରୁ ହିଁ ଟି-୨୦ ଏବଂ ଟେଷ୍ଟ କ୍ରିକେଟରୁ ଅବସର ନେଇସାରିଛନ୍ତି ଏବଂ ବର୍ତ୍ତମାନ ସେ କେବଳ ଦିନିକିଆ ଫର୍ମାଟ୍‌ରେ ହିଁ ସକ୍ରିୟ ଅଛନ୍ତି। ତେବେ ଇଂଲଣ୍ଡ ବିପକ୍ଷ ଦିନିକିଆ ଶୃଙ୍ଖଳାର ପ୍ରଥମ ଦୁଇ ମ୍ୟାଚ୍‌ରେ ବିଫଳତା ପରେ ଚର୍ଚ୍ଚା ହେଉଥିଲା ଯେ ସେ ଲର୍ଡସ୍ ଦିନିକିଆ ପରେ ଅବସର ଘୋଷଣା କରିବେ। କିନ୍ତୁ ବିସିସିଆଇ ଏହାକୁ ଖଣ୍ଡନ କରିଥିଲା।

## ଭାରତ ମାଟିରେ ଖେଳିଥିଲେ ସ୍ପେନ୍ ବିଶ୍ୱକପ୍ ନାୟକ

ନ୍ୟୁଜର୍ସି, ୨୦/୦୭ : ସ୍ପେନ୍‌ର ଫେରାନ ଟୋରେସ୍ ଫିଫା ବିଶ୍ୱକପ୍ ଇତିହାସରେ ନିଜ ନାମକୁ ସର୍ଣ୍ଣାକ୍ଷରରେ ଲିପିବଦ୍ଧ କରିଛନ୍ତି । ଫାଇନାଲ୍‌ର ୧୦୬ତମ ମିନିଟରେ ବାମ ଗୋଡ଼ରେ ସେ ମାରିଥିବା ଏକ ଶକ୍ତିଶାଳୀ ସଟ୍ ଗୋଲ୍ ପୋଷ୍ଟ ଭିତରକୁ ଯିବା ସହ ତାଙ୍କୁ ସଦାସର୍ବଦା ପାଇଁ ଅମର କରିଦେଇଛି। ସ୍ପେନକୁ ଦ୍ୱିତୀୟ ଥର ପାଇଁ ବିଶ୍ୱ ଚାମ୍ପିଅନ୍ କରିଥିବା ବିଜୟୀ ଗୋଲ୍ ସ୍କୋର କରିଥିବା ଖେଳାଳି ଭାବରେ ସାରା ବିଶ୍ୱ ତାଙ୍କୁ ସବୁଦିନ ପାଇଁ ମନେ ରଖିବ। କିନ୍ତୁ ଏକଥା ଖୁବ୍ କମ୍ ଲୋକ ଜାଣନ୍ତି ଯେ, ସ୍ପେନର ଫିଫା ବିଶ୍ୱକପ୍ ବିଜୟର ଏହି ମହାନାୟକଙ୍କ ଭାରତ ସହିତ ଏକ ସତନ୍ତ୍ର ସମ୍ପର୍କ ରହିଛି। ବିଶ୍ୱକପ୍ ଫାଇନାଲରେ ନିଜର ସେହି ଗୌରବମୟ ବିଜୟୀ ଗୋଲ୍ ସ୍କୋର କରିବାର ପ୍ରାୟ ନଅ ବର୍ଷ ପୂର୍ବେ, ଫେରାନ ତୋରେସ ଜଣେ ନବାଗତ ୧୭ ବର୍ଷୀୟ କିଶୋର ଭାବରେ ଭାରତ ମାଟିରେ ପାଦ ଥାପିଥିଲେ। ୨୦୧୭ରେ ଭାରତରେ ଆୟୋଜିତ ୧୭ ବର୍ଷରୁ କମ୍ ଫିଫା ବିଶ୍ୱକପ୍‌ରେ ସେ ସ୍ପେନକୁ ରୌପ୍ୟ ପଦକ ଜିତାଇବାରେ ସାହାଯ୍ୟ କରିଥିଲେ। ସେ ସ୍ପେନର ଫାଇନାଲ୍ ଯାତ୍ରାରେ ଦୁଇଟି ଗୋଲ୍ ଏବଂ ଦୁଇଟି ଆସିଷ୍ଟ (ଗୋଲ୍ କରିବାରେ ସହଯୋଗ) କରିଥିଲେ। ୨୦୨୬ ବିଶ୍ୱକପ୍ ଫାଇନାଲ୍‌ରେ ଏକମାତ୍ର ଗୋଲ୍ ଦେଇ ବିଶ୍ୱ ପ୍ରସିଦ୍ଧ ହେବାର ବହୁ ପୂର୍ବରୁ, କୋଚିର ଜବାହରଲାଲ ନେହେରୁ ଷ୍ଟାଡିୟମ ଏବଂ କଲିକତାର ସଲ୍ଟ ଲେକ୍ ଷ୍ଟାଡିୟମଠାରେ ତାଙ୍କର ଏହି ଚମତ୍କାର ପ୍ରତିଭାର ଝଲକ ଦେଖିବାକୁ ମିଳିଥିଲା।

## ୱେଷ୍ଟଇଣ୍ଡିଜ୍‌କୁ ୧ ୱିକେଟ୍‌ରେ ହରାଇଲା ନ୍ୟୁଜିଲାଣ୍ଡ




ବାର୍ବାଡୋସ୍, ୨୦/୦୭ : ସ୍ଥାନୀୟ ବ୍ରିଜ୍‌ଟାଉନ୍‌ଠାରେ ଖେଳାଯାଇଥିବା ୪ର୍ଥ ଦିନିକିଆରେ ୱେଷ୍ଟଇଣ୍ଡିଜ୍‌କୁ ୧ ୱିକେଟ୍‌ରେ ପରାସ୍ତ କରିଛି ଭ୍ରମଣକାରୀ ନ୍ୟୁଜିଲାଣ୍ଡ। ଏହି ବିଜୟ ସହ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଦିନିକିଆ ଶୃଙ୍ଖଳାରେ ୩-୧ରେ ଆଗୁଆ ହୋଇଯାଇଛି ନ୍ୟୁଜିଲାଣ୍ଡ। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜ୍ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୪୪.୪ ଓଭରରେ ମାତ୍ର ୧୮୮ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଅମୀର ଜାଙ୍ଗୁ ଅର୍ଦ୍ଧଶତକ ଅର୍ଜନ କରିଥିବାବେଳେ ଗୁଡ଼ାକେଶ ମୋତି ୪୧ ରନ୍ ଓ ଆକିମ୍ ଅଗଷ୍ଟି ୩୩ ରନ୍‌ର ଯୋଗଦାନ ଦେଇଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ମାଥ୍ୟୁ ଫିସର୍ ୩ ୱିକେଟ୍ ନେଇଥିବାବେଳେ ମାଇକେଲ୍ ବ୍ରେସ୍‌ୱେଲ୍ ଓ ମିଚେଲ୍ ସାଣ୍ଟନର୍ ୨ ଲେଖାଏଁ ୱିକେଟ୍ ନେଇଥିଲେ। ୧୮୯ ରନ୍‌ର ଲକ୍ଷ୍ୟ ଛୋଟିଆ ମନହେଉଥିଲେ ବି ତାହାକୁ ହାସଲ କରିବା ନ୍ୟୁଜିଲାଣ୍ଡ ପାଇଁ ଆଦୌ ସହଜ ହୋଇ ନଥିଲା। ଖାତା ଖୋଲିବା ପୂର୍ବରୁ ଦଳ ନିଜର ପ୍ରଥମ ୱିକେଟ୍ ହରାଇଥିଲା ଓ ୬ ରନ୍‌ରେ ଦ୍ୱିତୀୟ ୱିକେଟ୍ ହରାଇଥିଲା। ଦଳୀୟ ସ୍କୋର ୪୬ ରନ୍ ବେଳେ ତୃତୀୟ ୱିକେଟ୍‌ର ପତନ ହୋଇଥିଲା। ତେବେ ମାର୍କ ଚାପ୍‌ମାନ ୮୦ ରନ୍‌ର ଲଢୁଆ ପାଳି ଖେଳି ସ୍ଥିତିକୁ ନିୟନ୍ତ୍ରଣକୁ ଆଣିଥିଲେ। ସେ ମାଇକେଲ୍ ବ୍ରେସ୍‌ୱେଲ୍ ଓ ମିଚେଲ୍ ସାଣ୍ଟନର୍‌ଙ୍କ ସହ ଦୁଇଟି ଉପଯୋଗୀ ଭାଗୀଦାର କରି ବିଜୟ ସମ୍ଭାବନା ଉଜ୍ଜଳ କରିଥିଲେ। କିନ୍ତୁ ବ୍ରେସ୍‌ୱେଲ୍ ( ୩୨ ରନ୍) ଆଉଟ୍ ହେବା ପରେ ଦଳ ପୁଣି ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହେବା ସହ ୧୮୦ ରନ୍ ବେଳକୁ ୯ ୱିକେଟ୍ ହରାଇସାରିଥିଲା। ବିଜୟ ପାଇଁ ଆହୁରି ୯ ରନ୍ ଥିବାବେଳେ ହାତରେ ମାତ୍ର ଗୋଟିଏ ୱିକେଟ୍ ଥିଲା। ତେବେ ସାଣ୍ଟନର୍ ଅପରାଜିତ ୩୪ ରନ୍ କରି ଦଳ ପାଇଁ ରୋମାଞ୍ଚକର ବିଜୟ ଆଣିଦେଇଥିଲେ।

## ଖୋର୍ଦ୍ଧା ଷ୍ଟାଡିୟମରେ ମୌଳିକ ସୁବିଧାର ଅଭାବ ନେଇ କ୍ରୀଡ଼ାବିତଙ୍କ କ୍ଷୋଭ

### ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ, ଶୀଘ୍ର ପଦକ୍ଷେ ନେବା ପାଇଁ ଦାବି

ଖୋର୍ଦ୍ଧା, ୨୦।୭: ଖୋର୍ଦ୍ଧା ସହରର ଏକମାତ୍ର ମୂଖ୍ୟ କ୍ରୀଡ଼ା କେନ୍ଦ୍ର ଭାବେ ପରିଚିତ ଖୋର୍ଦ୍ଧା। ଷ୍ଟାଡିୟମରେ ଦୀର୍ଘଦିନ ଧରି ଲାଗି ରହିଥିବା ମୌଳିକ ସୁବିଧାର ଅଭାବକୁ ନେଇ ଅସନ୍ତୋଷ ଦିନକୁ ଦିନ ବଢ଼ିବାରେ ଲାଗିଛି। ପ୍ରତିଦିନ ସକାଳ ଓ ସନ୍ଧ୍ୟାରେ ଶହ ଶହ କ୍ରୀଡ଼ାବିତ୍, ଛାତ୍ରଛାତ୍ରୀ, ବରିଷ୍ଠ ନାଗରିକ ଓ ସ୍ୱାସ୍ଥ୍ୟ ସଚେତନ ବ୍ୟକ୍ତିମାନେ ଏଠାକୁ ବ୍ୟାୟାମ, ଦୌଡ଼ ଏବଂ ଅଭ୍ୟାସ ପାଇଁ ଆସୁଥିଲେ ମଧ୍ୟ ଆବଶ୍ୟକ ଭିତିଭୂମି ସୁବିଧା ନ ଥିବାରୁ ସେମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ପ୍ରସଙ୍ଗରେ ଶନିବାର କ୍ରୀଡ଼ାବିତ୍‌ମାନଙ୍କ ପକ୍ଷରୁ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇ ଷ୍ଟାଡିୟମର ସମସ୍ୟାଗୁଡ଼ିକର ଶୀଘ୍ର ସମାଧାନ ପାଇଁ ଦାବି ଉପସ୍ଥାନ କରାଯାଇଛି। ସ୍ମାରକ ପତ୍ରରେ ଦର୍ଶାଯାଇଛି ଯେ, ଖୋର୍ଦ୍ଧା ଷ୍ଟାଡିୟମ ଜିଲ୍ଲାର କ୍ରୀଡ଼ା ପ୍ରତିଭା ବିକାଶର ଅନ୍ୟତମ ପ୍ରମୁଖ କେନ୍ଦ୍ର ହୋଇଥିବା ସତ୍ତ୍ୱେ ଏଠାରେ ଆଜି ପର୍ଯ୍ୟନ୍ତ ଅନେକ ମୌଳିକ ସୁବିଧାର ଘୋର ଅଭାବ ରହିଛି । ପରିଷ୍କାର ପାନୀୟ ଜଳ, ସ୍ୱଚ୍ଛ ଶୌଚାଳୟ, ବସିବା ପାଇଁ ବେଞ୍ଚ, ପର୍ଯ୍ୟାପ୍ତ ଆଲୋକ ବ୍ୟବସ୍ଥା, ନିୟମିତ ସଫେଇ, ଚାଲିବା ପଥର ରକ୍ଷଣାବେକ୍ଷଣ ଏବଂ ସୁରକ୍ଷା ବ୍ୟବସ୍ଥା ଭଳି ଅନେକ ଜରୁରୀ ବ୍ୟବସ୍ଥାର ଅଭାବ ଦେଖାଦେଇଛି। ଏହାର ପ୍ରଭାବ ସିଧାସଳଖ ଭାବେ କ୍ରୀଡ଼ା ଅଭ୍ୟାସ ଓ ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ପଡୁଛି । ଅଭିଯୋଗ ଅନୁଯାୟୀ , ବର୍ଷା ଦିନରେ ଷ୍ଟାଡିୟମ ପରିସରରେ ପାଣି ଜମି ରହୁଥିବାରୁ ଅଭ୍ୟାସ କରିବା କଷ୍ଟକର ହୋଇପଡୁଛି। ଅନ୍ୟପକ୍ଷରେ ସନ୍ଧ୍ୟା ସମୟରେ ପର୍ଯ୍ୟାପ୍ତ ଆଲୋକ ବ୍ୟବସ୍ଥା ନ ଥିବାରୁ କ୍ରୀଡ଼ାବିତ୍‌ଙ୍କ ସୁରକ୍ଷା ନେଇ ମଧ୍ୟ ପ୍ରଶ୍ନ ଉଠୁଛି। ଏଭଳି ପରିସ୍ଥିତି ଜିଲ୍ଲାରେ କ୍ରୀଡ଼ାର ବିକାଶକୁ ବାଧାପ୍ରାପ୍ତ କରୁଥିବା ବୋଲି ସେମାନେ ମତ ପ୍ରକାଶ କରିଛନ୍ତି। ସ୍ମାରକପତ୍ରରେ ଆହୁରି ଉଲ୍ଲେଖ ରହିଛି ଯେ, ଜିଲ୍ଲାର ବହୁ ପ୍ରତିଭାବାନ ଖେଳାଳି ଏହି ଷ୍ଟାଡିୟମରେ ଅଭ୍ୟାସ କରି ରାଜ୍ୟ ଓ ଜାତୀୟ ସ୍ତରରେ ସଫଳତା ହାସଲ କରୁଛନ୍ତି। ତେଣୁ ଖେଳାଳିଙ୍କ ମନୋବଳ ବୃଦ୍ଧି ସହିତ ଆଗାମୀ ପିଢ଼ିକୁ ଉତ୍ସାହିତ କରିବା ପାଇଁ ଷ୍ଟାଡିୟମର ଭିତିଭୂମିର ସାମଗ୍ରିକ ଉନ୍ନତି ଅତ୍ୟନ୍ତ ଆବଶ୍ୟକ। ଖୋର୍ଦ୍ଧା ପରି ଏକ ଜିଲ୍ଲାରେ ଥିବା ପ୍ରମୁଖ କ୍ରୀଡ଼ା କେନ୍ଦ୍ରରେ ଉନ୍ନତ ସୁବିଧା ଉପଲବ୍ଧ କରାଯିବା ନେଇ ସରକାର ଓ ପ୍ରଶାସନ ତୁରନ୍ତ ପଦକ୍ଷେ ନେବାକୁ ସେମାନେ ଦାବି କରିଛନ୍ତି। ଏହି ଷ୍ଟାଡିୟମ କେବଳ କ୍ରୀଡ଼ାବିତ୍‌ଙ୍କ ପାଇଁ ନୁହେଁ, ବରଂ ପ୍ରତିଦିନ ଶତାଧିକ ସାଧାରଣ ଲୋକ ସ୍ୱାସ୍ଥ୍ୟରକ୍ଷା ପାଇଁ ଏଠାରେ ପ୍ରାତଃଭ୍ରମଣ ଓ ବ୍ୟାୟାମ କରୁଛନ୍ତି । ତେଣୁ ସମସ୍ତଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଭିତିଭୂମିର ଉନ୍ନତି କରାଯିବା ଅତ୍ୟାବଶ୍ୟକ। ଜିଲ୍ଲା ପ୍ରଶାସନ ଦାବିଗୁଡ଼ିକୁ ଗୁରୁତ୍ୱର ସହ ବିଚାର କରି ଆବଶ୍ୟକ ପଦକ୍ଷେ ନେବେ ବୋଲି ସେମାନେ ଆଶା ପ୍ରକାଶ କରିଛନ୍ତି।

## ଦେବଗଡ଼ରେ ତ୍ରିଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ




ଦେବଗଡ଼ ୨୦/୦୭ (ଅକ୍ଷର ଓଡ଼ିଶା): ଦେବଗଡ଼ ଜିଲ୍ଲା ବାରକୋଟ ବ୍ଲକ ଅନ୍ତର୍ଗତ ଡ଼ଅାଁରା ପଞ୍ଚାୟତର ଲୁଧାପୋଷି ଗ୍ରାମରେ ସଙ୍କଟ ମୋଚନ ଲାଇଫ କ୍ଲବ ପକ୍ଷରୁ ଆୟୋଜିତ ତ୍ରିଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି ।୨୪ଟି ଦଳକୁ ନେଇ ଆୟୋଜିତ ଏହି ପ୍ରତିଯୋଗିତାର ଫାଇନାଲ ମ୍ୟାଚରେ ପୁରୁଣାପାଣି ଦଳ ୨୦ ଗୋଲରେ ନୂଆଗାଁ ଦଳକୁ ପରାସ୍ତ କରି ଚାମ୍ପିଅନ୍ ମୁକୁଟ ହାସଲ କରିଥିଲା ।ଫାଇନାଲ ମ୍ୟାଚକୁ ସରୋଜ ଗଡ଼ନାୟକ, ସାନି ତିର୍କୀ, ଆନନ୍ଦ ମିର୍ଧା, ଡୁବୁଲୁ ପାତ୍ର ଏବଂ କ୍ରିଷ୍ଣା ରେଫରୀ ଭାବେ ସଫଳତାର ସହ ପରିଚାଳନା କରିଥିଲେ ।ଏହି ଅବସରରେ ଆୟୋଜିତ ଉଦ୍‌ଯାପନୀ ଓ ପୁରସ୍କାର ବିତରଣୀ ଉତ୍ସବରେ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜେତା ପୁରୁଣାପାଣି ଦଳକୁ ଟ୍ରଫି ସହ ୧୫ ହଜାର ଟଙ୍କା ଏବଂ ଉପବିଜେତା ନୂଆଗାଁ ଦଳକୁ ଟ୍ରଫି ସହ ୧୨ ହଜାର ଟଙ୍କାର ପୁରସ୍କାର ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ହୀରାଲାଲ ସାହୁ ଏବଂ ବାରକୋଟର ବରିଷ୍ଠ ଆଇନଜୀବୀ ତନୁ ଚନ୍ଦ୍ର ପାତ୍ର ଉପସ୍ଥିତ ରହି ଖେଳାଳି ଓ ଆୟୋଜକମାନଙ୍କୁ ଉତ୍ସାହିତ କରିଥିଲେ ।ଟୁର୍ଣ୍ଣାମେଣ୍ଟର ସଫଳ ଆୟୋଜନ ଓ ପରିଚାଳନାରେ ସଙ୍କଟ ମୋଚନ ଲାଇଫ କ୍ଲବ, ଲୁଧାପୋଷିର ସମସ୍ତ ସଦସ୍ୟ ସକ୍ରିୟ ସହଯୋଗ କରିଥିଲେ।

## ଆମପାଣି ପଞ୍ଚାୟତରେ ଯୁଗ୍ମ ଜନ ଶୁଣାଣି

କୋକସରା, ୨୦/୭(ମଙ୍ଗରାଜ ବେହେରା )ପ୍ରଶାସନକୁ ଲୋକଙ୍କ ନିକଟରେ ପହଁଚାଇବା ଉଦ୍ଦେଶ୍ୟରେକୋକସରା ବ୍ଲକ ଆମପାଣି ଗ୍ରାମ ପଞ୍ଚାୟତ ସଭାଗୃହରେ ସୋମବାର ଯୁଗ୍ମ ଜନ ଶୁଣାଣି କାର୍ଯ୍ୟକ୍ରମ ଆମପାଣି ସରପଞ୍ଚ ରୁକ୍ମଣୀ ବାଣୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ରେ କୋକସରା ବିଡ଼ିଓ ଡ଼. ହିମାଞ୍ଚଳ ମାଝୀ, ଯୋଗାଣ ଅଧିକାରୀ ଜଗାରାମ ମୁର୍ମୁ, କନିଷ୍ଠ ଯନ୍ତ୍ରୀ, ସମିତି ସଭ୍ୟା ନର୍ତ୍ତକୀ ଦଣ୍ଡସେନା ସମେତ ବିଭାଗୀୟ ଅଧିକାରୀ କର୍ମଚାରୀ ମାନେ ଉପସ୍ଥିତ ରହି ଆମପାଣି ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଅଭିଯୋଗ ନେଇ ଆସିଥିବା ହିତାଧିକାରୀଙ୍କ ଅଭିଯୋଗ ପତ୍ର ଗ୍ରହଣ ସହ ଶୀଘ୍ର କାର୍ଯ୍ୟକୋରୀ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ବିଡ଼ିଓ ଶ୍ରୀ ମାଝୀ ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟକ୍ରମ କୁ ପଂଚାୟତ ନିର୍ବାହୀ ଅଧିକାରୀ ଯୁଗେଶ୍ୱର ବେମାଲ ପରିଚାଳନା କରିଥିବା ବେଳେ ପଂଚାୟତ ର କର୍ମଚାରୀ ମାନେ ସହଯୋଗ କରିଥିଲେ। ମୋଟ ୩୫ ଗୋଟି ଅଭିଯୋଗ ପଞ୍ଜିକୃତ ହୋଇଥିବା ପିଇଓ ବେମାଲ ସୂଚନା ଦେଇଛନ୍ତି।

### ପ୍ରଧାନ ଶିକ୍ଷକଙ୍କ ବଦଳି ସ୍ଥଗିତ ଦାବୀ

## ସ୍କୁଲରେ ତାଲା ମାରିଲେ ଗ୍ରାମବାସୀ



ବିନିକା, ୨୦।୦୭ (ପ୍ରତାପ ରୁଦ୍ର କର୍ଣ୍ଣ) ସ୍କୁଲର ପ୍ରଧାନ ଶିକ୍ଷକ ସୁଶୀଲ କୁମାର ବିଶିଙ୍କ ବଦଳି ଆଦେଶକୁ ସ୍ଥଗିତ ରଖିବା ଦାବୀ ନେଇ ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ ଅନ୍ତର୍ଗତ ଖଇରମାଲ ଗ୍ରାମବାସୀ ସ୍କୁଲରେ ତାଲା ମାରି ପ୍ରତିବାଦ କରିଛନ୍ତି ।ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ପ୍ରଧାନ ଶିକ୍ଷକ ସୁଶୀଲ ବିଶି କିଛି ବର୍ଷ ଧରି ଏହି ସ୍କୁଲରେ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ ରତ ଥିଲେ । ତାଙ୍କ ମାର୍ଗଦର୍ଶନରେ ସ୍କୁଲରେ ପାଠପଢା ସାଙ୍ଗକୁ ପିଲାମାନଙ୍କ ପରୀକ୍ଷା ଫଳାଫଳ ପ୍ରତିବର୍ଷ ଠିକ ରହୁଥିଲା। କିନ୍ତୁ ହଠାତ୍ ତାଙ୍କ ବଦଳି ଆଦେଶ ଆସିବା ପରେ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି ।ସ୍କୁଲରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ଅଭିଭାବକ ମାନେ ସ୍କୁଲ ସମ୍ମୁଖରେ ରୁଣ୍ଡ ବଦଳି ସ୍ଥଗିତ ନେଇ ଦୃଢ ପ୍ରତିବାଦ କରିଥିବା ଦେଖିବାକୁ ମିଳିଥିଲା ।ଗ୍ରାମବାସୀଙ୍କ କହିବା ଅନୁସାରେ ସୁଶୀଲ ସାର ଆମ ପିଲାମାନଙ୍କୁ ନିଜ ପିଲା ପରି ପଢାନ୍ତି ଓ ତାଙ୍କ ସାସ୍ଥ୍ୟ ସମସ୍ୟା ମଧ୍ୟ ନିୟମିତ ପଚାରି ବୁଝନ୍ତି। ଏହା ସହିତ ସ୍କୁଲର ପରିବେଶକୁ ପରିଷ୍କାର ପରିଚ୍ଛନ୍ନ ରଖିବାରେ କେବେ ବି ଅବହେଳା କରି ନାହାନ୍ତି ।ଏମିତି ଜଣେ କାର୍ଯ୍ୟ ଦକ୍ଷତା ସମ୍ପନ୍ନ ଶିକ୍ଷକ ପାଇ ଅଭିଭାବକ ଅଭିଭାବିକା ମହଲରେ ଖୁସର ଉନ୍ମାଦନା ସୃଷ୍ଟି କରିଥିଲା । ହେଲେ ହଠାତ ଖବର ମିଳିଲା ପ୍ରଧାନ ଶିକ୍ଷକଙ୍କ ବଦଳି ହୋଇଯାଇଛି । ତେଣୁ ସମସ୍ତ ଅଭିଭାବକ କଥା ବାର୍ତା ହୋଇ ଯଦି ସାର ସ୍କୁଲରୁ ଚାଲିଯିବେ ତେବେ ସ୍କୁଲର ଭବିଷ୍ୟତ ଅନ୍ଧକାର ହୋଇଯିବ। ତେଣୁ ତାଙ୍କ ବଦଳି ତୁରନ୍ତ ସ୍ଥଗିତ ରଖାଯାଉ ବୋଲି ଅଭିଭାବକମାନେ ଦିନତମାମ ସ୍କୁଲରେ ତାଲା ପକାଇ ଅଭିନବ ଉପାୟରେ ପ୍ରତିବାଦ କରିଥିଲେ ।ଯାହା ଫଳରେ ସ୍କୁଲରେ ପାଠପଢା ବାଧାପ୍ରାପ୍ତ ହୋଇଥିଲା। ଶିକ୍ଷା ବିଭାଗର କୌଣସି ଅଧିକାରୀ ଘଟଣାସ୍ଥଳରେ ନ ପହଞ୍ଚିବାରୁ କେମିତି ଶିକ୍ଷା ବ୍ୟବସ୍ଥା ଏବଂ ଧନ୍ୟ ଶିକ୍ଷା ବିଭାଗ କର୍ତ୍ତୃପକ୍ଷ ବୋଲି ସାଧାରଣରେ ଆଲୋଚନା ହେଉଛି ।ତେବେ ଗ୍ରାମବାସୀ ଚେତାବନୀ ଦେଇଛନ୍ତି ଯେ ପ୍ରଧାନ ଶିକ୍ଷକ ସୁଶୀଲ ବାବୁଙ୍କ ବଦଳି ସ୍ଥଗିତ ନ ହୁଏ ତେବେ ସେମାନେ ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି ।ଅନ୍ୟ ପକ୍ଷରେ ନୂତନ କରି ଯୋଗଦାନ କରିବାକୁ ଆସିଥିବା ଶିକ୍ଷକଙ୍କୁ ସ୍କୁଲ ଭିତରକୁ ଗ୍ରାମବାସୀ ପ୍ରବେଶ କରାଇ ଦେଇନଥିବାରୁ ଶିକ୍ଷକ ଜଣକ ଫେରି ଯାଇଥିବା ଜଣାପଡ଼ିଛି ।

## ହେରାପଞ୍ଚମୀରେ ରଥ ଭାଙ୍ଗିଲେ ମହାଲକ୍ଷ୍ମୀ



ବୁଗୁଡ଼ା : ୨୦/୦୭/(ଅକ୍ଷର ଓଡିଶା ): ପବିତ୍ର ହେରାପଞ୍ଚମୀରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଆଡପ ଦର୍ଶନ ଲାଗି ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ବାକୁ ମିଳିଛ । ମହାପ୍ରଭୁ ଗୋଟିଏ ଦିନ ଭାଇଭଉଣୀଙ୍କୁ ନେଇଗୁଣ୍ଡିଚା ବୁଲି ଆସିବେ କହି ପାଞ୍ଚ ଦିନ ହେଲା ମନ୍ଦିରକୁ ଫେରି ନଥିବାରୁ କ୍ରୋଦ୍ଧେ ଜର୍ଜରିତା ମହାଲକ୍ଷ୍ମୀ ପାଲିଙ୍କିରେ ଆସି ଆଡପମଣ୍ଡପରେ ପହଞ୍ଚି ଥିଲେ । ସେଠାରେ ପୂଜାପାଠ ସହ ଅଭିମାନିନୀ ଲକ୍ଷ୍ମୀଙ୍କୁ ବୁଝାଶୁଝା ପରେ ମହାପ୍ରଭୁଙ୍କ ଠାରେ ଶ୍ରୀଘ୍ର ଲେଉଟିବାର ସର୍ତ୍ତ ରଖି ଲକ୍ଷ୍ମୀ ମନ୍ଦିରକୁ ଫେରିଥିଲେ । ଫେରିବା ବାଟରେ ସେ ମହାପ୍ରଭୁଙ୍କ ରଥ ଭାଙ୍ଗିଥିଲେ । ଉକ୍ତ କାର୍ଯ୍ୟକ୍ରମ ଦେଖିବାକୁ ଶ୍ରଦ୍ଧାଳୁଙ୍କ ସମାବେଶ ଘଟିଥିଲା । ପୂଜକ ଶ୍ରୀଧର ପଣ୍ଡାଙ୍କ ସମେତ ଜଗନ୍ନାଥ ଅର୍ଚ୍ଚକ ଯୁବକ ସଂଘର ସଦସ୍ୟଗଣ ଉକ୍ତ କାର୍ଯ୍ୟକ୍ରମକୁ ରୀତିନୀତି ପ୍ରକାରେ ସମ୍ପାଦନ କରିଥିଲେ ।


ମୁଖ୍ୟ ସମ୍ପାଦକ- ଚୌଧୁରୀ ରମାକାନ୍ତ ଦାସ
Chief Editor- Chaudhury Ramakanta Das

କାର୍ଯ୍ୟକାରୀ ସମ୍ପାଦକ- ଭରତ ଚନ୍ଦ୍ର ବେହେରା
Executive Editor- Bharat Chandra Behera

Published & Owned by **BHARAT KUMAR BEHERA**, Published at -99/6, Kalinga Vihar, Bhubaneswar-751019. Printed at **PRINT-TECH OFFSET PVT. LTD.**, F-66/1 & 2, Chandaka Industrial Area, Bhubaneswar-751024. T- 0674-3595878, M-9937223063/9937053063, E-akhyaraodisha@gmail.com

ସମ୍ପାଦକ: ଭରତ କୁମାର ବେହେରା
Editor: Bharat Kumar Behera